# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୨୧/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, November 21/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୩୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 355 | ମୂଲ୍ୟ ₹୭/-




**ଗୁରୁଙ୍କ ଆଲ୍‌ବମ୍‌ରେ ଶେହେନାଜ**

ରିଆଲିଟି ଶୋ' ବିଗ୍ ବସ୍‌ର ପୂର୍ବତନ ପ୍ରତିଯୋଗୀ ଶେହେନାଜ ଗିଲ୍ ବଲିଉଡ୍ ଗାୟକ ଗୁରୁ ରନ୍ଧାୱାଙ୍କ ଆଲବମ୍‌ରେ ଅଭିନୟ କରିଛନ୍ତି।

୦୭

୧୪

**ସୂର୍ଯ୍ୟକୁମାରଙ୍କ ଅପରାଜିତ ଶତକ**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ରେ ସୂର୍ଯ୍ୟକୁମାର ଯାଦବଙ୍କ ଅପରାଜିତ ଶତକ ସହାୟତାରେ ଭାରତ ବିଜୟ ହାସଲ କରିଛି।



**ଫିଫା ବିଶ୍ୱକପ୍ ଆରମ୍ଭ**



କାତାରର ଅଲ୍‌ବାୟତ ଷ୍ଟାଡିୟମରେ ରବିବାର ଫିଫା ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଅଧିକ ଫଟୋ ଓ ରିପୋର୍ଟ ଖେଳପୃଷ୍ଠା)

# ଓଡ଼ିଆ ଭାଷା ବୁଝୁନାହାନ୍ତି ପିଲା

**ଓଡ଼ିଆ ଭାଷାକୁ ବିପନ୍ନ କରିବାକୁ ଆନ୍ଧ୍ର ଚଳାଇଛି ରୀତିମତ ଷଡ଼ଯନ୍ତ୍ର। ଛତିଶଗଡ଼ପଟୁ ମଧ୍ୟ ବିପଦ କିଛି କମ୍ ନୁହେଁ। ଫଳରେ ଓଡ଼ିଶାର ସୀମାନ୍ତ ଗ୍ରାମଗୁଡ଼ିକରେ ତେଲୁଗୁ ଏବଂ ହିନ୍ଦୀ ଭାଷାର ପ୍ରାବଲ୍ୟ ଅନୁଭୂତ ହେଲାଣି। ଆଦିବାସୀଙ୍କ କଥିତ ଆଞ୍ଚଳିକ ଭାଷା ଏବଂ ଲିଖିତ ଓଡ଼ିଆ ଭାଷା ମଧ୍ୟରେ ରହୁଥିବା ବ୍ୟବଧାନ ଏବେ ସ୍ଥିତିକୁ ଆହୁରି ଜଟିଳ କରିପକାଇଲାଣି। ବିଶେଷ କରି ମାଲକାନଗିରି ଜିଲାର ବଣ୍ଡା, ଦିଦାୟୀ, କୋୟା ଜନଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ର ଓଡ଼ିଆ ଶବ୍ଦକୁ ଆୟତ୍ତ କରି ନ ପାରିବା ଏବଂ ସେମାନଙ୍କ ଲାଗି ନିୟୋଜିତ ବହୁଭାଷୀ ଶିକ୍ଷକଙ୍କ ସହ ଭାବ ବିନିମୟ ଶତ ପ୍ରତିଶତ ସଫଳ ନ ହେବା କାରଣରୁ ଉପାନ୍ତ ଅଞ୍ଚଳରେ ସ୍ଥିତି ରକ୍ଷା ଲାଗି ସଂଘର୍ଷ କରୁଛି ଓଡ଼ିଆ ଭାଷା।**



ସୋଡ଼ିଗୁଡ଼ା ଗ୍ରାମ ପ୍ରାଥମିକ ବିଦ୍ୟାଳୟ

- ସୀମାନ୍ତରେ ସଙ୍ଗିନ ସ୍ଥିତି
- ବହୁଭାଷୀ ଶିକ୍ଷକଙ୍କ ଅଭାବ

**ଦୁର୍ଯ୍ୟୋଧନ ପାତ୍ର/ସୁବାସ ଚନ୍ଦ୍ର ଖୁଡୁପିଆ**
**ମାଲକାନଗିରି/ମାଥିଲି, ୨୦।୧୧(ଡି.ଏନ୍.ଏ.)**

ଓଡ଼ିଆ ଭାଷାରେ ଶିକ୍ଷକ କରୁଛନ୍ତି ଶିକ୍ଷାଦାନ। ହେଲେ କୋୟା ଆଦିବାସୀ ପିଲା ତାହାକୁ ବୁଝିପାରୁନାହାନ୍ତି। ଅନୁରୂପ ସମସ୍ୟା ସୃଷ୍ଟି ହୋଇଛି ଶିକ୍ଷକଙ୍କ କ୍ଷେତ୍ରରେ। ପିଲାମାନେ କୋୟା ଭାଷାରେ କଥା ହେଉଥିବାବେଳେ ସେସବୁ ଶିକ୍ଷକଙ୍କ ମଗଜରେ ପଶୁନାହିଁ। ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏଭଳି ବ୍ୟବଧାନ ଯେ କେବଳ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲିଦେଇନାହିଁ, ବରଂ ଏଥିରେ ପେଷି ହୋଇଯାଉଛି ଓଡ଼ିଆ ଭାଷା। ଶିକ୍ଷା ବ୍ୟବସ୍ଥାର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି ଆନ୍ଧ୍ର ସୀମାନ୍ତ ମାଲକାନଗିରି ଜିଲାର ମାଥିଲି ବ୍ଲକରେ। କେବଳ ମାଥିଲି ନୁହେଁ, ବହୁଭାଷୀ ଶିକ୍ଷକଙ୍କ ଅଭାବରୁ ଜିଲାର ଅନ୍ୟାନ୍ୟ ଅଞ୍ଚଳରେ ଉପୁଜିଛି ସମାନ ସ୍ଥିତି।

ମାଥିଲି ବ୍ଲକର କମାରପାଲି ପଞ୍ଚାୟତ ଅନ୍ତର୍ଗତ ସୋଡ଼ିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ୩୨ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ସେମାନଙ୍କ ପାଇଁ ନିୟୋଜିତ ହୋଇଛନ୍ତି ଏକମାତ୍ର ଓଡ଼ିଆ ଶିକ୍ଷକ ରତ୍ନାକର ପାଳ। ତେବେ କୋୟା ଭାଷାଭାଷୀ ଛାତ୍ରୀଛାତ୍ର ଶିକ୍ଷକଙ୍କ କଥା ବୁଝିପାରୁନାହାନ୍ତି କି ସେମାନେ କ'ଣ କହିବାକୁ ଚାହୁଁଛନ୍ତି ତାହା ବୁଝିପାରୁନାହାନ୍ତି ଶିକ୍ଷକ। ଫଳରେ ସ୍କୁଲରେ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷାକୁ ନେଇ ସୃଷ୍ଟି ହୋଇଛି ବ୍ୟବଧାନ। ସମସ୍ୟା କେବଳ ଏତିକିରେ ସରିନାହିଁ। ସମ୍ପୃକ୍ତ ଶିକ୍ଷକଙ୍କୁ ବ୍ଲକ ପ୍ରଶାସନ ଏବେ ନିୟୋଜିତ କରିଛି ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ। ଶିକ୍ଷକ ଜଣକ ସରକାରୀ କାର୍ଯ୍ୟରେ ଗଲେ ସ୍କୁଲରେ ତାଲା ଝୁଲୁଛି। ତେଣୁ ଛତିଶଗଡ଼ ସୀମାନ୍ତ ଏହି ବିଦ୍ୟାଳୟରେ କୋୟା ଭାଷା ଜାଣିଥିବା ଜଣେ ଅଭିଜ୍ଞ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଶିକ୍ଷକ ରତ୍ନାକର ପାଳ ଏବଂ ମାଥିଲି ବ୍ଲକ ଦାୟିତ୍ୱରେ ଥିବା ଖଇରପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଶିଭୂଷଣ ମିଶ୍ରଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ଉଭୟଙ୍କ ମତାମତ ମିଳିପାରିନାହିଁ। ଅନ୍ୟପଟେ ଏଭଳି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ବହୁଭାଷୀ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିବାବେଳେ ସଂଖ୍ୟାତ୍ମକ ଦୃଷ୍ଟିରୁ ତାହା ଅତି ନଗଣ୍ୟ। ଏହାର ନିୟମିତ ସମୀକ୍ଷା କରାଯାଉ ନ ଥିବାରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସବୁକିଛି କାମଚଳାରେ ଚାଲିଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି।

## ମାଲକାନଗିରି ଜିଲାରେ ସବୁଠି ସମାନ ସ୍ଥିତି

ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ ରାଜ୍ୟ ସୀମାନ୍ତ ମାଲକାନଗିରି ଜିଲାର ଖଇରପୁଟ, ଚିତ୍ରକୋଣ୍ଡା, ମୋଟୁ, କାଲିମେଳା, ପଡ଼ିଆ ବ୍ଲକରେ ଓଡ଼ିଆ ଭାଷାକୁ ନେଇ ସମସ୍ୟା ବଢ଼ିବାରେ ଲାଗିଛି। ଆନ୍ଧ୍ର ସରକାର ତେଲୁଗୁ ଭାଷାକୁ ପ୍ରୋତ୍ସାହିତ କରିବାକୁ ଯାଇ ଅଞ୍ଚଳବାସୀଙ୍କୁ ପ୍ରଲୋଭିତ କରୁଛନ୍ତି, ଯାହାର ଶିକାର ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟ। ପଡ଼ୋଶୀ ରାଜ୍ୟର ଲୋଭନୀୟ ଶିକ୍ଷା ବ୍ୟବସ୍ଥାରେ ଆକୃଷ୍ଟ ହୋଇ ସେମାନେ ତେଲୁଗୁ ସ୍କୁଲମୁହାଁ ହେଉଥିବା ଅଭିଯୋଗ ହେଉଛି।

ଜିଲା ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ୧,୧୫୬ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀଯାଏ ପାଠ ପଢ଼ିବା ସୁବିଧା ରହିଛି। ☞ପୃଷ୍ଠା-୪

# କ୍ଷତିପୂରଣ କରିବେ ଧନୀ ରାଷ୍ଟ୍ର



କପ୍୨୭ରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ (ବାମରୁ ଦ୍ୱିତୀୟ)ଙ୍କ ସମେତ ଅନ୍ୟ ଦେଶର ପ୍ରତିନିଧିମାନେ ।

**ଶର୍ମ ଏଲ୍-ଶେଖ୍/ନୂଆଦିଲ୍ଲୀ, ୨୦।୧୧**

ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ଅନୁନ୍ନତ ଦେଶଗୁଡ଼ିକୁ ଉତ୍ସର୍ଜନ ସୃଷ୍ଟିକାରୀ ଧନୀ ରାଷ୍ଟ୍ରଗୁଡ଼ିକ କ୍ଷତିପୂରଣ ଦେବେ। ଏଥିସକାଶେ ଏକ ପାଣ୍ଠି ଗଠନ କରିବା ଉପରେ ବିତ୍ତଶାଳୀ ରାଷ୍ଟ୍ରଗୁଡ଼ିକ ସହମତି ପ୍ରକାଶ କରିଛନ୍ତି।

**କ୍ଷୟକ୍ଷତି ପାଣ୍ଠି ଗଠନ ପାଇଁ ସହମତି**

ଏହି ଐତିହାସିକ ନିଷ୍ପତ୍ତି ସହ ରବିବାର ଇଜିପ୍ଟର ଶର୍ମ ଏଲ୍-ଶେଖ୍‌ରେ ଜାତିସଂଘ ଜଳବାୟୁ ସମ୍ମିଳନୀ କପ୍୨୭ ଉଦ୍‌ଯାପିତ ହୋଇଛି। ଭାରତ ସମ୍ମିଳନୀର ନିଷ୍କର୍ଷକୁ ଐତିହାସିକ ବୋଲି ଅଭିହିତ କରିଛି। ତେବେ ଉତ୍ସର୍ଜନ ହ୍ରାସ ଦିଗରେ କୌଣସି ବଡ଼ ପଦକ୍ଷେପ ନେବାରେ ସହମତି ପ୍ରକାଶ ପାଇ ନ ଥିବାରୁ ଆଉ କେତେକ ରାଷ୍ଟ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶର୍ମ ଏଲ୍-ଶେଖ୍ ସହରସ୍ଥିତ ରେଡ୍ ସି ରିସର୍ଟରେ ଗତ ୬ ତାରିଖରେ ଆରମ୍ଭ ହୋଇଥିବା କପ୍୨୭ ଶୁକ୍ରବାର ଶେଷ ହୋଇଥିଲା। କିନ୍ତୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ଜାରି ରହିଥିବାରୁ ଡିଲ୍ ଚୂଡ଼ାନ୍ତ ପାଇଁ ଆଉ ୪୮ ଘଣ୍ଟା ଆଲୋଚନା ହୋଇଥିଲା। ସମ୍ମିଳନୀରେ ଅଧକ୍ଷତା କରିଥିବା ଇଜିପ୍ଟର ବହିର୍ବ୍ୟାପାର ମନ୍ତ୍ରୀ ସମେହ ଶୋଉର୍କି ଏହାକୁ 'ହର୍କ୍ୟୁଲିଆନ୍ ଇନ୍‌ଫର୍ମାଲ ନେଗୋସିଏଶନ୍ସ' ବୋଲି ଅଭିହିତ କରିଛନ୍ତି। ପ୍ରାୟ ୨ ସପ୍ତାହର ଆଲୋଚନା ପରେ ଜଳବାୟୁ କ୍ଷୟକ୍ଷତିର ଭରଣା ପାଇଁ ପାଣ୍ଠି ଗଠନର ଐତିହାସିକ ପଦକ୍ଷେପ ଉପରେ ସହମତି ପ୍ରକାଶ ପାଇଛି। ବର୍ଷକ ତଳେ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋରେ ଅନୁଷ୍ଠିତ କପ୍୨୬ରେ କୋଇଲା ଭଳି ଜୀବାଶ୍ମ ଇନ୍ଧନର ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ (ଫେଜ୍ ଆଉଟ୍) ପରିବର୍ତ୍ତେ ପର୍ଯ୍ୟାୟକ୍ରମେ ହ୍ରାସ (ଫେଜ୍ ଡାଉନ୍) କରିବା ପାଇଁ ଭାରତ ପକ୍ଷରୁ ଶେଷ ମୁହୂର୍ତ୍ତରେ ଦିଆଯାଇଥିବା ପ୍ରସ୍ତାବ ଗୃହୀତ ହୋଇଥିଲା। କପ୍୨୭ରେ ମଧ୍ୟ ଭାରତ ଗତ ୧୨ ତାରିଖରେ ନିଜ ପୂର୍ବ ପ୍ରସ୍ତାବକୁ ☞ପୃଷ୍ଠା-୪

## ପାଣ୍ଠି ପରିଚାଳନା ନେଇ ସ୍ୱଷ୍ଟତା ନାହିଁ

ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟର ପ୍ରଭାବରେ ଦ୍ୱୀପରେ ବସବାସ କରୁଥିବା ବହୁ ଲୋକ ବାସହରା ହୋଇଯାଇଛନ୍ତି। କ୍ଷୟକ୍ଷତିର ଭରଣା ସକାଶେ ଗଠିତ ହେବାକୁ ଥିବା ପାଣ୍ଠି ଗରିବ ଓ ବିପଦରେ ଥିବା ଏଭଳି ଲୋକଙ୍କ ପାଇଁ ଏକ ଜୀବନରେଖା ପାଲଟିବ ବୋଲି ୱାଶିଂଟନରେ ମୁଖ୍ୟାଳୟ ଥିବା ପରିବେଶ ସମ୍ପର୍କିତ ଥିଙ୍କ୍‌ଟ୍ୟାଙ୍କ ୱାର୍ଲ୍ଡ ରିସୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ପ୍ରେସିଡେଣ୍ଟ ଅନି ଦାସ୍‌ଗୁପ୍ତା ଆଶାବ୍ୟକ୍ତ କରିଛନ୍ତି। ତେବେ ଏହି ନୂଆ ପାଣ୍ଠି କିପରି କାମ କରିବ ଏବଂ ଜୀବାଶ୍ମ ଇନ୍ଧନ ଜାଳେଣିରୁ ବିଶ୍ୱରେ ସର୍ବାଧିକ ଉତ୍ତାପ ସୃଷ୍ଟି କରୁଥିବା ବିକଶିତ ରାଷ୍ଟ୍ରଗୁଡ଼ିକ କିପରି ଭାବେ ଅର୍ଥ ଯୋଗାଇବେ ସେନେଇ କିଛି ସ୍ୱଷ୍ଟ କରାଯାଇନାହିଁ। ଅର୍ଥାତ୍ ଏହି ପଦକ୍ଷେପ ବିନା ଅର୍ଥରେ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ ଉଦ୍ଦେଶ୍ୟ ସମ୍ପର୍କରେ ଘୋଷଣା କରିବା ସଦୃଶ। ଧନୀ ଦେଶଗୁଡ଼ିକ ଏହି ପାଣ୍ଠିରେ ଅର୍ଥ ଜମା କରିବେ ବୋଲି ବର୍ତ୍ତମାନ ସୁଦ୍ଧା କୌଣସି ଆଶ୍ୱାସନା ଦେଇନାହାନ୍ତି।

**ଆଜିର ସମ୍ପାଦକୀୟ** ଚାପରେ ହେଉଛି ଚେପା






# ଟୁଇଟରକୁ ଫେରିଲେ ଟ୍ରମ୍ପ୍

**ୱାଶିଂଟନ୍, ୨୦।୧୧**

୨୨ ମାସ ବ୍ୟବଧାନ ପରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ଜାଏଣ୍ଟ ଟୁଇଟରକୁ ଫେରିଛନ୍ତି। ବୈଦ୍ୟୁତିକ କାର୍ ନିର୍ମାଣକାରୀ କମ୍ପାନୀ ଟେସ୍‌ଲାର ମାଲିକ ତଥା ବିଶ୍ୱର ସବୁଠାରୁ ଧନୀ ଏଲନ ମସ୍କ ଟୁଇଟରର ମାଲିକାନା ନିଜ ହାତକୁ ନେବା ପରେ ଟ୍ରମ୍ପ୍ ଟୁଇଟରକୁ ଫେରିବା ସମ୍ଭବ ହୋଇଥିବା ଚର୍ଚ୍ଚା ହେଉଛି। ଟୁଇଟରର ନୂଆ ମାଲିକ ମସ୍କ ହେବାପରେ ଟ୍ରମ୍ପଙ୍କ ଆକାଉଣ୍ଟକୁ ପୁଣି ଖୋଲାଯିବା ଲାଗି ଅନ୍‌ଲାଇନ୍‌ରେ ଜନମତ ଲୋଡିଥିଲେ। ଏ ନେଇ ମୋଟ ୧୫,୦୮୫,୪୫୮ ଜନମତ ମିଳିଥିଲା, ଯେଉଁଥିରୁ ୫୧.୮% ଭୋଟ ଟ୍ରମ୍ପଙ୍କ ସପକ୍ଷରେ ଯାଇଥିବାବେଳେ ୪୮.୨% ଜନମତ ତାଙ୍କ ବିରୋଧରେ ଆସିଥିଲା। ଟୁଇଟର ଆକାଉଣ୍ଟକୁ ରିଷ୍ଟାର୍ଟ କରିବା ପାଇଁ ସଂଖ୍ୟା ଗରିଷ୍ଠ ଜନମତ ହାସଲ ହେବା ପରେ ଟ୍ରମ୍ପଙ୍କ ପାଇଁ ଏବେ ଟୁଇଟରର ଦ୍ୱାର ଉନ୍ମୁକ୍ତ ହୋଇଛି। ୨୦୨୧ ଜାନୁୟାରୀ ୮ରେ ସେ ଶେଷଥର ପାଇଁ ଟୁଇଟ୍ କରିଥିଲେ। ପୂର୍ବରୁ ଟ୍ରମ୍ପଙ୍କର ୧ ନିୟୁତ ଫଲୋୟର୍ସ ଥିବାବେଳେ ଆକାଉଣ୍ଟ ☞ପୃଷ୍ଠା-୪

**■ ଟ୍ରମ୍ପଙ୍କ ସପକ୍ଷରେ ୫୧.୮% ଜନମତ**




## କହିଲେ ଆଗ୍ରହ ନାହିଁ

ଟୁଇଟର ମାଲିକ ଏଲନ ମସ୍କ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ପୁନଃ ଅବସ୍ଥାପିତ କରିଛନ୍ତି। ତେବେ ନିଜ ସପକ୍ଷରେ ମତଦାନର ବ୍ୟବଧାନ ସ୍ୱଳ୍ପ ଥିବାରୁ ଟୁଇଟରକୁ ଫେରିବା ପାଇଁ ଆଗ୍ରହ ନାହିଁ ବୋଲି ଏକ ଭିଡିଓ ଜାରି କରି ରିପବ୍ଲିକାନ୍ ଟ୍ରମ୍ପ୍ କହିଛନ୍ତି। ଟ୍ରମ୍ପଙ୍କ ମତରେ ଏହି ମାଇକ୍ରୋବ୍ଲଗିଂ ସାଇଟ୍‌କୁ ଫେରିବା ନେଇ କୌଣସି ଯଥାର୍ଥତା ନାହିଁ। ପ୍ରକାଶ ଯେ, କ୍ୟାପିଟୋଲ ହିଲ୍ ଦଙ୍ଗାରେ ସମ୍ପୃକ୍ତି ଅଭିଯୋଗରେ ପୂର୍ବରୁ ଟ୍ରମ୍ପଙ୍କୁ ଟୁଇଟର୍‌ରୁ ବିଦା କରାଯାଇଥିଲା। ଏହା ପରେ ସେ ଟ୍ରୁଥ୍ ସୋସିଆଲ ନାମରେ ଏକ ନୂଆ ପ୍ଲାଟ୍‌ଫର୍ମ ପ୍ରତିଷ୍ଠା କରିଥିଲେ।




**ଜରୁରୀ ଔଷଧ ତାଲିକାରେ କରୋନାରୀ ଷ୍ଟେଣ୍ଟ**

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଜାତୀୟ ଜରୁରୀ ଔଷଧ ତାଲିକା, ୨୦୨୨ରେ କରୋନାରୀ ଷ୍ଟେଣ୍ଟସ୍‌କୁ ସାମିଲ କରିଛି। ଫଳରେ ଏହି ଜୀବନ ରକ୍ଷାକାରୀ ମେଡିକାଲ ଉପକରଣ ଶସ୍ତାରେ ମିଳିପାରିବ। କରୋନାରୀ ଷ୍ଟେଣ୍ଟସ୍‌କୁ ଜରୁରୀ ତାଲିକାରେ ସାମିଲ କରିବା ଲାଗି ଏକ ବିଶେଷଜ୍ଞ କମିଟି ସୁପାରିସ କରିଥିଲା। ଏବେ ଜାତୀୟ ଔଷଧ ମୂଲ୍ୟ କର୍ତ୍ତୃପକ୍ଷ (ଏନ୍‌ପିପିଏ) ଏହାର ମୂଲ୍ୟ ଧାର୍ଯ୍ୟ କରିବେ।

## ସଂକ୍ଷେପରେ

### ହୃଦ୍‌ଘାତରେ ଅଭିନେତ୍ରୀ ଐନ୍ଦ୍ରିଲା ଶର୍ମାଙ୍କ ପରଲୋକ



**କୋଲକାତା,୨୦।୧୧:** ବଙ୍ଗାଳୀ ଅଭିନେତ୍ରୀ ଐନ୍ଦ୍ରିଲା ଶର୍ମାଙ୍କର ରବିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ମାତ୍ର ୨୪ ବର୍ଷ ହୋଇଥିଲା। ଶନିବାର ରାତିରେ ତାଙ୍କୁ ହୃଦ୍‌ଘାତ ହେବାରୁ ଗୁରୁତର ଅବସ୍ଥାରେ ହାଓ୍ୱଡାର ଏକ ଘରୋଇ ହସ୍ପିଟାଲକୁ ନିଆଯାଇ ସିପିଆର୍ ଦିଆଯାଇଥିଲା ଓ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ରବିବାର ମଧ୍ୟାହ୍ନ ସମୟରେ ଆଉ ଏକ ହୃଦ୍‌ଘାତ ହେବାରୁ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ପୂର୍ବରୁ ସେ କ୍ୟାନ୍‌ସରରୁ ଆରୋଗ୍ୟ ହୋଇ ଅଭିନୟ ଜଗତକୁ ଫେରିଥିଲେ। ଗତ ୧ ତାରିଖରେ ତାଙ୍କର ବ୍ରେନ୍ ଷ୍ଟ୍ରୋକ୍ ହେବାରୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଲୋକପ୍ରିୟ ଅଭିନେତ୍ରୀ ଐନ୍ଦ୍ରିଲା 'ଝୁମୁର' ସମେତ ବିଭିନ୍ନ ଟିଭି ଶୋ' ଓ ସିରିଏଲ୍‌ରେ କାର୍ଯ୍ୟ କରିଛନ୍ତି।

### ନାଗାଲାଣ୍ଡ ଜେଲରୁ ୯ ବନ୍ଦୀ ଚମ୍ପଟ୍

**କୋହିମା,୨୦।୧୧:** ନାଗାଲାଣ୍ଡର ମୋନ୍ ଜିଲା ଜେଲରୁ ୯ ଜଣ ଅନ୍ତେବାସୀ ଖସି ପଳାଇଛନ୍ତି। ସେମାନଙ୍କୁ ଠାବ କରିବା ଲାଗି ଜୋର୍‌ଦାର ତଲାସି ଅଭିଯାନ ଜାରି ରହିଛି। ଫେରାରଙ୍କ ମଧ୍ୟରୁ କେତେଜଣ ବିଚାରାଧୀନ ବନ୍ଦୀ ଓ ହତ୍ୟା ଅପରାଧୀ। ଶନିବାର ଭୋର୍ ସମୟରେ ସେମାନେ କୌଣସି ପ୍ରକାରେ ସେମାନଙ୍କ ସେଲ୍ ଚାବି ପାଇ ଖସିପଳାଇବାକୁ ସମର୍ଥ ହୋଇଥିଲେ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ମୋନ୍ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ଗର୍ଲଫ୍ରେଣ୍ଡଙ୍କୁ ହତ୍ୟା**

### ଔଷଧ ଦୋକାନରେ ୪ ଦିନ ଥିଲା ମୃତଦେହ

**ରାୟପୁର,୨୦।୧୧(ପି.ଟି.):** ଛତିଶଗଡ଼ର ବିଳାସପୁର ଜିଲାରେ ଜଣେ ଯୁବକ ତାଙ୍କ ଗର୍ଲଫ୍ରେଣ୍ଡଙ୍କୁ ହତ୍ୟା କରି ମୃତଦେହକୁ ନିଜ ମେଡିକାଲ ଷ୍ଟୋର୍‌ରେ ୪ ଦିନ ଲୁଚାଇ ରଖିଥିଲେ। ସେ ମୃତଦେହ ଫିଙ୍ଗିବା ପାଇଁ ସୁଯୋଗ ଅପେକ୍ଷାରେ ଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଆଶିଷ ସାହୁଙ୍କର ଏକ ମେଡିକାଲ ଷ୍ଟୋର ରହିଛି। ଟଙ୍କାପଇସା ମାମଲାକୁ ନେଇ ଗର୍ଲଫ୍ରେଣ୍ଡ ପ୍ରିୟଙ୍କାଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଆଶିଷ ପ୍ରିୟଙ୍କାଙ୍କୁ ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ନଭେମ୍ବର ୧୪ରୁ ଆଶିଷଙ୍କ ଦୋକାନ ବନ୍ଦ ରହିଥିଲା। ୧୮ ତାରିଖରେ ସେ ମୃତଦେହକୁ ଏକ ଅଖାରେ ପୂରାଇ କାର୍‌ରେ ଘରକୁ ନେଉଥିବାବେଳେ ପୋଲିସ ଗିରଫ କରିଥିଲା। ପ୍ରିୟଙ୍କାଙ୍କ ଘର ଭିଲାଇରେ ହୋଇଥିବାବେଳେ ସେ ବିଳାସପୁରରେ ଏକ ହଷ୍ଟେଲରେ ରହି ରାଜ୍ୟ ସିଭିଲ୍ ସର୍ଭିସ ପରୀକ୍ଷା ପାଇଁ କୋଚିଂ ନେଉଥିଲେ। ସେ ଆଶିଷଙ୍କ ସଂସ୍ପର୍ଶରେ ଆସିବା ପରେ ଉଭୟ ଏକାଠି ଷ୍ଟକ୍ ମାର୍କେଟରେ ଅର୍ଥ ଲଗାଇଥିଲେ। ଶେୟାର ବଜାରରେ କ୍ଷତି ପରେ ପ୍ରିୟଙ୍କା ଧାର ଦେଇଥିବା ୧୧ ଲକ୍ଷ ଟଙ୍କା ଫେରାଇବାକୁ ଆଶିଷଙ୍କ ଉପରେ ଚାପ ପକାଇଥିଲେ ବୋଲି ବିଳାସପୁରର ବରିଷ୍ଠ ଏସ୍‌ପି ପାରୁଲ ମାଥୁର କହିଛନ୍ତି।

## ହିନ୍ଦୀରେ ଡାକ୍ତରୀ ପଢ଼ା

# ଜ୍ଞାନକୁ ସୀମିତ କରିବ

**ନୂଆଦିଲ୍ଲୀ,୨୦।୧୧(ପି.ଟି.)**

ମଧ୍ୟପ୍ରଦେଶ ସରକାର ଛାତ୍ରୀଛାତ୍ରଙ୍କୁ ହିନ୍ଦୀରେ ଡାକ୍ତରୀ ପଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏପରି କରିବା ଦ୍ୱାରା ପ୍ରାରମ୍ଭରେ ଗ୍ରାମାଞ୍ଚଳର ଛାତ୍ରୀଛାତ୍ର କିଛି ସୁବିଧା ପାଇପାରନ୍ତି। କିନ୍ତୁ ଏହା ସେମାନଙ୍କ ଅଭିବୃଦ୍ଧିର ପରିସର ଓ ଜ୍ଞାନକୁ ସୀମିତ କରିଦେବ ବୋଲି ଡାକ୍ତରମାନେ ମତବ୍ୟକ୍ତ କରିଛନ୍ତି।

ମଧ୍ୟପ୍ରଦେଶ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଡାକ୍ତରୀ ଶିକ୍ଷା ପ୍ରକଳ୍ପ ଅଧୀନରେ ଏମ୍‌ବିବିଏସ୍ କୋର୍ସ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଗତ ଅକ୍ଟୋବରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ତିନୋଟି ବିଷୟରେ ହିନ୍ଦୀରେ ପାଠ୍ୟପୁସ୍ତକ ଉନ୍ମୋଚନ କରିଥିଲେ। ଏଭଳି ପଦକ୍ଷେପ ନେବାରେ ମଧ୍ୟପ୍ରଦେଶ ହେଉଛି ଦେଶର ପ୍ରଥମ ରାଜ୍ୟ। ପୁସ୍ତକ ଉନ୍ମୋଚନ ଅବସରରେ ଶାହା କହିଥିଲେ, ଦେଶରେ ଅନ୍ୟ ୮ ଆଞ୍ଚଳିକ ଭାଷାରେ ବୈଷୟିକ ଓ ଡାକ୍ତରୀ ଶିକ୍ଷାଦାନ ଆରମ୍ଭ ନିମନ୍ତେ ଉଦ୍ୟମ ଚାଲିଛି। ସାରା ଦେଶର ଛାତ୍ରୀଛାତ୍ର ସେମାନଙ୍କ ଭାଷାଗତ ହୀନମନ୍ୟତାରୁ ବାହାରି ନିଜ ନିଜ ଭାଷାରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବା ଉଚିତ। କିନ୍ତୁ ଶାହାଙ୍କ ଏଭଳି ପରାମର୍ଶକୁ ଅନେକ ବିଶେଷଜ୍ଞ ନାପସନ୍ଦ କରିଛନ୍ତି। ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍ (ଆଇଏମ୍‌ଏ)ର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଜେ.ଏ. ଜୟଲାଲ କହିଛନ୍ତି, ଆଞ୍ଚଳିକ ଭାଷାରେ ଡାକ୍ତରୀ ପାଠ ପଢ଼ାଇବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଦକ୍ଷତା ବଢ଼ିବ ବୋଲି ଶାହା କହିଥାଇପାରନ୍ତି। କିନ୍ତୁ ଏହାଦ୍ୱାରା ସେମାନଙ୍କ ଅଭିବୃଦ୍ଧି ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। ଆମେ ମଡର୍ନ ମେଡିସିନ ସମ୍ପର୍କରେ କହୁଛୁ, ଯାହାକି ୟୁନିଭର୍ସାଲ ମେଡିସିନ। ଏହା କେବଳ ଭାରତରେ ନୁହେଁ, ବରଂ ସାରା ବିଶ୍ୱରେ ପ୍ରାକ୍ଟିସ୍ କରାଯାଉଛି। ଏକ ଆଞ୍ଚଳିକ ଭାଷାରେ ତାଲିମ ନେଲେ ବାହାରକୁ ଯାଇ ଅଧ୍ୟୟନ କରିବା ଏବଂ ନିଜ ଜ୍ଞାନ ଓ ଦକ୍ଷତା ବୃଦ୍ଧି କରିବା ବନ୍ଦ ହୋଇଯାଏ। କେବଳ ବହିରେ ଡାକ୍ତରୀ ପଢ଼ାଯାଇପାରିବ ନାହିଁ। ଏଥିପାଇଁ ଅନ୍ତର୍ଜାତୀୟ ଗବେଷଣା ନିବନ୍ଧ, ଜର୍ନାଲ ଓ ଆର୍ଟିକଲଗୁଡ଼ିକୁ ଅଧ୍ୟୟନ କରିବାକୁ ପଡ଼ିଥାଏ। ସେଗୁଡ଼ିକ ଇଂଲିଶ ଭାଷାରେ ଉପଲବ୍ଧ। ହିନ୍ଦୀ ଭାଷାର ପୁସ୍ତକ ଜଣେ ଡାକ୍ତରଙ୍କୁ ଏକ ସ୍ଥାନୀୟ ଅଞ୍ଚଳରେ ସୀମିତ ରଖି ବିଶ୍ୱ ସମୁଦାୟ ସହ ଯୋଡ଼ି ହେବାରେ ଅନ୍ତରାୟ ସାଜିବ ବୋଲି ଡକ୍ଟର ଜୟଲାଲ ମତବ୍ୟକ୍ତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବାୟୋକେମିଷ୍ଟ୍ରି, ଅନାଟୋମି ଏବଂ ମେଡିକାଲ୍ ଫିଜିଓଲୋଜି ପାଠ୍ୟକ୍ରମର ୩ ବହି ହିନ୍ଦୀରେ ପ୍ରକାଶ ପାଇଛି। ମଧ୍ୟପ୍ରଦେଶ ପରେ ଉତ୍ତରାଖଣ୍ଡ ସରକାର ମଧ୍ୟ ଆସନ୍ତା ଶିକ୍ଷାବର୍ଷରୁ ଅନୁରୂପ ପଦକ୍ଷେପ ନେବା ପାଇଁ ଘୋଷଣା କରିଛନ୍ତି। ଉତ୍ତରାଖଣ୍ଡର ଡାକ୍ତରୀ ଶିକ୍ଷା ମନ୍ତ୍ରୀ ଧନସିଂ ରାଓ୍ୱତ୍‌ଙ୍କ ମତରେ ମଧ୍ୟପ୍ରଦେଶର ସରକାରୀ ମେଡିକାଲ କଲେଜଗୁଡ଼ିକରେ ପ୍ରଚଳିତ ଏମ୍‌ବିବିଏସ୍‌ର ହିନ୍ଦୀ ସିଲାବସ୍ ସମ୍ପର୍କରେ ଅନୁଧ୍ୟାନ କରି ନୂଆ ପାଠ୍ୟକ୍ରମ ଉପରେ ଏକ ଚିଠା ପ୍ରସ୍ତୁତ କରାଯିବ। ଏଥିପାଇଁ ଏକ କମିଟି ଗଠନ କରାଯାଇଛି। ସେହିପରି ତାମିଲନାଡୁ ଉଚ୍ଚଶିକ୍ଷା ମନ୍ତ୍ରୀ କେ. ପୋନ୍‌ମୁଡି କହିଛନ୍ତି, ରାଜ୍ୟ ସରକାର ତାମିଲ ଭାଷାରେ ଏମ୍‌ବିବିଏସ୍ ଶିକ୍ଷାଦାନ ପାଇଁ ୩ ଜଣ ପ୍ରଫେସରଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି। ଆଇଏମ୍‌ଏ ଜୁନିୟର ଡକ୍ଟର୍ସ ନେଟ୍‌ଓ୍ୱର୍କ ରାଷ୍ଟ୍ରୀୟ ସମ୍ପାଦକ ତଥା ଏମ୍‌ବିବିଏସ୍ ଡାକ୍ତର କରଣ ଜୁନେଜା କହିଛନ୍ତି, ଆଞ୍ଚଳିକ ଭାଷାରେ ଡାକ୍ତରୀ ଶିକ୍ଷାଦାନ ପରିବର୍ତ୍ତେ ସରକାର ବିଦ୍ୟାଳୟ ଶିକ୍ଷା ଏବଂ ଭିତ୍ତିଭୂମିରେ ବିକାଶକୁ ଗୁରୁତ୍ୱ ଦେବା ଉଚିତ। ଅନ୍ୟପକ୍ଷେ ଦିଲ୍ଲୀ ଏମ୍ସ ରେସିଡେଣ୍ଟ ଡକ୍ଟର୍ସ ଆସୋସିଏଶନ ଅଧ୍ୟକ୍ଷ ଯଶଓ୍ୱନ୍ତ ଜଙ୍ଗ୍‌ରଙ୍କ ମତରେ ବେଳେବେଳେ କେତେଜଣ ଡାକ୍ତର ରୋଗୀଙ୍କୁ ଯାହା କହିବାକୁ ଚାହାଁନ୍ତି, ତାହା ସେମାନେ କହିପାରି ନ ଥାଆନ୍ତି। ସ୍ଥାନୀୟ ଭାଷାରେ ପଢ଼ିଲେ ଏହି ସମସ୍ୟାର ସମାଧାନ ସମ୍ଭବ। କୌଣସି ଭାରତୀୟ ଭାଷାରେ ମେଡିକାଲ ଜର୍ନାଲ ପ୍ରକାଶ ପାଉ ନ ଥିବାରୁ ଆଞ୍ଚଳିକ ଭାଷାରେ ମେଡିକାଲ ଶିକ୍ଷାଦାନର ଉପକାରିତା ଓ ଅପକାରିତାକୁ ସରକାର ଠିକ୍ ଭାବେ ବୁଝି ନୀତି ପ୍ରଣୟନ କରିବା ଉଚିତ ବୋଲି ଯଶଓ୍ୱନ୍ତ କହିଛନ୍ତି।



ମଧ୍ୟପ୍ରଦେଶ ସରକାରଙ୍କ ପକ୍ଷରୁ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ସାମିଲ କରାଯାଇଥିବା ୩ ହିନ୍ଦୀ ପୁସ୍ତକ।

## ଯମଜଙ୍କ ମା' ହେଲେ ଈଶା



**ମୁମ୍ବାଇ,୨୦।୧୧**

ରିଲାଏନ୍ସ କମ୍ପାନୀ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ଝିଅ ଈଶା ଅମ୍ବାନୀ ଯମଜ ସନ୍ତାନଙ୍କ ମା' ହୋଇଛନ୍ତି। ଈଶା ଶନିବାର ଗୋଟିଏ ଶିଶୁ ପୁତ୍ର ଓ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବାବେଳେ ରବିବାର ଅମ୍ବାନୀ ପରିବାର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପୁଅର ନାଁ କ୍ରିଷ୍ଣା ରଖାଯାଇଥିବାବେଳେ ଝିଅର ନାଁ ଆଦିଆ ଦିଆଯାଇଛି। ୨୦୧୮ରେ ଈଶା ଇଣ୍ଡଷ୍ଟ୍ରିଆଲିଷ୍ଟ ଅଜୟ ପରମାଲ ଓ ଶ୍ୱେତା ପରମାଲଙ୍କ ପୁଅ ଆନନ୍ଦ ପରମାଲଙ୍କୁ ବିବାହ କରିଥିଲେ। ମୁମ୍ବାଇରେ ସେମାନଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ବହୁ ଦେଶ ବିଦେଶରୁ ବହୁ ନାମୀଦାମୀ ଲୋକ ଏହ ଉତ୍ସବରେ ଯୋଗ ଦେଇଥିଲେ। ୨୦୨୦ ଡିସେମ୍ବରରେ ମୁକେଶ ଅମ୍ବାନୀଙ୍କ ବଡ଼ପୁଅ ଆକାଶ ଅମ୍ବାନୀ ଏକ ପୁତ୍ର ସନ୍ତାନର ବାପା ହୋଇଥିଲେ। ଚଳିତବର୍ଷ ଅଗଷ୍ଟରେ ମୁକେଶ ଅମ୍ବାନୀ ଈଶାଙ୍କୁ ରିଲାଏନ୍ସ ଗ୍ରୁପ୍‌ର ରିଟେଲ୍ ବିଜ୍‌ନେସ୍ ମୁଖ୍ୟ ଦାୟିତ୍ୱ ଦେଇଥିଲେ। ଆକାଶ ଜିଓ କମ୍ପାନୀ ବୁଝୁଥିବାବେଳେ ସାନ ପୁଅ ଅନନ୍ତ ଅମ୍ବାନୀ ପରିବାରର ନୂଆ ଏନର୍ଜି ବ୍ୟବସାୟ କଥା ବୁଝାଶୁଝା କରିବେ ବୋଲି ମୁକେଶ ଅମ୍ବାନୀ ଗଣମାଧ୍ୟମକୁ କହିଥିଲେ।



ଇଜିପ୍ଟର ଶର୍ମ ଏଲ୍-ଶେଖ୍‌ରେ ଜାତିସଂଘର ଜଳବାୟୁ ସମ୍ମିଳନୀ କପ୍‌୨୭ ଚାଲିଥିବାବେଳେ ଯୁବ କର୍ମୀମାନେ କ୍ଷୟକ୍ଷତି ଭରଣା ପାଇଁ ବିଶ୍ୱନେତାଙ୍କୁ ଆହ୍ୱାନ ଦେଇଛନ୍ତି।

## କପ୍‌୨୭ ମୁଖ୍ୟାଂଶ

➥ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟରେ ସର୍ବାଧିକ କ୍ଷତିଗ୍ରସ୍ତ ରାଷ୍ଟ୍ରଗୁଡ଼ିକୁ ସହାୟତା ପ୍ରଦାନ ସକାଶେ ପ୍ରାୟ ୨୦୦ ରାଷ୍ଟ୍ର ଏକ ଐତିହାସିକ ଡିଲ୍‌ରେ ସ୍ୱାକ୍ଷର କରିଛନ୍ତି।

➥ବିଶ୍ୱତାପନ ଯୋଗୁ କ୍ଷତି ସହୁଥିବା ଦରିଦ୍ର ଦେଶଗୁଡ଼ିକ କ୍ଷତିପୂରଣ ପ୍ରଦାନ ଲାଗି ଧନୀ ରାଷ୍ଟ୍ରଗୁଡ଼ିକ ଉପରେ ୩୦ ବର୍ଷ ହେଲା ଚାପ ପକାଇଆସୁଥିଲେ।

➥କିନ୍ତୁ ସମାଲୋଚକମାନଙ୍କ ମତରେ ଜାତିସଂଘର କପ୍‌୨୭ ସମ୍ମିଳନୀ ଜଳବାୟୁ ପରିବର୍ତ୍ତନର କାରଣ ପାଲଟୁଥିବା ଉତ୍ସର୍ଜନ ହ୍ରାସ ଦିଗରେ ଅଧିକ ଆଗେଇ ପାରିନାହିଁ।

➥ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, ପୃଥିବୀ ଏବେ ମଧ୍ୟ 'ଏମର୍ଜେନ୍ସି ରୁମ୍'ରେ ରହିଛି। ଉତ୍ସର୍ଜନ ହ୍ରାସର ଆବଶ୍ୟକତା ପୂରଣ ସକାଶେ ସମ୍ମିଳନୀରେ କୌଣସି କଠୋର ପଦକ୍ଷେପ ନିଆଯାଇନାହିଁ।

➥ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରଖିବା ନେଇ ପ୍ରତିଶ୍ରୁତିବଦ୍ଧତା ଉପରେ ସମ୍ମିଳନୀରେ କୌଣସି ବଡ଼ ପଦକ୍ଷେପ ନେଇ ସହମତି ପ୍ରକାଶ ପାଇ ନ ଥିବାରୁ ବ୍ରିଟେନ ନୈରାଶ୍ୟ ବ୍ୟକ୍ତ କରିଛି।

➥ଜାତିସଂଘ କହିଛି, ଏହି ସ୍ତର ଭଙ୍ଗହେଲେ ଆହୁରି ଅନେକ ଲକ୍ଷ ଲୋକଙ୍କୁ ଜଳବାୟୁ ପରିବର୍ତ୍ତନ ସାଂଘାତିକ ଭାବେ ପ୍ରଭାବିତ କରିବ। କିନ୍ତୁ ବିଶେଷଜ୍ଞଙ୍କ ମତରେ ବର୍ତ୍ତମାନର ନୀତି ତାପମାତ୍ରାରେ ପ୍ରାୟ ୨.୭ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ଆଡ଼କୁ ଟାଣିନେଉଛି।

## ଗେ' ନାଇଟ୍ କ୍ଲବ୍‌ରେ ଗୁଳି: ୫ ମୃତ

**କଲରାଡୋ ସ୍ପ୍ରିଙ୍ଗ୍ସ,୨୦।୧୧**



ଆମେରିକାର କଲରାଡୋ ସ୍ପ୍ରିଙ୍ଗ୍ସରେ ଥିବା ଏକ ଗେ' ନାଇଟ୍ କ୍ଲବ୍‌ରେ ଗୁଳିକାଣ୍ଡ ଘଟି ୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୮ ଜଣ ଆହତ ହୋଇଛନ୍ତି। ସନ୍ଦିଗ୍ଧ ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରିଛି। ଶନିବାର ମଧ୍ୟରାତ୍ରରେ ଗୁଳିକାଣ୍ଡ ଖବର ପାଇ ପୋଲିସ କ୍ଲବ୍‌ରେ ପହଞ୍ଚି ସନ୍ଦିଗ୍ଧଙ୍କୁ ଗିରଫ କରିଥିଲା। ଆକ୍ରମଣ ପଛର ଉଦ୍ଦେଶ୍ୟ ସମ୍ପର୍କରେ ସେ କିଛି କହିନାହାନ୍ତି। ଗେ' ଲେସ୍‌ବିଆନ୍ ସମ୍ପ୍ରଦାୟକୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିବା କ୍ଲବ୍ ପକ୍ଷରୁ ଫେସ୍‌ବୁକ୍ ପେଜ୍‌ରେ କୁହାଯାଇଛି। ସେହି ସମୟରେ କ୍ଲବ୍‌ରେ ଥିବା ଗ୍ରାହକମାନେ ବନ୍ଧୁକଧାରୀଙ୍କୁ କାବୁକରି ଘୃଣିତ ଆକ୍ରମଣର ଅନ୍ତ ଘଟାଇଥିଲେ ବୋଲି କ୍ଲବ୍ କହିଛି। ୨୦୧୬ରେ ଫ୍ଲୋରିଡ଼ାର ଓର୍ଲାଣ୍ଡୋରେ ଥିବା ଏକ ଗେ' ନାଇଟ୍ କ୍ଲବ୍‌ରେ ଗୁଳିକାଣ୍ଡ ଘଟି ୪୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଆକ୍ରମଣକାରୀ ନିଜକୁ ଇସ୍‌ଲାମିକ୍ ଷ୍ଟେଟ୍ ନେତାଙ୍କ ସମର୍ଥକ ବୋଲି ଦାବି କରିଥିଲେ। ପୋଲିସ ଗୁଳିରେ ବନ୍ଧୁକଧାରୀ ନିହତ ହୋଇଥିଲେ।

## ରାଷ୍ଟ୍ରପତିଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର

**ନୂଆଦିଲ୍ଲୀ,୨୦।୧୧(ପି.ଟି.)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଡାହାଣ ଆଖିରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ରବିବାର ସଫଳତାର ସହ କରାଯାଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏଥିପାଇଁ ୬୪ ବର୍ଷୀୟ ମୁର୍ମୁ ଦିଲ୍ଲୀର ଆର୍ମି ରେଫରାଲ ଆଣ୍ଡ୍ ରିସର୍ଚ୍ଚ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅସ୍ତ୍ରୋପଚାର ପରେ ସେ ରାଷ୍ଟ୍ରପତି ଭବନକୁ ଫେରିଛନ୍ତି। ଗତ ଅକ୍ଟୋବର ୧୬ରେ ମୁର୍ମୁଙ୍କ ବାମ ଆଖିରେ ଅସ୍ତ୍ରୋପଚାର ହୋଇଥିଲା।

## ୬ ଫୁଟ୍ ବରଫରେ ପୋତିହେଲା ପଶ୍ଚିମ ନ୍ୟୁୟର୍କ

**ନ୍ୟୁୟର୍କ,୨୦।୧୧**



**ସଡ଼କ ଯାତାୟାତ ବନ୍ଦ, ବହୁ ବିମାନ ବାତିଲ**

ଆମେରିକାର ପଶ୍ଚିମ ନ୍ୟୁୟର୍କରେ ଶନିବାର ପ୍ରବଳ ତୁଷାରପାତ ଜାରି ରହିବାରୁ କେତେକ ଅଞ୍ଚଳ ୬ଫୁଟ୍ ବରଫ ତଳେ ପୋତିହୋଇଯାଇଛି। ଫଳରେ ଯାନବାହାନ ଚଳାଚଳ ବନ୍ଦ ରହିବା ସହ ବଫାଲୋ ଅଞ୍ଚଳରେ ଅନେକ ବିମାନ ଚଳାଚଳ ବାତିଲ ହୋଇଛି। ତୁଷାରପାତରେ ହୃଦ୍‌ଘାତ ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଥିବା କାଉଣ୍ଟି ଅଧିକାରୀ କହିଛନ୍ତି। ତୁଷାର ଝଡ଼ରୁ ୨୮୦ ଜଣଙ୍କୁ ଉଦ୍ଧାର କରିବା ଆବଶ୍ୟକ ପଡ଼ିଥିଲା ବୋଲି ନ୍ୟୁୟର୍କ ଗଭର୍ନର କାଥି ହୋଚୁଲ୍ କହିଛନ୍ତି। ଉଦ୍ଧାର କାର୍ଯ୍ୟରେ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ତୁଷାର ଝଡ଼ ସମୟରେ ଅନେକ ହାଇଓ୍ୱେକୁ ବନ୍ଦ କରିଦିଆଯିବା ସହ ଲୋକମାନଙ୍କୁ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଥିଲା। ଫଳରେ ଝଡ଼ଜନିତ ଦୁର୍ଘଟଣା ରୋକାଯାଇପାରିଛି ବୋଲି ଗଭର୍ନର କହିଛନ୍ତି। ଜାତୀୟ ପାଣିପାଗ ସେବା ବିଭାଗ ସୂଚନା ଅନୁଯାୟୀ ଅର୍ଚାର୍ଡ ପାର୍କରେ ୭୭ ଇଞ୍ଚ ବହଳର ବରଫ ପଡ଼ିଥିବାବେଳେ ଓ୍ୱାଟରଟାଉନ ନିକଟରେ ଥିବା ନାଚୁରାଲ ବ୍ରିଜ୍ ଅଞ୍ଚଳରେ ୭୨.୩ ଇଞ୍ଚ ବରଫ ପଡ଼ିଛି।

## ପୂର୍ବତନ ନୌସେନା ଅଧିକାରୀଙ୍କୁ ହତ୍ୟା

**ବରୁଇପୁର,୨୦।୧୧**

**ମୃତଦେହକୁ ୬ ଖଣ୍ଡ କଲେ ସ୍ତ୍ରୀ, ପୁଅ**

ଦିଲ୍ଲୀର ଶ୍ରଦ୍ଧା ଓ୍ୱାଲ୍‌କର ବୀଭତ୍ସ ହତ୍ୟାକାଣ୍ଡ ଅନୁରୂପ ଅପରାଧ ପଶ୍ଚିମବଙ୍ଗରେ ସାମ୍ନାକୁ ଆସିଛି। ଶ୍ରଦ୍ଧାଙ୍କୁ ତାଙ୍କ ଲିଭ୍-ଇନ ପାର୍ଟନର ହତ୍ୟା କରିବା ପରେ ଶରୀରକୁ ୩୫ ଖଣ୍ଡ କରି ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲେ। ଦକ୍ଷିଣ ୨୪ ପ୍ରଗଣାର ବାରୁଇପୁର ଥାନା ଅଞ୍ଚଳରେ ଜଣେ ପୂର୍ବତନ ନୌସେନା ଅଧିକାରୀଙ୍କୁ ତାଙ୍କ ସ୍ତ୍ରୀ ଓ ପୁଅ ହତ୍ୟା କରିବା ପରେ ମୃତଦେହକୁ ୬ ଖଣ୍ଡ କରି ବିଭିନ୍ନ ସ୍ଥାନରେ ଫିଙ୍ଗିଦେଇଛନ୍ତି। ପୋଲିସ ଶନିବାର ମୃତକଙ୍କ ସ୍ତ୍ରୀ ଓ ପୁଅଙ୍କୁ ଗିରଫ କରିଛି। ନୌସେନା ଅଧିକାରୀ ଉଜ୍ଜ୍ୱଳ ଚକ୍ରବର୍ତ୍ତୀଙ୍କୁ ଗତ ୧୨ ତାରିଖରେ ତାଙ୍କ ପୁଅ ଠେଲିଦେବାରୁ ତାଙ୍କ ମୁଣ୍ଡ ମାଡ଼ ହୋଇଥିଲା। ପଲିଟେକ୍‌ନିକ୍‌ରେ କାର୍ପେଣ୍ଟ୍ରି ପଢୁଥିବା ପୁଅ ତାଙ୍କ ଗଳା ଚିପି ହତ୍ୟା କରିଥିଲେ। ୫୫ ବର୍ଷୀୟ ଚକ୍ରବର୍ତ୍ତୀଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ସ୍ତ୍ରୀ ଓ ପୁଅ ବାଥ୍‌ରୁମ୍‌କୁ ନେଇ ସେଠାରେ କରତ ସାହାଯ୍ୟରେ ୬ ଖଣ୍ଡ କରିଥିଲେ। ପୁଅ ମୃତଦେହ ଖଣ୍ଡଗୁଡ଼ିକୁ ପ୍ଲାଷ୍ଟିକରେ ଗୁଡ଼ାଇ ସାଇକେଲ୍‌ରେ ୬ ଥରରେ ନେଇ ଘରଠାରୁ ୫୦୦ ମିଟର ଦୂରରେ ବିଭିନ୍ନ ସ୍ଥାନରେ ଫିଙ୍ଗିଦେଇଥିଲେ। ଚକ୍ରବର୍ତ୍ତୀଙ୍କ ଦୁଇଟି ଗୋଡ଼ ଅଳିଆ ଗଦାରୁ ଏବଂ ପାକସ୍ଥଳୀ ଏକ ପୋଖରୀରୁ ମିଳିଛି। ଅନ୍ୟ ଖଣ୍ଡଗୁଡ଼ିକୁ ପୋଲିସ ଖୋଜୁଛି। ଗତ ୧୫ ତାରିଖ ଭୋର ସମୟରେ ମାଆ-ପୁଅ ବାରୁଇପୁର ଥାନାରେ ପହଞ୍ଚି ବାପା ନିଖୋଜ ଥିବା ଅଭିଯୋଗ କରିବାରୁ ପୋଲିସର ସନ୍ଦେହ ହୋଇଥିଲା। ଜେରାବେଳେ ପୁଅ ଦୋଷ ମାନିଛନ୍ତି।

# ମାଙ୍ଗାଲୁରୁ ବିସ୍ଫୋରଣରେ ଆଇଏସ୍ ଲିଙ୍କ୍

**ବେଙ୍ଗାଲୁରୁ/ମହୀଶୂର,୨୦।୧୧**


ଜବତ ଟିଫିନ୍ ବୋମା।

ମାଙ୍ଗାଲୁରୁ ଅଟୋରିକ୍ସା ବିସ୍ଫୋରଣ ଘଟଣାରେ କର୍ନାଟକ ପୋଲିସ ସନ୍ଦିଗ୍ଧ ଶରିକ୍‌ଙ୍କୁ ଚିହ୍ନଟ କରିଛି। ତାଙ୍କର ଇସ୍‌ଲାମୀୟ ଆତଙ୍କବାଦୀ ସଂଗଠନ ଆଇଏସ୍ ସହ ଲିଙ୍କ୍ ଥିବା ପୋଲିସ ଜାଣିବାକୁ ପାଇଛି। ପୂର୍ବରୁ କର୍ନାଟକର ଶିବମୋଗାରେ ସାବରକର ପୋଷ୍ଟରକୁ ନେଇ ସେ ଜଣେ ବ୍ୟକ୍ତିଙ୍କୁ ଛୁରାମାଡ଼ କରିଥିଲେ। ବର୍ଷ ଆରମ୍ଭରେ ତୁଙ୍ଗା ନଦୀକୂଳରେ ହୋଇଥିବା ପରୀକ୍ଷାମୂଳକ ବୋମା ବିସ୍ଫୋରଣରେ ମଧ୍ୟ ଶରିକ ଅନ୍ୟତମ ଅଭିଯୁକ୍ତ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ କହିଛନ୍ତି। କର୍ନାଟକ ପୋଲିସ ତାଙ୍କ ଘର ଉପରେ ଚଢ଼ାଉ କରିଥିବାବେଳେ ବମ୍ବ ସ୍କ୍ୱାଡ୍ ଘଟଣାସ୍ଥଳ ଅନୁଧ୍ୟାନ କରୁଛି।

ଶନିବାର ଅପରାହ୍ନରେ ମାଙ୍ଗାଲୁରୁରେ ଚଳନ୍ତା ଅଟୋରିକ୍ସାରେ ବିସ୍ଫୋରଣ ଘଟି ଡ୍ରାଇଭର ଓ ସନ୍ଦିଗ୍ଧ ଯାତ୍ରୀ ଶରିକ୍ ଗୁରୁତର ଆହତ ହୋଇଥିଲେ। ସେମାନେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଅଭିଯୁକ୍ତ ଜଣେ ଅଜଣା ବ୍ୟକ୍ତିଙ୍କ ଆଧାର କାର୍ଡର ଦୁରୁପଯୋଗ କରି ମାଙ୍ଗାଲୁରୁରେ ଘରଭଡ଼ା ନେଇଥିଲେ ବୋଲି ପୋଲିସ କହିଛି। ଅଟୋରିକ୍ସା ବିସ୍ଫୋରଣ ଦୁର୍ଘଟଣା ନ ଥିଲା, ଗୁରୁତର କ୍ଷୟକ୍ଷତି କରାଇବା ଉଦ୍ଦେଶ୍ୟରେ ଏହା ଆତଙ୍କବାଦୀ କାର୍ଯ୍ୟ ଥିଲା ବୋଲି କର୍ନାଟକ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସ୍ପଷ୍ଟ କରିଛନ୍ତି। କେନ୍ଦ୍ରୀୟ ସୁରକ୍ଷା ବଳ ସହ କର୍ନାଟକ ପୋଲିସ ଅପରାଧର ଚେର ଖୋଜି ବାହାର କରିବାକୁ ତଦନ୍ତ ଚଳାଇଥିବା ସେ କହିଛନ୍ତି। ସନ୍ଦିଗ୍ଧ ଶରିକ୍ ଆତଙ୍କବାଦ ସହ ସମ୍ପୃକ୍ତ ଏବଂ ସେ ବୋମା ଧରି ତାମିଲନାଡୁର କୋଏମ୍ବାଟୁର ସମେତ ବିଭିନ୍ନ ସ୍ଥାନକୁ ଯାଇଥିଲା ବୋଲି କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ କହିଛନ୍ତି। ପ୍ରାଥମିକ ଅନୁଧ୍ୟାନ ଅନୁଯାୟୀ ଅଟୋରେ ହୋଇଥିବା ବିସ୍ଫୋରଣ ଏଲ୍‌ଇଡି ଲିଙ୍କ୍‌ଡ ଇନ୍‌ଷ୍ଟ୍ରୁମେଣ୍ଟ ଯାହାକୁ ଡେଟୋନେଟର, ତାର ଓ ବ୍ୟାଟେରି ସହ ପ୍ରେସରକୁକରରେ ଫିଟ୍ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଚୋରି ଆଧାର କାର୍ଡରେ ଭଡ଼ା ଘର ନେଇଥିଲେ ଅଭିଯୁକ୍ତ ଶରିକ୍**



**ଆସନ୍ତାବର୍ଷରୁ ୪ ବର୍ଷୀୟା ୟୁଜି ପାଠ୍ୟକ୍ରମ** ନୂଆଦିଲ୍ଲୀ,୨୦।୧୧: ଆଗାମୀ ୨୦୨୩-୨୪ ଶିକ୍ଷାବର୍ଷରୁ ଦେଶର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ୪ ବର୍ଷୀୟା ଅଣ୍ଡରଗ୍ରାଜୁଏଟ୍ (ୟୁଜି) ପାଠ୍ୟକ୍ରମ(ଏଫ୍‌ୱାଇୟୁଜିପି) ପ୍ରଚଳିତ ହେବ। ଉକ୍ତ ୪ ବର୍ଷୀୟା କାର୍ଯ୍ୟକ୍ରମର ରୂପରେଖକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଚୂଡ଼ାନ୍ତ କରିଛନ୍ତି। ଆସନ୍ତା ସପ୍ତାହରୁ ଏହି ପ୍ରୋଗ୍ରାମ ସମସ୍ତ ବିଶ୍ୱବିଦ୍ୟାଳୟକୁ ଯୋଗାଇ ଦିଆଯିବ। ସମସ୍ତ ୪୫ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମେତ ଅଧିକାଂଶ ରାଜ୍ୟ ଓ ଘରୋଇ ବିଶ୍ୱବିଦ୍ୟାଳୟରେ ଆସନ୍ତା ଶିକ୍ଷାବର୍ଷରୁ ଏଫ୍‌ୱାଇୟୁଜିପି କାର୍ଯ୍ୟକାରୀ ହେବ। ଏହାବ୍ୟତୀତ ଅଧିକାଂଶ ଡିମ୍ଡ ୟୁନିଭର୍ସିଟି ମଧ ପ୍ରୋଗ୍ରାମ କାର୍ଯ୍ୟକାରୀ କରିବାକୁ ରାଜି ହୋଇଛନ୍ତି। ଆସନ୍ତାବର୍ଷ ନାମଲେଖାଇବାକୁ ଥିବା ସମସ୍ତ ଛାତ୍ରୀଛାତ୍ର ୪ ବର୍ଷୀୟା ଅଣ୍ଡରଗ୍ରାଜୁଏଟ୍ ପ୍ରୋଗ୍ରାମ ଚୟନ କରିବା ସୁଯୋଗ ପାଇବେ।

## କ୍ଲାଇମେଟ୍ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍

ଜଳବାୟୁପରିବର୍ତ୍ତନ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବାବେଳେ ଯୁବପିଢ଼ି କିପରି ଏ ଦିଗରେ ସଚେତନ ହେବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍-୨୦୨୨'। ନଭେମ୍ବର ୨୪ ତାରିଖ 'ଧରିତ୍ରୀ'ର ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜନ ହେବାକୁ ଥିବା ଏହି ଯୁବ ସମ୍ମିଳନୀରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ। ଏଥିସହିତ ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରୁ ଯୁବବକ୍ତା ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବେ। ଯୁବ ପରିବେଶବିତ୍‌ଙ୍କ ସମ୍ପର୍କରେ...

# ବାସୁଙ୍କ ରକ୍ ସଙ୍ଗୀତକୁ ଅପେକ୍ଷା




**ବାସୁ ଦୀକ୍ଷିତ**



'ଧରିତ୍ରୀ' ପକ୍ଷରୁ ଆସନ୍ତା ୨୪ ତାରିଖରେ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୁବ ପରିବେଶବିତ୍ ଯୋଗଦେବେ। ଜଳବାୟୁ ପରିବର୍ତ୍ତନ ଉପରେ ହେବାକୁ ଥିବା ଏହି ସମ୍ମିଳନୀରେ ଏଥର ଦର୍ଶକଙ୍କୁ ମତୁଆଲା କରିବେ କର୍ନାଟକର ସଙ୍ଗୀତକାର ବାସୁ ଦୀକ୍ଷିତ। ବାସୁ ଜଣେ ସଙ୍ଗୀତକାର ଓ ଚଳଚ୍ଚିତ୍ର ନିର୍ମାତା। ୨୦୦୨ରେ 'ସ୍ୱାର୍ଥମା' ନାମରେ ଏକ ଇଣ୍ଡିଆନ ଫୋକ୍/ଫ୍ୟୁଜନ୍ ବ୍ୟାଣ୍ଡ କରିଥିଲେ। ସେଥିରେ ବାସୁ ହେଉଛନ୍ତି ମୁଖ୍ୟ ସଙ୍ଗୀତକାର। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନରୁ ସ୍ନାତକୋତ୍ତର ଶେଷ କରିବା ପରେ ବାସୁ କିଛି ପ୍ରଡକ୍ସନ ହାଉସ୍‌ରେ ଚଳଚ୍ଚିତ୍ର ନିର୍ମାତା ଭାବେ କାର୍ଯ୍ୟ କରିଥିଲେ। ପରେ ସଙ୍ଗୀତ କ୍ଷେତ୍ରରେ ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ଯେତେବେଳେ ତାଙ୍କ ବ୍ୟାଣ୍ଡ ଏକ ମ୍ୟୁଜିକ ଭିଡିଓ କିମ୍ବା ଅନ୍ୟ କୌଣସି ପ୍ରୋଜେକ୍ଟ ଆବଶ୍ୟକ କରେ ସେତେବେଳେ ବାସୁ ନିର୍ମାତା ଭୂମିକା ଗ୍ରହଣ କରନ୍ତି। ବାସୁ ଫିଚର ଫିଲ୍ମ ଓ ଡକ୍ୟୁମେଣ୍ଟାରୀ ପାଇଁ ସଙ୍ଗୀତ ରଚନା କରିଛନ୍ତି। ୨୦୧୨ରେ ଶ୍ରେଷ୍ଠ ପୁରୁଷ ଗାୟକ ଭାବେ ସେ କର୍ନାଟକ ରାଜ୍ୟ ପୁରସ୍କାର ପାଇଥିଲେ। ୨୦୧୭ରେ ସେ ନିଜେ ଏକ ପ୍ରକଳ୍ପ ଆରମ୍ଭ କରିଲେ, ଯାହାର ନାମ ଥିଲା ବାସୁ ଦୀକ୍ଷିତ କଲେକ୍ଟିଭ(ଭିଡିସି)। ଭିଡିସି ଏମିତି ଏକ ପ୍ଲାଟଫର୍ମ, ଯେଉଁଠାରେ ମ୍ୟୁଜିସିଆନ ଓ ଆର୍ଟିଷ୍ଟ ଏକତ୍ର ହୋଇ ସଙ୍ଗୀତ ସୃଷ୍ଟି କରିଥାନ୍ତି। ନିଜକୁ ଜଣେ ସଙ୍ଗୀତଜ୍ଞ ଏବଂ କଳାକାର ଭାବେ ଖୋଜିବା ପାଇଁ ବାସୁଙ୍କର ଏହା ମଧ ଏକ ଯାତ୍ରା। ଭିଡିସି ଉଭୟ କନ୍ନଡ଼ ଏବଂ ହିନ୍ଦୀ ଭାଷାରେ ଫୋକ୍-ରକ୍ ଫ୍ୟୁଜନ କରେ। ବିଶେଷକରି ଆଦିବାସୀ ତଥା ଗାଁର ସଙ୍ଗୀତ ପାଇଁ ସେ ପରିଚିତ। ନିଜକୁ ଏହି ପରିଚୟ ଦେବାରେ ତାଙ୍କୁ ଆତ୍ମସନ୍ତୋଷ ମଧ ମିଳିଥାଏ। ବହୁ ଲେଖକ, କବି ଏବଂ ଗୀତିକାର ମଧ ବାସୁଙ୍କ ସହ ମିଶି କାମ କରନ୍ତି। ବାସୁ ଏବଂ ତାଙ୍କ ମ୍ୟୁଜିକ୍ ବ୍ୟାଣ୍ଡ ସୁମଧୁର ସ୍ୱରରେ ଶ୍ରୋତାଙ୍କ ମନ ଜିଣନ୍ତି। 'ଧରିତ୍ରୀ'ର ଯୁବ ସମ୍ମିଳନୀରେ ଏଥର ବାସୁଙ୍କ ଯୋଗଦାନକୁ ସମସ୍ତଙ୍କ ଅପେକ୍ଷା ରହିଛି।

# ଖଗେଶ୍ୱରଙ୍କ ରିମାଣ୍ଡ ସରିଲା, କୋର୍ଟରେ ହାଜର ଆଜି

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

**ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ମାମଲା**

- କାର୍ ଭିତରୁ ମିଳିଲା ନମ୍ବର ପ୍ଲେଟ୍
- ନୋଟିସ ପାଇଥିବା ବ୍ୟକ୍ତିଙ୍କ ମଧରେ ୨ ଆଇଏଏସ୍ ଅଫିସର
- ପୁଣି ଜେଲରେ ଭେଟ ହେଲେ ଅର୍ଚ୍ଚନା, ଜଗବନ୍ଧୁ


ଖଗେଶ୍ୱର ପାତ୍ର

ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ବିଜନେସ୍ ପାର୍ଟନର ଖଗେଶ୍ୱର ପାତ୍ରଙ୍କ ୧୦ ଦିନିଆ ରିମାଣ୍ଡ ଅବଧି ରବିବାର ଶେଷ ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗତ ୧୧ ତାରିଖରୁ ଖଗେଶ୍ୱରଙ୍କୁ ମାରାଥନ ଜେରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ସୋମବାର ଇଡି ତାଙ୍କୁ କୋର୍ଟରେ ହାଜର କରିବ। ତେବେ ପୁଣି ଥରେ ତାଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟଙ୍କ ନିକଟରେ ଇଡି ଆବେଦନ କରିବ ବୋଲି ସୂଚନା ମିଳିଛି। ଅପରପକ୍ଷରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରୁ ଠାବ ହୋଇଥିବା ଅର୍ଚ୍ଚନାଙ୍କ ଦାମୀ ଏଣ୍ଡେଭର କାର୍‌କୁ ଇଡି ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟକୁ ନେଇ ଯାଞ୍ଚ କରିଛି। କାର୍ ଭିତରୁ ଗାଡ଼ିର ନମ୍ବର (ଓଡି୦୨ବିପି୨୩୨୪) ପ୍ଲେଟ ମିଳିଛି। ଅର୍ଚ୍ଚନାଙ୍କ ନାଁରେ ଏହି କାର୍ ପଞ୍ଜୀକୃତ ହୋଇଛି। ତେବେ ଉକ୍ତ ଏଣ୍ଡେଭର କାର୍‌କୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ଏକ ଘରୋଇ କଲେଜ ସମ୍ମୁଖରେ କିଏ ରଖିଲା ତାକୁ ନେଇ ରହସ୍ୟ ସୃଷ୍ଟି ହୋଇଛି। ଅର୍ଚ୍ଚନାଙ୍କ କେହି ଘନିଷ୍ଠ ସହଯୋଗୀ ଉକ୍ତ କାର୍ ରଖିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। କିଛି ସହଯୋଗୀ ବାହାରେ ରହି ଅର୍ଚ୍ଚନାଙ୍କୁ ସହଯୋଗ କରୁଥିବା ଏଥିରୁ ସ୍ପଷ୍ଟ ହୋଇଛି।

ଅପରପକ୍ଷରେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ଆକାଉଣ୍ଟରେ ୨୦୧୭ରୁ ୨୦୨୨ ମଧରେ ଅଢ଼େଇ କୋଟି ଟଙ୍କା ଜମା ହୋଇଥିବା ଇଡି ଜାଣିବାକୁ ପାଇଛି। ଜମା ହୋଇଥିବା ଟଙ୍କାରେ ଦାମୀ କାର୍ କିଣାଯାଇଥିବା କୁହାଯାଉଛି। ନାଗ-ଦମ୍ପତିଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିବା ୧୨ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ବିଷୟରେ ଇଡି ପ୍ରମାଣ ପାଇଛି। ତେଣୁ ସେହି ବ୍ୟକ୍ତିମାନଙ୍କୁ ନୋଟିସ୍ କରି ଆର୍ଥିକ ନେଣଦେଣ କାରବାର ସଂକ୍ରାନ୍ତରେ ଇଡି ଖୋଳତାଡ଼ କରୁଛି। ନୋଟିସ୍ ତାଲିକାରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା, ଫୋର୍ଡ ଶୋ'ରୁମ୍ ମାଲିକ, ରାଜନେତା ଏବଂ ପରିବାର ସଦସ୍ୟ ଆଦି ଅଛନ୍ତି। ଏହା ଭିତରେ ଫୋର୍ଡ ଶୋ'ରୁମ୍ ମାଲିକଙ୍କ ପୁଅ ଓ ଅର୍ଚ୍ଚନାଙ୍କ ବାପା ସୁରେନ୍ଦ୍ର ନାଗଙ୍କୁ ଇଡି ଜେରା କରିଛି। ଅକ୍ଷୟ ପରିଜା ଇଡି ଅଫିସ ଆସି ନ ଥିଲେ ସୁଦ୍ଧା ତାଙ୍କ ଓକିଲ ପଠାଇଥିଲେ। ସବୁଠୁ ବଡ଼କଥା ହେଲା ୨ ଆଇଏଏସ୍ ଅଧିକାରୀ ମଧ ନୋଟିସ୍ ପାଇଛନ୍ତି। ଉଭୟ ଖୁବ୍‌ଶୀଘ୍ର ଇଡି କାର୍ଯ୍ୟାଳୟରେ ଜେରାର ସମ୍ମୁଖୀନ ହେବେ। ସେମାନେ ଅର୍ଚ୍ଚନାଙ୍କୁ କେତେ ଟଙ୍କା ଏବଂ କ'ଣ ପାଇଁ ଦେଇଛନ୍ତି ତାହାର ତଥ୍ୟ ରଖିବେ। ସେପଟେ ଜେଲ ମାନୁଆଲ ଅନୁଯାୟୀ, ଜଗବନ୍ଧୁ ଓ ଅର୍ଚ୍ଚନା ପ୍ରତି ସପ୍ତାହରେ ରବିବାର ଭେଟିବା ନିଷ୍ପତ୍ତି ଅନୁଯାୟୀ ପୁଣିଥରେ ଝାରପଡ଼ା ଜେଲରେ ଉଭୟ ଭେଟ ହୋଇ କଥାବାର୍ତ୍ତା ହେବା ସହ ପରସ୍ପରକୁ ସାନ୍ତ୍ୱନା ଦେଇଛନ୍ତି।

# ଶ୍ରୀମନ୍ଦିର ଫଟୋ ଭାଇରାଲ ନେଇ ଥାନାରେ ଏତଲା

ପୁରୀ ଅଫିସ, ୨୦।୧୧

**ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ ଘଟଣା**



ସୋସିଆଲ ମିଡିଆରେ ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ ଘଟଣାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରବିବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଭି.ଏସ୍. ଚନ୍ଦ୍ରଶେଖର ରାଓ ଏହି ଏତଲା ଦେଇଛନ୍ତି। ପଶ୍ଚିମବଙ୍ଗର ଆକାଶ ଚୌଧୁରୀ ନାମକ ବ୍ୟକ୍ତି କେଉଁ ପରିସ୍ଥିତିରେ ତାଙ୍କ ଫେସ୍‌ବୁକ୍‌ରେ ମହାପ୍ରଭୁ ଏବଂ ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଓ ଭିଡିଓ ଭାଇରାଲ କରିଛନ୍ତି ସେନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଏତଲାରେ ନିବେଦନ କରାଯାଇଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ଗର୍ଭଗୃହ ଏବଂ ରତ୍ନସିଂହାସନରୂଢ଼ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଥିବା ଫଟୋ ଓ ଭିଡିଓକୁ ଆକାଶ ଚୌଧୁରୀ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଶନିବାର ଅପଲୋଡ୍ କରିଥିଲେ। ଏଥିସହ ବଙ୍ଗଳା ଭାଷାରେ ଲେଖିଥିଲେ ଯେ, 'ମୁଁ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଆନନ୍ଦିତ। ମୁଁ ମୋ ଜୀବନର ଏହି ମୁହୂର୍ତ୍ତକୁ କେବେବି ଭୁଲିପାରିବି ନାହିଁ। ମୁଁ ଜଗନ୍ନାଥ ଦେବଙ୍କୁ ଦର୍ଶନ କଲି।' ତେବେ ଏହି ଭାଇରାଲକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକାଦଶୀ ସେବକ ସଂଘ ଓ ଶ୍ରୀମନ୍ଦିର ଯୁବ ସେବାୟତ ସଂଘ ପକ୍ଷରୁ ଜିଲାପାଳ ଏବଂ ଶ୍ରୀମନ୍ଦିର କମାଣ୍ଡରଙ୍କ ଜରିଆରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ଦେଇଥିଲେ। ଏହାପରେ ଶ୍ରୀମନ୍ଦିର ପ୍ରଶାସନର ଚେତା ପଶିଥିଲା। ଫଳରେ ରବିବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

# ରାସ୍ତାକୁ ଓହ୍ଲାଇଲେ ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ

- ୨୦୦୪-୧୪ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ସ୍ଥାୟୀ କରାଯାଉ
- ଦଶମ ଏସ୍‌ଏ-୧ ପରୀକ୍ଷା ବର୍ଜନ ଚେତାବନୀ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଅକ୍ଟୋବର ୧୫ରେ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ଉଚ୍ଛେଦ ଘୋଷଣା କରିଥିଲେ। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ୨୦୧୬ରୁ ୨୦୨୨ ମଧରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତ୍ତିକ ଶିକ୍ଷକଙ୍କ ଚାକିରି ନିୟମିତ ହେବାକୁ ଥିବାବେଳେ ୨୦୦୪ରୁ ୨୦୧୪ ମଧରେ ନିଯୁକ୍ତ ଚୁକ୍ତି ଭିତ୍ତିକ ଶିକ୍ଷକଙ୍କ କ୍ଷେତ୍ରରେ ସରକାର ଏହାକୁ ଲାଗୁ କରୁନାହାନ୍ତି। ଏହାକୁ ଓଡ଼ିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ତୀବ୍ର ବିରୋଧ କରିବା ସହ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛି। ରବିବାର ୨୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଓ ଶୋଭାଯାତ୍ରା ମାଧମରେ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨୦୦୪ରୁ ୨୦୨୨ ମଧରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କ କ୍ଷେତ୍ରରେ ଏହି ସାଧାରଣ ପ୍ରଶାସନ ବିଜ୍ଞପ୍ତିକୁ ଯଥାଶୀଘ୍ର ଲାଗୁ କରାଇବା ପୂର୍ବକ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରାଯାଇଛି। ସରକାର ସଂଘର ଦାବିକୁ ବିଚାରକୁ ନ ନେଲେ ଆସନ୍ତା ନଭେମ୍ବର ୨୩ରୁ ହେବାକୁ ଥିବା ମାଟ୍ରିକ୍ ସମେଟିଭ୍ ଆସେସ୍‌ମେଣ୍ଟ-୧ ପରୀକ୍ଷାକୁ ବର୍ଜନ କରିବାକୁ ସଂଘ ଚେତାବନୀ ଦେଇଛି। ସଂଘର ମୁଖ୍ୟ ପରାମର୍ଶଦାତା ପ୍ରଭାତ ମହାନ୍ତି, ସଭାପତି ପୂର୍ଣ୍ଣଚନ୍ଦ୍ର ଆଏଚ୍, ସାଧାରଣ ସମ୍ପାଦକ ଶୁଭ୍ରଜିତ ପ୍ରତିହାରୀ, ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘର ସଭାପତି ବିଜୟ ମଲ୍ଲ, ଜିତେନ୍ଦ୍ର କୁମାର ନାୟକ, ଶୁଭ ସୁନ୍ଦର ପଣ୍ଡା, ରାଜେନ୍ଦ୍ର ମଲ୍ଲିକ, ଅମରେଶ ପଣ୍ଡା, ସୌମ୍ୟ ପ୍ରଧାନ, ସୌମ୍ୟ ମଲ୍ଲିକ, ରଜନୀକାନ୍ତ ବେହେରା ପ୍ରମୁଖ ଆନ୍ଦୋଳନ ପରିଚାଳନା କରିଥିଲେ।



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ରବିବାର ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଯୁବକଙ୍କ ଗଳାକାଟି ହତ୍ୟା

ବିଶୋଇ,୨୦।୧୧(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ମହୁଭଣ୍ଡାର ଗ୍ରାମ ଛକ ନିକଟସ୍ଥ ରାଜପଥ ପାର୍ଶ୍ୱ ଏକ ପୋଲ ନିକଟରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ବେକରେ କଟାଦାଗ ଥିବାରୁ କେହି ତାଙ୍କୁ ହତ୍ୟା କରି ପୋଲ ତଳକୁ ଫିଙ୍ଗି ଦେଇଥିବା ପୋଲିସ କହିଛି। ମୃତ ଯୁବକଙ୍କ ପରିଚୟ ଜଣାପଡ଼ିନାହିଁ। ଘଟଣାସ୍ଥଳରୁ ଏକ ଭୁଜାଲି ଜବତ ହୋଇଥିବା ବେଳେ ପୋଲିସ ଛାନଭିନ୍ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ରବିବାର ସକାଳେ ସ୍ଥାନୀୟ ଗ୍ରାମବାସୀ ରାଜପଥ କଡ଼ରେ ଥିବା ନାଳକୁ ଶୌଚ ପାଇଁ ଯାଇଥିବା ବେଳେ ବୁଦାମୂଳେ ଏକ ମୃତଦେହ ପଡ଼ିଥିବା ଦେଖି ବିଶୋଇ ପୋଲିସକୁ ଖବର ଦେଇଥିଲେ। ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁଙ୍କ ସମେତ ବିଶୋଇ ଥାନା ଅଧିକାରିଣୀ ମିନି ଭୋଇ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଧାରୁଆ ଅସ୍ତ୍ରରେ ଯୁବକଙ୍କ ତଣ୍ଟିକୁ କଟାଯାଇଥିବା ବେଳେ ମୁଣ୍ଡର ପଛପଟେ ଛେଚା ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୋଲିସ ସୂଚନା ଦେଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୧୭୦/୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି।

# ସପ୍ତମ ବେତନ ମୋଡାଲିଟି ସଂଶୋଧନ କାର୍ଯ୍ୟକାରୀ କରିବାକୁ ଦାବି

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ସପ୍ତମ ବେତନ ପ୍ରଦାନ ପାଇଁ କ୍ୟାବିନେଟ୍ ମଞ୍ଜୁର କରି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଡ଼ିଶା ସ୍କୁଲ ଓ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଏହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଯାଇଥିଲା। ତେବେ ଏହି ବିଜ୍ଞପ୍ତିରେ ସଂଶୋଧନ ନିମନ୍ତେ ସରକାର ଓ ସମନ୍ୱୟ ସମିତି ମଧରେ ଏକ ବୁଝାମଣା ଅନୁଷ୍ଠିତ ହୋଇଥିଲା। ତେବେ ପରିବର୍ତ୍ତିତ ନିଷ୍ପତ୍ତିକୁ ୧୧ ମାସ ବିତିଥିଲେ ମଧ ଏହାକୁ କାର୍ଯ୍ୟକାରୀ କରାଯାଇ ନ ଥିବା ସମିତି ପକ୍ଷରୁ ଅଭିଯୋଗ ହୋଇଛି। ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମିତି ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି ଏନେଇ ସୂଚନା ଦେବା ସହ ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ସଂଘ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

ରାଜ୍ୟରେ ୯୧୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୨୬୦୮ ମାଧମିକ ବିଦ୍ୟାଳୟ, ୬୬୨ ଉଚ୍ଚ ମାଧମିକ ବିଦ୍ୟାଳୟ ଓ ୪୮୮ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସେମାନେ ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସୁବିଧା ଆଦି ସୁବିଧା ପାଇପାରୁନାହାନ୍ତି। ନିକଟରେ ସରକାରୀ ଶିକ୍ଷାନୁଷ୍ଠାନରୁ ଚୁକ୍ତିଭିତ୍ତିକ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଥିଲେ ମଧ ରାଜ୍ୟର ୨ଲକ୍ଷ ୮୦ ହଜାର ଠିକା କର୍ମଚାରୀଙ୍କ ମଧରୁ ମାତ୍ର ୫୭ ହଜାର କର୍ମଚାରୀ ଉପକୃତ ହେବେ। ତେଣୁ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ସୃଷ୍ଟି ହୋଇଥିବା ସମସ୍ୟାକୁ ତୁରନ୍ତ ସପ୍ତମ ମୋଡାଲିଟିରେ ଥିବା ଅସଙ୍ଗତିକୁ ସଂଶୋଧନ କରି ବିଜ୍ଞପ୍ତି ପ୍ରକାଶ କରିବାକୁ ସେମାନେ ଦାବି କରିଛନ୍ତି।

# ଧାନ ଫସଲ ନଷ୍ଟକଲେ ହାତୀପଲ

ପାଟଣା,୨୦।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୪ ଟିକିଆ ହାତୀପଲ ଶନିବାର ରାତିରେ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜରୁ ଆସି ବନବିର ନିକଟରେ ବୈତରଣୀ ନଦୀ ପାର ହୋଇ ପାଟଣା ରେଞ୍ଜକୁ ପ୍ରବେଶ କରିଛନ୍ତି। ବେଗେନା ଖମଣ ଓ ଏରେଣ୍ଡେଇ ଗ୍ରାମରେ ପାଚିଲା ଧାନକୁ ଖାଇବା ସହ ଦଳି ଦେଇଛନ୍ତି। ଏଥିସହ କୋବି, ବିଲାତି ଚାଷ ନଷ୍ଟ କରିଛନ୍ତି। ଗାଁ ନିକଟରେ ହାତୀପଲ ବୁଲୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ରବିବାର ଏରଣ୍ଡେଇ ନଦୀକୂଳ ଜଙ୍ଗଲରେ ଡେରା ପକାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଶୀଘ୍ର ହାତୀପଲଙ୍କୁ ଘୋଉଡ଼ାଇବା ସହ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅବପାତରେ ପରିଣତ ହେଲା ଲଘୁଚାପ

**୨ଦିନ ୧୦ ଜିଲାରେ ବର୍ଷା ସମ୍ଭାବନା**

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ରବିବାର ଅବପାତରେ ପରିଣତ ହୋଇଛି। ଏହାର ପ୍ରଭାବରେ ସୋମବାର ଓ ମଙ୍ଗଳବାର ଦକ୍ଷିଣ ଓଡ଼ିଶାର କିଛି ଜିଲାରେ ହାଲୁକା ବର୍ଷା ହୋଇପାରେ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲାରେ ବର୍ଷା ହୋଇପାରେ। ସେହିପରି ମଙ୍ଗଳବାର ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରେ ହାଲୁକାରୁ ମଧମ ଧରଣର ବର୍ଷା ହୋଇପାରେ। ତେବେ ଏହି ଦୁଇଦିନ ଅନ୍ୟସବୁ ଜିଲାରେ ପାଗ ଶୁଖିଲା ରହିବ ଓ ୨୩ ତାରିଖରୁ ରାଜ୍ୟର ପାଗ ଶୁଖିଲା ରହିବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଏହା ସହିତ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ରାତି ତାପମାତ୍ରା ସ୍ୱାଭାବିକ ଠାରୁ ୨/୩ ଡିଗ୍ରୀ କମ୍ ରହିବ। ଇତିମଧରେ ଶନିବାର ରାତିରେ କନ୍ଧମାଳ ଜିଲାର ଜି. ଉଦୟଗିରି ଓ କୋରାପୁଟର ସେମିଳିଗୁଡ଼ାରେ ରାତିର ସର୍ବନିମ୍ନ ତାପାମତ୍ରା ୮ ଡିଗ୍ରୀ ରହିଥିଲା। ସେହିପରି କିରେଇ (ସୁନ୍ଦରଗଡ଼)ରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଫୁଲବାଣୀରେ ୯.୬, ଦାରିଙ୍ଗବାଡ଼ିରେ ୧୦, କୋରାପୁଟରେ ୧୦, କେନ୍ଦୁଝରରେ ୧୦, ଭବାନୀପାଟଣାରେ ୧୦.୬, ଝାରସୁଗୁଡାରେ ୧୦.୮, ଚିପିଲିମାରେ ୧୦.୮, ସୁନ୍ଦରଗଡରେ ୧୨.୫ ଓ ଦେବଗଡରେ ୧୨.୫ ଡିଗ୍ରୀ ରହିଥିଲା। ତେବେ ରାଜ୍ୟରେ ଶୀତର ଲହରି ଆରମ୍ଭ ହୋଇଥିବାବେଳେ ବର୍ଷା ପରେ ଏହା ଆହୁରି ବଢ଼ିଯିବ ବୋଲି ଆଶଙ୍କା କରାଯାଉଛି।

# ଟ୍ରେନ୍‌ରେ କଟି ଯୁବକ ମୃତ

ରୂପ୍‌ସା,୨୦।୧୧(ଡି.ଏନ.ଏ.)

ଖଡ଼ଗପୁର ରେଳ ଡିଭିଜନ୍ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପ୍‌ସା ଷ୍ଟେସନ ନିକଟ ଉତ୍ତରକ୍ୟାବିନ୍‌ଠାରେ ଶନିବାର ରାତିରେ ଟ୍ରେନ୍‌ରେ କଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରୂପ୍‌ସା ଥାନା ଆଙ୍କୋ ପଞ୍ଚାୟତର ରାଜେନ୍ଦ୍ର ଦଳେଇ। ସେ ରେଳଧାରଣା ପାରି ହୋଇ ରାତିରେ ଘରକୁ ଆସୁଥିବା ସମୟରେ ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା।






**ଆଜିର ମନ୍ତବ୍ୟ**

"ମେହରୁଲି ହତ୍ୟାକାଣ୍ଡ ଏକ ଲଭ୍ ଜିହାଦ୍। ତିନି ତଲାକ ଭଳି ଏହା ବିରୋଧରେ ମଧ୍ୟ କଠୋର ଆଇନ ପ୍ରଣୟନର ଆବଶ୍ୟକତା ରହିଛି। -ହିମନ୍ତ ବିଶ୍ୱଶର୍ମା, ଆସାମ ମୁଖ୍ୟମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେବାଠାରୁ ପୁଣ୍ୟ ନାହିଁ
ମାଗିବାଠାରୁ ହୀନ ନାହିଁ।**

ଦେବାରେ ଆନନ୍ଦ ଥାଏ। ମାଗିବାରେ ହୀନମନ୍ୟତା ପ୍ରକାଶ ପାଏ। ଦାନଶୀଳତା ଏକ ଉତ୍ତମ ଗୁଣ ହୋଇଥିବା ସ୍ଥଳେ ତାଙ୍କ ପ୍ରତି ଈଶ୍ୱରଙ୍କ କୃପାଶିଷ ରହିଥାଏ। ଦାନ କଲେ ଅଶେଷ ପୁଣ୍ୟ ମିଳିଥାଏ। ଯିଏ କିଛି କାମଧନ୍ଦା ନ କରି ଅନ୍ୟ ଆଗରେ ହାତ ପତେଇଥାଏ, ମାଗି ବୁଲୁଥାଏ ସେ ସବୁଠାରୁ ବଳି ଅଧମ ବୋଲାଇଥାଏ। ମାଗିବାଠାରୁ ବଳି ହୀନ କାର୍ଯ୍ୟ ଆଉ କିଛି ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଢଶୁରଙ୍କୁ ଆଢ଼ ଆଢ଼
ମଳାଶୁରଙ୍କୁ ରାଇଜ ଛାଡ଼।**

ଭାଇ ବୋହୂ ଦେଢଶୁରଙ୍କଠାରୁ ଦୂରତା ବଜାୟ ରଖିବା ସହ ଆଢ଼ ଉହାଡରେ ଥାଇ କଥା ହୋଇଥାଏ। ସେହିପରି ମଳାଶୁରଙ୍କ ପ୍ରତି ଅଧିକ ସଙ୍କୋଚ ଭାବ ରହିଥିବା ବେଳେ ବହୁ ଦୂରରେ ଥାଇ ମାନ୍ୟ କରିବା ଓ କଥା ହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# କିଡ୍‌ନୀ ରୋଗୀଙ୍କୁ ମନ ପସନ୍ଦର ଔଷଧ ଦେବା ସମ୍ଭବ ନୁହେଁ: ମୁଖ୍ୟ ଶାସନ ସଚିବ



ଉନ୍ନତମାନର ଔଷଧ ଯୋଗାଣ ଦାବିକରି ଆନ୍ଦୋଳନ ଚଳାଇଥିବା କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ରୋଗୀମାନେ ରବିବାର ରାତିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖ ଏଜି ଛକ-ରାଜଭବନ ରାସ୍ତାରେ ବସି ରହିଛନ୍ତି।

### ରାସ୍ତାରେ ବସି ରହିଛନ୍ତି କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ୍ ରୋଗୀ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ଉନ୍ନତମାନର ଔଷଧ ଯୋଗାଣ ଦାବିକରି ୭ମାସ ହେବ ଆନ୍ଦୋଳନ ଚଳାଇଛନ୍ତି କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ରୋଗୀ। ୧୨ଦିନ ହେବ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣାରେ ବସିବା ପରେ ସେମାନେ ଶନିବାରଠାରୁ ରାସ୍ତାକୁ ଓହ୍ଲାଇଛନ୍ତି। ଏଜି ଛକରୁ ରାଜଭବନ ରାସ୍ତାକୁ ଦୁଇ ପାର୍ଶ୍ୱରୁ ଅବରୋଧ କରି ଦିବାରାତ୍ର ବସି ରହିଥିବାରୁ ଉକ୍ତବାଟ ଦେଇ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏପଟେ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ସରକାର। ରବିବାର ଲୋକସେବା ଭବନ ସଭାଗୃହରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ରୋଗୀଙ୍କ ନିମନ୍ତେ ଔଷଧ ଯୋଗାଣ ସ୍ଥିତିର ସମୀକ୍ଷା କରି କହିଛନ୍ତି, ଓଡ଼ିଶା ଷ୍ଟେଟ୍ ମେଡିକାଲ କାଉନ୍‌ସିଲ୍ ଲିମିଟେଡ୍ (ଓଏସ୍‌ଏମ୍‌ସିଏଲ୍) ଦ୍ୱାରା ନିରାମୟ କାଉଣ୍ଟରରେ ବିତରଣ କରାଯାଉଥିବା ଔଷଧ ପ୍ରଭାବଶାଳୀ। ଉକ୍ତ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା ଏକ୍ସପର୍ଟ କମିଟି ସୂଚନା ଦେଇଛନ୍ତି। ତେଣୁ କିଡ୍‌ନୀ ରୋଗୀଙ୍କ ମନ ପସନ୍ଦର ଭିନ୍ନ ଭିନ୍ନ ଔଷଧ ଦେବା ସମ୍ଭବ ନୁହେଁ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି।

ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ରୋଗୀଙ୍କ ପାଇଁ କିଣାଯାଉଥିବା ଔଷଧର ଗୁଣାତ୍ମକ ମାନ, କ୍ରୟ ଓ ଯୋଗାଣ ସମ୍ବନ୍ଧିତ ତଥ୍ୟ ରଖିଥିଲେ। ଏଥିସହ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ରୋଗୀମାନେ ଔଷଧର ଗୁଣାତ୍ମକ ମାନକୁ ନେଇ ଉଠାଉଥିବା ଅଭିଯୋଗ ଉପରେ ଆଲୋଚନା କରାଯାଇଥିଲା। କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ଅପରେଶନ ଓ ପରବର୍ତ୍ତୀ ଚିକିତ୍ସା ପାଇଁ ଆବଶ୍ୟକ ସମସ୍ତ ଔଷଧ ସରକାରୀ ମେଡ଼ିକାଲ କଲେଜ ଏବଂ ଡାକ୍ତରଖାନାର ନିରାମୟ କାଉଣ୍ଟର ମାଧ୍ୟମରେ ମାଗଣାରେ ଦିଆଯାଉଛି। ଏହି ସମସ୍ତ ଔଷଧର ଗୁଣାତ୍ମକ ମାନ ଏନ୍‌ଏବିଏଲ୍ ସ୍ୱୀକୃତ ପରୀକ୍ଷାଗାର ଦ୍ୱାରା ପ୍ରମାଣିତ ହୋଇଥାଏ। ଔଷଧ କିଣାଯିବା ପୂର୍ବରୁ ନିର୍ଭରଯୋଗ୍ୟ ବୈଜ୍ଞାନିକ ପଦ୍ଧତିରେ ଏହାର ଗୁଣାତ୍ମକ ମାନ ଯାଞ୍ଚ କରାଯାଏ। ସବୁଠାରୁ ଅଧିକ ଫଳଦାୟୀ ଓ ପାର୍ଶ୍ୱପ୍ରତିକ୍ରିୟା ନ ଥିବା ଔଷଧକୁ ରାଜ୍ୟ ଔଷଧ ନିଗମ ସ୍ୱଚ୍ଛ ଅନ୍‌ଲାଇନ୍ ପ୍ରକ୍ରିୟାରେ କିଣି ଆବଶ୍ୟକ ପରିମାଣରେ ଯୋଗାଇ ଥାଆନ୍ତି। ବର୍ତ୍ତମାନ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ୍ ମାଧ୍ୟମରେ ୧୨୦ ଜଣ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ରୋଗୀଙ୍କ ଅପରେଶନ ପରବର୍ତ୍ତୀ ଚିକିତ୍ସା ଚାଲୁ ରହିଛି। ସେମାନଙ୍କ ମଧ୍ୟରୁ ୭୫% ଅର୍ଥାତ୍ ୯୦ଜଣ ରୋଗୀ ନିରାମୟ ମାଧ୍ୟମରେ ଦିଆଯାଉଥିବା ଔଷଧ ଖାଉଛନ୍ତି। ଏମାନେ କେବେ ଔଷଧର ପାର୍ଶ୍ୱପ୍ରତିକ୍ରିୟା ବିଷୟରେ କୌଣସି ଅଭିଯୋଗ କରିନାହାନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ମଧ୍ୟ ଉନ୍ନତି ହେଉଛି। ତେଣୁ ନିରାମୟ ମାଧ୍ୟମରେ ଯୋଗାଯାଉଥିବା ଔଷଧର ଗୁଣାତ୍ମକ ମାନ ବିଷୟରେ କୌଣସି ବୈଷୟିକ କମିଟି ସନ୍ଦେହ ପ୍ରକଟ କରିନାହାନ୍ତି। ଏପରିକି ଏହି ଔଷଧକୁ ନେଫ୍ରୋଲୋଜି, ରେମାଟୋଲୋଜି ଏବଂ ଡେର୍‌ମାଟୋଲୋଜି ଆଦି ବିଭାଗରେ ରୋଗୀଙ୍କୁ ଦିଆଯାଉଛି। କୌଣସି ରୋଗୀଙ୍କଠାରେ କିଛି ପାର୍ଶ୍ୱପ୍ରତିକ୍ରିୟା ହୋଇ ନ ଥିବା ବୈଠକରେ ଡାକ୍ତରମାନେ ମତ ଦେଇଥିଲେ। ଆଲୋଚନାରେ ଫାର୍ମାକୋ ଭିଜିଲାନ୍ସ କମିଟି ସଦସ୍ୟ, ବରିଷ୍ଠ ଭେଷଜ ପ୍ରଫେସର, ସ୍ପେଶାଲିଷ୍ଟଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୁଣେ-ବେଙ୍ଗାଲୁରୁ ରାସ୍ତାରେ ୪୮ ଗାଡ଼ି ମଧ୍ୟରେ ଧକ୍କା

ନୂଆଦିଲ୍ଲୀ,୨୦।୧୧

ପୁଣେ-ବେଙ୍ଗାଲୁରୁ ଜାତୀୟ ରାଜପଥର ଏକ ବ୍ରିଜ୍ ଉପରେ ୪୮ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଛନ୍ତି। ରବିବାର ରାତି ୯ଟାରେ ନାଭାଲେ ବ୍ରିଜ୍‌ରେ ଏହି ଦୁର୍ଘଟଣା ଘଟିଥିବା ପୁଣେ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଅଗ୍ନିଶମ କର୍ମଚାରୀଙ୍କ ସମେତ ପୁଣେ ମେଟ୍ରୋପଲିଟାନ ଆଞ୍ଚଳିକ ଉନ୍ନୟନ କର୍ତ୍ତୃପକ୍ଷର କର୍ମଚାରୀମାନେ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଖବର ଅନୁଯାୟୀ ଏକ କଣ୍ଟେନରର ବ୍ରେକ୍ ଫେଲ୍ ହେବାରୁ ଏହା ଅନେକ ଗାଡ଼ିକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ଯୋଗୁ ରାସ୍ତାରେ ତେଲ ଢାଳିହୋଇ ଖସଡ଼ା ହେବାରୁ ଅନ୍ୟ ଗାଡ଼ିଗୁଡ଼ିକ ପରସ୍ପର ସହ ପିଟିହୋଇଯାଇଥିଲେ। ଦୁର୍ଘଟଣା ଯୋଗୁ ରାଜପଥରେ ୨ କିଲୋମିଟର ଯାଏ ଟ୍ରାଫିକ ଜାମ୍ ହୋଇଛି। ଆହତମାନଙ୍କୁ ନିକଟସ୍ଥ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ରାଜ୍ୟରେ ପ୍ରଥମ | ପୁରୀରେ ହେବ ଟ୍ରାନ୍ସଜେଣ୍ଡର ଶେଲ୍ଟର ହୋମ୍

ପୁରୀ ଅଫିସ, ୨୦।୧୧

ଏବେ ବି ସମାଜରେ ଟ୍ରାନ୍ସଜେଣ୍ଡରମାନେ ଅବହେଳିତ ଓ ତାଡ଼ନାଗ୍ରସ୍ତ। ଫଳରେ ଅଧିକାଂଶ ଟ୍ରାନ୍ସଜେଣ୍ଡର ସମାଜଠାରୁ ନିଜକୁ ଦୂରେଇ ରଖିବା ସହ ଗୁଜୁରାଣ ମେଣ୍ଟାଇବା ପାଇଁ କେତେବେଳେ ଭିକ୍ଷା ବୃତ୍ତି ତ ଆଉ କେବେ ଅନୈତିକ କାର୍ଯ୍ୟ କରିବାକୁ ବାଧ୍ୟ ହୋଇଥାନ୍ତି। ଏହା ସେମାନଙ୍କୁ ସମ୍ମାନଜନକ ଜୀବନଶୈଳୀ ଦେଇପାରେ ନାହିଁ। ତେଣୁ ଅନେକେ ସମାଜର ପ୍ରତ୍ୟାଖ୍ୟାନ ଓ ତାଡ଼ନା ସହି ନ ପାରି ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥାନ୍ତି କିମ୍ବା ସାମାଜିକ କ୍ରୂରତାର ଶିକାର ହୋଇ ମୃତ୍ୟୁବରଣ କରିଥାନ୍ତି। ଦିବଂଗତ ଟ୍ରାନ୍ସଜେଣ୍ଡରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ପ୍ରତିବର୍ଷ ନଭେମ୍ବର ୨୦କୁ ବିଶ୍ୱ ଟ୍ରାନ୍ସଜେଣ୍ଡର ସ୍ମୃତି ଦିବସ ଭାବେ ପାଳନ କରାଯାଇଥାଏ ବୋଲି ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ 'ଦି ବେଲ୍' ଏବଂ ସାମାଜିକ ଅନୁଷ୍ଠାନ 'ସାଥୀ'ର ମିଳିତ ଉଦ୍ୟମରେ ନୀଳାଚଳ ଅର୍ବାନ ହାଟ ମୁକ୍ତାକାଶ ରଙ୍ଗମଞ୍ଚରେ ରବିବାର ବିଶ୍ୱ ଟ୍ରାନ୍ସଜେଣ୍ଡର ସ୍ମୃତି ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା ଯୋଗଦେଇ ଦିବଂଗତ ଆତ୍ମାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ପ୍ରାୟୋଜିତ ସ୍ୱୀକୃତି ଯୋଜନାର ଶୁଭାରମ୍ଭ କରିଥିଲେ। କିନ୍ନରଙ୍କ ବିଭିନ୍ନ ସମସ୍ୟାର ସମାଧାନ ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ଖୁବ୍‌ଶୀଘ୍ର ପୁରୀରେ ରାଜ୍ୟର ପ୍ରଥମ ଟ୍ରାନ୍ସଜେଣ୍ଡର ଶେଲ୍‌ଟର ହୋମ୍ କରାଯିବ ବୋଲି ଜିଲାପାଳ କହିଥିଲେ। ଜିଲାର ଟ୍ରାନ୍ସଜେଣ୍ଡରମାନଙ୍କୁ ସ୍ୱୀକୃତି ଯୋଜନା ମାଧ୍ୟମରେ ଜୀବନଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଯୋଗାଇଦେଇ ସମାଜ ମୁଖ୍ୟସ୍ରୋତରେ ସାମିଲ୍ କରାଯିବାକୁ ପ୍ରୟାସ ଆରମ୍ଭ ହେବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୁରୀ କିନ୍ନର ସଂଘର ସଭାପତି ଦେବକୀ କିନ୍ନର, ସମ୍ପାଦିକା ପୂଜା କିନ୍ନର ଏବଂ ଟ୍ରାନ୍ସଜେଣ୍ଡରଙ୍କ ସୁରକ୍ଷା ପାଇଁ କାର୍ଯ୍ୟରତ ସାମାଜିକ କର୍ମୀ ସନ୍ତୋଷ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଦିବଂଗତ ଟ୍ରାନ୍ସଜେଣ୍ଡରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଦି ବେଲ୍ ଆବାହକ ସିଦ୍ଧାର୍ଥ ରାୟ ସଂଯୋଜନା କରିଥିବା ବେଳେ ସାଥୀ ଅନୁଷ୍ଠାନର ସହନିର୍ଦ୍ଦେଶକ ବିଶ୍ୱଭୂଷଣ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଶର୍ମିଷ୍ଠା ଦାସ, ବ୍ଲାକ କୁଇନ୍, ପିହୁ, ରଶ୍ମି, ସୁପ୍ରୀତି ନାୟକ, ଟିଙ୍କିନା ପ୍ରଧାନ, ସତ୍ୟନାରାୟଣ ସାହୁ, ଓମ୍ ପ୍ରସାଦ ମହାନ୍ତି ଏବଂ ଅମର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ବିଶ୍ୱ ଟ୍ରାନ୍ସଜେଣ୍ଡର ସ୍ମୃତି ଦିବସ ପାଳନ ଅବସରରେ ସ୍ୱୀକୃତି ଯୋଜନାର ଶୁଭାରମ୍ଭ କରାଯାଉଛି।

# ସଂଳାପକାର ନନ୍ଦଲାଲ ମହାପାତ୍ରଙ୍କ ପରଲୋକ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ବିଶିଷ୍ଟ କାହାଣୀକାର, ଲେଖକ, ସଂଳାପକାର, ଚଳଚ୍ଚିତ୍ର ତଥା ଧାରାବାହିକ ନିର୍ଦ୍ଦେଶକ ନନ୍ଦଲାଲ ମହାପାତ୍ରଙ୍କ ୭୫ବର୍ଷ ବୟସରେ ରବିବାର ଭୁବନେଶ୍ୱରର ଏକ ହସ୍ପିଟାଲରେ ପରଲୋକ ଘଟିଛି। ସେ ହୃଦ୍‌ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ସେ ୧୯୪୭ରେ ଜଗତ୍‌ସିଂହପୁରରେ ଜନ୍ମ ଗ୍ରହଣ କରିଥିଲେ। ଚାକିରି କରୁଥିବାବେଳେ ମଞ୍ଚ ନାଟକ ପ୍ରତି ତାଙ୍କର ଆଗ୍ରହ ଜନ୍ମିଥିଲା। ପରବର୍ତ୍ତୀ ସମୟରେ ଚଳଚ୍ଚିତ୍ର ଜଗତରେ ପ୍ରବେଶ କରିଥିଲେ। ତାଙ୍କ ଲିଖିତ ଚଳଚ୍ଚିତ୍ର ଶୀତ ରାତି, କ୍ଳାନ୍ତ ଅପରାହ୍ନ, ମଝି ପାହାଚ, କିଛି ସ୍ମୃତି କିଛି ଅନୁଭୂତି, ନୀରବ ଝଡ଼, ଅନ୍ଧ ଦିଗନ୍ତ, ନିଶିଥ ସ୍ୱପ୍ନ, ଭିନ୍ନ ସମୟ, କୁହୁଡ଼ି, ତ୍ରିସନ୍ଧ୍ୟା, ଅଗ୍ନି ବୀଣା, ଭିଜା ମାଟିର ସ୍ୱର୍ଗ, ଗାଁର ନାଁ ଗାଲୁଆପୁ ଆଦି ବିଶେଷ ଲୋକପ୍ରିୟ ଥିଲା। 'ଗାଁର ନାଁ ଗାଲୁଆପୁର' ତାଙ୍କର ଶେଷ ଚଳଚ୍ଚିତ୍ର ରହିଥିବାବେଳେ ୮ଟି ଚଳଚ୍ଚିତ୍ର ଜାତୀୟ ପୁରସ୍କାର ଲାଭ କରିଥିଲା। 'ଭିଜା ମାଟିର ସ୍ୱର୍ଗ' ବିଭିନ୍ନ ବିଭାଗରେ ସମୁଦାୟ ୬ଟି ରାଜ୍ୟସ୍ତରୀୟ ପୁରସ୍କାର ପାଇଥିଲା। ତେବେ ଚଳଚ୍ଚିତ୍ର 'ବନ୍ଧୁ ଜଗବନ୍ଧୁ' ପାଇଁ ସଂଳାପ ଲେଖିସାରିଥିଲେ ମଧ୍ୟ ତାହାର ନିର୍ମାଣ ଅଧା ରହିଛି। ସେହିଭଳି ବିଭିନ୍ନ ଚ୍ୟାନେଲ ପାଇଁ ଅନେକ ଧାରାବାହିକ ଲେଖିବା ସହିତ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ଏଥିମଧ୍ୟରେ ସମାନ୍ତରା, ଖୋଳପା, ସୀମାରେଖା, ସମ୍ପର୍କ, ଗୁରୁବାରୀ, ଦୁଃସମୟ ଆଦି ଅନ୍ୟତମ। ଫିଲ୍ମ ନିର୍ମାତା ପଦ୍ମଶ୍ରୀ ସ୍ୱର୍ଗତ ମନମୋହନ ମହାପାତ୍ରଙ୍କ ସେ ମୁଖ୍ୟ ସହଯୋଗୀ ଥିଲେ। ଅନେକ କଳାକାର ତଥା ସହଯୋଗୀ ନିର୍ଦ୍ଦେଶକ ତାଙ୍କ ହାତରେ ସୃଷ୍ଟି ହୋଇଛନ୍ତି। ୨୦୧୮ରେ ସେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶ୍ରେଷ୍ଠ ସଂଳାପ ଲେଖକ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୧୯୮୮ରେ 'କିଛି ସ୍ମୃତି କିଛି ଅନୁଭୂତି' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ଚିତ୍ରନାଟ୍ୟ ଓ ସଂଳାପ ପୁରସ୍କାର, ୧୯୮୯ରେ 'ତ୍ରିସନ୍ଧ୍ୟା' ପାଇଁ ଶ୍ରେଷ୍ଠ କାହାଣୀ ଲେଖକ ଭାବେ ଏକାଦଶ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ତାଙ୍କ ପରଲୋକରେ ଓଡ଼ିଆ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି।



ନନ୍ଦଲାଲ ମହାପାତ୍ର

## ପ୍ରଥମ ପୃଷ୍ଠାରୁ...

### କ୍ଷତିପୂରଣ କରିବେ ...

ଦୋହରାଇଥିଲା। ଏନେଇ କପ୍‌୨୭ର ଚୂଡ଼ାନ୍ତ ବିବୃତିରେ କୁହାଯାଇଛି ଯେ, କୋଇଲା ଶକ୍ତିର ଅନିୟନ୍ତ୍ରିତ ବ୍ୟବହାରକୁ ପର୍ଯ୍ୟାୟକ୍ରମେ ହ୍ରାସ ଏବଂ ଜୀବାଶ୍ମ ଇନ୍ଧନ କ୍ଷେତ୍ରରେ ଦିଆଯାଉଥିବା ରହାତିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦିଗରେ ନିଆଯାଉଥିବା ପଦକ୍ଷେପକୁ ତ୍ୱରାନ୍ୱିତ କରାଯିବ। କିନ୍ତୁ ପୃଥିବୀରେ ଉତ୍ତାପ ସୃଷ୍ଟିକାରୀ ଉଷ୍ମତା ହ୍ରାସ ସକାଶେ ଆଖିଦୃଶିଆ ପଦକ୍ଷେପ ଉପରେ କୌଣସି ସହମତି ପ୍ରକାଶ ପାଇନାହିଁ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, କ୍ଷୟକ୍ଷତି ପାଣ୍ଠି ଗଠନ ସହ ଜାତିସଂଘ ଜଳବାୟୁ ସମ୍ମିଳନୀ 'ନ୍ୟାୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ' ନେଇଛି। ତେବେ ବିଶ୍ୱତାପନର ମୁକାବିଲା ପାଇଁ ଅଙ୍ଗାରକାମ୍ଳ ଉତ୍ସର୍ଜନ ହ୍ରାସ କ୍ଷେତ୍ରରେ ସଫଳତା ମିଳିନାହିଁ। ଆମ ପୃଥିବୀ ଏବେ ମଧ୍ୟ 'ଏମର୍ଜେନ୍ସି ରୁମ୍'ରେ ରହିଛି। ଉତ୍ସର୍ଜନକୁ କମ୍ କରିବା ଲାଗି କଠୋର ପଦକ୍ଷେପ ନିଆଯିବା ଆବଶ୍ୟକ। ଏହା ଉପରେ କପ୍‌୨୭ରେ ସହମତି ପ୍ରକାଶ ପାଇନାହିଁ। ୟୁରୋପିଆନ୍ କମିଶନ ଭାଇସ୍ ପ୍ରେସିଡେଣ୍ଟ ଫ୍ରାନ୍ସ ଟିମରମ୍ୟାନ୍ସ କହିଛନ୍ତି, ୟୁରୋପୀୟ ସଂଘ ନିରାଶ ହୋଇଛି। ହେଲେ ୮୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ର ଏକ ଦୃଢ଼ତାର ଉତ୍ସର୍ଜନ ପ୍ରତିଜ୍ଞାକୁ ସମର୍ଥନ କରିଛନ୍ତି। ପାକିସ୍ତାନର ଜଳବାୟୁ ମନ୍ତ୍ରୀ ଶେରି ରେହମାନ କହିଛନ୍ତି, ବିଶ୍ୱର ବିପଦରେ ଥିବା ଓ କ୍ଷତିଗ୍ରସ୍ତ ଦେଶଗୁଡ଼ିକର ସ୍ୱରକୁ କପ୍‌୨୭ରେ ଶୁଣାଯାଇଛି। ଏହି ଲକ୍ଷ୍ୟ ହାସଲ ପାଇଁ ଆମେ ୩୦ ବର୍ଷ ଧରି ସଂଘର୍ଷ କରିଛୁ। ଶର୍ମ ଏଲ୍-ଶେଖ୍ ଏହି ଯାତ୍ରା ପ୍ରଥମ ସକାରାତ୍ମକ ମାଇଲଖୁଣ୍ଟ ଅତିକ୍ରମ କରିଛି ବୋଲି ରେହମାନ କହିଛନ୍ତି। ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରଖିବା ନେଇ ପ୍ରତିଶ୍ରୁତିବଦ୍ଧତା ଉପରେ ସମ୍ମିଳନୀରେ କୌଣସି ସହମତି ପ୍ରକାଶ ପାଇ ନ ଥିବାରୁ ବ୍ରିଟେନ ନୈରାଶ୍ୟ ବ୍ୟକ୍ତ କରିଛି। ଗତବର୍ଷ ଗ୍ଲାସ୍‌ଗୋର କପ୍‌୨୬ରେ ଅଧ୍ୟକ୍ଷତା କରିଥିବା ବ୍ରିଟେନର ଆଲୋକ ଶର୍ମାଙ୍କ ମତରେ ଶେଷ ମୁହୂର୍ତ୍ତରେ ଶକ୍ତି ସମ୍ପର୍କିତ ପ୍ରସ୍ତାବ ଦୁର୍ବଳ ହୋଇଯାଇଥିଲା। ଜର୍ମାନୀର ବହିର୍ବ୍ୟାପାର ମନ୍ତ୍ରୀ ଆନ୍ନାଲେନା ବାଏରବୋକ୍ କହିଛନ୍ତି, ଉତ୍ସର୍ଜନ ହ୍ରାସ ଏବଂ ଜୀବାଶ୍ମ ଇନ୍ଧନର ବ୍ୟବହାରକୁ ଫେଜ୍ ଆଉଟ୍ କରିବା ନେଇ ରହିଥିବା ପ୍ରସ୍ତାବ ଆଗରେ ଅନେକ ବୃହତ୍ ଉତ୍ସର୍ଜନକାରୀ ତଥା ତୈଳ ଉତ୍ପାଦନକାରୀ ରାଷ୍ଟ୍ର ପ୍ରତିବନ୍ଧକ ସାଜିଥିଲେ।

### ଓଡ଼ିଆ ଭାଷା ...

ସେହିପରି ହାଇସ୍କୁଲ ସଂଖ୍ୟା ୧୧୩। ଏସବୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ୧ ଲକ୍ଷ ୩୦ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଅନୁରୂପ ଭାବେ ମଙ୍ଗଳ ବିଭାଗ ଅଧୀନରେ ୪୦ରୁ ଊର୍ଦ୍ଧ୍ୱ ସେବାଶ୍ରମ ବିଦ୍ୟାଳୟରେ ୪୦,୦୦୦ ଛାତ୍ରୀଛାତ୍ର ଅଛନ୍ତି। ମୋଟ ଉପରେ ପ୍ରାୟ ୯୫ ହଜାର ଛାତ୍ରୀଛାତ୍ର ଜନଜାତି ସମ୍ପ୍ରଦାୟର। ତେବେ ମାତ୍ର ୫୩ ବହୁଭାଷୀ ଶିକ୍ଷକ ସମଗ୍ର ଜିଲାରେ ନିଯୁକ୍ତି ଦିଆଯାଇଛି, ଯାହ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ପଡ଼ିଆ ବ୍ଲକ ପାଇଁ ୪୫ ଏବଂ ଖଇରପୁଟ ବ୍ଲକ ପାଇଁ ୮ ଜଣ ଥିବାବେଳେ ଅନ୍ୟ ବ୍ଲକ କଥା ରାଜ୍ୟ ସରକାର ଭୁଲିଯାଇଛନ୍ତି, ଯାହା ଆଦିବାସୀ ପିଲାଙ୍କୁ ଓଡ଼ିଆ ଭାଷାରୁ ବିମୁଖ କରୁଥିବା ଅଭିଯୋଗ ହେଉଛି। ଏନେଇ ଜିଲା ଶିକ୍ଷାଧିକାରୀ ମାନସ ଜେନାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ମତାମତ ମିଳିପାରିନାହିଁ।

ଏ ସଂକ୍ରାନ୍ତରେ ବହୁଭାଷୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଉଥିବା ଶିକ୍ଷକ ଭୋଳାନାଥ ରାୟ କୁହନ୍ତି, ଆଦିବାସୀ ପିଲା ପଢୁଥିବା ପ୍ରତି ସ୍କୁଲରେ ବହୁଭାଷୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ଆବଶ୍ୟକ। ଫଳରେ ଆଦିବାସୀ ଛାତ୍ରୀଛାତ୍ର ଓଡ଼ିଆ ଲିପି ଏବଂ ଭାଷା ସହିତ ଯୋଡ଼ି ହୋଇପାରିବେ। ଠିକ୍ ଭାବେ ଓଡ଼ିଆ ଶବ୍ଦ ଉଚ୍ଚାରଣ ମଧ୍ୟ କରିପାରିବେ। ଏ ଦିଗରେ ଅଭିଭାବକଙ୍କୁ ମଧ୍ୟ ସଚେତନ କରାଇବା ଜରୁରୀ। ତେବେ ଜିଲାରେ ନିଯୁକ୍ତିପ୍ରାପ୍ତ ମାତ୍ର ୫୩ ବହୁଭାଷୀ ଶିକ୍ଷକଙ୍କ ପକ୍ଷେ ପାଖାପାଖି ୧ ଲକ୍ଷ ବଣ୍ଡା, କୋୟା, ଡିଡାଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବା ଅସମ୍ଭବ। ଫଳରେ ପିଲାମାନେ ଭାଷାଗତ ସମସ୍ୟାରେ ପଡୁଛନ୍ତି। କେତେକ କ୍ଷେତ୍ରରେ ଅଧାରୁ ପାଠ ଛାଡ଼ି ଦେଉଛନ୍ତି ଅଥବା ଓଡ଼ିଆ ଭାଷା ଛାଡ଼ି ଅନ୍ୟ ଭାଷାରେ ପଢ଼ିବା ପାଇଁ ଆଗ୍ରହୀ ହେଉଛନ୍ତି।

ବହୁଭାଷୀ ଶିକ୍ଷା ସହାୟକ ସଂଘ ସଭାପତି ମୁଡ଼ା ମାଡ଼କାମୀ କହିଛନ୍ତି, ଆଦିବାସୀଙ୍କୁ ବହୁମୁଖୀ ଶିକ୍ଷାଦାନ ପାଇଁ ଓଡ଼ିଆ, ବଣ୍ଡା ଏବଂ କୋୟା ଭାଷାରେ ପୁସ୍ତକ ପ୍ରକାଶିତ ହୋଇଛି। ହେଲେ ଶିକ୍ଷକଙ୍କୁ ଦିଆଯାଉଥିବା ପାରିଶ୍ରମିକ ଅତି ସ୍ୱଳ୍ପ। ଏ କ୍ଷେତ୍ରରେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ର ପ୍ରାଥମିକ ଶିକ୍ଷାକୁ ନେଇ ସମସ୍ୟାରେ ପଡୁଛନ୍ତି। ଆନ୍ଧ୍ର ଭଳି ଓଡ଼ିଶା ସରକାର ରାଜ୍ୟର ସୀମାନ୍ତ ଜିଲାରେ ଅଧିକ ସଂଖ୍ୟାରେ ବହୁଭାଷୀ ଶିକ୍ଷକ ନିଯୁକ୍ତି ସହ ସେମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଲେ ଜିଲାର ଛାତ୍ରୀଛାତ୍ରମାନେ ଓଡ଼ିଆ ଭାଷା ପ୍ରତି ଆକୃଷ୍ଟ ହୁଅନ୍ତେ।

### ରାଜ୍ୟରେ ୨୨୧ ବହୁଭାଷୀ ଶିକ୍ଷକ

ରାଜ୍ୟରେ ୨୦୦୭-୦୮ରେ ଅନୁସୂଚିତ ଜନଜାତିର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଭିମୁଖୀ କରାଇବା ଉଦ୍ଦେଶ୍ୟରେ ବହୁଭାଷୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ଜନଜାତିବହୁଳ ଅଞ୍ଚଳର ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁକୂଳ ଶିକ୍ଷାଦାନ ଏବଂ ଅନୁସୂଚିତ ଜନଜାତି ପିଲାଙ୍କୁ ନିଜ ମାତୃଭାଷାରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ସୃଷ୍ଟି ପାଇଁ କନ୍ଧମାଳ, ମାଲକାନଗିରି, ମୟୂରଭଞ୍ଜ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାରେ ୨୨୧ ବହୁଭାଷୀ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ୨୦୨୦ରୁ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସେମାନେ ମାସିକ ୩,୨୦୦ ଟଙ୍କା ପାରିଶ୍ରମିକ ପାଉଥିବାବେଳେ ଗତ ନଭେମ୍ବର ୪ରେ ରାଜ୍ୟ ସରକାର ସେମାନଙ୍କ ଦରମା ୫,୩୭୯ ଟଙ୍କାକୁ ବୃଦ୍ଧି କରିଛନ୍ତି। ତଥାପି ସ୍ୱଳ୍ପ ଦରମାରେ ସେମାନେ ପରିବାର ଚଳାଇବାରେ ସଂଘର୍ଷ କରୁଛନ୍ତି। ଓଡ଼ିଆ ଭାଷା ସଂରକ୍ଷଣରେ ସମ୍ପୃକ୍ତ ଶିକ୍ଷକମାନେ ଗୁରୁଦାୟିତ୍ୱ ତୁଲାଉଥିବାବେଳେ ଅଧିକ ପାରିଶ୍ରମିକ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେଲେ ଶିକ୍ଷାଦାନରେ ସେମାନଙ୍କ ଉତ୍ସାହ ବୃଦ୍ଧି ପାଇପାରନ୍ତା ବୋଲି ବୁଦ୍ଧିଜୀବୀ କହିଛନ୍ତି।

### ଟୁଇଟରକୁ ଫେରିଲେ ...

ରିଷ୍ଟାର୍ଟ ହେବାର ୩୦ମିନିଟ୍ ଭିତରେ ଫଲୋର୍ସ ସଂଖ୍ୟା ୨.୧ ନିୟୁତରେ ପହଞ୍ଚିଛି। ୨୦୨୧ ଜାନୁୟାରୀ ୬ରେ କ୍ୟାପିଟୋଲ୍ ହିଂସାକୁ ଟ୍ରମ୍ପ ଉସୁକାଇବା ନେଇ ଟୁଇଟରରେ ବହୁ ପୋଷ୍ଟ କରିଥିଲେ। ଟ୍ରମ୍ପଙ୍କ ଟୁଇଟର ଆକାଉଣ୍ଟକୁ ବ୍ୟାନ୍ କରାଯିବା କ୍ଷେତ୍ରରେ ଭାରତୀୟ-ଆମେରିକୀୟ ବଂଶୋଦ୍ଭବ ଆଇନଜୀବୀ ବିଜୟ ଗଡ୍ଡେଙ୍କ ବଡ଼ ଭୂମିକା ଥିବା କୁହାଯାଉଛି। କ୍ୟାପିଟୋଲ ହିଂସା ନେଇ ଟ୍ରମ୍ପ ଯେଉଁ ଟୁଇଟ୍ କରୁଥିଲେ, ପୁଣିଥରେ ବଡ଼ ଧରଣର ହିଂସାକାଣ୍ଡ ହେବାର ଆଶଙ୍କା ରହିଛି। ଏ ପ୍ରକାର ବିପର୍ଯ୍ୟୟ ସ୍ଥିତିକୁ ଦୂର କରିବା ଲାଗି ଟ୍ରମ୍ପଙ୍କ ଆକାଉଣ୍ଟକୁ ସ୍ଥାୟୀ ଭାବେ ସସ୍ପେଣ୍ଡ କରାଯିବା ଉଚିତ୍ କହି ସେ ଏକ ପୋଷ୍ଟ ଶେୟାର କରିଥିଲେ। ଏହାପରେ ଟୁଇଟରର ପୂର୍ବତନ ସିଇଓ ପରାଗ ଅଗ୍ରୱାଲ ଓ ଅନ୍ୟ ବରିଷ୍ଠ ଅଧିକାରୀ ଟ୍ରମ୍ପଙ୍କ ଆକାଉଣ୍ଟ ବ୍ୟାନ୍ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଗଜକେଶରୀ ଯୋଗ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ ସିଦ୍ଧି ସହ ଉଚ୍ଚ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ର, ପରିବହନ ପାଇଁ ଅନୁକୂଳ ନ ହେଲେ ମଧ୍ୟ ବାଣିଜ୍ୟ ଓ ବ୍ୟବସାୟ ପାଇଁ ଶୁଭପ୍ରଦ। ନୂତନ ଯୋଜନା କ୍ଷେତ୍ରରେ ଉଚ୍ଚ ଆଶା ଧରି ଆଗେଇବେ। କୃତ୍ତିକା ନକ୍ଷତ୍ର ଆନୁଷ୍ଠାନିକ କାମରେ ଶିଥିଳତା ଦେଖାଦେବ।

**ବୃଷ**
ମଙ୍ଗଳଙ୍କ କୁପ୍ରଭାବଜନିତ ଉତ୍ତେଜନାପ୍ରବଣ ହୋଇ କୌଣସି କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଯାହା କରିବା ପାଇଁ ଭାବୁଥିବେ ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ପରିସ୍ଥିତି ବଦଳି ଯାଇପାରେ। କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ।

**ମିଥୁନ**
ପାପଗ୍ରହ ଦୃଷ୍ଟ ଗୁରୁ ହେତୁ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ । କିନ୍ତୁ ନିର୍ମାଣ ଓ ଯାନବାହନ କ୍ରୟ ବିକ୍ରୟଜନିତ ଦୀର୍ଘଦିନର ଆଶା ଫଳବତୀ ହେବ। ଆଲୋଚନା କ୍ଷେତ୍ରରେ କିମ୍ବା ସଭାସମିତିରେ ସଫଳତା ପାଇବା ମଧ୍ୟ କଷ୍ଟକର ହୋଇପାରେ। ବନ୍ଧୁମାନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ।

**କର୍କଟ**
ରାଶିପ୍ରତି ଅନୁକୂଳ ଗ୍ରହସ୍ଥିତି କାରଣରୁ ଆଜି ତାହା ବାସ୍ତବରେ ପରିଣତ ହେବ। ନିଜ ବନ୍ଧୁ କିମ୍ବା ଆତ୍ମୀୟଙ୍କଠାରୁ ଆବଶ୍ୟକ ସାହାଯ୍ୟ ସହଯୋଗ ପାଇବେ। ପ୍ରକାଶନ, ସାମ୍ବାଦିକତା ତଥା ପ୍ରଶାସନିକ ସ୍ଥିତି ଭଲ ରହିବ। ବାଣିଜ୍ୟ ଓ ବ୍ୟବସାୟ ଅଧିକ ନ ହେଲେ ମଧ୍ୟ ବିଶେଷ କିଛି ଖରାପ ହେବନାହିଁ।

**ସିଂହ**
ଦ୍ୱିତୀୟଭାବସ୍ଥ ଚନ୍ଦ୍ର ଆପଣଙ୍କ ନରମ କଥା ଓ ସୁନ୍ଦର ବ୍ୟବହାର ଦ୍ୱାରା ଯାହା ଇଚ୍ଛା କରୁଥିଲେ ତାହା ପାଇଯିବେ। ଅହିତକର ନ ହେଲେ ମଧ୍ୟ କର୍ମକ୍ଷେତ୍ରରେ ସାମାନ୍ୟ ପରିବର୍ତ୍ତନର ସମ୍ଭାବନା ରହିଛି । ନୂତନ ବନ୍ଧୁଙ୍କ ସହ ସମ୍ପର୍କ ବୃଦ୍ଧି ପାଇବା କାରଣରୁ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରିବେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା**
ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିବେ କିନ୍ତୁ ମନ ଅସ୍ଥିର ରହିବ । ଫେରିବା ବାଟରେ ବନ୍ଧୁତ୍ୱ ସୃଷ୍ଟି ହୋଇଯିବ। ଚିତ୍ରା ନକ୍ଷତ୍ରର ସାମାଜିକ କ୍ଷେତ୍ରରେ ଉଚ୍ଚବାଚ ଘଟିପାରେ। ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ। ଯାନବାହନ, ଘର ମରାମତିରେ ବ୍ୟସ୍ତ ରହିପାରନ୍ତି। ବାଣିଜ୍ୟ ଓ ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ।

**ତୁଳା**
ବ୍ୟୟାଧିପ ରାଶିସ୍ଥ ଯୋଗୁ ଆମନ୍ତ୍ରିତ ଅତିଥି ଭାବରେ ସୁଯୋଗ ପାଇ ଉଚ୍ଚସ୍ତରରୁ କିମ୍ବା ସଭାସମିତିରୁ ସମ୍ମାନିତ ହେବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି । ପାଖ ପଡ଼ୋଶୀମାନେ ହତାଦର ମନୋଭାବ ପୋଷଣ କରିବେ। ସ୍ୱାତୀ ନକ୍ଷତ୍ର ସକାଶେ ଆଜିର ସମୟଟି କେତେକ ଦୃଷ୍ଟିକୋଣରୁ ଖୁସିରେ କଟିବ।

**ବିଛା**
ପାପଗ୍ରହ କବଳିତ ରାଶି ହେତୁ ଅସୁବିଧା ନ ଥିଲେ ମଧ୍ୟ ମନ ଅନୁଯାୟୀ କୌଣସି କାମ ହୋଇପାରିବନାହିଁ। ତଥାପି ସମସ୍ୟାର ସରଳ ସମାଧାନର ଉପାୟ ବାହାର କରିବାରେ ସଫଳ ହେବେ। ବ୍ୟବସାୟିକ କାରବାର ବୃଦ୍ଧି ପାଇବା ସାଙ୍ଗକୁ ଆର୍ଥିକ ସ୍ୱଚ୍ଛଳତା ଫେରିଆସିବ । ଗୁରୁବର୍ଗଙ୍କ ପ୍ରେରଣାରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**ଧନୁ**
ମଙ୍ଗଳ ଷଷ୍ଠ ସ୍ଥାନରେ ଥିବାରୁ ସନ୍ତାନଙ୍କ ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ଅନୁତାପ କରିବାକୁ ପଡ଼ିପାରେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପରିବାର ଭିତରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ।

**ମକର**
ତୃତୀୟସ୍ଥ ବୃହସ୍ପତି ପ୍ରଭାବରୁ ଗ୍ୟାଷ୍ଟ୍ରିକ୍ କିମ୍ବା ଅଜୀର୍ଣ୍ଣଜନିତ ପେଟଗୋଳମାଳ ପୀଡ଼ା ଅନୁଭବ କରିବେ। ପ୍ରିୟ ବନ୍ଧୁ ସହ ସମ୍ପର୍କ ଛିନ୍ନ ହୋଇପାରେ। ଲୋକସମ୍ପର୍କ ବୃଦ୍ଧି ପାଇବ, କିନ୍ତୁ କେତେକ ଈର୍ଷାପରାୟଣ ବ୍ୟକ୍ତିମାନଙ୍କ ସକାଶେ ଟେନସନ ବଢ଼ିଯିବ । ମାଙ୍ଗଳିକ କାମର ପ୍ରସ୍ତୁତି ସାଙ୍ଗକୁ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ଶୁଭଫଳ ପାଇବେ।

**କୁମ୍ଭ**
ଏକାଦଶଭାବର ଶୁଭତ୍ୱ କାରଣରୁ ସାମଗ୍ରିକ କ୍ଷେତ୍ରରେ ଅଭିଳାଷ ପୂରଣ ହେବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସଭାସମିତିରେ ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। କାରିଗରି, ସାମ୍ବାଦିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ।

**ମୀନ**
ଆଜି ଭଲ ଓ ମନ୍ଦର ମିଶ୍ରିତ ଫଳ ଅନୁଭବରେ ଆସିପାରେ। ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା, ଅନୁରାଗ ଫେରାଇ ଆଣିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ବିଭିନ୍ନ ଦିଗରୁ ଲାଭବାନ ହେବେ। ମାମଲାମକଦ୍ଦମା କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

ଆଜି ନଭେମ୍ବର ୨୧ ତାରିଖ, ମାର୍ଗଶିର କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ସୋମବାର, ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ, ବୈଜ୍ଞାନିକ ସି.ଭି.ରମଣଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର ଘ.୧୨/୨୮ ମି. ପରେ ସ୍ୱାତୀ/ତୁଳା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬/୦୨ ଗତେ, ଘ.୦୭/୨୪ ମଧ୍ୟେ, ଘ.୦୮/୫୮ ଗତେ, ଘ.୧୧/୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭/୨୪ ଗତେ, ଘ.୦୮/୪୭ ମଧ୍ୟେ ରାହୁକାଳ।

**ଏଏପିରେ ଯୋଗଦେଲେ ପୂର୍ବତନ କଂଗ୍ରେସ ଏମ୍‌ପି**

ନୂଆଦିଲ୍ଲୀ: ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ନିର୍ବାଚନ ପୂର୍ବରୁ ପୂର୍ବତନ କଂଗ୍ରେସ ଏମ୍‌ପି ତଥା ୩ ଥରର ବିଧାୟକ ମହାବଳ ମିଶ୍ର ରବିବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି)ରେ ଯୋଗଦେଇଛନ୍ତି। ପୂର୍ବାଞ୍ଚଳ ସମ୍ପ୍ରଦାୟର ଏହି ପ୍ରଭାବଶାଳୀ ନେତା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଉପସ୍ଥିତିରେ ଶାସକ ଦଳରେ ସାମିଲ ହୋଇଛନ୍ତି। ମହାବଳ ହେଉଛନ୍ତି ଦ୍ୱାରକାର ଏଏପି ବିଧାୟକ ବିନୟ ମିଶ୍ରଙ୍କ ପୁଅ। ଡିସେମ୍ବର ୪ରେ ଏମ୍‌ସିଡିର ୨୫୦ ୱାର୍ଡରେ ଭୋଟଗ୍ରହଣ କରାଯାଇ ୭ରେ ଫଳ ପ୍ରକାଶ ପାଇବ।


ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ନିର୍ବାଚନ ପରିପ୍ରେକ୍ଷୀରେ ନୂଆଦିଲ୍ଲୀ ପାହାଡ଼ଗଞ୍ଜଠାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡ଼ିଆ ପ୍ରଚାର କରୁଛନ୍ତି।

# ବହୁ ଆସନରେ ଭାଜପାର ବିଦ୍ରୋହୀ ପ୍ରାର୍ଥୀ

**ଗୁଜରାଟ ନିର୍ବାଚନ**

ଗାନ୍ଧୀନଗର,୨୦।୧୧(ଆଇଏଏନ୍‌ଏସ୍)

ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ସୌରାଷ୍ଟ୍ର ଏବଂ ଦକ୍ଷିଣ ଗୁଜରାଟର ୭ ଜଣ ବିଦ୍ରୋହୀଙ୍କୁ ଭାଜପାରୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ନର୍ମଦା ଜିଲା ନାଣ୍ଡୋଦ୍ ନିର୍ବାଚନ ମଣ୍ଡଳୀର ହର୍ଷଦ ବାସବ, କେଶୋଡ ଜିଲା ଜୁନାଗଡ଼ର ଅରବିନ୍ଦ ଲାଦାନି, ସୁରେନ୍ଦ୍ର ନଗରର ଛତ୍ରସିଂ ଗୁଞ୍ଜରସାରିଆ, ଭାଲସାଦ୍‌ର କେତନ ପଟେଲ, ରାଜକୋଟର ଭରତ ଚଭ୍‌ଡା, ଗିର୍ ସୋମନାଥର ଉଦୟ ଶାହ ଏବଂ ଆମ୍ରେଲି ଜିଲାର କରନ ବରାଇୟାଙ୍କୁ ଦଳବିରୋଧୀ କାର୍ଯ୍ୟ ଲାଗି ନିଲମ୍ବନ କରାଯାଇଥିବା ଦଳର ମିଡିଆ କୋର୍ଡିନେଟର ୟଗ୍‌ନେଶ ଡାଭେ କହିଛନ୍ତି। ଏଥର ନିର୍ବାଚନରେ ଭାଜପା ଅଧିକାଂଶ ଆସନରେ ବିଦ୍ରୋହର ସମ୍ମୁଖୀନ ହୋଇଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ବିଭିନ୍ନ ଆସନରେ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ କର୍ମୀମାନେ ଲଢୁଛନ୍ତି। ଦୀଶା ଆସନରେ ରାଜୁଲବେନ୍ ଦେଶାଇ, ଗାନ୍ଧୀନଗର ଦକ୍ଷିଣରେ ଅଲପେଶ ଠାକୋର, ଥରଡରେ ଶଙ୍କର ଚୌଧରୀ ଏବଂ ହିମତନଗରରେ ଭି.ଡି. ଜାଲା ବିଦ୍ରୋହୀ ପ୍ରାର୍ଥୀ ହୋଇଛନ୍ତି। ଖୁବ୍‌ଶୀଘ୍ର ଅନ୍ୟ ବିଦ୍ରୋହୀଙ୍କୁ ନିଲମ୍ବନ କରାଯାଇପାରେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି।

# ପ୍ରତିଶ୍ରୁତି ରଖୁ ନାହାନ୍ତି କେନ୍ଦ୍ର ସରକାର: ଖାର୍ଗେ

ନୂଆଦିଲ୍ଲୀ,୨୦।୧୧(ପି.ଟି.)


କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ

କେନ୍ଦ୍ର କୃଷି ଆଇନ ବିରୋଧରେ ଆନ୍ଦୋଳନ କରିଥିବା ଚାଷୀମାନଙ୍କ ଏମ୍‌ଏସ୍‌ପି ଦାବି, କ୍ଷତିପୂରଣ ଦେବାକୁ ନରେନ୍ଦ୍ର ମୋଦି ସରକାର ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଆନ୍ଦୋଳନରତ ଚାଷୀଙ୍କ ବିରୋଧରେ ଦାଏର ମାମଲାଗୁଡ଼ିକୁ ପ୍ରତ୍ୟାହାର କରିନେବେ ବୋଲି ସରକାର କହିଥିଲେ। ତେବେ ଉକ୍ତ ପ୍ରତିଶ୍ରୁତି ରଖିବାରେ କେନ୍ଦ୍ର ବିଫଳ ହୋଇଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରବିବାର ଅଭିଯୋଗ କରିବା ସହ ମୋଦି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ୩ କୃଷି ଆଇନ ପ୍ରତ୍ୟାହାର ଲାଗି ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେ ପୂରିଛି। ଏଥିପାଇଁ ଚାଷୀମାନେ ଶନିବାର ବର୍ଷପୂର୍ତ୍ତି ପାଳନ କରିଥିବାବେଳେ କଂଗ୍ରେସ ସେମାନଙ୍କୁ ସମର୍ଥନ ଜଣାଇଛି। ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇଥିବା ମୋଦି ସରକାର ଫସଲ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଅମଳ ଖର୍ଚ୍ଚର ଦେଢ଼ଗୁଣ ଦେବା ପ୍ରତିଶ୍ରୁତି ରଖିନାହାନ୍ତି। ଆନ୍ଦୋଳନବେଳେ ପ୍ରାଣ ହରାଇଥିବା ୭୩୩ ଚାଷୀ ପରିବାରକୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ। ଏପରିକି ଆନ୍ଦୋଳନରତ ଚାଷୀମାନଙ୍କ ଉପରୁ ଏପର୍ଯ୍ୟନ୍ତ ମାମଲା ପ୍ରତ୍ୟାହାର କରାଯାଇ ନାହିଁ ବୋଲି ଖାର୍ଗେ ଟୁଇଟ୍ କରିଛନ୍ତି। ଗତବର୍ଷ ସରକାରଙ୍କ ଏହିସବୁ ପ୍ରତିଶ୍ରୁତିକୁ ନେଇ ଚାଷୀମାନେ 'କିଷାନ ବିଜୟ ଦିବସ' ପାଳନ କରିଥିଲେ। ଆନ୍ଦୋଳନରେ ଶହୀଦ ହୋଇଥିବା ୭୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଶନିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ମହାରାଷ୍ଟ୍ରର ବୁଲଧନା ଜିଲାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ପକେଟ୍ ଭୋଟକୁ କଂଗ୍ରେସର ଭରସା

**ପଦ୍ମପୁର ଉପନିର୍ବାଚନ**

ପଦ୍ମପୁର,୨୦।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପାଇଁ ବିଜେଡ଼ି ଓ ଭାଜପା ନିଜର ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରି ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ କଂଗ୍ରେସ ପଛରେ ପଡିଥିବା ପରିଲକ୍ଷିତ ହେଉଛି। ବର୍ତ୍ତମାନ ସ୍ଥିତିରେ ଏଠାରେ କଂଗ୍ରେସର ସଙ୍ଗଠନ ଦୁର୍ବଳ ହୋଇପଡିଥିବାରୁ ବିଗତ ୩ଟି ବିଧାନସଭା ନିର୍ବାଚନରେ ଦଳକୁ କେବଳ ପକେଟ ଭୋଟ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି। ୨୦୦୯ ନିର୍ବାଚନରେ କଂଗ୍ରେସ ୩୨.୪୧% ଭୋଟ୍ ପାଇଥିଲା। ତେବେ ୨୦୧୪ରେ ଦଳ ସତ୍ୟଭୂଷଣ ସାହୁଙ୍କୁ ବଦଳାଇ ନୂଆ ମୁହଁ ଭାବେ ଡାକ୍ତର ପ୍ରକାଶ ନାରାୟଣ ତ୍ରିପାଠୀଙ୍କ ଉପରେ ଭରସା କରି ପ୍ରାର୍ଥୀ କରିଥିଲା। ସେତେବେଳେ ତାଙ୍କୁ କେବଳ ୧୭.୬୧% ଭୋଟ ମିଳିଥିଲା। ସେହିପରି ୨୦୧୯ରେ ଦଳ ପୁଣି ସତ୍ୟଭୂଷଣ ସାହୁଙ୍କୁ ରିପିଟ କରିଥିଲେ ମଧ୍ୟ ତାଙ୍କୁ ୧୬.୨୫% ଭୋଟ ମିଳିଥିଲା। ଗତ ତିନୋଟି ନିର୍ବାଚନରେ କଂଗ୍ରେସ ଦଳ ଅସଙ୍ଗଠିତ ହୋଇପଡିଛି। ନେତା କେବଳ ଭୋଟ୍ ବେଳେ ଆସୁଛନ୍ତି ପରେ ଆଉ ଦେଖା ଦେଉ ନ ଥିବା ଦଳୀୟ କର୍ମୀ ଅଭିଯୋଗ କରୁଛନ୍ତି। କଂଗ୍ରେସ ପ୍ରାର୍ଥୀ ହେଲେ ଦଳର ଯେଉଁ ପକେଟ ଭୋଟ ୩୦ରୁ ୩୨ହଜାର ରହିଛି ସେହି ଭୋଟ୍ ହିଁ ଭରସା ହୋଇଛି। ଅପରପକ୍ଷେ ଚଳିତ ଉପନିର୍ବାଚନରେ ଦଳୀୟ ସ୍ଥିତି ଦେଖି ଅନେକ ଯୁବନେତା ଦଳ ଛାଡି ଅନ୍ୟ ଦଳରେ ସାମିଲ ହେଉଛନ୍ତି। ଏହି କ୍ରମରେ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଡାକ୍ତର ପ୍ରକାଶ ନାରାୟଣ ତ୍ରିପାଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚମ୍ପକେଶ୍ୱର ପୁରୋହିତ, ଝାରବନ୍ଧ ଅଞ୍ଚଳର ଯୁବନେତା ଡାକ୍ତର ନରେନ ପ୍ରଧାନ ପ୍ରମୁଖ ଦଳ ଛାଡି ଅନ୍ୟ ଦଳରେ ମିଶିଛନ୍ତି। ଏ ସମ୍ପର୍କରେ ପୂର୍ବତନ ଟାଉନ କଂଗ୍ରେସ ସଭାପତି ସନ୍ତୋଷ କୁମାର ଶତପଥୀଙ୍କୁ ପଚାରିବାରୁ ସେ କହିଲେ, ଆମେ ଦୀର୍ଘ ୨୨ବର୍ଷ ହେଲା କ୍ଷମତାରେ ନ ଥିବାରୁ ଦଳର ଆର୍ଥିକ ପରିସ୍ଥିତି ଦୁର୍ବଳ। ସେଥିପାଇଁ ସଙ୍ଗଠନ ସୁଦୃଢ଼ ହୋଇପାରୁନି। ଅପରପକ୍ଷେ ବିଜେଡି ଅର୍ଥ ଲୋଭରେ ପଡି କିଛି କଂଗ୍ରେସ ନେତା ବିକ୍ରି ହୋଇଛନ୍ତି ବୋଲି ଶତପଥୀ କହିଛନ୍ତି।

# ୪ ବର୍ଷ ହେଲା ପଦ୍ମପୁରବାସୀଙ୍କୁ ଭୁଆଁ ବୁଲାଉଛି କେନ୍ଦ୍ର: ବିଜେଡି

**ତୁରନ୍ତ ରେଳ ଲାଇନ୍ କାର୍ଯ୍ୟ ପାଇଁ ଦାବି**

ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)


ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର

ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର ସରଗରମ ହୋଇଥିବାବେଳେ ଏହି ଅଞ୍ଚଳ ପାଇଁ ରେଳଲାଇନ୍ ଦାବି କରି ବିଜେଡି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି। ବିଜେଡି ଅଭିଯୋଗ କରିଛି ଯେ, କେନ୍ଦ୍ର ସରକାର ଗତ ୪ ବର୍ଷ ହେଲା ରେଳଲାଇନ୍ କଥା କହି ଭୁଆଁ ବୁଲାଉଛନ୍ତି। ମୁଖ୍ୟମନ୍ତ୍ରୀ ବାରମ୍ବାର ଜଣାଇବା ସତ୍ତ୍ୱେ ରେଳ ମନ୍ତ୍ରଣାଳୟ ଏ କ୍ଷେତ୍ରରେ ନୀରବ ରହିଛି। ଓଡ଼ିଶା ପ୍ରତି ରେଳ ବିଭାଗର ବୈମାତୃକ ମନୋଭାବକୁ ନେଇ ବିଜେଡି କେନ୍ଦ୍ର ସରକାରଙ୍କ ଉପରେ ଦୋଷ ଲଦିଛି।

୨୦୧୮ ଡିସେମ୍ବର ୧୫ ତାରିଖରେ ବରଗଡ଼ ଷ୍ଟେଶନରୁ ଭାୟା ପଦ୍ମପୁର ଦେଇ ନୂଆପଡ଼ା ରୋଡ୍ ଷ୍ଟେଶନ ପର୍ଯ୍ୟନ୍ତ ଏକ ନୂତନ ରେଳଲାଇନ ପ୍ରକଳ୍ପକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେ ସମୟରେ ଟୁଇଟ୍ କରି ସୂଚନା ଦେଇଥିଲେ। ଏହି ଘୋଷଣାକୁ ୪ବର୍ଷ ପୂରିବାକୁ ଯାଉଛି। ରାଜ୍ୟ ସରକାର ବାରମ୍ବାର ଏ ସମ୍ପର୍କରେ ରେଳ ମନ୍ତ୍ରଣାଳୟକୁ ଜଣାଇ ଆସୁଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରି ନାହିଁ। ମନ୍ତ୍ରଣାଳୟ ନିଜ ପ୍ରତିଶ୍ରୁତି ରକ୍ଷା କରି ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର ଦାବି କରିଛନ୍ତି। ରବିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ରେଳ ମନ୍ତ୍ରଣାଳୟକୁ ଅନୁରୋଧ କରିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ସର୍ଭେ କାମ ଆରମ୍ଭ ହୋଇନାହିଁ। ୨୦୧୯ ଅକ୍ଟୋବର ୧୦ ତାରିଖରେ ରେଳବାଇ ବୋର୍ଡ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସରକାରଙ୍କୁ ମାଗଣାରେ ଜମି ଏବଂ ବିସ୍ଥାପିତଙ୍କ ଥଇଥାନ ବାବଦ ଖର୍ଚ୍ଚ ବହନ କରିବାକୁ ପ୍ରସ୍ତାବ ଦେଇଥିଲା। ମୁଖ୍ୟମନ୍ତ୍ରୀ ଏଥିପାଇଁ ମାଗଣାରେ ଜମି ଯୋଗାଇ ଦେବା ସହ ପ୍ରକଳ୍ପ ପାଇଁ ୩ଶହ କୋଟି ଟଙ୍କା ପ୍ରଦାନ କରିବେ ବୋଲି ଜଣାଇଥିଲେ। ଏହାସତ୍ତ୍ୱେ ଏହି ପ୍ରକଳ୍ପ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଏହାଛଡା ଗତ ୫ବର୍ଷ ଭିତରେ କେନ୍ଦ୍ର ସରକାର କେନ୍ଦ୍ରୀୟ ପାଣ୍ଠିରୁ ଓଡ଼ିଶାରେ ଗୋଟିଏ ବି ନୂତନ ରେଳ ଲାଇନ୍ ପ୍ରକଳ୍ପ ମଞ୍ଜୁର କରିନାହାନ୍ତି। କେନ୍ଦ୍ର ସରକାର ପଶ୍ଚିମ ଓଡ଼ିଶାବାସୀଙ୍କୁ ଭୁଆଁ ନ ବୁଲାଇ ତୁରନ୍ତ ବରଗଡ଼ ଷ୍ଟେସନରୁ ଭାୟା ପଦ୍ମପୁର ନୂଆପଡା ରୋଡ୍ ଷ୍ଟେଶନ୍ ରେଳଲାଇନ୍ କାର୍ଯ୍ୟକାରୀ କରିବାକୁ ବିଜେଡି ଦାବି କରିଛି।

**ରେଳମନ୍ତ୍ରୀଙ୍କୁ ରାଜ୍ୟ ପରିବହନ ମନ୍ତ୍ରୀଙ୍କ ଚିଠି**

ବରଗଡ଼ ଭାୟା ପଦ୍ମପୁର ନୂଆପଡ଼ା ରୋଡ୍ ରେଳଲାଇନ୍ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରବିବାର ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ନୂଆ ରେଳ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ନିକଟରେ ଏକ ସ୍ମାରକପତ୍ର ଦେଇଛନ୍ତି। ୨୦୧୮ରୁ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ରେଳ ମନ୍ତ୍ରଣାଳୟକୁ ବାରମ୍ବାର ଜଣାଇବା ସହିତ ପ୍ରକଳ୍ପ ବାବଦ ରେଟ୍ ଅଫ୍ ରିଟର୍ନ (ଆର୍‌ଓଆର୍) ୧୭.୩୧ ପ୍ରତିଶତ ଅର୍ଥରାଶି ଯୋଗାଇ ଦେବାକୁ ରେଳ ମନ୍ତ୍ରଣାଳୟକୁ ୨୦୧୯ ଜାନୁୟାରୀ ୧୧ ତାରିଖରେ ଜଣାଇଥିଲେ। ଏହି ରେଳ ପ୍ରକଳ୍ପ ପଶ୍ଚିମ ଓଡ଼ିଶାରେ ପରିବହନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ପଶ୍ଚିମ ଓଡ଼ିଶାକୁ ଉପକୂଳ ଓଡ଼ିଶା ସହିତ କମ୍ ଦୂରତ୍ୱ ମଧ୍ୟରେ ସଂଯୋଗ କରିବ। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଥିବାସତ୍ତ୍ୱେ ଏ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ଟୁକୁନି ରେଳ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# କର୍ମୀ ସମ୍ମିଳନୀରେ ରଣନୀତି



କର୍ମୀ ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

ପାଇକମାଳ,୨୦।୧୧(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ଅନ୍ୟ ଦୁଇ ପ୍ରମୁଖ ଦଳ ବିଜେଡ଼ି, ଭାଜପା ଭଳି କଂଗ୍ରେସ ପ୍ରଚାର ଜୋର୍ କରି ନ ଥିଲେ ମଧ୍ୟ ରଣନୀତି ଆରମ୍ଭ କରିଦେଇଛି। ଏହି କ୍ରମରେ ରବିବାର ପାଇକମାଳ ବ୍ଲକ ମାଣ୍ଡୋସିଲରେ ଦଳର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ଉପସଭାପତି ଯଜ୍ଞେଶ୍ୱର ବାବୁ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଅଧିରାଜ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତା, ଦଳୀୟ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ପ୍ରମୁଖ ଯୋଗଦେଇ ଦଳୀୟ କର୍ମୀଙ୍କୁ ନିର୍ବାଚନ ରଣନୀତି ଉପରେ ଉଦ୍‌ବୋଧନ ଦେଇଥିଲେ। ସମ୍ମିଳନୀରେ ଝାରବନ୍ଧ ବ୍ଲକ କଂଗ୍ରେସ ସଭାପତି ମୁଜାଫର ହୁସେନ, ପାଇକମାଳ ବ୍ଲକ କଂଗ୍ରେସ ସଭାପତି ବିନୋଦ ବିଶ୍ୱାଳଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସୋମବାରଠାରୁ କଂଗ୍ରେସ ପ୍ରଚାର ମଇଦାନକୁ ଓହ୍ଲାଇବ ବୋଲି ସୂଚନା ମିଳିଛି।

# ଘର ଘର ବୁଲି ପ୍ରଦୀପଙ୍କ ପ୍ରଚାର

ଝାରବନ୍ଧ,୨୦।୧୧(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ରବିବାର ସେ ଝାରବନ୍ଧ ବ୍ଲକ ଅନ୍ତର୍ଗତ ଜଗଦଲପୁର, ପୁଟକା, ଖିରିପାଲି, ବିଜରାଭଟା, ଧଉଁରାଭଟା, ବଡ଼କୁଞ୍ଜାରୀ, ସାନକୁଞ୍ଜାରୀ, ଲୁହୋରସିଂ (କଟାପଡ଼ା) ଆଦି ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ଭେଟି ତାଙ୍କ ସପକ୍ଷରେ ମତଦାନ କରିବାକୁ ନିବେଦନ କରିଥିଲେ। ସେହିପରି ଲୁହୋରସିଂରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଜଗଦଲପୁର ମଣ୍ଡଳ ସଭାପତି ହରେକୃଷ୍ଣ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।


ଝାରବନ୍ଧ ବ୍ଲକରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପ୍ରଚାର।

# ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ପଦ୍ମପୁରରୁ ବିଦା କରାଯାଉ: ଭାଜପା

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)



ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିବାକୁ ଯାଇଥିବା ଭାଜପା ପ୍ରତିନିଧି ଦଳ।

ପଦ୍ମପୁର ଉପନିର୍ବାଚନ ପାଇଁ ଗଣତନ୍ତ୍ରର ବିଧି ବ୍ୟବସ୍ଥା ଅନୁଯାୟୀ ଦଳୀୟ ପ୍ରଚାର କାର୍ଯ୍ୟ ଚାଲୁଥିବାବେଳେ ଶାସକ ବିଜେଡି ସମସ୍ତ ବିଧିକୁ ଉଲ୍ଲଂଘନ କରୁଛି। ଶାସନ କ୍ଷମତାକୁ ବ୍ୟବହାର କରି ନିର୍ବାଚନ ପ୍ରଚାର କରିବା ସହିତ ଭୋଟରମାନଙ୍କୁ ପ୍ରଭାବିତ କରିବା କାର୍ଯ୍ୟ ଆରମ୍ଭ କରିଦେଇଛି। ଏହାଦ୍ୱାରା ଅବାଧ, ମୁକ୍ତ ଓ ସ୍ୱଚ୍ଛ ନିର୍ବାଚନ ଅନୁଷ୍ଠିତ ହେବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ ଅଣାଯାଇଛି। ଏଥିସହ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ସେଠାରୁ ବିଦା କରାଯାଉ ବୋଲି ଭାଜପା ଦାବି କରିଛି। ଏହି ପ୍ରସଙ୍ଗରେ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ଏନେଇ ଲେଖାଶ୍ରୀ କହିଛନ୍ତି, ୧୯ ତାରିଖରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପଦ୍ମପୁର ସ୍ଥିତ ସରକାରୀ ପବ୍ଲିକ ସ୍କୁଲ ଓ ଜୟଦେବ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲଜିରେ ନିର୍ବାଚନୀ ବୈଠକ କରିଥିଲେ। ନିର୍ବାଚନକୁ ଯେ କୌଣସି ପ୍ରକାରରେ ଜିଣିବା ଲାଗି ସରକାରୀ ଅନୁଦାନ ପ୍ରାପ୍ତ କଲେଜରେ ଶିକ୍ଷକ ଓ ଅଧ୍ୟାପକଙ୍କ ସହ ସେ ବୈଠକ କରିଥିଲେ। ନିର୍ବାଚନରେ କିପରି ଟଙ୍କା ବଣ୍ଟାଯିବ, କିଏ ପୋଲିଂ ଅଧିକାରୀ ଓ ପ୍ରିଜାଇଡ଼ିଂ ଅଧିକାରୀ ରହିବେ ସେ ନେଇ ଫିକ୍ସିଂ ହୋଇଛି। କାହାକୁ ଟଙ୍କା ଦେଇ କିଣାଯାଇଛି ତ, କାହାକୁ ବଦଳି ଓ ଧମକଚମକ ଦେଇ ରାଜି କରାଯାଇଛି। ବରଗଡ଼ ଆଞ୍ଚଳିକ ସରକାରୀ କଲେଜର ଇତିହାସ ଅଧ୍ୟାପକ କୃଷ୍ଣମୋହନ ପଣ୍ଡା ଏହି ବୈଠକ ଆୟୋଜନର ଦାୟିତ୍ୱ ନେଇଥିଲେ। ଆଦର୍ଶ ଆଚରଣ ବିଧିର ଉଲଂଘନ କରିବା ସହିତ ସମ୍ବିଧାନ ବିରୋଧୀ କାମ କରିଥିବାରୁ ମନ୍ତ୍ରୀ ରୋହିତଙ୍କୁ ସେ ସ୍ଥାନରୁ ବିଦା କରାଯିବା ସହ ବୈଠକରେ ଉପସ୍ଥିତ ଥିବା କୃଷ୍ଣ ମୋହନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଛି ବୋଲି ଲେଖାଶ୍ରୀ କହିଛନ୍ତି।

# ବିକାଶଧାରାକୁ କେହି ରୋକିପାରିବେନି

**୨ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥିନୀଙ୍କ ପ୍ରଚାର**

ପଦ୍ମପୁର,୨୦।୧୧(ଡି.ଏନ.ଏ.)


ପଲସାପାଲିରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ଓ ଦଳୀୟ ନେତୃବୃନ୍ଦ।

ପଦ୍ମପୁର ନିର୍ବାଚନ ମଣ୍ଡଳୀର ପଲସାପାଲିଠାରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ସମେତ ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ମନ୍ତ୍ରୀ ରୀତା ସାହୁ ଉପସ୍ଥିତ ଥିଲେ। ଏଥିରେ ପଲସାପାଲି ସରପଞ୍ଚ ଭାସ୍କର ଭୁଏ ନିଜ ସମର୍ଥକମାନଙ୍କ ସହିତ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦାନ କରିଥିଲେ। ଏହାସହ ଦଳ ତରଫରୁ ଘନାମାଲ, ଦକ୍ଷିଣ ନୂଆଁପାଲି, ସାରଙ୍ଗପୁର, ଅମାମୁଣ୍ଡା ଗାଁରେ ସଭାମାନ ଆୟୋଜନ କରାଯାଇଥିଲା। ସେହିପରି ପଦ୍ମପୁର ନିର୍ବାଚନ ମଣ୍ଡଳୀର ୨ ନମ୍ବର ଜିଲା ପରିଷଦ ଜୋନ୍ ଅଧୀନ ୮ଟି ପଞ୍ଚାୟତରେ ରବିବାର ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ମାରାଥନ ପ୍ରଚାର କରିଛନ୍ତି। ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିକାଶଧାରାକୁ କେହି ରୋକି ପାରିବେନାହିଁ। ଏଥିପାଇଁ ଜନସାଧାରଣ ଏବଂ ମୋର ସ୍ୱର୍ଗତ ପିତାଙ୍କ ଆଶୀର୍ବାଦ ମୋ ଉପରେ ରହିଛି ବୋଲି ବର୍ଷା କହିଛନ୍ତି। ଏହି ଅବସରରେ ବିଧାୟକ ପ୍ରତାପ ଜେନା, ଦେବେଶ ଆଚାର୍ଯ୍ୟ, ମହେନ୍ଦ୍ର ବଢେଇ, ଶ୍ରୀମୟୀ ମିଶ୍ର, ସଂଗ୍ରାମ ପାଇକରାୟ, ଏନ୍‌ଏସି ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ସୁଦାମ ପଧାନ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ।

**ଛେଳି ପେଟରୁ ବାହାରିଲା ୫ କିଲୋ ପଲିଥିନ**

ପଲିଥିନ ବ୍ୟବହାର ଉପରେ ସରକାରଙ୍କ ପକ୍ଷରୁ କଟକଣା ସତ୍ତ୍ୱେ ଏଥିରେ ରୋକ୍ ଲାଗୁନି। ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷିତ ହେବା ସହ ଏହାର ଭୟଙ୍କର ପ୍ରଭାବ ପ୍ରାଣୀମାନଙ୍କ ଉପରେ ପଡୁଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଅସୁରାଳି ପଞ୍ଚାୟତରେ। ରବିବାର ଏହି ପଞ୍ଚାୟତର ଶାନ୍ତିନଗରସ୍ଥିତ ଫାର୍ମରେ ଏକ ଗର୍ଭିଣୀ ଛେଳି ପେଟରୁ ଅସ୍ତ୍ରୋପଚାର ଦ୍ୱାରା ୫ କିଲୋରୁ ଉର୍ଦ୍ଧ୍ୱ ପଲିଥିନ ବାହାରିଛି। ଏଥିସହ ୨ଟି ମୃତ ଛେଳିଛୁଆ ବାହାର କରାଯାଇଛି। ଗତ ଦୁଇଦିନ ହେଲା ଫାର୍ମରେ ଉକ୍ତ ଗର୍ଭିଣୀ ଛେଳି ପ୍ରସବଜନିତ କଷ୍ଟ ପାଉଥିଲା। ଫାର୍ମ ମାଲିକଙ୍କଠାରୁ ଖବରପାଇ ତିହିଡ଼ି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା ଓ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ବିଦ୍ୟାଧର ରାଉତ ପହଞ୍ଚି ଏକାସାଙ୍ଗରେ ଦୁଇଟି ଅସ୍ତ୍ରୋପଚାର କରିଥିଲେ।

# ଢେଙ୍କାନାଳରୁ ଭୁବନେଶ୍ୱର ଦୌଡ଼ିଲେ ଦୀପ୍ତି

## ଜୟଦେବ ବିହାର ଛକରୁ କଳିଙ୍ଗ ଷ୍ଟାଡିୟମ୍ ରାସ୍ତା ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ନାମରେ ନାମିତ ହେଉ



ଢେଙ୍କାନାଳ କାଞ୍ଚନ ବଜାର ଦଣ୍ଡାସାହିସ୍ଥିତ କଳ୍ପନା ଦାଶଙ୍କ ଘର ସମ୍ମୁଖରେ ମା' ଶୈଳବାଳା ଦାଶ ପତାକା ଦେଖାଇ ମାରାଥନ୍‌ର ଶୁଭାରମ୍ଭ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୦।୧୧**

ଭୁବନେଶ୍ୱର ଜୟଦେବ ବିହାର ଛକ-କଳିଙ୍ଗ ଷ୍ଟାଡିୟମ୍ ରାସ୍ତାକୁ ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ନାମରେ ନାମିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅଭିନବ ଉଦ୍ୟମ କରିଛନ୍ତି ସଫ୍ଟୱେର ଇଞ୍ଜିନିୟର ଦୀପ୍ତି ଦାଶ ଏବଂ ଅନ୍ୟତମ ରନର ସିଦ୍ଧାର୍ଥ ଶଙ୍କର ଦାଶ। ଉଭୟେ ରବିବାର ଭୋର୍ ସାଢ଼େ ୪ଟାରୁ ଢେଙ୍କାନାଳରୁ ମାରାଥନ୍‌ରେ ବାହାରି ଅପରାହ୍ନ ୧ଟା ୨୫ରେ କଳିଙ୍ଗ ଷ୍ଟାଡିୟମ୍‌ରେ ପହଞ୍ଚିଥିଲେ। ୬୬ କିଲୋମିଟର ଦୀର୍ଘ ପଥ ଅତିକ୍ରାନ୍ତ କରିବା ଲାଗି ସେମାନେ ନେଇଥିଲେ ପାଖାପାଖି ୭ଘଣ୍ଟା ସମୟ। ଦୁଇ ଯୁବ ଅଲଟ୍ରା ମାରାଥନରଙ୍କ ଏଭଳି ଉଦ୍ୟମକୁ ସବୁ ମହଲରେ ଭୂରିଭୂରି ପ୍ରଶଂସା କରାଯାଇଛି। ଏଥିପୂର୍ବରୁ ୨୦୧୯ ଅଗଷ୍ଟ ୧୫ରେ ସିଦ୍ଧାର୍ଥ ଅନୁରୂପ ଦାବିନେଇ ଢେଙ୍କାନାଳରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଦୌଡ଼ିଥିଲେ, ଯାହା ସେହି ସମୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

ମାରାଥନ୍ ପୂର୍ବରୁ ଢେଙ୍କାନାଳ ସହର କାଞ୍ଚନ ବଜାର ଦଣ୍ଡାସାହିସ୍ଥିତ କଳ୍ପନାଙ୍କ ଘର ସମ୍ମୁଖରେ ତାଙ୍କ ମା' ଶୈଳବାଳା ଦାଶଙ୍କ ପାଦଛୁଇଁ ଉଭୟେ ଆଶୀର୍ବାଦ ନେଇଥିଲେ। ଶୈଳବାଳା ଜାତୀୟ ପତାକା ଦେଖାଇ ଦୌଡ଼ର ଶୁଭାରମ୍ଭ କରିବା ସହ ପରିବାର ସଦସ୍ୟମାନେ ଶଙ୍ଖ ବଜାଇ, ଦୀପଜାଳି ଦୀପ୍ତିଙ୍କ ସଫଳତା କାମନା କରିଥିଲେ। ସୂଚନାଯୋଗ୍ୟ, ଢେଙ୍କାନାଳ ମାଟିର ଝିଅ କଳ୍ପନା ପ୍ରଥମ ଓଡ଼ିଆ ମହିଳା ଭାବେ ୨୦୦୮ରେ ସଫଳତାର ସହ ଏଭରେଷ୍ଟ ଶୀର୍ଷରେ ମହାପ୍ରଭୁ ଜଗନ୍ନାଥଙ୍କ ନେତ ଏବଂ ଜାତୀୟ ପତାକା ଉଡ଼ାଇ ରାଜ୍ୟକୁ ଗର୍ବିତ କରିଥିଲେ। ଏହାପରେ ସେ 'କିଲିମାଞ୍ଜାରୋ' ଗିରିଶୃଙ୍ଗ ଆରୋହଣ କରି ଇତିହାସରେ ନିଜର ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଥିଲେ।

୨୦୧୯ରେ ୫୨ବର୍ଷ ବୟସରେ ସେ ପୁନର୍ବାର ଏଭରେଷ୍ଟ ଅଭିଯାନରେ ଯାଇଥିଲେ। ତେବେ ଶୀର୍ଷରେ ପହଞ୍ଚି ଫେରିବା ବେଳେ ଅକ୍ସିଜେନ ସରିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ହେଲିକପ୍ଟର ଯୋଗେ ଉଦ୍ଧାର କରି ତଳକୁ ଅଣାଯାଇଥିଲା। ସେଠାକାର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା। ଦେଶର ଛାତ୍ରୀଛାତ୍ର, ଯୁବପିଢ଼ି ଏବଂ ମହିଳାଙ୍କ ପ୍ରେରଣାର ଉତ୍ସ ପାଲଟିଥିବା କଳ୍ପନାଙ୍କ ଏଭଳି ଦେହାନ୍ତ ସାରା ଦେଶରେ ଶୋକର ଛାୟା ଖେଳାଇ ଦେଇଥିଲା। ଏଭଳି ଜଣେ ସାହସୀ ମହିଳାଙ୍କ ସ୍ମୃତି ଉଜ୍ଜୀବିତ କରିବା ଲାଗି ଭୁବନେଶ୍ୱର ଜୟଦେବ ବିହାର ଛକ-କଳିଙ୍ଗ ଷ୍ଟାଡିୟମ୍ ରାସ୍ତାକୁ ତାଙ୍କ ନାମରେ ନାମିତ କରିବା ଲାଗି ଦୀର୍ଘଦିନରୁ ଦାବି ହେଉଛି।

# ଏମ୍‌ଆଇଓ-୨୨ର ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୨୦।୧୧**



ସୁରେଶ ଚନ୍ଦ୍ର ମହାପାତ୍ର

ଚଳିତ ବର୍ଷ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା 'ମେକ ଇନ୍ ଓଡ଼ିଶା' (ଏମଆଇଓ-୨୨) କନ୍‌କ୍ଲେଭ-୨୦୨୨ର ପ୍ରସ୍ତୁତି ସମୀକ୍ଷା ବୈଠକ ରବିବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଜନତା ମଇଦାନଠାରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୨ ପ୍ରସ୍ତୁତିର ଅନ-ସାଇଟ୍ ସମୀକ୍ଷା କରାଯାଇଥିଲା। ଉକ୍ତ ବୈଠକରେ ଓଡ଼ିଶା ସରକାରଙ୍କ ପ୍ରମୁଖ ଶାସନ ସଚିବ (ଶକ୍ତି) ଏନ.ବି.ଧଳ, ପ୍ରମୁଖ ଶାସନ ସଚିବ(ଶିଳ୍ପ) ହେମନ୍ତ ଶର୍ମା, କଟକ-ଭୁବନେଶ୍ୱର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଖୋର୍ଦ୍ଧା ଜିଲାପାଳ ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ବିଭିନ୍ନ ସଂସ୍ଥାର ପ୍ରତିନିଧି ଯଥା ବିଡିଏ, ବିଏମସି, ଟିପିସିଓଡିଏଲ, ସ୍ୱାସ୍ଥ୍ୟ, ଅଗ୍ନିଶମ ପୂର୍ତ୍ତ (ପିଡବ୍ଲ୍ୟୁଡି), ୱାଟକୋ ଏବଂ ଇଡକୋର ବିଭାଗୀୟ ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମହାପାତ୍ର କହିଥିଲେ, ଏହି ୫ଦିନିଆ ଏମଆଇଓ କାର୍ଯ୍ୟକ୍ରମ କିପରି ସୁଚାରୁ ରୂପେ ଶେଷ ହେବ, ଏପରିକି ଏହାପାଇଁ ଆବଶ୍ୟକ ପଦକ୍ଷେପ ସାଙ୍ଗକୁ ବିଭିନ୍ନ ପାରାମିଟରର ଉପରେ ସମୀକ୍ଷା କରିବା ସହ କାର୍ଯ୍ୟକ୍ରମକୁ ତ୍ୱରାନିତ ପାଇଁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଅଗ୍ନିଶମ ଏବଂ ବିଭିନ୍ନ ନିରାପତ୍ତା ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ପରବର୍ତ୍ତୀ ସମୀକ୍ଷା ବୈଠକ ନଭେମ୍ବର ୨୭ରେ ଜନତା ମଇଦାନ ଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ନିଶା ନିବାରଣ କେନ୍ଦ୍ର ନାଁରେ ହରିଲୁଟ୍

**ଯାଜପୁର ଅଫିସ, ୨୦।୧୧**

## ଆର୍‌ଟିଆଇରେ ଅନିୟମିତତାର ପର୍ଦ୍ଦାଫାଶ

ନିଶା ନିବାରଣ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ ହୋଇଛି। ସେଥିମଧ୍ୟରୁ ଯାଜପୁର ଜିଲାରେ ଥିବା ଏକ ନିଶା ନିବାରଣ କେନ୍ଦ୍ର ବା ଇଣ୍ଟିଗ୍ରେଟେଡ୍ ରିହାବିଲିଟେଶନ ସେଣ୍ଟର ଫର୍ ଏଡିକ୍ସ (ଆଇଆର୍‌ସିଏ) ନିମନ୍ତେ ଅନୁଦାନ ଯୋଗାଇ ଦିଆଯାଇଛି। ହେଲେ କୌଣସି କେନ୍ଦ୍ର ନଥାଇ ଭୂତ କେନ୍ଦ୍ର ଭାବେ ଦାୟିତ୍ୱ ନେଇଥିବା ସଂସ୍ଥା ଉକ୍ତ ଅର୍ଥକୁ ହରିଲୁଟ କରୁଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା ପ୍ରଶାସନର କେତେକ ଅଧିକାରୀ ସମ୍ପୂର୍ଣ୍ଣ ଅବଗତ ଥାଇ ମଧ୍ୟ ଜିଲାପାଳଙ୍କୁ ବର୍ଷ ବର୍ଷ ଧରି ଅନ୍ଧକାରରେ ରଖିଥିବା ଚର୍ଚ୍ଚା ହେଉଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ତଥ୍ୟ ଅନୁଯାୟୀ ୨୦୧୬/୧୭ ଆର୍ଥିକ ବର୍ଷରୁ ଯାଜପୁର ସଦର ମହକୁମାର ମାନସାପୋଲଠାରେ ଏକ ନିଶା ନିବାରଣ କେନ୍ଦ୍ର ଅଛି ବୋଲି ସରକାରୀ ଭାବେ ଦର୍ଶାଯାଉଛି। ରିପୋର୍ଟରେ ଏହି କେନ୍ଦ୍ରରେ ମୋଟ ୧୫ଟି ଶଯ୍ୟା ରହିଛି। ଡାକ୍ତର ଓ ନର୍ସ ମଧ୍ୟ କେନ୍ଦ୍ରରେ ଥିବା ଅନ୍ତେବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି ବୋଲି ରିପୋର୍ଟ କହୁଛି। ଏହି ସଂସ୍ଥାର ପରିଚାଳନା ଦାୟିତ୍ୱ ଏକ ସେବା ପ୍ରତିଷ୍ଠାନକୁ ଦିଆଯାଇଛି। ପ୍ରତ୍ୟେକ ବର୍ଷ ଏହି ନିଶା ନିବାରଣ କେନ୍ଦ୍ର ପାଇଁ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ଶସକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ୨୨ଲକ୍ଷ ୨୬ ହଜାର ୪୨୦ ଟଙ୍କା ଅନୁଦାନ ମିଳୁଛି। ହେଲେ ମାନସାପୋଲଠାରେ ସେଭଳି କୌଣସି ସଂସ୍ଥା ନାହିଁ ବୋଲି ଜଣାପଡିଛି।


GOVERNMENT OF ODISHA eerw_kpd@yahoo.com
OFFICE OF THE SUPERINTENDING ENGINEER
RURAL WORKS DIVISION, KENDRAPARA
INVITATION FOR BIDS
'E' PROCUREMENT NOTICE NO.RWD/KPD-05/2022-23, DT.19.11.2022

No.O-1291:1. Name of Work: Repair of Road work in the District of Kendrapara for the year 2022-23. 2. Total No. of Work: 01 Numbers of Road Work. 3. Estimated Cost: Rs.67.65 lac approximately. 4. Period of Completion: As Specified in the Annexure. 5. Class of Contractors: As Specified in the Annexure. 6. Cost of Tender Paper: Cost of tender paper is to be remitted ONLINE for Rs.10,000.00 per set. 6. Details Projects: As per Annexure attached.
Further details can be seen from the Govt. website www.tendersorissa.gov.in.
Other details as follows:

| Procurement Officer | Place of Opening | Availability of tender online for bidding | | Last date and time of seeking tender clarification | Date and Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 25.11.2022 At 5.00 P.M. | 08.12.2022 upto 5.00 P.M. | Upto 5.00 P.M. on 07.12.2022 | 09.12.2022 at 11.00 A.M. | The date will be intimated to the technically qualified bidders later on |

Sd./- Rajesh Pradhan
OIPR-25064/11/0011/2223 Executive Engineer, Rural Works Division, Kendrapara


ଫୁରସତ୍

# ସ୍ପେସ୍ ଷ୍ଟେସନ୍ ବାହାରେ ମହାକାଶଚାରୀଙ୍କ ୭ ଘଣ୍ଟା

**ମସ୍କୋ:** ପୃଥିବୀ ଚାରିପଟେ ପରିକ୍ରମା କରୁଥିବା ସ୍ପେସ୍ ଷ୍ଟେଶନ୍‌ର ବର୍ହିଃପାର୍ଶ୍ୱ ସ୍ଥିତିର ତଦାରଖ ପାଇଁ ମହାକାଶଚାରୀ ଅନେକ ସମୟରେ ସ୍ପେସ୍ ଷ୍ଟେଶନରୁ ବାହାରକୁ ଆସିଥାନ୍ତି। ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତି ପାଇଁ ମହାକାଶଚାରୀମାନେ ଅଧିକ ସମୟ ସ୍ପେସ୍ ଷ୍ଟେଶନ୍ ବାହାରେ ରହିବା ବିପଦଜ୍ଜନକ ହୋଇଥାଏ। ୨ ଜଣ ରୁଷୀୟ ମହାକାଶଚାରୀ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇଏସ୍‌ଏସ୍) ବାହାରେ ୭ ଘଣ୍ଟା କାଳ ସ୍ପେସ୍‌ୱାକ୍ କରୁଥିବା ଦେଖିବାକୁ ମିଳିଛି। ସ୍ପେସ୍ ଷ୍ଟେଶନ୍‌ର ହାର୍ଡୱେର୍ ଟ୍ରାନ୍ସଫର ଏବଂ ଇଲେକ୍ଟ୍ରୋନିକ୍ସ କନେକ୍ସନ ପାଇଁ ଦୁଇ ମହାକାଶଚାରୀ ଆଇଏସଏସ୍‌ରୁ ବାହାରେ ସ୍ପେସ୍‌ୱାକ୍ କରିଥିବା ଜଣାପଡ଼ିଛି। ଆଇଏସ୍‌ଏସ୍ ବର୍ତ୍ତମାନ ପୃଥିବୀର ନିମ୍ନ ଅକ୍ଷାଂଶରେ ପରିକ୍ରମା କରୁଛି। ନାସା, ରୋସ୍କୋସ୍ମୋସ୍, ଜାକ୍ସା, କାନାଡା ଏବଂ ୟୁରୋପୀୟ ମହାକାଶ ଗବେଷଣା ସଂସ୍ଥା ମିଳିତ ଭାବେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍ ଗଠନ କରାଯାଇଛି।

ରୁଷୀୟ ମହାକାଶଚାରୀ ସର୍ଗେ ପ୍ରୋକୋପିଇଭ ଏବଂ ଡମିତ୍ରି ପେଟେଲିନ ଦୀର୍ଘ ୭ ଘଣ୍ଟା ପର୍ଯ୍ୟନ୍ତ ଆଇଏସ୍‌ଏସ୍ ବାହାରେ ରହିଥିଲେ। ମହାକାଶରେ ଦୁହେଁ ୨୬୦ ମାଇଲ ଅତିକ୍ରମ କରିଥିବାବେଳେ ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଆଇଏସ୍‌ଏସ୍‌ର ନାଉକା ମଲ୍ଟିପରପୋଜ୍ ଲାବରେଟରୀ ମଡ୍ୟୁଲରେ ରସ୍‌ଭେଟ ମଡ୍ୟୁଲ ଇନ୍‌ଷ୍ଟାଲେଶନ କରାଯାଇଛି। ପ୍ରୋକୋପିଇଭ୍‌ଙ୍କ ଏହାକୁ ମିଶାଇ ତୃତୀୟଥର ସ୍ପେସ୍‌ୱାକ୍ କରିଥିବାବେଳେ ପେଟେଲିନ୍ ଏ କ୍ଷେତ୍ରରେ ପ୍ରଥମ ଅଭିଜ୍ଞତା ହାସଲ କରିଛନ୍ତି। ଚଳିତବର୍ଷ ମହାକାଶଚାରୀଙ୍କର ଏହା ଦଶମ ସ୍ପେସ୍‌ୱାକ୍ ହୋଇଥିବା ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ପକ୍ଷରୁ କୁହାଯାଇଛି। ରୁଷିଆର ମହାକାଶଚାରୀ ଆନାଟୋଲି ୟାକୋଭଲେଭିଚ ସୋଲୋଭିଇଭ ସର୍ବାଧିକ ୮୨ ଘଣ୍ଟା ୨୨ ମିନିଟ୍ ସ୍ପେସ୍‌ୱାକ୍ କରିଛନ୍ତି। ୱାର୍ଲ୍ଡ ରେକର୍ଡ ହାସଲ କରିଥିବା ୟାକୋଭଲଭିଚଙ୍କ ରେକର୍ଡକୁ ବର୍ତ୍ତମାନ ସୁଦ୍ଧା କେହି ଭାଙ୍ଗିପାରି ନାହାନ୍ତି।





ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି
ଇ-ଟେଣ୍ଡର ନଂ. ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୧୧୮-୨୨-୨୩ ତାରିଖ: ୦୯।୧୧।୨୦୨୨
କାର୍ଯ୍ୟର ନାମ: ବ୍ରଜରାଜନଗର ଷ୍ଟେଶନଠାରେ ଷ୍ଟେଶନ ବିଲ୍ଡିଂ ଏବଂ ସର୍କୁଲେଟିଂ ଏରିଆର ଉନ୍ନତୀକରଣ।
ଟେଣ୍ଡର ମୂଲ୍ୟ: ₹ ୩,୫୨,୪୩,୫୮୪.୪୪
ଅମାନତ ରାଶି: ₹ ୩,୨୬,୨୦୦.୦୦
ସମାପ୍ତି ଅବଧି: ୧୮ ମାସ
ଟେଣ୍ଡର ଦାଖଲର ଆରମ୍ଭ ତାରିଖ: ତା୨୧।୧୧।୨୦୨୨ରିଖଠାରୁ
ଟେଣ୍ଡର ଦାଖଲର ଶେଷ ତାରିଖ: ତା୦୫।୧୨।୨୦୨୨ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ
ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍‌କୁ ଗ୍ରହଣ କରାଯିବ ନାହିଁ।
ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.)
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଳାସପୁର
CPR/10/318
South East Central Railway @secrail


# କୁକୁର ପରି ଭୁକିଲେ ଯୁବକ

## ରାଶନ କାର୍ଡରେ କୁତ୍ତା ସାଙ୍ଗିଆ



**କୋଲାକାତା:** ଆଧାର କାର୍ଡ, ରାଶନ କାର୍ଡ ଓ ଭୋଟ ପରିଚୟ ପତ୍ରରେ ବେଳେବେଳେ ସାମାନ୍ୟ ତ୍ରୁଟି ରହିଯାଇଥାଏ। ଏହାର ସଂଶୋଧନ କରିବା ପ୍ରକ୍ରିୟା ମଧ୍ୟ ସହଜ ହୋଇଥାଏ। ପଶ୍ଚିମବଙ୍ଗ ବଙ୍କୁରାର ଶ୍ରୀକାନ୍ତ କୁମାର ଦତ୍ତାଙ୍କ କ୍ଷେତ୍ରରେ ଏହି ଘଟଣା ଦେଖିବକୁ ମିଳିଛି। ଶ୍ରୀକାନ୍ତଙ୍କ ରାଶନ କାର୍ଡରେ ତାଙ୍କ ସାଙ୍ଗିଆ ଦତ୍ତା ବଦଳରେ କୁତ୍ତା ଲେଖାଯାଇଛି। ଏହି ଅଭିଯୋଗ ନେଇ ଶ୍ରୀକାନ୍ତ ସ୍ଥାନୀୟ ବିଡିଓଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ କରିଥିବାର ଦେଖିବାକୁ ମିଳିଛି। ଶ୍ରୀକାନ୍ତ କୁକୁର ଭଳି ଭୁକିବା ସହ ବିଡିଓଙ୍କ ଗାଡ଼ିକୁ ଜଗି ବସିଥିଲେ। ଯେତେବେଳେ ଅଫିସରଙ୍କ ଗାଡ଼ି ବାହାରିଲା ସେ ତୁରନ୍ତ କିଛି କାଗଜ ବିଡ଼ା ବିଡିଓଙ୍କ କାର୍ ଝରକା ପଟେ ଦେଇଥିଲେ। ଶ୍ରୀକାନ୍ତଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିଡିଓଙ୍କ ଗାଡ଼ିକୁ ଅଟକାଇ ଶ୍ରୀକାନ୍ତ କିଛି କହି ନ ଥିଲେ ବରଂ ତାଙ୍କ ମୁହଁକୁ ଚାହିଁ କେବଳ ଭୁକିଥିଲେ। ଶ୍ରୀକାନ୍ତଙ୍କ ଏ ପ୍ରକାର ବ୍ୟବହାର ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ପ୍ରକାଶିତ ଖବର ଅନୁସାରେ ରାଶନ କାର୍ଡରେ ଶ୍ରୀକାନ୍ତଙ୍କ ସାଙ୍ଗିଆ ଦତ୍ତା ବଦଳରେ କୁତ୍ତା ଲେଖାଯାଇଥିଲା। ତେବେ ଏ ପ୍ରକାର ତ୍ରୁଟି ପ୍ରଥମ ନୁହେଁ। ତିନିଥର ଶ୍ରୀକାନ୍ତ ଏହାକୁ ସଂଶୋଧନ କରିଥିଲେ ବି ସମାନ ବ୍ୟତିକ୍ରମ ଦେଖାଯାଇଥିଲା। ପୂର୍ବରୁ ଏ ସଂକ୍ରାନ୍ତରେ ଶ୍ରୀକାନ୍ତ ଉଚ୍ଚାଧିକାରୀଙ୍କୁ ଭେଟିଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ସେ କହିଛନ୍ତି। ଆଗାମୀ ଦିନରେ ଶ୍ରୀକାନ୍ତଙ୍କ ରାଶନ କାର୍ଡରେ ସାଙ୍ଗିଆ ସଂଶୋଧନ ନ କରାଗଲେ ସେ ପୁଣି ପ୍ରତିବାଦ କରିବେ ବୋଲି କହିଛନ୍ତି।


କଳିଙ୍ଗ ବୈଶ୍ୟ ମହାସଂଘ, ଓଡ଼ିଶା, ନିର୍ବାଚନ କମିଟି
Website:www.kvms.in ବିଜ୍ଞାପନ Dt.20.11.2022
ଏତଦ୍ୱାରା କଳିଙ୍ଗ ବୈଶ୍ୟ ମହାସଂଘ ଅନ୍ତର୍ଗତ ସମସ୍ତ ନିୟମିତ ସଭ୍ୟ, ମହାସଂଘ ସ୍ୱୀକୃତିପ୍ରାପ୍ତ ସମସ୍ତ ସଂଘ ଓ ଅଞ୍ଚଳମାନଙ୍କୁ ସୂଚିତ କରାଯାଉଅଛି ଯେ, ମହାସଂଘ କାର୍ଯ୍ୟନିର୍ବାହୀ କମିଟିର ନିଷ୍ପତ୍ତି କ୍ରମେ ଆଗାମୀ ତା.୧୧.୧୨.୨୦୨୨ ରିଖ ରବିବାର ଦିନ ମହାସଂଘର ସାଧାରଣ ଅଧିବେଶନ ସହ ମହାସଂଘ କର୍ମକର୍ତ୍ତା (ସଭାପତି, ଉପ-ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ) ନିର୍ବାଚନ ଖେମୁଣ୍ଡି ଅଞ୍ଚଳ ଅନ୍ତର୍ଗତ ଦିଗପହଣ୍ଡି ବଡଦାଣ୍ଡ ରାଜନଗର ନିକଟସ୍ଥ ରାମଚନ୍ଦ୍ର ଦେବ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେବ। ଏସମ୍ବନ୍ଧରେ ନିର୍ବାଚନ କମିଟି ଦ୍ୱାରା ପୂର୍ବରୁ ପ୍ରେରଣ କରାଯାଇଥିବା କାର୍ଯ୍ୟସୂଚୀ ପ୍ରକାରେ ଗତ ତା.୧୯.୧୧.୨୦୨୨ ରିଖ ସୁଦ୍ଧା ସମାପ୍ତି ହୋଇସାରିଥିବା ସମସ୍ତ କାର୍ଯ୍ୟସୂଚୀକୁ ବଳବତ୍ତର ରଖାଯାଇ ଆସନ୍ତା ତା.୨୧.୧୧.୨୦୨୨ ରିଖଠାରୁ ହେବାକୁ ଥିବା ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟସୂଚୀକୁ ନିମ୍ନ ପ୍ରକାରେ ସଂଶୋଧନ କରାଯାଇ ନିର୍ବାଚନ କାର୍ଯ୍ୟ ପରିଚାଳନା କରାଯିବା ପାଇଁ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରାଯାଉଅଛି।
କାର୍ଯ୍ୟସୂଚୀ
୧.ତା.୨୧.୧୧.୨୦୨୨ (ସୋମବାର) ପରିବର୍ତ୍ତେ ତା.୨୩.୧୧.୨୦୨୨ ରିଖ (ବୁଧବାର):- ଅପରାହ୍ନ ଘ.୦୫.୦୦ ସମୟରେ ପ୍ରାର୍ଥିପତ୍ର ଯାଞ୍ଚ ପରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶନ କରାଯିବ। ୨. ତା.୨୨.୧୧.୨୦୨୨ (ମଙ୍ଗଳବାର) ପରିବର୍ତ୍ତେ ତା.୨୫.୧୧.୨୦୨୨ ରିଖ (ଶୁକ୍ରବାର) ଦିନ: ବ୍ରହ୍ମପୁର ଜୌରାସାହିସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ଘ.୧୦.୦୦ ଠାରୁ ଅପରାହ୍ନ ଘ.୦୩.୦୦ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବ। ୩.ତା.୨୩.୧୧.୨୦୨୨ (ବୁଧବାର) ପରିବର୍ତ୍ତେ ତା.୨୫.୧୧.୨୦୨୨ ରିଖ (ଶୁକ୍ରବାର): ଅପରାହ୍ନ ଘ.୦୫.୦୦ ସମୟରେ ସମସ୍ତ ପଦବୀ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ କରାଯିବ। ୪.ତା.୧୧.୧୨.୨୦୨୨ (ରବିବାର):- ସମୟ: ଘ.୧୨.୦୦ ଠାରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ। ଭୋଟ ଗ୍ରହଣ: ଅପରାହ୍ନ ଘ.୧୨.୩୦ ଠାରୁ ଘ.୪.୦୦ (ସ୍ଥାନ: ଦିଗପହଣ୍ଡି ବଡଦାଣ୍ଡ ରାଜନଗର ନିକଟସ୍ଥ ରାମଚନ୍ଦ୍ର ଦେବ କଲ୍ୟାଣ ମଣ୍ଡପ)। ୫. ତା.୧୧.୧୨.୨୦୨୨ (ରବିବାର):- ଭୋଟ ଗ୍ରହଣ ସମାପ୍ତି ପରେ ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ଭୋଟଗଣତି କାର୍ଯ୍ୟକ୍ରମ ଓ ତତ୍‌ପରେ ନିର୍ବାଚିତ ପ୍ରାର୍ଥୀମାନଙ୍କ ନାମ ଘୋଷଣା ଓ ଶପଥ ପାଠ।
ସ୍ୱା./-(କେ.ଗୋପାଳ କୃଷ୍ଣ ସେନାପତି)
ଅଧ୍ୟକ୍ଷ, ନିର୍ବାଚନ କମିଟି



DISTRICT PROJECT OFFICE
SS, SUNDARGARH
Infront of BS High School, Sundargarh
Email: dpcsndgssa.opepa@nic.in
No.5137/IE//Dated 19.11.2022
LIMITED TENDER CALL NOTICE
Limited tenders in plain paper are invited from the Service Registered Firms located in Odisha having valid GSTIN and Income Tax Clearance Certificate for procurement of resource materials to be installed at Block Resource Centre for the CWSN at different blocks of Sundargarh district .The details terms and conditions, list of materials etc can be available in district website www.sundargarh@nic.in and OPEPA website www.osepa.gov.in .
The tender should reach the office of the undersigned on or before 29.11.2022 by 1.00 P.M. at the latest through speed/regd. post and the tenders shall be opened on the same day at 4.00 P.M. in the presence of bidders or their authorized representatives.
The tenders received in incomplete shape or after the schedule date and time shall be summarily rejected. The undersigned reserves the right to reject any or all tenders without assigning any reason thereof.
Sd./- DEO-cum-DPC
Samagra Shiksha, Boudh


# ଗୁରୁଙ୍କ ରୋମାଣ୍ଟିକ୍ ଆଲ୍‌ବମ୍‌ରେ ଶେହେନାଜ



**ମୁମ୍ବାଇ:** ଅଭିନେତ୍ରୀ ଶେହନାଜ ଗିଲ୍‌ଙ୍କ କ୍ରେଜ ଦର୍ଶକଙ୍କ ମଧ୍ୟରେ ବଢ଼ିବାରେ ଲାଗିଛି। ସେ ଆଗକୁ ଅନେକ ବଲିଉଡ୍ ଫିଲ୍ମରେ ନଜର ଆସିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ପଞ୍ଜାବୀ କଣ୍ଠଶିଳ୍ପୀ ଗୁରୁ ରନ୍ଧାୱାଙ୍କ ସହ ଶେହନାଜଙ୍କ ନାଁ ଏବେ ଯୋଡି ହୋଇଛି। ଦୁହେଁ ଏକ ରୋମାଣ୍ଟିକ ଗୀତରେ ଏକାଠି କାମ କରୁଥିବା ଖବର ପ୍ରକାଶ ପାଇଛି। ଶୁଟିଂ ବେଳର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିଗ୍ ବସ୍ ସିଜନ୍-୧୩ରେ ନିଜ ଚୁଲବୁଲି ଅନ୍ଦାଜ ଓ ଖୋଲା ମନ ପାଇଁ ଶେହନାଜ ଗିଲ ଦର୍ଶକଙ୍କ ପ୍ରିୟ ହୋଇପାରିଥିଲେ। ବିଗ ବସ୍‌ଙ୍କ ଘରେ ରହିବା ପରେ ଶୋ'ର ହୋଷ୍ଟ ସଲମାନ ମଧ୍ୟ ଶେହନାଜଙ୍କୁ ଖୁବ୍ ପସନ୍ଦ କରୁଥିବା ଦେଖିବାକୁମିଳିଛି। ଶେହେନାଜ ବର୍ତ୍ତମାନ ସୁଦ୍ଧା ବହୁ ପଞ୍ଜାବୀ ଫିଲ୍ମରେ ଅଭିନୟ କିରିଥିବାବେଳେ ଆଗକୁ ହିନ୍ଦୀ ଫିଲ୍ମରେ ସେ ଦେଖାଯିବେ।


ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ
(ଭୂ-ଅର୍ଜନ ଉପ ବିଭାଗ)
ଘୋଷଣା
ବିଜ୍ଞପ୍ତି ସଂଖ୍ୟା ୧୧୩୭ ତାରିଖ ୦୪.୧୧.୨୦୨୨ ଜିଲ୍ଲା ସୁନ୍ଦରଗଡ
No.VIII-03: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ଉଷ୍ରା, ଥାନା-କୁଆଁରମୁଣ୍ଡା, ତହସିଲ-କୁଆଁରମୁଣ୍ଡା (ପାନପୋଷ), ଜିଲ୍ଲା-ସୁନ୍ଦରଗଡରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ନିମନ୍ତେ।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୪୯, ତା.୦୨.୦୬.୨୦୨୨ ରିଖରେ ପ୍ରକାଶିତ ହୋଇଅଛି।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଉଷ୍ରା, ଥାନା-କୁଆଁରମୁଣ୍ଡା, ତହସିଲ-କୁଆଁରମୁଣ୍ଡା (ପାନପୋଷ), ଜିଲ୍ଲା-ସୁନ୍ଦରଗଡରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.sundargarh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା-ସୁନ୍ଦରଗଡ଼ ତହସିଲ-କୁଆଁରମୁଣ୍ଡା (ପାନପୋଷ)

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଉଷ୍ରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | | | | ୦.୬୮ | ଏଥି ସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା-ସୁନ୍ଦରଗଡ ତହସିଲ-କୁଆଁରମୁଣ୍ଡା (ପାନପୋଷ)

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହଁ। | | | | | | | |

• ଅଧିସୂଚନା ବୈଧ ତାରିଖ ୦୧.୦୬.୨୦୨୩

ସମ୍ପୂର୍ଣ୍ଣ ଜମି ବିବରଣୀ
ତହସିଲ-କୁଆଁରମୁଣ୍ଡା
ଗ୍ରାମ-ଉଷ୍ରା ଜିଲ୍ଲା-ସୁନ୍ଦରଗଡ

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ଖାତା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୭ | ୧୪୭୬ | ଗୋଡା-୧ | ୦.୪୬ | ୦.୦୩ | ଅମିନ କିଶାନ, ପି:ଗୁନୁ କିଶାନ, ଜା: କିଶାନ, ବା:ନିଜଗାଁ |
| ୨ | ୪୯ | ୧୪୬୭ | ମା.ସା. | ୦.୬୯ | ୦.୧୧ | ଚଗା କିଶାନ, ପି:ଭଦର କିଶାନ, ଜା:କିଶାନ, ବା:ନିଜଗାଁ |
| | | ୧୪୭୮ | ଗୋଡା-୧ | ୦.୫୨ | ୦.୦୮ | |
| | | ୧୪୭୯ | ଘରବାରି | ୦.୧୮ | ୦.୦୧ | |
| ୩ | ୧୭୩ | ୧୧୭୭/ ୨୪୫୧ | ଗୋଡା-୨ | ୦.୪୫ | ୦.୪୫ | ଭଜ ଗୌଡ, ଜଗନ୍ନାଥ ଗୌଡ, ପି:ତୀର୍ଥ ଗୌଡ, ଜା:ଗୌଡା, ବା:ନିଜଗାଁ |
| ମୋଟ | | | | | ୦.୬୮ | |

ସ୍ୱା./- ଭୂ-ଅର୍ଜନ ଅଧିକାରୀ
ସୁନ୍ଦରଗଡ଼
ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଗାଭାଲି ହର୍ଷଦ ପରାଗ
ଜିଲ୍ଲାପାଳ, ସୁନ୍ଦରଗଡ
OIPR-24160/14/0006/2223

## ସଂକ୍ଷେପରେ

### ମୋ ବସ୍ ଧକ୍କାରେ ଛାତ୍ରଙ୍କ ମୃତ୍ୟୁ ଘଟଣା
## କ୍ଷତି ପୂରଣ ପାଇଁ ଏନ୍ଏଚ୍ଆର୍ସିରେ ମାମଲା

ଭୁବନେଶ୍ୱର, ୨୦।୧୧(ବ୍ୟୁରୋ) - ମୋ ବସ୍ ଧକ୍କାରେ ଗୁରୁବାର ଖଣ୍ଡଗିରି ଥାନା ଅନ୍ତର୍ଗତ ଶତାବ୍ଦୀ ନଗର ଅଞ୍ଚଳର ସପ୍ତମ ଶ୍ରେଣୀ ଛାତ୍ର ସମ୍ବିତ ନାୟକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜାତୀୟ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ। ଏନେଇ ଏନ୍ଏଚ୍ଆରସିରେ ଏକ ମାମଲା (ନଂ.୧୯୪୦୮/ଇନ/୨୦୨୨) ଦାଏର ହୋଇଛି। ସୁବ୍ରତ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ମୋ ବସ୍ କର୍ମଚାରୀଙ୍କ ମନମୁଖୀ କାମ ଯୋଗୁ ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହର ଭିତରେ ୨୦ ରୁ ୩୦ କିମି ବେଗରେ ଗାଡି ଚଳେଇବାର ନିୟମ ରହିଥିବାବେଳେ ମୋ ବସ୍ ଡ୍ରାଇଭରମାନେ ଦ୍ରୁତ ଗତିରେ ଚଳାଉଛନ୍ତି। ଫଳରେ ଅକାଳରେ ଜଣେ ଛାତ୍ରର ମୃତ୍ୟୁ ଘଟିଛି। ସମ୍ପୃକ୍ତ ଡ୍ରାଇଭରଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ମୃତ ଛାତ୍ରଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତି ପୂରଣ ପାଇଁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି।

## ଚକ ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ ନେବା ପ୍ରସଙ୍ଗ: ତେଜିଲା ଆନ୍ଦୋଳନ

ପୁରୁଣା ଭୁବନେଶ୍ୱର,୨୦।୧୧(ଡି.ଏନ୍.ଏ.): ଉତ୍ତରା ଫାଣ୍ଡି ଅଧୀନ ଲକ୍ଷ୍ମୀନାରାୟଣପୁର ବିଲ୍ଲିପଡ଼ା ମୌଜାରେ ଜଣେ ବିଲ୍ଡର ଚକରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ ନେବାକୁ ନେଇ ଶନିବାର ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରାୟ ୨୦୦ ଏକରରୁ ଊର୍ଦ୍ଧ୍ୱ ଚାଷଜମିରେ ଓଡ଼ିଶା ରିୟଲ ଇଷ୍ଟେଟ୍ ରେଗୁଲେଟୋରି ଆକ୍ଟ (ଓରେରା)ର ବିନା ରେଜିଷ୍ଟ୍ରେଶନରେ ବିଲ୍ଡର ଜଣଙ୍କ ବେଆଇନ ଭାବେ ପ୍ଲଟିଂ କରୁଛନ୍ତି। ଫଳରେ ଏହି ପ୍ଲଟକୁ ଲାଗିଥିବା ଜମିର ଚାଷୀ ଧାନ ବେଉଷଣଠାରୁ ଫସଲ ଅମଳ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି। ଏହି ପରିପ୍ରେକ୍ଷୀରେ ଚାଷଜମିକୁ ଥିବା ଏକ ଚକରାସ୍ତା ଉପରେ ବିଲ୍ଡର ୧୧କେଭି ବିଦ୍ୟୁତ୍ ନେବାରୁ ଚାଷୀମାନେ ଏକମାସ ହେବ ବିରୋଧ କରିଆସୁଛନ୍ତି। ଶନିବାର ୧୫ରୁ ୨୦ଜଣ ବିଦ୍ୟୁତ୍ କର୍ମଚାରୀଙ୍କ ସହ ଜମି ଦଲାଲ ପହଞ୍ଚି ବିଦ୍ୟୁତ ତାର ଟାଣିବାକୁ ଉଦ୍ୟମ କରୁଥିଲେ। ଖବରପାଇ ଗ୍ରାମର କେତେଜଣ ଚାଷୀ ପହଞ୍ଚି ହୋହଲ୍ଲା କରିଥିଲେ। ଫଳରେ ବିଦ୍ୟୁତ୍ କର୍ମଚାରୀମାନେ ଓହ୍ଲାଇ ପଳାଇଥିଲେ। ପରବର୍ତ୍ତୀ ସମୟରେ ଏନେଇ କେତେଜଣ ଚାଷୀ ବଡ଼ଗଡ଼ସ୍ଥିତ ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

## ସରକାରୀ ବାସଗୃହ ନିର୍ମାଣକୁ ବିରୋଧ

ଭୁବନେଶ୍ୱର, ୨୦।୧୧(ବ୍ୟୁରୋ) ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ-୩୯ରେ ଥିବା ବହୁ ପୁରାତନ କଲ୍ୟାଣ ମଣ୍ଡପ ଭାଙ୍ଗିଯିବା ପରେ ଖାଲି ସ୍ଥାନର ଉପଯୋଗକୁ ନେଇ ବିଭିନ୍ନ ସମୟରେ ବିବାଦ ମୁଣ୍ଡ ଟେକୁଛି। ଉକ୍ତ ସ୍ଥାନ ଜଙ୍ଗଲ କିସମ ଜମି ହୋଇଥିବାରୁ ସେଠାରେ କୌଣସି ନିର୍ମାଣ କାର୍ଯ୍ୟକୁ ଅଞ୍ଚଳବାସୀ ବିରୋଧ କରିଆସୁଛନ୍ତି। ଅନ୍ୟପଟେ ସେଠାରେ ୧୩୨ଟି ସରକାରୀ ବାସଗୃହ ନିର୍ମାଣ ପାଇଁ କାମ ଆରମ୍ଭ ହୋଇଛି। ଏହି ନିର୍ମାଣକୁ ବିରୋଧ କରି ନୟାପଲ୍ଲୀ ସିଟିଜେନ୍ ୱେଲଫେୟାର୍ ଆସୋସିଏଶନ ଏବଂ ଏଲଏନ୍ ଲାଫ୍ଟର ଆଣ୍ଡ ଏକ୍ସରାଇଜ୍ କ୍ଲବ୍ ପକ୍ଷରୁ ପ୍ରତିବାଦ କରାଯାଇଛି। ଏହି କ୍ରମରେ ରବିବାର ଅପରାହ୍ନରେ ଏକ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ୧୯୬୮ରୁ ନୟାପଲ୍ଲୀ ମୌଜା ଭୁବନେଶ୍ୱର ଏନ୍ଏସିରେ ସାମିଲ ହୋଇଥିଲେ ମଧ ଏହି ମୌଜାର ୱାର୍ଡ ନଂ-୩୭, ୩୮ ଓ ୩୯ ଅନେକ ସମସ୍ୟା ଘେରରେ ଥିବା ସିଟିଜେନ୍ ୱେଲଫେୟାର କମିଟିର ସାଧାରଣ ସମ୍ପାଦକ ପୂର୍ଣ୍ଣେନ୍ଦୁ କୁମାର ଦାଶ କହିଛନ୍ତି। ସଂପୃକ୍ତ ଅଞ୍ଚଳରେ କୌଣସି ଖାଲି ସ୍ଥାନ ନଥିବାବେଳେ ଏଠାରେ ସର୍ବସାଧାରଣ ପାର୍କ ନିର୍ମାଣ କରାଯିବା ଉଚିତ ବୋଲି କ୍ଲବର ସଭାପତି ଜୟକୃଷ୍ଣ ରାଜହଂସ କହିଛନ୍ତି। ଏହି ଧାରଣାରେ ବରିଷ୍ଠ ନାଗରିକଙ୍କ ସମେତ ଅନ୍ୟମାନେ ଯୋଗଦେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଖଲି, ଦନା କାରଖାନାରେ ଅଗ୍ନିକାଣ୍ଡ

ବେଗୁନିଆ,୨୦।୧୧(ଡି.ଏନ୍.ଏ.)- ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅନ୍ତର୍ଗତ ରାଉତପଡା ଗାଁର ଏକ ଖଲି, ଦନା ପ୍ରସ୍ତୁତ କାରଖାନାରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ କାରଖାନା ମାଲିକ ଆଝାର ମହମ୍ମଦଙ୍କ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜଳି ପୋଡି ନଷ୍ଟ ହୋଇଯାଇଥିଲା। ପ୍ରକାଶଥାଉକି, ଆଝାରଙ୍କ ପରିବାର ଲୋକେ ସାଳ ପତ୍ର ଓ ପଲିଥିନରେ ଦୈନିକ ଖଲି ଓ ଦନା ପ୍ରସ୍ତୁତ କରି ଜୀବିକା ନିର୍ବାହ କରୁଥିଲେ। ଦନା ପ୍ରସ୍ତୁତ କରାଯାଇ ପ୍ରାୟ ୧୦୦ ବସ୍ତା ଖଲି ଓ ଦନା କାରଖାନା ପରିସରରେ ରଖାଯାଇଥିଲା। ମାତ୍ର ରବିବାର ଅପରାହ୍ନରେ ଅକସ୍ମାତ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ସ୍ମାର୍ଟସିଟିରେ ଦହଗଞ୍ଜ ୧୨ ବସ୍ତିର ବାସିନ୍ଦା



ପୁରୁଷୋତ୍ତମ ବସ୍ତିରେ ଡ୍ରେନ ନ ଥିବାରୁ ଘର ସମ୍ମୁଖରେ ଆବର୍ଜନା ପାଣି ବୋହିଯାଉଛି ।

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

### ମୌଳିକ ସୁବିଧାରୁ ବଞ୍ଚିତ, ବିକାଶ ଅପହଞ୍ଚ

ଭୁବନେଶ୍ୱରକୁ ମଡେଲ ସିଟିରେ ପରିଣତ କରିବା ପାଇଁ ଯୋଜନା ପରେ ଯୋଜନା କରାଯାଉଛି। କିନ୍ତୁ ଏବେ ବି ସ୍ମାର୍ଟସିଟିରେ ରହୁଥିବା ଅନେକ ବସ୍ତିବାସିନ୍ଦା ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। କେଉଁଠି ରାସ୍ତା ନାହିଁ ତ କେଉଁଠି ଡ୍ରେନ୍ ନାହିଁ। କେଉଁଠି ଶୌଚାଳୟ ସୁବିଧା ନାହିଁ ତ ପୁଣି ଆଉ କେଉଁଠି ସ୍ୱାସ୍ଥ୍ୟସେବା ବିଗିଡିବାରେ ଲାଗିଛି। ଏପରି ବିଭିନ୍ନ ସମସ୍ୟାକୁ ନେଇ ୱାର୍ଡ ନଂ.୧୦ ଅନ୍ତର୍ଗତ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ପ୍ରାୟ ୧୨ଟି ବସ୍ତିର ବାସିନ୍ଦା ବର୍ଷବର୍ଷ ଧରି ଦହଗଞ୍ଜ ହେଉଛନ୍ତି। ଜଗନ୍ନାଥ ଲେପୋର୍ସୀ କଲୋନୀ, ପୁରୁଷୋତ୍ତମ ବସ୍ତି, ଝରଣା ବସ୍ତି(କ) ଓ (ଖ), ମଣିନାଗେଶ୍ୱରୀ ବସ୍ତି, ଭଗବତୀ ବସ୍ତି, ହାଡ଼ବାଇ ବସ୍ତି, ଆଖଣ୍ଡଳମଣି ବସ୍ତି, ଗୋପବନ୍ଧୁ ବସ୍ତି, ଘୁଘୁଘୁଟୁ ବସ୍ତି ସରକାରୀ ଜମିରେ ଗଢ଼ି ଉଠିଛି। ୱାର୍ଡର ଅଧିକାଂଶ ଅଞ୍ଚଳ ଇଡ୍‌କୋ ଅଧୀନରେ ରହିଥିବାରୁ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରୁ ନାହିଁ ବୋଲି ବାରମ୍ବାର ଅଭିଯୋଗ ହେଉଛି। ୱାର୍ଡରେ ଭଲ ରାସ୍ତା ନାହିଁ। ଖାଲଖମା ଓ ଅଣଓସାରିଆ ରାସ୍ତା ସ୍ମାର୍ଟସିଟିର ଚିତ୍ରକୁ ବିକୃତ କରୁଛି। ଡ୍ରେନ୍ ନ ଥିବାରୁ ଘର ଆଗରେ ପାଣି ଜମି ରହୁଛି। କେତେକ ବସ୍ତିରେ ଦୁର୍ଗନ୍ଧରେ ନାକ ଫାଟିବା ସହ ପୋକ ସାଲୁବାଲୁ ହୋଇ ପରିବେଶକୁ ଅସ୍ୱାସ୍ଥ୍ୟକର କରୁଛି। ବର୍ଷାଦିନ ଆସିଲେ ଦୁର୍ଦ୍ଦଶା ବହୁଗୁଣିତ ହେଉଛି। ବର୍ଷା ଓ ଆବର୍ଜନା ଜଳ ନିଷ୍କାସିତ ହୋଇ ନ ପାରି ଘରେ ପଶୁଛି। ଘରେ ଶିଶୁ, ବୃଦ୍ଧ ଓ ରୋଗୀ ଥିଲେ କଥା ସରିଲା। ପାନୀୟ ଜଳ ସମସ୍ୟା ମଧ ଅଞ୍ଚଳବାସୀଙ୍କ ଯନ୍ତ୍ରଣାକୁ ବଢ଼ାଇଦେଉଛି। ଇଡ୍‌କୋଠାରୁ ଅନୁମତି ମିଳୁ ନ ଥିବାରୁ ଅଞ୍ଚଳର ବିକାଶଧାରା ବାଧାପ୍ରାପ୍ତ ହେଉଥିବାବେଳେ ଅଞ୍ଚଳବାସୀଙ୍କ ଜୀବନଧାରାରେ କିଛି ବି ପରିବର୍ତ୍ତନ ଆସିପାରୁନି।

### ଇଡ୍‌କୋ ଏନ୍ଓସି ଦେଉ ନ ଥିବାରୁ ଉନ୍ନୟନ କାମ ଅଟକିଛି

ଇଡ୍‌କୋ ଜମିରେ ୱାର୍ଡର ଅଧିକାଂଶ ଅଞ୍ଚଳ ରହୁଛି। ତେଣୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଇଡ୍‌କୋର ସହାୟତା ଦରକାର ପଡୁଛି। ତେବେ ଇଡ୍‌କୋ ଅଧିକାରୀ ଏଥିରେ ସହଯୋଗ କରୁ ନ ଥିବାରୁ କୌଣସି କାର୍ଯ୍ୟ ହୋଇପାରୁ ନାହିଁ। ଇଡ୍‌କୋଠାରୁ ଏନ୍ଓସି ମିଳିବା ପରେ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିବ। ସମସ୍ୟା ବିଷୟରେ ବିଧାୟକ ସୁଶାନ୍ତ ରାଉତଙ୍କଠାରୁ ଆରମ୍ଭ କରି ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ବିଏମ୍‌ସି ପକ୍ଷରୁ ଏନେଇ ଇଡ୍‌କୋକୁ ଚିଠି ଲେଖାଯାଇଥିଲେ ମଧ କୌଣସି ସକରାତ୍ମକ ଉତ୍ତର ମିଳିପାରିନାହିଁ।

– ସେକ୍ ନୁରହାସନ, କର୍ପୋରେଟର, ୱାର୍ଡ ନଂ.୧୦

### ଡ୍ରେନ୍ ପାଣି ଘରେ ପଶୁଛି, ପୋକଜୋକ, ମଶା ଉତ୍ପାତ କରୁଛନ୍ତି



ବର୍ଷ ବର୍ଷ ଧରି ସେଇ ଖାଲଖମା ରାସ୍ତାରେ ଯାଉଛୁ। ଅନେକ ସମୟରେ ଲୋକେ ଖାଲରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଡ୍ରେନ୍ ତ ନାହିଁ, ହେଲେ ବର୍ଷାଦିନେ ରାସ୍ତାଘାଟ ଘରଦ୍ୱାର ସବୁ ଡ୍ରେନରେ ପରିଣତ ହେଉଛି। ସବୁବେଳେ ଘର ଆଗରେ ପାଣି ଜମି ରହୁଛି। ନର୍ଦ୍ଦମାର ପୋକଜୋକ ସବୁ ଘରେ ପଶୁଛନ୍ତି। ଦିନରେ ମାଛି ଯେମିତି ହେଉଛନ୍ତି, ରାତିରେ ସେମିତି ମଶା। ବିଏମ୍‌ସି ପକ୍ଷରୁ ମଶାମରା ତେଲ ମଧ ପକାଯାଉନାହିଁ।

– ରମା ବେହେରା, ସ୍ଥାନୀୟ ବାସିନ୍ଦା

### କାଦୁଅ ପଚପଚ, ଖାଲଖମା ରାସ୍ତା



ନାମକୁ ମାତ୍ର ସ୍ମାର୍ଟସିଟି। ପ୍ରକୃତଚିତ୍ର ଆଖିରେ ନ ଦେଖିଲା ଯାଏ କେହି ବିଶ୍ୱାସ କରିପାରିବେ ନାହିଁ। କଚ୍ଚା ରାସ୍ତାରେ ଖରା ଓ ଶୀତଦିନରେ ଧୂଳି ଉଡ଼ି ରୋଗ କରିପକାଉଛି। ବର୍ଷାଦିନେ କାଦୁଅ ପଚପଚ ରାସ୍ତା ସହ ଖାଲ ଖମା ଯୋଗୁ ଆମେ ହଇରାଣ ହେଉଛୁ। ଯେଉଁଠି ସାଧାରଣ ରାସ୍ତାଘାଟର ସୁବିଧା ନାହିଁ, ସେଠାରେ ଆଉ କିଛି ସୁବିଧା ପାଇବା ଆଶା ରଖିବା ବି ବୃଥା। ଏମିତି ରାସ୍ତାରେ ଆମ୍ବୁଲାନ୍ସଟିଏ ପାର୍ ହେବାକୁ ବହୁତ ସମୟ ଲାଗିଯାଉଛି।

– ଦମୟନ୍ତୀ ବେହେରା, ସ୍ଥାନୀୟ ବାସିନ୍ଦା

### ପାଇଖାନା ନାହିଁ, ଟ୍ରେନ୍ ଲାଇନ୍‌କୁ ଶୌଚ ପାଇଁ ଯାଉଛୁ



ପୁରୁଷୋତ୍ତମ ବସ୍ତିରେ କାହା ଘରେ ମଧ ପାଇଖାନା ନାହିଁ। ରେଳ ଧାରଣାକୁ ଛୋଟରୁ ବଡ଼ ସମସ୍ତେ ଶୌଚ ହେବା ପାଇଁ ଯାଉଛନ୍ତି। ଫଳରେ ପୂର୍ବରୁ ଟ୍ରେନ୍‌ରେ କଟି କେତେଜଣଙ୍କ ଜୀବନ ମଧ ଯାଇଛି। ଏଥିପ୍ରତି କାହାର ନଜର ନାହିଁ। ଗୋଟିଏ ସର୍ବସାଧାରଣ ଶୌଚାଳୟ ହୋଇପାରିଲେ ଲୋକମାନେ ଉପକୃତ ହୋଇପାରନ୍ତେ। ନାଳ ନର୍ଦ୍ଦମା ସଂସ୍ପର୍ଶରେ ଆସି ପିଲାମାନେ ବିଭିନ୍ନ ରୋଗରେ ପଡୁଛନ୍ତି।

– ସୁନୀଲ ବେହେରା, ସ୍ଥାନୀୟ ବାସିନ୍ଦା

### ପିଲାମାନେ ଖେଳିବାକୁ ରାସ୍ତାକୁ ଚାଲିଯାଉଛନ୍ତି



ପିଲାମାନେ ଖେଳାବୁଲା କରିବାକୁ ସ୍ଥାନ ପାଉନାହାନ୍ତି, ରାସ୍ତା ଉପରକୁ ଚାଲିଆସୁଛନ୍ତି। ସେଥିପାଇଁ ରାସ୍ତାରେ ସ୍ପିଡ୍ ବ୍ରେକର କରିବା ପାଇଁ ବାରମ୍ବାର ଅଭିଯୋଗ କଲେ ମଧ ଶୁଣିବାକୁ କେହି ନାହାନ୍ତି। ରୋଗୀ, ବୃଦ୍ଧ, ଶିଶୁ ସମସ୍ତେ ରେଳଧାରଣାକୁ ଶୌଚ ହେବା ପାଇଁ ଯାଉଛନ୍ତି। ମୋ ଶାଶୂ ଏମିତି ଦିନେ ଟ୍ରେନ୍‌ରେ କଟିଯାଇଥିଲେ। ତଥାପି କୌଣସି ପଦକ୍ଷେପ ନିଆଗଲା ନାହିଁ।

– ନହଲୀ ବେହେରା, ପୁରୁଷୋତ୍ତମ ବସ୍ତି ବାସିନ୍ଦା

## ଆଜି କେସିସିବି ଉପାଧ୍ୟକ୍ଷା ଲାଗି ନାମାଙ୍କନ ଦାଖଲ

ଖୋର୍ଦ୍ଧା ଅଫିସ,୨୦।୧୦:

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ପରିଚାଳନା ପରିଷଦ ଉପାଧ୍ୟକ୍ଷ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ପଦବୀ ପାଇଁ ସୋମବାର ନାମାଙ୍କନ ଦାଖଲ ରହିଛି। ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ, ଅପରାହ୍ନ ୧ଟା ଠାରୁ ୨ଟା ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଶୁଣାଣି କରାଯିବ। ୨୩ ତାରିଖରେ ପୂର୍ବାହ୍ନ ୧୧ଟା ଠାରୁ ଅପରାହ୍ନ ୧ଟା ମଧ୍ୟରେ ନାମାଙ୍କନ ପ୍ରତ୍ୟାହାର ଏବଂ ୨୮ତାରିଖରେ ବୋର୍ଡ ନିର୍ଦ୍ଦେଶକଙ୍କୁ ନେଇ ମତଦାନ କରାଯିବ ବୋଲି ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ ସୂଚନା ଦେଇଛନ୍ତି। ୧୫ ବୋର୍ଡ ନିର୍ଦ୍ଦେଶକଙ୍କ ମଧ୍ୟରୁ ୧୨ଜଣ ଶାସକ ଦଳ ସମର୍ଥିତ ରହିଛନ୍ତି। ପୂର୍ବରୁ ପରିଚାଳାନ ପରିଷଦ ସଭାପତି ଭାବେ ୧୪ନଂ. ବୋର୍ଡ ନିର୍ଦ୍ଦେଶକ ଅଭିଷେକ ସିଂ ସାମନ୍ତ ଶାସକ ଦଳ ସମର୍ଥନରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ପୂର୍ବରୁ ଅଧ୍ୟକ୍ଷ ପଦବୀକୁ ନେଇ ଦଳରେ ଛକାପଞ୍ଝା ଲାଗି ରହିଥିଲା। ଶେଷରେ ବିଧାୟକଙ୍କ ନିଷ୍ପତ୍ତି କ୍ରମେ ଜିଲା ପର୍ଯ୍ୟବେକ୍ଷିକା ତଥା ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଅଭିଷେକଙ୍କ ନାମ ଘୋଷଣା କରିଥିଲେ। ଏବେ ପଦ୍ମପୁର ନିର୍ବାଚନ ଲାଗି ଜିଲା ସଭାପତି ବିଭୂତି ବଳବନ୍ତରାୟ, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଅନୁପସ୍ଥିତ ରହିଛନ୍ତି। ତେବେ ଦଳ କାହାକୁ ଉପାଧ୍ୟକ୍ଷା ଭାବେ ନାମ ଘୋଷଣା କରିବ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।





କବିତା ପୁସ୍ତକ 'କାଳପୁରୁଷ' ଇଂଲିଶ୍ ଅନୁବାଦ ଲୋକାର୍ପଣ ଅବସରରେ ଯୋଗ ଦେଇଥିବା ଅତିଥିମାନେ ।

## କବିତା ପୁସ୍ତକ 'କାଳପୁରୁଷ'ର ଇଂଲିଶ୍ ଅନୁବାଦ ଲୋକାର୍ପିତ

ପୁରୁଣା ଭୁବନେଶ୍ୱର,୨୦।୧୧ (ଡି.ଏନ୍.ଏ.):

ରେଡ୍‌କ୍ରସ ଭବନରେ କବି ରୁଦ୍ର ପ୍ରସାଦ ମହାନ୍ତିଙ୍କ ଓଡ଼ିଆ କବିତା ପୁସ୍ତକ 'କାଳପୁରୁଷ'ର ଇଂଲିଶ୍ ଅନୁବାଦ ଲୋକାର୍ପିତ ହୋଇଯାଇଛି। ପୂର୍ବତନ ଅର୍ଥ ସଚିବ କୃଷ୍ଣଚନ୍ଦ୍ର ବସୁ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଅତିଥିଭାବେ ସ୍ତମ୍ଭକାର ତଥା କେନ୍ଦ୍ର କମିଶନରଙ୍କ ଉପଦେଷ୍ଟା ଡ. ଭଗବାନ ପ୍ରସାଦ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂଲିଶ ପ୍ରଫେସର ଜିତେନ୍ଦ୍ର କୁମାର ନାୟକ, ପୂର୍ବତନ ପିସିସିଏଫ୍ ପ୍ରଭାତ ରଞ୍ଜନ ମହାନ୍ତି, ଡ. କିଶୋର ଚନ୍ଦ୍ର ପାତ୍ରୀ, ଡ. ନିଶାମଣି ସ୍ୱାଇଁ ପ୍ରମୁଖ ଯୋଗଦେଇ ପୁସ୍ତକର ମାନ ଉପରେ ମତ ରଖିଥିଲେ। ବହିଟି ଇଂଲିଶ୍ ଅନୁବାଦ କରିଥିଲେ ଏକାମ୍ର କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ଇଂଲିଶ ଅଧ୍ୟାପକ ଡ. ନୀତିରଞ୍ଜନ ଚାନ୍ଦ। ରେବତିକାନ୍ତ ଚାନ୍ଦ ସ୍ୱାଗତ ଭାଷଣ ଦେଇଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଅଶୋକ ରଥ ଧନ୍ୟବାଦ ଦେଇଥିଲେ।

## ପ୍ରତି ୱାର୍ଡରେ ଆମିଷ ମାର୍କେଟ କରିବାକୁ ପ୍ରସ୍ତାବ



ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)

### ଖୋଲିଲା ଘାଟିକିଆ ଅତ୍ୟାଧୁନିକ ମାଂସ ମାର୍କେଟ

ଘାଟିକିଆସ୍ଥିତ ଅତ୍ୟାଧୁନିକ ମାଂସ ମାର୍କେଟ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହୋଇଥିବା ବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେୟର ସୁଲୋଚନା ଦାସ ପରିଦର୍ଶନ କରିଛନ୍ତି। ଏହି ସମୟରେ ୱାର୍ଡ-୨୩ର କର୍ପୋରେଟର କିରଣବାଳା ମାଝି, ପୂର୍ବତନ କର୍ପୋରେଟର ଦିଲ୍ଲୀପ ମାଝି, ମୁଜାହିଦ୍ ହୁସେନ ଭୁବନେଶ୍ୱର ନନ୍‌ଭେଜ୍ ଟ୍ରେଡର୍ସ ଫେଡେରେସନ୍‌ର ସଭାପତି ଶେଖ ଆୟୁବ୍ ଓ ସାଧାରଣ ସମ୍ପାଦକ ଶେଖ ସାର୍ଜନ, ସମ୍ପାଦକ ଶେଖ ଦିନ ମହମ୍ମଦ ଏବଂ ଅଲ୍ ଓଡ଼ିଶା ନନ୍‌ଭେଜ୍ ଟ୍ରେଡର୍ସ ଫେଡେରେସନ୍‌ର ରାଜ୍ୟ ସଭାପତି ଶେଖ ମୁନ୍ତାକିନ ବକ୍ସ ପ୍ରମୁଖ ଉପସ୍ଥିତ ଥିଲେ। ମାର୍କେଟ ପରିସରକୁ ସ୍ୱଚ୍ଛ ରଖିବା ପାଇଁ ମେୟର ବ୍ୟବସାୟୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟପଟେ ସହରରେ ୩୫୦ରୁ ଅଧିକ ମାଂସ ବ୍ୟବସାୟୀ ରହିଥିବା ବେଳେ ମାତ୍ର ଗୋଟିଏ ୱାର୍ଡରେ ମାଂସ ମାର୍କେଟ୍ ହୋଇପାରିଛି। ତେଣୁ ଆଗାମୀ ଦିନରେ ପ୍ରତି ୱାର୍ଡରେ ମାଂସ ଅଥବା ଆମିଷ ମାର୍କେଟ କରିବା ପାଇଁ ଶେଖ ମୁନ୍ତାକିନ ବକ୍ସ ବିଏମ୍‌ସିକୁ ପ୍ରସ୍ତାବ ଦେଇଛନ୍ତି। ସଂପୃକ୍ତ ୱାର୍ଡରେ ୨୪ଜଣ ମାଂସ ବ୍ୟବସାୟୀ ଥିବାବେଳେ ୧୨ଜଣଙ୍କୁ ଏହି ମାଂସ ମାର୍କେଟରେ ବ୍ୟବସାୟ ପାଇଁ ଅନୁମତି ମିଳିଛି।

## ଗାନ୍ଧୀବାଦ ଓ ମାର୍କ୍ସବାଦୀ ସମନ୍ୱୟ କବି ଥିଲେ ମନମୋହନ ମିଶ୍ର

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବି ମନମୋହନ ମିଶ୍ରଙ୍କ ସାହିତ୍ୟ ଓ ଜୀବନାଦର୍ଶକୁ ନେଇ ଏକ ସ୍ମୃତିସଭା ଶନିବାର ଭୁବନେଶ୍ୱର ସଂସ୍କୃତି ଭବନ, ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ କହିଛନ୍ତି, ମନମୋହନ ମିଶ୍ର ଥିଲେ ଗାନ୍ଧୀବାଦ ଓ ମାର୍କ୍ସବାଦର ଅଦ୍ଭୁତ ସମନ୍ୱୟ । ସମ୍ମାନୀତ ଅତିଥି କବି ଅମରେଶ ପଟ୍ଟନାୟକ କହିଛନ୍ତି, କବିତାରେ ସାଧାରଣ ମଣିଷର ଦୁଃଖ, ଯନ୍ତ୍ରଣା ପରିପ୍ରକାଶ କରିବାରେ ମନମୋହନ ଜଣେ ସାଲିସ୍‌ହୀନ ସଂଗ୍ରାମୀ ଥିଲେ। କବି ମନମୋହନ ମିଶ୍ରଙ୍କ କନ୍ୟା ତଥା ଇସ୍‌ପାତ ଜେନେରାଲ ହସ୍‌ପିଟାଲ, ରାଉରକେଲାର ଅବସରପ୍ରାପ୍ତ ଉପ-ନିର୍ଦ୍ଦେଶକ ଡ. ଅପରାଜିତା ସେନାପତି 'ମୁଁ ମୋ ବାପାଙ୍କୁ ଯେପରି ଜାଣେ' ଶୀର୍ଷକରେ ନିଜର ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। ଏକାଡେମୀ ଉପ-ସଭାପତି ଡ. ସଂଗ୍ରାମ ଜେନା କାର୍ଯ୍ୟକ୍ରମର ପୌରାହିତ୍ୟ କରିଥିଲେ। ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପ-ବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋ'ଚାଲାଣ ଧରିଲା ଏସ୍‌ଟିଏଫ୍

- ପଶ୍ଚିମବଙ୍ଗ ଚୋରାଚାଲାଣ ହେଉଥିଲା
- ୧୫୫ ଗୋରୁ, ସାଢେ ୩୪ ହଜାର ଟଙ୍କା ଜବତ
- ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର (ବ୍ୟୁରୋ) ୨୦।୧୧:

ରାଜ୍ୟରେ ଦିନକୁ ଦିନ ବେଆଇନ ଗୋ ଚାଲାଣ ବଢିବାରେ ଲାଗିଛି। ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ବେଳେ ଏକ ଗୋରୁ ବୋଝେଇ ଟ୍ରକକୁ ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ ସାହାପୁରୁ ହାଟ ନିକଟରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ) ଓ ପାଣିକୋଇଲି ପୋଲିସ ମିଳିତ ଭାବେ ଜବତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ କେତେଜଣ ଫେରାର ହୋଇଯାଇଛନ୍ତି। ଚଢ଼ାଉ ସମୟରେ ଉକ୍ତ ଟ୍ରକରୁ ୧୫୫ଟି ଗୋରୁ ଉଦ୍ଧାର କରାଯାଇଥିବା ବେଳେ ଅଭିଯୁକ୍ତ ଦ୍ୱୟଙ୍କଠାରୁ ନଗଦ ସାଢେ ୩୪ ହଜାର ଟଙ୍କା ଜବତ କରାଯାଇଛି। ସେମାନେ ହେଲେ ଭଦ୍ରକ ଜିଲାର କମର ସିୟାଜୁଦ୍ଦିନ ଖାନ୍ ଓ ମହମ୍ମଦ କରିମ। ଆହତ ଗୋରୁଙ୍କୁ ଯାଜପୁର ରୋଡ଼ରେ ଥିବା ଗୋଶାଳାକୁ ନିଆଯାଇ ଚିକିତ୍ସା କରାଯାଉଛି। ୩୭ଟି ଗୋରୁଙ୍କୁ ବ୍ୟାସନଗର ଗୋଶାଳାରେ ଛଡ଼ାଯାଇଥିଲା ବେଳେ ଅବଶିଷ୍ଟ ଗୋରୁଙ୍କୁ ଅନ୍ୟ ଏକ ଗୋଶାଳାରେ ଛଡ଼ାଯିବାର ଯୋଜନା କରାଯାଇଛି। ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ, ପାଣିକୋଇଲି ଥାନା ଅଧିକାରୀ ଚିନ୍ମୟୀ ବେହେରା ଓ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ପ୍ରମୁଖ ସାହାପୁର ହାଟରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏ ନେଇ ପାଣିକୋଇଲି ଥାନାରେ ମାମଲା ରୁଜୁ କରାଯାଇଛି।



ଜବତ କରାଯାଇଥିବା ଗୋରୁ ଗୁଡିକୁ ଗୋଶାଳାରେ ଛଡ଼ାଯାଇଥିଲା ।

## କଠୋର ହେଲା ଟ୍ରାଫିକ ପୋଲିସ

### ବିଶ୍ୱକପ୍ ପାଇଁ କଡ଼ା ଆଭିମୁଖ୍ୟ

- 'ନୋ ପାର୍କିଂ' ଜୋନରୁ ୨୫ ଗାଡ଼ି ଜବତ
- 'ସାରଥି', 'ବାହନ' ଆପ୍‌ରେ ମିଳିବ ତଥ୍ୟ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ):

ଆଗକୁ ହକି ବିଶ୍ୱକପ୍ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ କମିଶନରେଟ୍ ପୋଲିସ୍ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବେଆଇନ୍ ପାର୍କିଂ ଉପରେ ରୋକ୍ ଲଗାଇବା ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ସହରର ପ୍ରମୁଖ ସ୍ଥାନ କୁହାଯାଉଥିବା ୟୁନିଟ୍-୧ ମାର୍କେଟ୍, ଜୟଦେବ ବିହାର, ନୟାପଲ୍ଲୀ, ସିଆର୍‌ପି ଓ ପଟିଆ ଆଦି ଅଞ୍ଚଳରୁ ଟ୍ରାଫିକ୍ ସମସ୍ୟା କମାଇବା ପାଇଁ ପଦକ୍ଷେପ ନିଆଯାଉଛି। ମୋଟର ଭେହିକିଲ୍ ଆକ୍ଟ ୨୦୧୯ ଅନୁସାରେ ବେଆଇନ୍ ପାର୍କିଂ କରିଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଏହି କ୍ରମରେ ରବିବାର ସହରର ବିଭିନ୍ନ ସ୍ଥାନରୁ ୨୫ଟି ଗାଡ଼ି ଜବତ କରାଯାଇ ସେମାନଙ୍କ ଠାରୁ ୨୫ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଦୁଇଟି ଟ୍ରାଫିକ୍ ପୋଲିସ୍ ଷ୍ଟେଶନ୍ (ଏଜି ଛକ ଓ ଚନ୍ଦ୍ରଶେଖରପୁର)କୁ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ଦୁଇଟି କ୍ରେନ୍ ନିୟୋଜିତ ଥିବା ଜଣାପଡ଼ିଛି। ତେବେ ଜବତ ଗାଡ଼ିଗୁଡ଼ିକର ମାଲିକମାନେ 'ସାରଥି' କିମ୍ବା 'ବାହନ' ଆପ୍ ମାଧ୍ୟମରେ ଯୋଗାଯୋଗ କରି ଗାଡ଼ି ସମ୍ପର୍କିତ ତଥ୍ୟ ଏବଂ ଜରିମାନା ଦେଇ ସେମାନଙ୍କ ଗାଡ଼ି ନେଇପାରିବେ। ବେଆଇନ୍ ପାର୍କିଂ ବାବଦରେ ୫୦୦ ଟଙ୍କା ସହ ଅନ୍ୟାନ୍ୟ ନିୟମ ଉଲ୍ଲଂଘନ ବାବଦକୁ ଅତିରିକ୍ତ ଦେୟ ପୈଠ କରିବାକୁ ପଡ଼ିବ।





ନୋ ପାର୍କିଂ ଜୋନରୁ ଟ୍ରାଫିକ୍ ପୋଲିସ ଗାଡି ଉଠାଇ ନେଉଛି ।

ସୂଚନାଥାଉ କି, ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ସେହିପରି ଟ୍ରାଫିକ ପରିଚାଳନାକୁ ବ୍ୟବସ୍ଥିତ କରିବା ଦିଗରେ ଟ୍ରାଫିକ୍ ପୋଲିସ୍ ପକ୍ଷରୁ ବିଡିଏକୁ ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନ ସହରରେ ୪୨ ପାର୍କିଂ ଜୋନ୍ ଥିବା ବେଳେ ପୁଣି ଥରେ ପାର୍କିଂ ଜୋନ୍ ଚିହ୍ନଟ କରାଯିବା ସହ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ମ୍ୟାପ୍ ମାଧ୍ୟମରେ ପାର୍କିଂ ଜୋନ୍ ଏବଂ ନୋ ପାର୍କିଂ ଜୋନ୍ ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ଦିଆଯିବ। ସେହିପରି ଭିଡ଼କୁ ଦୃଷ୍ଟିରେ ରଖି ସିସି କ୍ୟାମେରା ସଂଖ୍ୟା ମଧ ବଢ଼ାଯିବ। ଗଳିରେ ବଢୁଥିବା ଅପରାଧକୁ ରୋକିବା ପାଇଁ ଜୋନାଲ ଏସିପି ମାନଙ୍କ ସୂଚନା କ୍ରମେ ସିସିଟିଭି ସଂଖ୍ୟା ବଢ଼ାଯାଇପାରେ। କଳିଙ୍ଗ ଷ୍ଟାଡିୟମ ଗେଟ୍-୩ ଓ ଗେଟ୍-୮ରେ ଏନ୍‌ପିଆର କ୍ୟାମେରା ଲଗାଇବା ପାଇଁ ଟ୍ରାଫିକ୍ ପୋଲିସ୍ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିବା ଏସିପି (ଟ୍ରାଫିକ) ସ୍ୱସ୍ତିକ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ସହରର ଅନ୍ୟାନ୍ୟ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ କରାଯାଇ ସିସିଟିଭି କ୍ୟାମେରା ଲଗାଯିବ। ବେଆଇନ୍ ପାର୍କିଂ ରୋକିବା ପାଇଁ ନିୟମ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନିଆଯାଇଛି। ନିୟମ ଉଲ୍ଲଂଘନ କଲେ ଇ-ଚାଲାଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ନିଆଯିବ। ଅନ୍ୟପଟେ ରାଜମହଲ ଓ ଶହୀଦନଗରରେ ନିର୍ମାଣ କରାଯାଇଥିବା ମଲ୍ଟି କାର୍ ପାର୍କିଂକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଇ ପାର୍କିଂ ସମସ୍ୟାକୁ କମାଇବା ଦିଗରେ ମଧ ଯୋଜନା କରାଯାଉଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ବିଏମ୍‌ସିରେ ସ୍ୱାଧୀନ କର୍ପୋରେଟଙ୍କୁ ଅଣଦେଖା

ଭୁବନେଶ୍ୱର,୨୦।୧୧(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ସ୍ୱାଧୀନ କର୍ପୋରେଟରମାନଙ୍କୁ ଅଣଦେଖା କରାଯାଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଅନେକ ସମୟରେ ରାଜନୈତିକ ଆକ୍ରୋଶର ଶିକାର ହେବାକୁ ପଡୁଛି। କ୍ଷମତା ବଳ ପ୍ରୟୋଗ କରାଯାଇ କାମ କରାଇ ଦିଆଯାଉ ନ ଥିବାବେଳେ ବିଭିନ୍ନ ଉନ୍ନୟନ ଓ ସାମାଜିକ କାର୍ଯ୍ୟରେ ସେମାନଙ୍କୁ କୋଣଠେସା କରାଯାଉଛି। ଆଉ କେତେବେଳେ କର୍ପୋରେଟରମାନେ କୌଣସି କାମ ବା ସଭା ଆୟୋଜନ କଲେ ସେଠାକୁ ସ୍ଥାନୀୟ ବିଧାୟକମାନେ ଯାଉନାହାନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏବେ ଏକ ସଦ୍ୟତମ ଉଦାହରଣ ୱାର୍ଡ ନଂ.୩୭ରେ ଦେଖିବାକୁ ମିଳୁଛି। ଏଠାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି କର୍ପୋରେଟର ହୋଇଛନ୍ତି ବନ୍ଦିତା ପାଲ। ତାଙ୍କ ୱାର୍ଡରେ ବିଏମ୍‌ସି ପକ୍ଷରୁ ହେଉଥିବା ବିଭିନ୍ନ କାର୍ଯ୍ୟରେ ତାଙ୍କୁ ଡକାଯାଉ ନ ଥିବା ସେ କହିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୱାର୍ଡରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲେ ମଧ ଏନେଇ ତାଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା କି ଡକାଯାଇ ନ ଥିଲା। ସ୍ଥାନୀୟ ବିଧାୟକ ପୂର୍ବତନ କର୍ପୋରେଟର ନବ କିଶୋର ବେହେରାଙ୍କ ସହଯୋଗରେ କସ୍ତୁରବା ସ୍କୁଲ ଏବଂ ରାଧାକୃଷ୍ଣ ମନ୍ଦିରରେ ସଫେଇ ପାଇଁ ଆସିଥିଲେ। ଏଥିପାଇଁ ଅନ୍ୟ କର୍ପୋରେଟଙ୍କୁ ଡକାଯିବା ସହ ବାହାର ୱାର୍ଡରୁ କିଛି ଲୋକ ମଧ ଆଣିଥିଲେ। ମାତ୍ର ସ୍ଥାନୀୟ କର୍ପୋରେଟରଙ୍କୁ ନ ଜଣାଇ ୱାର୍ଡରେ ସଫେଇ କାର୍ଯ୍ୟକୁ କର୍ପୋରେଟର, ସାମାଜିକ କର୍ମୀ ଅର୍ଜୁନ ବେହେରା ଏବଂ ତାଙ୍କ ସମର୍ଥକମାନେ ବିରୋଧ କରିଥିଲେ। ଫଳରେ ବିଧାୟକ ଫେରି ଯାଇଥିଲେ। ଏ ସମ୍ପର୍କରେ ଅର୍ଜୁନ କହିଛନ୍ତି, କର୍ପୋରେଟର ଦଳକୁ ବିରୋଧ କରିନାହାନ୍ତି। ଗଣତାନ୍ତ୍ରିକ ଭାବେ ଜନପ୍ରତିନିଧି ହୋଇଛନ୍ତି। ତେଣୁ ସେ ଲୋକଙ୍କ କାମ କରିବେ। କର୍ପୋରେଟରଙ୍କୁ କାହିଁକି ଅସମ୍ମାନ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। କିଛିଦିନ ତଳେ ସ୍ଥାନୀୟ କର୍ପୋରେଟର ଓ କଳିଙ୍ଗ କ୍ରୀଡ଼ା ପରିଷଦର ସ୍ୱେଚ୍ଛାସେବୀ ଦ୍ୱାରା ରାଧାକୃଷ୍ଣ ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳ ସଫେଇ କରିଥିଲେ। ଏଥିସହ ଶନିବାର କସ୍ତୁରବା ସ୍କୁଲରେ ମଧ ସଫେଇ କରାଯାଇଛି। ତେଣୁ ଦିନକ ପରେ ସେଠାକୁ ଆସି ସଫେଇର ପ୍ରହସନ କରିବାର କ'ଣ ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି।

### ପୁସ୍ତକ ମହୋତ୍ସବ 'ଅକ୍ଷର' ନେଇ ବୈଠକ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ): ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ 'ଅକ୍ଷର' ନେଇ ଶନିବାର ଲୋକସେବା ଭବନଠାରେ କେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର୯ରୁ ୧୮ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଳା ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେବ। ଏହି ବୈଠକରେ ମେଳା ପରିସରକୁ ଦିକ ସରସ ସୁନ୍ଦର କରିବା ସହ ଆକର୍ଷଣୀୟ କରିବା ପାଇଁ ଆଲୋଚନା ହୋଇଥିଲା। ସୁରକ୍ଷା ନିମନ୍ତେ ଅଗ୍ନିନିର୍ବାପକ ବ୍ୟବସ୍ଥା, ସିସିଟିଭି, ସୁରକ୍ଷା କର୍ମୀ ନିୟୋଜିତ ସହ ପାନୀୟ ଜଳ ଓ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା କରାଯିବ। ୨୦୧୯ ମସିହାରେ ବଣ୍ଟାଯାଇଥିବା ଷ୍ଟଲ ଅନୁଯାୟୀ ଚଳିତ ବର୍ଷ ମଧ ସେହି ଭାବେ ବଣ୍ଟାଯିବ। ବୈଠକରେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ ଦାସ, ଉପ ନିର୍ଦ୍ଦେଶକ ସନ୍ତୋଷ ଚାଟାର୍ଜୀ, ରାଜଧାନୀ ପୁସ୍ତକ ମେଳା ସଭାପତି ତଥା ଆୟୋଜକ କମିଟି ଅଧକ୍ଷ ଉପେନ୍ଦ୍ର ଜେନା ଉପସ୍ଥିତ ଥିଲେ।

# ଚେୟାରରେ ରୋଗୀ, ସାଲାଇନ ଧରୁଛନ୍ତି ସମ୍ପର୍କୀୟ

## କ୍ୟାପିଟାଲ ହସ୍ପିଟାଲରେ ଦୟନୀୟ ଚିତ୍ର

ଭୁବନେଶ୍ୱର, ୨୦।୧୧(ବ୍ୟୁରୋ) :

ରାଜ୍ୟର ଅନ୍ୟତମ ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ସହଜରେ ମିଳୁନି ବେଡ୍। ରୋଗୀ ଘଣ୍ଟା ଘଣ୍ଟା ଧରି ଚେୟାର, ଷ୍ଟ୍ରେଚର ଓ ତଳେ ପଡି ରହୁଛନ୍ତି। ରୋଗୀଙ୍କ ସମ୍ପର୍କୀୟ ସାଲାଇନ୍ ଧରି ଠିଆ ହେଉଥିବା ଭଳି ଦୟନୀୟ ଚିତ୍ର ପ୍ରତିଦିନ ଦେଖିବାକୁ ମିଳୁଛି। ତେବେ ରବିବାର ଏହାକୁ ନେଇ ରୋଗୀ ଓ ସମ୍ପର୍କୀୟଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।

ବୃଦ୍ଧା ମା' ନିଶା ମୁଦୁଲିଙ୍କୁ ଧରି ଚିକିତ୍ସା ପାଇଁ କ୍ୟାପିଟାଲ ଆସିଥିବା ନୟାଗଡ଼ ଜିଲା କଣ୍ଟିଲୋ ଅଞ୍ଚଳର ଜଣେ ମହିଳା କହିଛନ୍ତି, ସନ୍ଧ୍ୟା ବେଳୁ ଆସିଲିଣୁ। ହେଲେ ବେଡ୍ ମିଳୁନି। ମା' ଶ୍ୱାସରୋଗୀ, ଦେହ ବହୁତ ଖରାପ ଅଛି। ବାହାରେ ତଳେ ଶୋଇବା ଦ୍ୱାରା ଧୂଳି ଉଡି ସେ ବହୁତ କଷ୍ଟ ଅନୁଭବ କରୁଛନ୍ତି। ପୁଣି ଷ୍ଟ୍ରେଚରରେ ବହୁ ସମୟ ଧରି ଏପଟ ସେପଟ ହେଲୁ। ବାରମ୍ବାର ଡାକ୍ତର ଓ କର୍ମଚାରୀଙ୍କୁ କହିବା ସତ୍ତ୍ୱେ କେହି କର୍ଣ୍ଣପାତ କଲେନାହିଁ। ନ ଦୀର୍ଘ ସମୟ ଅପେକ୍ଷା ପରେ ରାତି ୧୨ଟାରେ ପରେ ବେଡ ମିଳିଥିଲା। ସେହିପରି ଆଉଜଣେ ରୋଗୀ ନିମାପଡ଼ା ଅଞ୍ଚଳରୁ ଆସିଥିବା କାଳନ୍ଦୀ କାଣ୍ଡି ଚେୟାରରେ ଗୁରୁତର ଅବସ୍ଥାରେ ବସି ରହିଥିବାବେଳେ ତାଙ୍କ ଭାଇ ସାଲାଇନ ଧରି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ତାଙ୍କ ସାନ ଭାଇଙ୍କ କହିବା ମୁତାବକ, ଭାଇ ଦାନାଦାର ଖାଇଦେବାରୁ ତାଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲୁ। ସେଠାରୁ କ୍ୟାପିଟାଲ ହସ୍ପିଟାଲକୁ ରେଫର କରାଗଲା। ଏଠାରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସାଲାଇନ ଲଗାଯାଇଛି। ୱାର୍ଡରୁ ୱାର୍ଡ ବୁଲିବା ପରେ ବେଡ ନ ଥିବାରୁ ଚେୟାର ଏମିତି ଅପେକ୍ଷା କରିଛୁ। କେବଳ ଏହି ତିନିଜଣ ନୁହନ୍ତି, ଏମିତି ଅନେକ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ମୁହଁରେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ଓ ଅନ୍ୟ ସେବାକୁ ନେଇ ନାନା ଅଭିଯୋଗ ଶୁଣିବାକୁ ମିଳିଥିଲା। ବେଡ୍ ନ ପାଇ ହଟହଟା ହେଉଥିବା ଆଉଜଣେ ରୋଗୀ କହିଛନ୍ତି, ତାଙ୍କଭଳି ଆହୁରି ଅନେକ ରୋଗୀ ଅଛନ୍ତି, ଯେଉଁମାନେ ଶୋଇବା ପାଇଁ ବେଡ ପାଉନାହାନ୍ତି। ରାଜଧାନୀ ମୁଖ୍ୟ ଚିକିତ୍ସାଳୟର କେବଳ କୋଠା ରଙ୍ଗ ବଦଳିଛି, ମାତ୍ର ସ୍ୱାସ୍ଥ୍ୟବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ସେଇଆ। ଜରୁରୀକାଳୀନୀ ବେଡ୍ ସଂଖ୍ୟା ବଢ଼ିବାରେ ନାହିଁ। ନୂଆ ଘରକୁ ଅପେକ୍ଷା କରିଛନ୍ତି କର୍ତ୍ତୃପକ୍ଷ। ବେଡ୍ ଅଭାବରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି। ଜରୁରୀକାଳୀନ ୱାର୍ଡରେ ବେଡ ସଂଖ୍ୟା କେଉଁ ରୁମ୍‌ରେ ୫ଟି ତ ପୁଣି କେଉଁଠି ୭ଟି ରହିଛି। ଫଳରେ କୌଣସି ରୋଗୀ ଡିସ୍‌ଚାର୍ଜ ହେବା ପର୍ଯ୍ୟନ୍ତ ରୋଗୀଙ୍କୁ ଅପେକ୍ଷା କରିବାକୁ ପଡୁଛି। ପୁଣି ଏ ରୁମ୍‌ରୁ ସେ ରୁମ୍‌କୁ ଯିବାଆସିବା ଦ୍ୱାରା ରୋଗୀ ମାନସିକସ୍ତରରେ ଆଘାତ ପାଉଛନ୍ତି। ତେଣୁ ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ରୋଗୀଙ୍କ ସମ୍ପର୍କୀୟମାନେ ଦାବି କରିଛନ୍ତି। ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରତିକ୍ରିୟା ମିଳିପାରି ନାହିଁ।



### ସୁରକ୍ଷିତ ଭବିଷ୍ୟତ ଶିଶୁର ଅଧିକାର

ଭୁବନେଶ୍ୱର,୨୦।୧୧(ବ୍ୟୁରୋ):

ସୁରକ୍ଷିତ ଭବିଷ୍ୟତ ଶିଶୁର ଅଧିକାର। ଶିଶୁ ଅଧିକାର ସପ୍ତାହ ଅବସରରେ ବିଶ୍ୱ ଶିଶୁ ଦିବସରେ ଏଭଳି ବାର୍ତ୍ତା ଦିଆଯାଇଛି। ଏହି ପରିପ୍ରେକ୍ଷରେ ସ୍ଥାନୀୟ ପଥରବନ୍ଧ ବସ୍ତିରେ ସିସିଡବ୍ଲୁଡି ଓ ଆକ୍ସନଏଡ୍‌ର ମିଳିତ ଆନୁକୁଲ୍ୟରେ ମାନବ ଶୃଙ୍ଖଳ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଶିଶୁର ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ସୁନିଶ୍ଚିତ କରିବା, ଅଧାରୁ ପାଠ ଛାଡୁଥିବା ଶିଶୁଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ଶିଶୁ ଅଧିକାରକୁ ଆଗେଇନେବାକୁ ଆହ୍ୱାନ ଦିଆଯାଇଥିଲା। ବସ୍ତିର ଜନସାଧାରଣ, ଯୁବବର୍ଗ, ଭୁବନେଶ୍ୱର ୟଙ୍ଗ୍ ଅର୍ବାନ ୱିମେନ ଫୋରମ, ଅଣ ସଂଗଠିତ ଶ୍ରମିକ ମଞ୍ଚ ଓ ଶିଶୁ ସଂଘର ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ।

### ଗ୍ରନ୍ଥାଗାର ସପ୍ତାହ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ):

ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଗ୍ରନ୍ଥାଗାର ସପ୍ତାହ ଶନିବାର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହେବା ସହ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ସଂଘମିତ୍ରା ସାହୁ, ପଦ୍ମନାଭ ଜେନା, କୁକୁମିନା ଦାସ, ରୁଦ୍ରପ୍ରସାଦ ବେହେରା, ସଳିତା ପାତ୍ର, ବିଦ୍ୟାଧର ପଣ୍ଡା, କଣ୍ଠମଣି ବିଶ୍ୱାଳ, ମଞ୍ଜୁରାଣୀ ମୁଦୁଲି, ସୁବର୍ଣ୍ଣ ପଣ୍ଡାଙ୍କ ସମେତ ଉପେନ୍ଦ୍ର ମୁଦୁଲି, ଲକ୍ଷ୍ମଣ ମାଝୀ, ହଟକିଶୋର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

### ନାଇଜରରେ ସ୍ପିନ୍ଟ୍ରୋନିକ୍ସର ୧୦୦ତମ ୱେବିନାର

ଖୋର୍ଦ୍ଧା ଅଫିସ,୨୦।୧୧ : ନାଇଜର ଭୁବନେଶ୍ୱର ଆନୁକୂଲ୍ୟରେ ୱେବିନାର ସିରିଜ୍ ଅନ୍ ସ୍ପିନ୍ଟ୍ରୋନିକ୍ସର ୧୦୦ତମ ୱେବିନାର ଆୟୋଜନ କରାଯାଇଛି। ସ୍ପିନ୍ଟ୍ରୋନିକ୍ସର ସଂଯୋଜକ ପ୍ରଫେସର ଶୁଭଙ୍କର ବେଦାନ୍ତ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା, ପ୍ରଫେସର ବେଦାଙ୍ଗଦାସ ମହାନ୍ତି ସ୍ପିନ୍ଟ୍ରୋନିକ୍ସ କ୍ଷେତ୍ରରେ ଅନୁସନ୍ଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଜ୍ଞାନିକ ପ୍ରଫେସର ଷ୍ଟୁଆର୍ଟ ପାର୍କିନ, ନିର୍ଦ୍ଦେଶକ, ମାକ୍ସ ପ୍ଲାଙ୍କ ଇନଷ୍ଟିଚ୍ୟୁଟ ଅଫ୍ ମାକ୍ରୋଷ୍ଟ୍ରକଚର ଫିଜିକ୍ସ, ନିଜ ପ୍ରସଙ୍ଗ ବିଷୟରେ ଏକ ଦୂରଦୃଷ୍ଟି ସମ୍ପନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ରବିବାର ଆୟୋଜିତ ଦଶମ ଓଡ଼ିଶୀ ରାଗ ମହୋତ୍ସବରେ ଜଣେ ଶିଳ୍ପୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

### ମଝିହରା ସେବା ସମବାୟ ସମିତି ଜିଲାରେ ଦ୍ୱିତୀୟ

ବାଲିପାଟଣା,୨୦।୧୧(ଡି.ଏନ୍.ଏ.)

୬୯ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନର ରବିବାର ଉଦ୍‌ଯାପନୀ ଉତ୍ସବ ଖୋର୍ଦ୍ଧାରେ ପାଳନ ହୋଇଯାଇଛି। ଏହି ଅବସରରେ ଜିଲା ସ୍ତରରେ ସଫଳ କାର୍ଯ୍ୟ ଦକ୍ଷତା ହାସଲ ପାଇଁ ପ୍ରଥମ ସ୍ଥାନରେ ବେଗୁନିଆ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ଶିଶୁପାଳଗଡ ଓ ମଝିହରା ସେବା ସମବାୟ ସମିତିଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ସମିତିର ସଭାପତି ଅଭିଷେକ ସିଂହ ସାମନ୍ତ ଓ ସମ୍ପାଦକ ଅନନ୍ତ କୁମାର ସାମଲ, ମଝିହରା ସେବା ସମବାୟ ସମିତିର ସଭାପତି ଦୀପ୍ତିମାନ ପୃଷ୍ଟିଙ୍କୁ ଓ ସମ୍ପାଦକ ପ୍ରଶାନ୍ତ କୁମାର ଜେନାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତା ପାଇଁ ସମିତିର ସଭାପତି ମଝିହରା ସେବା ସମବାୟ ସମତିର ସମସ୍ତ ସଭ୍ୟାସଭ୍ୟଙ୍କୁ ସଭାପତି ଧନ୍ୟବାଦ ଜଣାଇଥିଲେ।



କାର୍ଯ୍ୟକ୍ରମରେ ମଝିହରା ସେବା ସମବାୟ ସମିତିକୁ ପୁରସ୍କୃତ କରାଯାଉଛି।

# କୀର୍ତ୍ତନ ନାରାୟଣ ପାଢ଼ୀଙ୍କୁ ଗୁରୁ ସିଂହାରୀ ସମ୍ମାନ

## ଓଡ଼ିଶୀ ରାଗ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଓଡ଼ିଶୀ ରାଗ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ସମ୍ମାନ ପ୍ରଦାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡ଼ିଶୀ ସଙ୍ଗୀତ ଗବେଷକ କୀର୍ତ୍ତନ ନାରାୟଣ ପାଢ଼ୀଙ୍କୁ ସିଂହାରୀ ଶ୍ୟାମସୁନ୍ଦର କରଙ୍କ ନାମରେ ସମର୍ପିତ 'ଗୁରୁ ସିଂହାରି ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଗାୟିକା ସଙ୍ଗୀତା ଗୋସାଇଁ ଓ ଯୁବ ବାଦକ ବିଶ୍ୱରଞ୍ଜନ ନନ୍ଦଙ୍କୁ 'ଭଗବତୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ଉପସଭାପତି ଶାନ୍ତନୁ ଆଚାର୍ଯ୍ୟ ଓ ଗୁରୁ ଗୋପାଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ହିନ୍ଦୁସ୍ତାନୀ ଓ କର୍ନାଟକୀ ସଙ୍ଗୀତ ଧାରା ସହ ଗୋଟିଏ ରାଗର ସମୂହକୁ ନେଇ କ୍ଲାସିକାଲ ଟ୍ରାଓ ପରିବେଷିତ ହୋଇଥିଲା। ବେଙ୍ଗାଲୁରୁର ଗାୟକ ସକେଥ ରମଣଙ୍କ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ ସହ ହିନ୍ଦୁସ୍ଥାନୀରେ ଶିବ ପ୍ରସାଦ ରାଓ ଏବଂ ଓଡ଼ିଶୀରେ ସଙ୍ଗୀତା ପଣ୍ଡାଙ୍କ ପରିବେଷଣ ଶେଷ ସନ୍ଧ୍ୟାକୁ ଭାବଭକ୍ତିଭରା କରିଦେଇଥିଲା। ଓଡ଼ିଶୀରେ ରାଗ ଶୋକ ବରାଡ଼ି, ହିନ୍ଦୁସ୍ଥାନୀରେ ତୋଡ଼ି ଓ କର୍ନାଟକୀରେ ରାଗ ଶୁଭ ପାନ୍ତୁଲ ବରଦିକୁ ଦର୍ଶକ ଉପଭୋଗ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମହୋତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

# ସୁନାଗରିକ ହେବା ପାଇଁ ପରିବାର ଓ ବିଦ୍ୟାଳୟ ସ୍ତରରେ ପ୍ରୟାସ ଜରୁରୀ

## ୩୩ ତମ ପିକକ୍ ଶିଶୁମେଳା ଉଦ୍‌ଯାପିତ

■ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ ହେଲେ ପ୍ରତିଭା

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ପିଲାମାନେ ସୁସ୍ଥ ରହିଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବପର। ତେଣୁ ସେମାନଙ୍କୁ ସୁନାଗରିକ ରୂପେ ଗଢି ତୋଳିବା ପାଇଁ ଉଭୟ ପରିବାର ଓ ବିଦ୍ୟାଳୟସ୍ତରରେ ପ୍ରୟାସ ଜାରି ରହିବା ସହ ଏକ ଅନୁକୂଳ ପରିବେଶ ସୃଷ୍ଟି କରାଯିବା ଉଚିତ୍ ବୋଲି ଅତିଥିମାନେ ମତ ଦେଇଛନ୍ତି। ଏକାମ୍ରହାଟ ମୁକ୍ତମଞ୍ଚରେ ଆୟୋଜିତ ୩୩ତମ ପିକକ୍ ଶିଶୁମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ହାଇକୋର୍ଟର ପୂର୍ବତନ ବିଚାରପତି ସଞ୍ଜୁ ପଣ୍ଡା କହିଲେ, ସମାଜକୁ ଭଲ ବାଟକୁ ଆଣିବାକୁ ହେଲେ ପିଲାମାନଙ୍କୁ ମୂଳରୁ ନୈତିକ ଶିକ୍ଷା ଦିଆଯିବା ଆବଶ୍ୟକ। ଏଥିସହ ଭଲ ମଣିଷଙ୍କ ଜୀବନାଦର୍ଶ ସମ୍ପର୍କରେ ଅବଗତ କରାଯିବା ଦରକାର ବୋଲି ମତ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଶିଶୁଙ୍କୁ ସମ୍ମାନିତ କରଯାଇଥିଲା। କେନ୍ଦ୍ରପଡ଼ାର ଆରଜି ଗ୍ରାମର ଓମ୍‌ପ୍ରକାଶ ସାହୁଙ୍କୁ ସାହସିକତା ପାଇଁ 'ବାଜି ରାଉତ ସ୍ମାରକୀ ସମ୍ମାନ' ପ୍ରଦାନ କରାଯାଇଥିବା ବେଳେ ଭୁବନେଶ୍ୱରର କିର୍ତ୍ତି ବେହେରାଙ୍କୁ ସମାଜ ସେବା ପାଇଁ 'ପ୍ରାଣନାଥ ପଟ୍ଟନାୟକ ସ୍ମାରକୀ ସମ୍ମାନ', ଶାଶ୍ୱତୀ ନାରାୟଣୀ ଆଚାର୍ଯ୍ୟଙ୍କୁ 'ପ୍ରଫୁଲ୍ଲ ଚନ୍ଦ୍ର ଦାସ ଶିଶୁ ପ୍ରତିଭା ସମ୍ମାନ', ଶିଶୁ ଅଭିନେତ୍ରୀ ତ୍ରିଶା ପାତ୍ରୋଙ୍କୁ 'ଡା. ଶରତ ପୂଜାରୀ ସ୍ମାରକୀ ସମ୍ମାନ', ବଳିଷ୍ଠ ନେତୃତ୍ୱ ତଥା ସମାଜ ପରିବର୍ତ୍ତନକାରୀ କନ୍ଧମାଳର ଲିଶା ଦିଗଲଙ୍କୁ 'ଆଦରମଣୀ ବରାଳ ସ୍ମାରକୀ ସମ୍ମାନ', କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜି. ଏମ. ଅଳକନନ୍ଦାଙ୍କୁ 'ସୁଷମା ମହପାତ୍ର ସ୍ମାରକୀ କ୍ରୀଡ଼ାବିତ୍ ସମ୍ମାନ' ଏବଂ ଆଦ୍ୟାଶା ଆରୋହିଙ୍କୁ 'ବେବୀ ଅଫ୍ ଦି ଇୟର' ରେ ସମ୍ମାନିତ କରଯାଇଥିଲା। ସେହିପରି ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାଧବ ବିଶାଳଙ୍କୁ 'ଅବନୀ ବରାଳ ସ୍ମାରକୀ ସମ୍ମାନ', ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ଧୀରେନ୍ଦ୍ର ନାରାୟଣ ମିଶ୍ରଙ୍କୁ 'ସ୍ୱରୂପ ଜେନା ସ୍ମାରକୀ ସମ୍ମାନ', ସସ୍ମିତା ସାଇଁଙ୍କୁ 'ଶିଶୁ ସାଥି ସମ୍ମାନ', ଡ. ନାରାୟଣ ପତିଙ୍କୁ ସମାଜସେବା ପାଇଁ 'ଡ. ପ୍ରଫୁଲ୍ଲଚନ୍ଦ୍ର ଦାସ ଶିଶୁ ଅଧିକାର ସୁରକ୍ଷା ସମ୍ମାନ' ଓ ମହିଳା ପଞ୍ଚାୟତ ପ୍ରତିନିଧି ତଥା ବଇଁତୁଆର ସରପଞ୍ଚ ରଶ୍ମିତା ସାହୁଙ୍କୁ 'ଆରାଧନା ନନ୍ଦ ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରଯାଇଥିଲା। ଆଧୁନିକ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ପରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିଶୁମେଳା କମିଟିର ଅଧକ୍ଷ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅଧକ୍ଷା ମିନାକ୍ଷୀ ପଣ୍ଡା, ରୁବି ରାଉତ, ଅଲମ୍ପିଆନ ଅନୁରଧା ବିଶ୍ୱାଳ, ମହିଳା ଓ ଶିଶୁ ବିକାଶ ବିଭାଗର ପରାମର୍ଶଦାତ୍ରୀ ମଧୁମିତା ଦାସ, କଣ୍ଠଶିଳ୍ପୀ ବନ୍ଦିତା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଭବିଷ୍ୟତକୁ ସୁନିଶ୍ଚିତ କରିବା ସହ ସେମାନଙ୍କ ଇଛା ଓ ଅଭିଳାସକୁ ଗୁରୁତ୍ୱ ଦିଆଯିବା ଉଚିତ ବୋଲି କହିଥିଲେ। ଶେଷରେ ପିକକ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମାୟୋପିଆ ସଚେତନତା ଅଭିଯାନ



ଭୁବନେଶ୍ୱର,୨୦।୧୧:

ରାଜ୍ୟର ପ୍ରମୁଖ ଘରୋଇ ହସ୍ପିଟାଲ ଏଲ ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ (ଏଲଭିପିଇଆଇ) ପକ୍ଷରୁ ରବିବାର ମାୟୋପିଆ ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଏ ସମ୍ପର୍କରେ ଭୁବନେଶ୍ୱର ଏଲଭିପିଇଆଇର ମିଥୁ ତୁଳସୀ ଚନରାଇ କ୍ୟାମ୍ପସ, ମିରିୟମ୍ ହାଇମ୍ୟାନ ଚିଲଡ୍ରେନ୍ସ ଆଇ କେୟାର ସେଣ୍ଟରର ମୁଖ୍ୟ ଡା. ବିବେକ ୱାର୍କଡ କହିଛନ୍ତି, ମାୟୋପିଆ ନିରୂପଣ ନ ହେବା ଏବଂ ଚିକିତ୍ସା ହୋଇନଥିବା ପିଲାମାନଙ୍କ ମଧରେ ସେମାନଙ୍କର ଶିକ୍ଷା, ଅନ୍ୟାନ୍ୟ କାର୍ଯ୍ୟକଳାପରେ ଅଂଶଗ୍ରହଣ ଏବଂ ସାମାଜିକ ଆଚରଣ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଯେଉଁ ପିଲାମାନଙ୍କର ମାୟୋପିଆ ରୋଗ ରହିଛି, ସେମାନଙ୍କର ରେଟିନା ବିଚ୍ଛିନ୍ନତା, ଗ୍ଲୁକୋମା, ମୋତିଆବିନ୍ଦୁ ଏବଂ ଅନ୍ୟାନ୍ୟ ଚକ୍ଷୁ ରୋଗ ହେବାର ଅଧିକ ବିପଦ ରହିଛି। ଏହି ଚକ୍ଷୁ ବିକୃତିଗୁଡ଼ିକ ମଧ୍ୟରୁ କେତେକ ଅପରିବର୍ତ୍ତନୀୟ ଦୃଷ୍ଟିହୀନତାର କାରଣ ହୋଇପାରେ ବୋଲି ବିବେକ ମତପ୍ରକାଶ କରିଛନ୍ତି।




ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବରିଷ୍ଠ ଲେଖକ ଶିବାନନ୍ଦ ଦାସଙ୍କ ଦ୍ୱାରା ରଚୟିତ ସୌରଜଗତ ଉପରେ ଆଧାରିତ ପୁସ୍ତକ 'ଡାର୍କ ଲାଇଟ୍'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।




ଗୀତଗୋବିନ୍ଦ ସଦନରେ ରବିବାର କମ୍ୟୁନିଷ୍ଟ ଯୁବନେତା ତଥା ବିପ୍ଳବୀ ଅକ୍ଷୟ କୁମାର ପ୍ରଧାନଙ୍କ ୨୨ତମ ରଜ୍ୟସ୍ତରୀୟ ସ୍ମୃତି ସମାରୋହରେ ଉପସ୍ଥିତ ଅତିଥିମାନେ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୩ତମ ଜୟନ୍ତୀ ଉତ୍ସବ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ପୂର୍ବାହ୍ନ ୧୦ଟା ୩୦ ।
- ଲେଖିକା ଅନାମିକା ଦାସଙ୍କ ରଚିତ ପ୍ରଥମ ଗଳ୍ପ ସଂକଳନ 'ବୁଝା ଏ ମନ' ଉନ୍ମୋଚନ ଉତ୍ସବ, ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପରିସର, ଅପରାହ୍ନ ୫ଟା ୩୦ ।

**ବାଲିଅନ୍ତା**

- ଶ୍ରୀହନୁମାନ ବିଗ୍ରହ ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ, ମା'ଜାଡମଲୀ ପୀଠ, ଭିଙ୍ଗାରପୁର ଶାସନ, ପୂର୍ବାହ୍ନ ୧୦ଟା ।

**ତିଗିରିଆ**

- ବ୍ଲକସ୍ତରୀୟ ଦିନିକିଆ ବିଜ୍ଞାନ, ଗଣିତ, ପରିବେଶ ପ୍ରକଳ୍ପ ପ୍ରଦର୍ଶନୀ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନୂଆପାଟଣା, ପୂର୍ବାହ୍ନ ୯ଟା ।
- କଟକ ଜିଲା ଜମାତ ଅହମ୍ମଦୀୟ କର୍ମକର୍ତ୍ତାଙ୍କ ବାର୍ଷିକ ସମ୍ମିଳନୀ, ରୁଷି ଆମ୍ବ ବଗିଚା, ପଙ୍କାଳ, ପୂର୍ବାହ୍ନ ୯ଟା ।

## ଆଇଏଫ୍ଏଫ୍ଆଇ ପାଇଁ ଆଉ ୨ ଓଡ଼ିଆ ଚଳଚ୍ଚିତ୍ର ମନୋନୀତ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ): ଗୋଆରେ ଚାଲିଥିବା ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ (ଆଇଏଫ୍ଏଫ୍ଆଇ)ର ୫୩ତମ ସଂସ୍କରଣରେ ପ୍ରଦର୍ଶନ ଲାଗି ଆଉ ୨ ଓଡ଼ିଆ ଚଳଚ୍ଚିତ୍ର ମନୋନୀତ ହୋଇଛି। ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ୍ ଟେଲିଭିଜନ୍ ଇନଷ୍ଟିଚ୍ୟୁଟ୍ ନିବେଦିତ ଡିପ୍ଲୋମା ଫିଲ୍ମ 'ଅସ୍ତରାଗ' ଏହାର ସାଉଣ୍ଡ୍ ଡିଜାଇନ୍ ପାଇଁ ଚୟନ କରାଯାଇଛି। ଚଳଚ୍ଚିତ୍ରରେ ମାମୁନି ମିଶ୍ର ଓ ସୁକେଶ ପଣ୍ଡା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ମୃତ୍ୟୁଞ୍ଜୟ ଜେନା ଏହାର ଲେଖକ, ସମ୍ପାଦକ ଓ ନିର୍ଦ୍ଦେଶକ ଅଛନ୍ତି। ସତ୍ୟମ ସାଗର ସାହୁ ଏହାର ସିନେମାଟୋଗ୍ରାଫର୍। ଅପରପକ୍ଷରେ ସମ୍ପାଦକ ଶ୍ରେଣୀରେ ଅନ୍ୟଏକ ଡିପ୍ଲୋମା ଫିଲ୍ମ 'ବାପା'କୁ ବି ଚୟନ କରାଯାଇଛି। ପୂର୍ବରୁ ଆଇଏଫ୍ଏଫ୍ଆଇରେ ଓଡ଼ିଆ ଫିଚର ଫିଲ୍ମ 'ପ୍ରତୀକ୍ଷା' ସ୍ଥାନ ପାଇଛି।

## ଶୈଳେଶ୍ୱର ନନ୍ଦ କଳିଙ୍ଗ ଭାରତୀ ଅନୁଷ୍ଠାନର ସଭାପତି

କଟକ ଅଫିସ,୨୦।୧୧: ଓଡ଼ିଶାର ପ୍ରାଚୀନ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ କଳିଙ୍ଗ ଭାରତୀର ନୂତନ ସଭାପତି ଭାବେ ଡ. ଶୈଳେଶ୍ୱର ନନ୍ଦ ନିର୍ବାଚିତ ହୋଇଛନ୍ତି। ସେ ଜଣେ ପ୍ରଖ୍ୟାତ ନାଟ୍ୟକାର, ଅଭିନେତା ଓ ଭଞ୍ଜ ସାହିତ୍ୟ ଗବେଷକ ଭାବେ ସୁପରିଚିତ।



କଟକ ମିଶନ ରୋଡ୍ସ୍ଥିତ ଭଞ୍ଜମଣ୍ଡପଠାରେ ଅନୁଷ୍ଠାନର ଉପସଭାପତି ରାଜଲକ୍ଷ୍ମୀ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କଳିଙ୍ଗ ଭାରତୀର କାର୍ଯ୍ୟକାରୀ ବୈଠକରେ ଏନେଇ ଘୋଷଣା କରାଯାଇଛି। ଏହି ବୈଠକରେ ପ୍ରଭାତ କୁମାର ନନ୍ଦ, ପ୍ରଦୀପ କୁମାର କର, ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ, ଅଂଶୁମାନ କର, ପ୍ରଜ୍ଞା ପାରମିତା ପଟ୍ଟନାୟକ ଓ ପ୍ରସନ୍ନ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକସେବା ଭବନରେ ପ୍ରଦର୍ଶନ ହେଲା 'ଦମନ'

### ପ୍ରତି ଜିଲାରେ ଚଳଚ୍ଚିତ୍ର ପ୍ରଦର୍ଶନ ପାଇଁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)




ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟମାନଙ୍କ ସହ ସମ୍ବର୍ଦ୍ଧିତ ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ।

ଓଡ଼ିଆ ଚଳଚ୍ଚିତ୍ର 'ଦମନ' ରବିବାର ଲୋକସେବା ଭବନର କନ୍ଭେନଶନ ସେଣ୍ଟରଠାରେ ପ୍ରଦର୍ଶିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ସହଯୋଗରେ ଏହାର ପ୍ରଦର୍ଶନ କରାଯାଇଥିଲା। ମ୍ୟାଲେରିଆ ନିରାକରଣ ଉପରେ ନିର୍ମିତ ଏହି ଫିଲ୍ମ କଷ୍ଟକର ସ୍ଥିତିରେ କାର୍ଯ୍ୟ କରୁଥିବା ଡାକ୍ତର ଓ ଅଧିକାରୀଙ୍କ ପାଇଁ ପ୍ରେରଣା ଯୋଗାଇବ। ଦୁର୍ଗମ ଅଞ୍ଚଳର ଏକ ବାସ୍ତବ ଘଟଣାକୁ ଚଳଚ୍ଚିତ୍ର ମାଧ୍ୟମରେ ସାମ୍ନାକୁ ଆଣିବାର ପ୍ରୟାସ ସ୍ୱାଗତଯୋଗ୍ୟ। ଏହାକୁ ପ୍ରତି ଜିଲାରେ ପ୍ରଦର୍ଶନ କରିବା ପାଇଁ ରବିବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି।

ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, ଏଭଳି ବାସ୍ତବଧର୍ମୀ ଚଳଚ୍ଚିତ୍ର ପ୍ରଚାର ପ୍ରସାର କରିବାର ଆବଶ୍ୟକତା ରହିଛି। ଲୋକପ୍ରିୟତା ଦୃଷ୍ଟିରୁ ଏହାକୁ ପୁନଃ ପ୍ରଦର୍ଶନ କରାଯିବ ବୋଲି ସେ କହିଛନ୍ତି। ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧକ୍ଷ ସତ୍ୟବ୍ରତ (କୁନା) ତ୍ରିପାଠୀ କହିଛନ୍ତି, ୮୬ବର୍ଷ ଓଡ଼ିଆ ସିନେମାର ଇତିହାସରେ ଏଭଳି ସିନେମା ନିର୍ମାଣ ଏକ ଅଭିନବ ପଦକ୍ଷେପ। ଆଗାମୀ ଦିନରେ ଏହା ସମସ୍ତ ପ୍ରଯୋଜକ, ନିର୍ଦ୍ଦେଶକ, କଳାକାରଙ୍କୁ ଉତ୍ସାହିତ କରିବ। ଏହି ଅବସରରେ ଚଳଚ୍ଚିତ୍ର ଅଭିନେତା ବାବୁଶାନ୍ ମହାନ୍ତି, ନିର୍ଦ୍ଦେଶକ ବିଶାଲ ମୌର୍ଯ୍ୟ, ଦେବୀପ୍ରସାଦ ଲେଙ୍କା ଓ ପ୍ରଯୋଜକ ଦୀପେନ୍ଦ୍ର ସାମଲଙ୍କୁ ମୁଖ୍ୟ ଶାସନ ସଚିବ ସମ୍ବର୍ଦ୍ଧିତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଚଳଚ୍ଚିତ୍ର ଦେଖିଥିଲେ।




ଫିଫା ବିଶ୍ୱକପକୁ ସ୍ୱାଗତ ଜଣାଇ ରବିବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ବିଧବା ମା'ଙ୍କୁ ନିର୍ଯାତନା

ନିଶ୍ଚିନ୍ତକୋଇଲି, ୨୦।୧୧(ସ୍ୱ.ପ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ବଡ଼ଖୀର ପଞ୍ଚାୟତ ଗୋପପୁର ଗ୍ରାମର ସ୍ୱର୍ଗତ ଗୋଲଖ ପରିଡାଙ୍କ ସ୍ତ୍ରୀ ଦୁଃଖୀ ପରିଡାଙ୍କୁ ତାଙ୍କ ପୁଅ ଅଜୟ ଏବଂ ବୋହୂ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିବା ଥାନାରେ ଅଭିଯୋଗ ହୋଇଛି। ତାଙ୍କୁ ଖାଇବା ପିଇବା କିମ୍ବା ପିନ୍ଧିବାକୁ ଦେଉ ନ ଥିବାରୁ ସେ ଗାଁ ଲୋକଙ୍କ ବାସନ ମାଜି ଓ ମାଗି ଯାଚି ବହୁ କଷ୍ଟରେ ପେଟ ପୋଷୁଛନ୍ତି। ଦୁଃଖୀ ଏ ସଂକ୍ରାନ୍ତରେ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ସହ ନ୍ୟାୟ ଦେବାକୁ ନିବେଦନ କରିଛନ୍ତି। ପୋଲିସ ଅଭିଯୋଗର ତଦନ୍ତ କରୁଛି।

# ବସ୍ତି ପିଲାଙ୍କ ମୁହଁରେ ହସ ଫୁଟାଇଲା ଫୁଟ୍ବଲ୍

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)



ଫୁଟ୍ବଲ ଟୁର୍ନାମେଣ୍ଟରେ ଭାଗ ନେଇଥିବା ପିଲାଙ୍କ ସହ ଅତିଥି ଓ ଅନ୍ୟମାନେ।

### ଶିଶୁ ଅଧିକାରର ସୁରକ୍ଷା ଆମର କର୍ତ୍ତବ୍ୟ

ବିଶ୍ୱ ଶିଶୁଦିବସ ଅବସରରେ ରବିବାର ୟୁନିସେଫ ଏବଂ କ୍ରୀଡା ଏବଂ ଖେଳ ଫେଡେରେଶନ ପ୍ରୋସୋସିଓ ପକ୍ଷରୁ ରବିବାର ଏକ ଫୁଟ୍ବଲ୍ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଖେଳ କିପରି କଠିନ ପରିସ୍ଥିତିରେ ରହୁଥିବା ବାଳିକା ବାଳକଙ୍କ ପାଇଁ ଆନନ୍ଦ ଆଣିପାରେ, ତାହା ଫୁଟ୍ବଲ ମାଧ୍ୟମରେ ପରିପ୍ରକାଶ ପାଇଥିଲା। ବସ୍ତିରେ ରହୁଥିବା ତଥା ପୃଷ୍ଠଭୂମିରୁ ବଞ୍ଚିତ ପ୍ରାୟ ୧ଶହରୁ ଊର୍ଦ୍ଧ୍ୱ ପିଲା ଫୁଟବଲ୍ ଲିଗ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗଦେଇ ନିଜର କ୍ରିକେଟ ଦିନକୁ ସ୍ମରଣ କରିଥିଲେ। କ୍ରୀଡ଼ା ପିଲାମାନଙ୍କୁ ନେତୃତ୍ୱ, ଶୃଙ୍ଖଳା, ଦଳଗତ କାର୍ଯ୍ୟ, ସହନଶୀଳତା ଭଳି ଗୁରୁତ୍ୱପୂର୍ଣ୍ଣ ଜୀବନ କୌଶଳର ବିକାଶ କରିବାରେ ସାହାଯ୍ୟ କରେ ବୋଲି ସେ କହିଥିଲେ। ଭୁବନେଶ୍ୱରର ଡେପୁଟି କମିଶନର ପ୍ରତୀକ ସିଂ ଯୋଗଦେଇ, ବିଶ୍ୱ ଶିଶୁ ଦିବସରେ ପ୍ରତ୍ୟେକ ଶିଶୁ ନିଜର ଅଧିକାର ବିଷୟରେ ଜାଣିବା ଦରକାର ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ଆମର କର୍ତ୍ତବ୍ୟ ବୋଲି କହିଥିଲେ। ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ତାଙ୍କ ସହ ପିଲାମାନେ ଶାକିରାଙ୍କ 'ୱାକା ୱାକା' ଗୀତରେ ନାଚିଥିଲେ। ଏହା ପୂର୍ବରୁ ସକାଳେ କ୍ରୀଡା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତ ବେହେରାଙ୍କୁ ପିଲାମାନେ ଭେଟିଥିଲେ। ଆଥ୍‌ଲେଟମାନଙ୍କୁ ଦେଶ ପାଇଁ ଗୌରବ ଆଣିବାରେ ସାହାଯ୍ୟ କରିବା ଲାଗି ଓଡ଼ିଶା ସରକାର ବିଶ୍ୱ ସ୍ତରୀୟ କ୍ରୀଡ଼ା ସୁବିଧା ଏବଂ କ୍ରୀଡ଼ା ଇକୋସିଷ୍ଟମ ଗଠନ ପାଇଁ ପ୍ରତିବଦ୍ଧ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଏଫ୍‌ସି ପୁରୁଷ ଏବଂ ମହିଳା ଦଳର ଖେଳାଳିଙ୍କ ସହ ଏକ ସାକ୍ଷାତ୍ ଏବଂ ଅଭିବାଦନ ଅଧିବେଶନ ହୋଇଥିଲା। ପୁରୁଷ ଦଳରୁ ଶୁଭମ୍ ସାରଙ୍ଗୀ, ମାଇକେଲ ସୋସାଇରାଜ ଏବଂ ବାନିଆ, ମହିଳା ଦଳର କାର୍ତ୍ତିକା ପିଲାଙ୍କ ସହ ଫୁଟ୍ବଲ୍ ଖେଳିଥିଲେ। ସନ୍ଧ୍ୟା ଅଧିବେଶନରେ ଦକ୍ଷତା ବିକାଶ ଏବଂ ବୈଷୟିକ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ଫୁଟବଲର୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଚିବ ଡ. ଶୌର୍ଯ୍ୟ ରଞ୍ଜନ ପରିଜା ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରାଜଲକ୍ଷ୍ମୀ



@ ଚନ୍ଦନ



@ ଅନିକେତ



@ ଦିବ୍ୟଜ୍ୟୋତି




@ ଦୀପକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




କିଟ୍ ବିଶ୍ୱବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ରବିବାର 'ଶାନ୍ତି ଓ ସଦ୍‌ଭାବନା ଜରିଆରେ ମାନବିକତା ସୃଷ୍ଟି ପାଇଁ ଶିକ୍ଷା' ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ରବିବାର ଆୟୋଜିତ ଶ୍ରୀ ନୃତ୍ୟ ଉତ୍ସବରେ ଜଣେ ଶିଳ୍ପୀ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।




ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷାଦାନ ପାଇଁ ପ୍ରତି ୧୫ ଛାତ୍ରଙ୍କ ଲାଗି ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦାବିରେ ରବିବାର ଓଡ଼ିଶା ମାଧ୍ୟମିକ ସ୍ୱତନ୍ତ୍ର ଶିକ୍ଷକ ସଂଘ ପକ୍ଷରୁ ନବୀନ ନିବାସ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

## ଫ୍ୟାନ୍ କର୍ନର






ଉଦ୍‌ଘାଟନୀ ମ୍ୟାଚ୍ ଅବସରରେ ଇକ୍ୱେଡର ଓ କାତାର ପ୍ରଶଂସିକା।

# ଉଦ୍‌ଘାଟନୀ ଝଲକ

କାତାରର ଅଲ୍ ବାୟଟ ଷ୍ଟାଡିୟମରେ ରବିବାର ଫିଫା ବିଶ୍ୱକପର ୨୨ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। କେ ପପ୍ ବ୍ୟାଣ୍ଡ ବିଟିଏସ୍‌ର ସଦସ୍ୟ କିମ୍ ଜଙ୍ଗକୁକ୍ ଉଦ୍‌ଘାଟନୀ ସମାରୋହରେ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିଲେ।

**ଦୋହା, ୨୦।୧୧:** କାତାର ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବ ମହା ସମାରୋହ ମଧ୍ୟରେ ଆୟୋଜିତ ହୋଇଛି। ଆୟୋଜକ କାତାର ଓ ଇକ୍ୱେଡର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଅଲ୍ ବାୟଟ ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେ ପପ୍ ବ୍ୟାଣ୍ଡ ବିଟିଏସ୍‌ର ସଦସ୍ୟ କିମ୍ ଜଙ୍ଗକୁକ୍ ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିବା ସହିତ ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ୪ଟି ଭାଗରେ ଉଦ୍‌ଘାଟନୀ ସମାରୋହକୁ ବିଭକ୍ତ କରାଯାଇଥିଲା। ଓପନିଂ ସେରିମନି, ଟାଣ୍ଟ ଅଫ୍ ନେସନ୍ସ, ୱାର୍ଲ୍ଡ କପ୍ ମେଡଲୀ ଓ ଜଙ୍ଗକୁକଙ୍କ ପ୍ରଦର୍ଶନକୁ ନେଇ ୪ ଭାଗରେ ବିଭକ୍ତ ହୋଇଥିଲା ଉଦ୍‌ଘାଟନୀ ସମାରୋହ। ଓପନିଂ ସେରିମନିରେ ଓସ୍କାର ବିଜେତା ଅଭିନେତା ମୋର୍ଗାନ୍ ଫ୍ରି ମ୍ୟାନ ଏକତା ଉପରେ ଏକକ ଅଭିନୟ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଅଭିନେତା ଘନିମ୍ ଅଲ ମୁଫ୍‌ତାହା ଓ ତାନାଙ୍କ ସମେତ କେତେଜଣ କାତାରୀ ମହିଳା ଏବଂ ଓଟ ଚାଳକଙ୍କୁ ଏହି ଆକ୍ଟରେ ସାମିଲ କରାଯାଇଥିଲା।

**ଟାଣ୍ଟ ଅଫ୍ ନେସନ୍ସ:** ମୋର୍ଗାନ ଫ୍ରି ମ୍ୟାନ୍ ପ୍ରଚ୍ଛଦପଟରେ ସୂତ୍ରଧର ରହିଥିବା ବେଳେ ୩୨ ଅଂଶଗ୍ରହଣକାରୀ ଦେଶର ଜାତୀୟ ପତାକାକୁ ଏଲ୍‌ଇଡି ଲାଇଟ ମାଧ୍ୟମରେ ଦେଖା ଯାଇଥିଲା। ବିଭିନ୍ନ ରାଷ୍ଟ୍ରଏକତା ଉପରେ ଫ୍ରି ମ୍ୟାନ୍ ଅଭିନୟ କରିଥିଲେ। ଏହାପରେ ଖଣ୍ଡାଯୁଦ୍ଧ ସମ୍ବଳିତ ନୃତ୍ୟ ପରିବେଷଣ କରିଥିଲେ ସ୍ଥାନୀୟ କଳାକାର ଗ୍ରୁପ୍। 'ପ୍ଲିଜ୍ ଡୋଣ୍ଟ ଟେକ୍ ମି ହୋମ୍' ଓ 'ଓଲେ ଓଲେ ଓଲେ'ରେ ମଧ୍ୟ ନୃତ୍ୟ ପରିବେଷଣ କରାଯାଇଥିଲା।

**ୱାର୍ଲ୍ଡ କପ୍ ମେଡଲୀ :** ଏହି ପର୍ଯ୍ୟାୟରେ ଚଳିତ ବିଶ୍ୱକପର ମାସ୍କଟ ଦର୍ଶକଙ୍କୁ ଆମୋଦିତ କରିଥିଲା। ଏହା ସହିତ ପୂର୍ବ ସଂସ୍କରଣର ବିଶ୍ୱକପଗୁଡିକର ମାସ୍କଟଗୁଡିକ ମଧ୍ୟ ଷ୍ଟେଜରେ ପ୍ରଦର୍ଶନ କରିଥିଲେ।

**ଜଙ୍ଗକୁକ୍:** କେ ପପ୍ ଷ୍ଟାର ତଥା ବିଟିଏସ୍‌ର ଅନ୍ୟତମ ସଦସ୍ୟ କିମ୍ ଜଙ୍ଗକୁକ୍ ରବିବାର ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିଥିଲେ। ୨୫ ବର୍ଷୀୟ ଜଙ୍ଗକୁକ୍ ବିଶ୍ୱକପର ଅଫିସିଆଲ୍ ସଙ୍ଗ 'ଡ୍ରିମର୍ସ' ଗାଇଥିଲେ। କାତାରୀ ଗାୟକ ଫହାଦ ଅଲ କୁବେଶୀ ମଧ୍ୟ ଜଙ୍ଗକୁକଙ୍କ ସହିତ ପ୍ରଦର୍ଶନ କରିଥିଲେ। ଉଦ୍‌ଘାଟନୀ ସମାରୋହ ୩୫ ମିନିଟ ଧରି ଚାଲିବା ସହିତ ୮.୪୫ରେ ଶେଷ ହୋଇଥିଲା। ଆରବ ଦୁନିଆର ଏକତ୍ରୀକରଣ ସନ୍ଦେଶ ପ୍ରଦାନ ଉଦ୍ଦେଶ୍ୟରେ ସାଉଦି ଆରବର ଯୁବରାଜ, ଇଜିପ୍ଟ ଓ ଆଲଜେରିଆ ରାଷ୍ଟ୍ରପତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଦେଶରେ ଅଶାନ୍ତି କାରଣରୁ ଇକ୍ୱେଡର ରାଷ୍ଟ୍ରପତି ଆସି ନ ଥିବା ବେଳେ ଜାତିସଂଘ ମହାସଚିବ ମଧ୍ୟ ଉପସ୍ଥିତ ରହିଥିଲେ।

## ମନ ମୋହିଲେ ଜଙ୍ଗକୁକ



ଆମେରିକାର କିମ୍ବଦନ୍ତୀ ଅଭିନେତା ମୋର୍ଗାନ ଫ୍ରିମ୍ୟାନ (ବାମ)।



କିମ୍ ଜଙ୍ଗକୁକ୍

## ଯୋଗଦେଲେ ଭାରତର ଉପରାଷ୍ଟ୍ରପତି



ଜଗଦୀପ ଧନକର

**ଦୋହା, ୨୦।୧୧ (ପି.ଟି.):** ଫିଫା ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ ଉପରାଷ୍ଟ୍ରପତି ଜଗଦୀପ ଧନକର। କାତାର ଏମିର ଶେଖ୍ ତମିମ ବିନ୍ ହମାଦ ଅଲ୍ ଥାନିଙ୍କ ଆମନ୍ତ୍ରଣ କ୍ରମେ ଧନକର ଦୁଇଦିନିଆ କାତାର ଗସ୍ତରେ ଯାଇଛନ୍ତି। ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ ଯୋଗଦାନ ବ୍ୟତୀତ ଭାରତୀୟ ସମ୍ପ୍ରଦାୟଙ୍କ ସହ ବାର୍ତ୍ତାଳାପ କରିବେ। ଭାରତ ଓ କାତାର ମଧ୍ୟରେ ଘନିଷ୍ଠ ବନ୍ଧୁତା ରହିଛି। ବାଣିଜ୍ୟ, ଶକ୍ତି, ସୁରକ୍ଷା, ପ୍ରତିରକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ଶିକ୍ଷା ସମେତ ଅନ୍ୟ କେତେକ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ପାର୍ଟନରଶିପ୍ ରହିଛି। ଗତ ଆର୍ଥିକ ବର୍ଷରେ ଦୁଇ ଦେଶ ମଧ୍ୟରେ ୧୫ ବିଲିୟନ ଆମେରିକୀୟ ଡଲାର (୧ ବିଲିୟନ=୧୦୦କୋଟି) ବାଣିଜ୍ୟ କାରବାର ହୋଇଛି। କାତାରରେ ୮୪୦,୦୦୦ରୁ ଊର୍ଦ୍ଧ୍ୱ ଭାରତୀୟ ରହିଛନ୍ତି। ଆସନ୍ତାବର୍ଷ ଦୁଇ ଦେଶ ମଧ୍ୟରେ ରହିଥିବା କୂଟନୈତିକ ସମ୍ପର୍କର ୫୦ବର୍ଷ ପୂର୍ତ୍ତି ପାଳନ ହେବ।

# କାତାରକୁ ହରାଇଲା ଇକ୍ୱେଡର

**ଦୋହା,୨୦।୧୧**

ଫିଫା ବିଶ୍ୱକପ୍ ୨୦୨୨ର ଉଦ୍‌ଘାଟନୀ ମ୍ୟାଚ ଜିତିଛି ଇକ୍ୱେଡର। ଫରୱାର୍ଡ ଏନ୍ନର ଭାଲେନ୍ସିଆଙ୍କ ଡବଲ୍ ଗୋଲ ବଳରେ ଏହି ଦଳ ଆୟୋଜକ କାତାରକୁ ୨-୦ ଗୋଲରେ ପରାସ୍ତ କରିଛି। କାତାର ଦଳ ୫-୩-୨ ଓ ଇକ୍ୱେଡର ୪-୪-୨ କମ୍ବିନେଶନରେ ପଡ଼ିଆକୁ ଓହ୍ଲାଇଥିଲା। ଉଭୟ ଦଳ ଆରମ୍ଭରୁ ହିଁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ମ୍ୟାଚର ତୃତୀୟ ମିନିଟ୍‌ରେ ଭାଲେନ୍ସିଆ ପ୍ରଥମ ଗୋଲ ଦେଇଥିଲେ। ଫେଲିକ୍ସ ଟରେସଙ୍କ ପାଖକୁ ହେଡର ଜରିଆରେ ପୋଷ୍ଟ ମଧ୍ୟକୁ ପଠାଇଥିଲେ ଭାଲେନ୍ସିଆ। ତେବେ ଭିଡିଓ ରେଫରାଲ ପରେ ଏହାକୁ ରେଫରି ଅଫ୍‌ସାଇଡ ଘୋଷଣା କରିଥିଲେ। ୧୬ ତମ ମିନିଟରେ ଇକ୍ୱେଡରକୁ ଏକ ପେନାଲ୍ଟି କର୍ନର ମିଳିଥିଲା। କାତାର ଗୋଲକିପର ଅଲ୍ ଶିବ୍‌ଙ୍କୁ ପରାସ୍ତ କରିବା ସହିତ ଭାଲେନ୍ସିଆ ଟୁର୍ନାମେଣ୍ଟର ପ୍ରଥମ ଗୋଲ ସ୍କୋର କରିଥିଲେ। ଏହା ସହିତ ଭାଲେନ୍ସିଆଙ୍କୁ ଅବରୋଧ କରିବା କାରଣରୁ ଅଲ ଶିବ୍‌ଙ୍କୁ ଟୁର୍ନାମେଣ୍ଟର ପ୍ରଥମ ୟେଲୋ କାର୍ଡ ମିଳିଥିଲା। ମ୍ୟାଚର ୩୧ ତମ ମିନିଟ୍‌ରେ ଭାଲେନ୍ସିଆ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଇକ୍ୱେଡରକୁ ବିଜୟ ପଥରେ ଅଗ୍ରସର କରାଇଥିଲେ। ପ୍ରେସିଆଡୋଙ୍କ ସହାୟତାରେ ସେ ଏହି ଗୋଲଟି ସ୍କୋର କରିଥିଲେ। ବାମ ପାର୍ଶ୍ୱରୁ ପ୍ରେସିଆଡୋ ଏକ ଚମତ୍କାର କ୍ରସ୍ ମାରିଥିଲେ। ହେଡ୍ ଜରିଆରେ ଏହାକୁ ଗୋଲରେ ପରିଣତ କରିଥିଲେ ଭାଲେନ୍ସିଆ। ଫଳରେ ପ୍ରଥମାର୍ଦ୍ଧ ବେଳକୁ ଇକ୍ୱେଡରର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚିଥିଲା। ଦ୍ୱିତୀୟାର୍ଦ୍ଧରେ ଗୋଲ ପରିଶୋଧ ପାଇଁ କାତାର ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲା। କାତାର ଦଳକୁ ୪ ଓ ଇକ୍ୱେଡରକୁ ୨ଟି ୟେଲୋ କାର୍ଡ ମିଳିଥିଲା। ଇକ୍ୱେଡର ୫୩ % ଏବଂ କାତାର ୪୭ ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲା।

### ଭାଲେନ୍ସିଆଙ୍କ ଡବଲ୍ ଗୋଲ୍




କାତାର ବିପକ୍ଷରେ ଗୋଲ୍ ଦେବା ପରେ ଖୁସି ମନାଉଛନ୍ତି ଇକ୍ୱେଡରର ଏନ୍ନର ଭାଲେନ୍ସିଆ।



## ଫ୍ୟାନ୍ ଫେଷ୍ଟିଭାଲରେ ୪୦ ହଜାର ଦର୍ଶକ

**ଦୋହା, ୨୦।୧୧:** କାତାର ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବ ମହା ସମାରୋହ ମଧ୍ୟରେ ଅଲ ବାୟଟ ଷ୍ଟାଡିୟମରେ ଆୟୋଜିତ ହୋଇଛି। ସମାନ ସମୟରେ ଫିଫା ପକ୍ଷରୁ ଏକ ଫ୍ୟାନ ଫେଷ୍ଟ ମଧ୍ୟ ଆୟୋଜନ କରାଯାଇଛି। ରବିବାର ଅଲ ବିଡ୍ଡା ପାର୍କରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏଥିରେ ୪୦ ହଜାରରୁ ଅଧିକ ଦର୍ଶକ ଯୋଗଦେଇଛନ୍ତି। ବଡ ସ୍କ୍ରିନରେ ଲାଇଭ୍ ମ୍ୟାଚ୍ ଦେଖିବାର ସୁଯୋଗ ମିଳୁଥିବା ବେଳେ ଲାଇଭ ମ୍ୟୁଜିକ ସହିତ ଖାଦ୍ୟ ଓ ପାନୀୟର ବନ୍ଦୋବସ୍ତ ରହିଛି। ଷ୍ଟାଡିୟମରେ ଆଲକୋହଲ ପରିବେଷଣ ଉପରେ କଟକଣା ରହିଥିଲେ ହେଁ ଫ୍ୟାନ ଫେଷ୍ଟିଭାଲରେ ସବୁ ସୁବିଧା ପ୍ରଦାନ କରାଯିବ। ଏହି ଇଭେଣ୍ଟକୁ ଫିଫା ୨୦୨୨ର ହୃଦୟ ବୋଲି କହିଛନ୍ତି ଫିଫା ସଭାପତି ଜିଆନି ଇନଫାଣ୍ଟିନୋ। ସମସ୍ତ ମ୍ୟାଚ ଦିନର ସନ୍ଧ୍ୟାରେ ଫ୍ୟାନ ଫେଷ୍ଟିଭାଲ ଆୟୋଜିତ ହେବ।

## ବଜାର ପୁଞ୍ଜିରେ ୪୨,୧୭୩ କୋଟି ଯୋଗ

**ନୂଆଦିଲ୍ଲୀ:** ଚଳିତ ମାସର ୩ ସପ୍ତାହ ମଧ୍ୟରେ ଶେୟାର ବଜାରର ନିବେଶ ଫଳାଫଳ ଅନୁଯାୟୀ ବଜାର ପୁଞ୍ଜିର ଏକ ଲିଷ୍ଟ ଜାରି କରାଯାଇଛି। ଏପରିକି ଦେଶର ଶ୍ରେଷ୍ଠ ୧୦ ନିବେଶକ କମ୍ପାନୀଙ୍କ ମଧ୍ୟରୁ ୮ଟି କମ୍ପାନୀ ଗତ ସପ୍ତାହରେ ୪୨,୧୭୩.୪୨ କୋଟି ଟଙ୍କା ବଜାର ପୁଞ୍ଜିରେ ଯୋଗ କରି ପାରିଛନ୍ତି। ବିଶେଷକରି ଆଇସିଆଇସିଆଇ ବ୍ୟାଙ୍କ, ଇନ୍‌ଫୋସିସ୍ ଏବଂ ଟିସିଏସ୍ ଭଳି ନିବେଶକ କମ୍ପାନୀ ସର୍ବାଧିକ ଲାଭକାରୀ ସଂସ୍ଥା ଭାବେ ପରିଗଣିତ ହୋଇଛନ୍ତି। ସେହିପରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍ ଉକ୍ତ ସୂଚୀରୁ ବାଦ ପଡିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏଚ୍‌ଡିଏଫ୍‌ସି, ଆଇସିଆଇସିଆଇ ଏବଂ ଷ୍ଟେଟ ବ୍ୟାଙ୍କ ଭଳି ୮ ନିବେଶକ କମ୍ପାନୀ ସେମାନଙ୍କ ମୂଲ୍ୟରେ ଲାଭ ହାସଲ କରିଛନ୍ତି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଅବିନାଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# 'ଆସନ୍ତା ବର୍ଷରେ ଅର୍ଥନୀତି ୬-୭%କୁ ବୃଦ୍ଧି ପାଇବ'

**ନୂଆଦିଲ୍ଲୀ,୨୦।୧୧**

ସାରା ବିଶ୍ୱ ବର୍ତ୍ତମାନ ପରିସ୍ଥିତିରେ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ଏପରିକି ବିଶ୍ୱ ବିମୁଦ୍ରୀକରଣ ଆଡକୁ ଗତି କରୁଥିବା ବେଳେ ଭାରତରେ ତା'ର (ବିମୁଦ୍ରୀକରଣ) କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଭାରତର ପୂର୍ବତନ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଆକଳନ କରିଛନ୍ତି। ସେହିଭଳି ଆସନ୍ତା ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ୬-୭% ମଧ୍ୟରେ ବୃଦ୍ଧି ପାଇବ ବୋଲି ସେ ଆଶା କରିଛନ୍ତି। ବିଶେଷ କରି ଭାରତରେ ବିମୁଦ୍ରୀକରଣର କୌଣସି ଆଶା ନାହିଁ, ଯଦିଓ ବିଶ୍ୱର ଅବସ୍ଥା



ରାଜୀବ କୁମାର

(ଆର୍ଥିକ ମାନ୍ଦାବସ୍ଥା) ଦ୍ୱାରା ଦେଶର ଅଭିବୃଦ୍ଧି ନକାରାତ୍ମକ ଭାବେ ପ୍ରଭାବିତ ହୋଇପାରେ, ତଥାପି ଭାରତର ଅର୍ଥନୀତି ୨୦୨୩-୨୪ ଆର୍ଥିକ ବର୍ଷରେ ୬-୭% କୁ ଅଭିବୃଦ୍ଧି କରାଇବାରେ ସଫଳ ହେବୁ ବୋଲି କୁମାର ମତପ୍ରକାଶ କରିଛନ୍ତି। ସେହିପରି ଆମେରିକା, ୟୁରୋପ, ଜାପାନ ଏବଂ ଚାଇନା ଭଳି ଅଭିବୃଦ୍ଧିସମ୍ପନ୍ନ ଦେଶ ସାଙ୍ଗକୁ ବିଶ୍ୱର ଅନ୍ୟ ଦେଶଗୁଡିକରେ ମଧ୍ୟ ଅର୍ଥନୀତି ଅସନ୍ତୁଳିତ ହେବ ବୋଲି ଆଶଙ୍କା କରାଯାଉଛି।

ଚଳିତ ବର୍ଷ ଅକ୍ଟୋବର ୬ରେ ବିଶ୍ୱବ୍ୟାଙ୍କ ୨୦୨୨-୨୩ ବର୍ଷର ଭାରତୀୟ ଅର୍ଥନୀତି ପାଇଁ ଅଭିବୃଦ୍ଧି ୬.୫%କୁ ଆକଳନ କରିଥିଲା। ଯାହାକି ୨୦୨୨ଜୁନ୍ ପୂର୍ବାନୁମାନରୁ ଏକ ପ୍ରତିଶତ ପଏଣ୍ଟ ହ୍ରାସ ପାଇଛି। ତେବେ ବିଶ୍ୱ ଅର୍ଥନୀତିକୁ ନେଇ ଆଇଏମ୍ଏଫ୍ ମୁଖ୍ୟ କ୍ରିଷ୍ଟାଲିନା ଜର୍ଜଆରା କହିଛନ୍ତି, ବିଶ୍ୱରେ ଅର୍ଥନୀତି ଆପେକ୍ଷିକ ଭବିଷ୍ୟତବାଣୀ ଜଗତରୁ ଏକ ଅନିଶ୍ଚିତତା ଆଡକୁ ଗତି କରୁଛି ଏବଂ ଖୁଚୁରା ମୁଦ୍ରାସ୍ଫୀତି ଅଧିକ ସମୟ ପାଇଁ ୬ରୁ ୭% ମଧ୍ୟରେ ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ତେବେ ଦେଶର ଅର୍ଥନୀତି ସ୍ଥିତିକୁ ନେଇ ପୂର୍ବତନ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ଅକ୍ଟୋବରରେ ରପ୍ତାନିର ନକାରାତ୍ମକ ଅଭିବୃଦ୍ଧି ସହ ଏହା ସ୍ପଷ୍ଟ ଯେ ଉଭୟ ସାମଗ୍ରୀ ଏବଂ ସେବା ରପ୍ତାନିକୁ କିପରି ବିସ୍ତାର କରାଯିବ ସେ ନେଇ ଦେଶ ଏକ୍ଷେତ୍ରରେ ମଧ୍ୟ ପ୍ରକୃତ ନୀତି ଉପରେ ଧ୍ୟାନ ଦେବା ଆବଶ୍ୟକ। ବର୍ତ୍ତମାନ ଆମକୁ ରାଜ୍ୟରେ ନିର୍ଦ୍ଦିଷ୍ଟ ରପ୍ତାନି ପ୍ରୋତ୍ସାହନ ନୀତି ପ୍ରସ୍ତୁତ କରିବାକୁ ପଡ଼ିବ। କାରଣ ସମଗ୍ର ଦେଶ ପାଇଁ ଗୋଟିଏ ରପ୍ତାନି ପ୍ରୋତ୍ସାହନ ନୀତି ରହିବ। ଏପରିକି ଦେଶରେ ପ୍ରାୟ ୨ ବର୍ଷର ବ୍ୟବଧାନ ପରେ ଭାରତର ରପ୍ତାନି ନକାରାତ୍ମକ ସ୍ଥିତିରେ ରହିଥିଲା। ତେଣୁ ଅକ୍ଟୋବରରେ ୧୬.୬୫% ହ୍ରାସ ପାଇ ୨୯.୭୮ ବିଲିୟନ୍ ଡଲାରରେ ପହଞ୍ଚିଛି ଏବଂ ବିଶ୍ୱ ବଜାରରେ ଚାହିଦା ହ୍ରାସ ହେତୁ ବାଣିଜ୍ୟ ନିଅଣ୍ଟ ୨୬.୯୧ବିଲିୟନ୍ ଡଲାରରେ ପହଞ୍ଚିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## 'ମହିନ୍ଦ୍ରାର ନୂଆ ଜି ୭୫ ସ୍ମାର୍ଟ ମୋଟର୍ ଗ୍ରେଡର୍'



**ଭୁବନେଶ୍ୱର,୨୦।୧୧**

ମହିନ୍ଦ୍ରା ଗ୍ରୁପ୍‌ର ସହଯୋଗୀ ସଂସ୍ଥା ମହିନ୍ଦ୍ରା କନ୍‌ଷ୍ଟ୍ରକଶନ ଇକ୍ୟୁପ୍‌ମେଣ୍ଟ (ଏମ୍‌ସିଇ) ଡିଭିଜନର ନୂତନ ଉତ୍ପାଦ 'ଜି ୭୫ ସ୍ମାର୍ଟ ମୋଟର୍ ଗ୍ରେଡର୍'ର ଉନ୍ମୋଚନ କରାଯାଇଛି। ଏପରିକି କମ୍ପାନୀର 'ନ୍ୟୁ ମହିନ୍ଦ୍ରା ରୋଡ୍‌ମାଷ୍ଟର୍ ଜି ୭୫ ସ୍ମାର୍ଟ 'ପ୍ରଫିଟ୍ କା ପାର୍ଟନର୍'ର ଶୁଭାରମ୍ଭ ସହ ସଡକ ନିର୍ମାଣ ଉପକରଣ ଶୃଙ୍ଖଳାର ସମ୍ପ୍ରସାରଣ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ମହିନ୍ଦ୍ରାର ଅଥୋରାଇଜ୍‌ଡ ଡିଲର୍ ଟିଆର୍‌ଏସ୍ ଇଞ୍ଜିନିୟରିଂ ପକ୍ଷରୁ ସ୍ଥାନୀୟ ଡିଏମ୍ କନ୍‌ଭେନଶନ ଆଇଗିଣିଆଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷ କରି କମ୍ପାନୀର ଉତ୍ପାଦ ଓଡ଼ିଶା ବଜାର ପ୍ରବେଶ ସାଙ୍ଗକୁ ଉକ୍ତ ଉତ୍ପାଦର ଅନାବରଣ ମଧ୍ୟ କରାଯାଇଥିଲା। ଏହି ଅବସରରେ କମ୍ପାନୀର ହେଡ୍ ଅଫ୍ କଷ୍ଟମର୍ କେୟାର ରାଜେନ୍ଦ୍ର ଆଷ୍ଟେକର, ବ୍ରାଣ୍ଡ ହେଡ୍ ରବି ଶର୍ମା, ଜୋନାଲ ସେଲ୍‌ସ ହେଡ୍ ଏସ୍. ରାଜୁ, ହେଡ୍ ଅଫ୍ ଜୋନାଲ କଷ୍ଟମର କେୟାର ସନ୍ଦିପ୍ ଘୋଷ, ଟିଆର୍‌ଏସ୍ ଇଞ୍ଜିନିୟରିଂର ପରିଚାଳନା ନିର୍ଦ୍ଦେଶକ ଦେବଦତ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ମହିନ୍ଦ୍ରାର ହେଡ୍ ଅଫ୍ କଷ୍ଟମର୍ କେୟାର ରାଜେନ୍ଦ୍ର ଆଷ୍ଟେକର କହିଛନ୍ତି, ଆମେ ଆମର ଗ୍ରାହକଙ୍କୁ ଡିସରପଟିଭ୍ ପ୍ରଡ଼କ୍ଟ ଓ ସେବା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଏହାକୁ ରାଷ୍ଟ୍ର ନିର୍ମାଣରେ ସହଭାଗିତା ରଖୁଥିବା କଂଟ୍ରାକ୍ଟରମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତରେ ପରିକଳ୍ପନା ଓ ବିକଶିତ କରାଯାଇଛି। ସେହିପରି ଏହି ଅବସରରେ ମହିନ୍ଦ୍ରା ଓ ଟିଆର୍‌ଏସ୍ ଇଞ୍ଜିନିୟରିଂ ସହ ଜଡିତ ଗ୍ରାହକମାନେ ସେମାନଙ୍କର ଅଭିଜ୍ଞତା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଟିଆର୍‌ଏସ୍ ଇଞ୍ଜିନିୟରିଂର ଏମ୍‌ଡି ଦେବଦତ୍ତ ରାୟ ସେଠାରେ ଉପସ୍ଥିତ ଥିବା ସମସ୍ତ ଅତିଥି ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଏସ୍‌ପ୍ଲାନେଡ୍ ମଲ୍‌ରେ ହିଲିଅସ୍ ଆଉଟ୍‌ଲେଟ୍

**ଭୁବନେଶ୍ୱର,୨୦।୧୧**

ଟାଟା ଗ୍ରୁପ୍‌ର ଲାଇଫ୍ ଷ୍ଟାଇଲ୍ କମ୍ପାନୀ 'ହିଲିଅସ୍'ର ଆଉ ଏକ ପ୍ରିମିୟମ ଆଉଟ୍‌ଲେଟ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ନେକ୍ସସ ଏସ୍‌ପ୍ଲାନେଡ୍ ମଲ୍‌ରେ ହିଲିଅସ୍‌ର ନୂତନ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏଠାରେ ପ୍ରିମିୟମ୍, ଫ୍ୟାଶନେବଲ, ସ୍ୱିସ୍ ଏବଂ ସ୍ମାର୍ଟୱାଚ୍‌ର ବିଶାଳ କଲେକ୍ସନ ରହିଛି। ବିଶେଷ କରି ଟାଇଟନ୍‌ର ସମ୍ପ୍ରସାରଣ ଅନ୍ତର୍ଗତ ଟାଟା ଗ୍ରୁପ୍‌ର ଲାଇଫ୍ ଷ୍ଟାଇଲ୍ କମ୍ପାନୀ ହିଲିଅସ୍ ଟାଇମ୍‌ଲେସ୍ ପରମ୍ପରା, ଅସଲି ଉତ୍ପାଦ ଏବଂ ଗୁଣବତ୍ତାର ପ୍ରତିଶ୍ରୁତି ପ୍ରଦାନ କରୁଛି। ଏହାର ଶ୍ରେଷ୍ଠ ପ୍ରିମିୟମ ଘଣ୍ଟା ବ୍ରାଣ୍ଡରେ ଶିଳ୍ପ କାରିଗରି, ନିଆରା ଡିଜାଇନ୍ ଏବଂ ନବସୃଜନର ଛାପ ମଧ୍ୟ ରହିଛି। ସେହିଭଳି ସୌଖୀନ ବ୍ୟକ୍ତିବିଶେଷଙ୍କ ପାଇଁ ଅତିରିକ୍ତ ଉଦ୍ୟମ ଲଗାଇ ଗ୍ରାହକଙ୍କୁ ସେମାନଙ୍କ ପସନ୍ଦ ମୁତାବକ ଉତ୍ପାଦ ଯୋଗାଉଛି। ଏପରିକି ଗ୍ରାହକ ହିଲିଅସ୍‌ର ଅଥେଣ୍ଟିକ୍ ବ୍ରାଣ୍ଡେଡ୍ ହାତ ଘଡ଼ିକୁ ଅନ୍‌ଲାଇନ କିମ୍ବା ଏହାର ଅଫ୍‌ଲାଇନ୍ ଷ୍ଟୋରରୁ ପାଇପାରିବେ। ସେହିପରି ପ୍ରିମିୟମ ଏବଂ ଫ୍ୟାଶନ ହାତଘଡ଼ି ପାଇଁ ହିଲିଅସ୍ ନିଶ୍ଚିତ ଭାବେ ପସନ୍ଦ ସ୍ଥଳ ହେବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଭାରତୀୟ ଗ୍ରାହକଙ୍କ ପରବର୍ତ୍ତୀ ପସନ୍ଦକୁ ଦୃଷ୍ଟିରେ ରଖି କମ୍ପାନୀ କାଜୁଆଲଠାରୁ ଆରମ୍ଭ କରି ସୌଖୀନ ଘଣ୍ଟା ଯୋଗାଉଛି। ଅପରପକ୍ଷରେ ଭାରତର ୪୪ ସହରରେ ୪୦ରୁ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ବ୍ରାଣ୍ଡ ସହ ହିଲିଅସ୍ ୱାଚ୍ ଷ୍ଟୋର ଗୋଟିଏ ଛାତ ତଳେ ବିଶାଳ କଲେକ୍ସନରେ ଫ୍ଲାଟ୍ ୧୦% ରିହାତି ପ୍ରଦାନ କରୁଛି।

## ସେପ୍ଟେମ୍ବରରେ ୧୬.୮୨ଲକ୍ଷ ନୂଆ ଇପିଏଫ୍‌ଓ ସଦସ୍ୟ

**ନୂଆଦିଲ୍ଲୀ,୨୦।୧୧**

ଚଳିତ ବର୍ଷ ସେପ୍ଟେମ୍ବରରେ ୧୬.୮୨ ଲକ୍ଷ ନୂତନ ସଦସ୍ୟ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)ରେ ଯୋଗ ଦେଇଥିବା ରବିବାର କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ୨୦୨୨ ସେପ୍ଟେମ୍ବର ବେତନ ତଥ୍ୟ ତୁଳନାରେ ନେଟ୍ ସଦସ୍ୟତା ଯୋଗଦେବାରେ ୯.୧୪%କୁ ବୃଦ୍ଧି ଘଟିଛି। ଏପରିକି ଗତ ଆର୍ଥିକ ବର୍ଷରେ ରେକର୍ଡ ହୋଇଥିବା ମାସିକ ହାରାହାରି ସଂଖ୍ୟା ତୁଳନାରେ ଏହା ୨୧.୮୫%ରୁ ଅଧିକ। ତେବେ ମାସକ ଭିତରେ ଯୋଡି ହୋଇଥିବା ମୋଟ ୧୬.୮୨ ଲକ୍ଷ ନୂଆ ସଦସ୍ୟଙ୍କ ମଧ୍ୟରୁ ପ୍ରାୟ ୯.୩୪ ଲକ୍ଷ ପ୍ରଥମ ଥର ପାଇଁ ଇପିଏଫ୍‌ଓ କଭରେଜ୍‌ରେ ଆସିଛନ୍ତି। ସେହିପରି ଏହି ନୂତନ ସଦସ୍ୟମାନଙ୍କ ମଧ୍ୟରେ ସର୍ବାଧିକ ସଂଖ୍ୟା ୧୮ ବର୍ଷରୁ ୨୧ ବର୍ଷ ବୟସ ପାଇଁ ୨.୯୪ ଲକ୍ଷ ସଦସ୍ୟଙ୍କ ସହିତ ପଞ୍ଜୀକୃତ ହୋଇଥିଲା। ଏହା ପରେ ୨୧ରୁ ୨୫ ବର୍ଷର ବୟସ ଶ୍ରେଣୀକୁ ଅନୁସରଣ କରାଯାଇଥିଲା।


CLASSIFIED DISPLAY
ALL EDITION - BW (Everyday)
MORE SPACE ' SAME PRICE
TARIFF
GST 5%
For Booking Contact: 0674-2580385, 8637280816, 7894447167, 9338226625

**ନ୍ୟାଶନାଲ ଫାଇନାନ୍ସ**

ଭାରତର ନଂ.୧ ବିଶ୍ୱସନୀୟ କମ୍ପାନୀ ନ୍ୟାଶନାଲ ଫାଇନାନ୍ସ ସବୁ ସରକାରୀ ଯୋଜନା ଅଧୀନରେ ପର୍ସନାଲ, ଆଧାର କାର୍ଡ। ସମସ୍ତ ଋଣ 2% ସୁଧ, 40% ଛାଡ଼ (ମହିଳାଙ୍କ ପାଇଁ ବିଶେଷ ରିହାତି)
ଏଜେଣ୍ଟ ଆମନ୍ତ୍ରିତ –
9807641532

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଅସ୍ଥିଶଲ୍ୟ ଚିକିତ୍ସା ସମ୍ପର୍କିତ ଜାତୀୟ କର୍ମଶାଳା



**କଟକ,୨୦।୧୧**

ଓଡ଼ିଶା ଅସ୍ଥିଶଲ୍ୟ ଚିକିତ୍ସକ ସଂଘ ଏବଂ ଓସ୍କାରର ମିଳିତ ଆନୁକୂଲ୍ୟରେ 'ବୟସଗତ ଆଣ୍ଠୁଜନିତ ସମସ୍ୟାର ଅସ୍ଥିଶଲ୍ୟ ଚିକିତ୍ସା' ଶୀର୍ଷକ ବିଷୟ ବସ୍ତୁ ଉପରେ ଏକଦିବସୀୟ ଜାତୀୟ କର୍ମଶାଳା ଶନିବାର ସ୍ଥାନୀୟ ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲଠାରେ ଆୟୋଜିତ ହୋଇଯାଇଛି। ଏହି ଦିନିକିଆ ଜାତୀୟ କର୍ମଶାଳାରେ ରାଜ୍ୟ ତଥା ଦେଶର ବହୁ ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସମେତ ବହୁ ବରିଷ୍ଠ ଓ କନିଷ୍ଠ ଡାକ୍ତର ଯୋଗଦେଇ ଅତ୍ୟନ୍ତ ଜଟିଳ ଓ ବ୍ୟୟ ବହୁଳ ଖଞ୍ଜା ପ୍ରତିରୋପଣ ବିନା ଜଣେ ବୟସ୍କ ବ୍ୟକ୍ତି ଶଲ୍ୟ ଚିକିତ୍ସା ଦ୍ୱାରା କିଭଳି ଆଣ୍ଠୁଜନିତ ସମସ୍ୟାରୁ ମୁକ୍ତି ପାଇପାରିବେ ସେ ବିଷୟରେ ବିସ୍ତୃତ ମତ ବିନିମୟ କରିଥିଲେ।

ଏହିପରିପ୍ରେକ୍ଷୀରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନକରି ଉପସ୍ଥିତ ବିଶେଷଜ୍ଞ ଡାକ୍ତର ଓ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଏଭଳି ଏକ କାର୍ଯ୍ୟକ୍ରମ ଦ୍ୱାରା ଚିକିତ୍ସା କ୍ଷେତ୍ରରେ ଯୁବ ଡାକ୍ତରଙ୍କୁ ପ୍ରତ୍ୟକ୍ଷ ଜ୍ଞାନ ଆହରଣର ସୁଯୋଗ ମିଳିବ ବୋଲି ସେ ମତପ୍ରକାଶ କରିଥିଲେ। ଉକ୍ତ କର୍ମଶାଳାର ସଂଯୋଜକ ପ୍ରଫେସର ଡା. ଚିତ୍ତ ପ୍ରକାଶ ଦାସ ପ୍ରାରମ୍ଭିକ ସୂଚନା ଓ ପ୍ରଫେସର ଡାକ୍ତର ଶକ୍ତିପ୍ରସାଦ ଦାସ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିପରି ପଦ୍ମିନୀ କେୟାରର ସିଇଓ ଡାକ୍ତର ଜ୍ୟୋତିପ୍ରକାଶ ପରିଜା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡା. କ୍ରିଷ୍ଣାପ୍ରଦା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦ୍ୟୁତ୍ କୁମାର ଷଡ଼ଙ୍ଗୀ, କୌସ୍ତୁଭ ମୁଖାର୍ଜୀ, ସଞ୍ଜୀବ କୁମାର ପ୍ରହରାଜ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀଙ୍କ ସମେତ ଡ୍ରିମ୍‌ସ ଓ ପଦ୍ମିନୀ କେୟାରର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କେଏଫ୍‌ସିର ପପ୍‌କର୍ଣ୍ଣ ମ୍ୟାଗି ବାଉଲ୍

**ନୂଆଦିଲ୍ଲୀ,୨୦।୧୧**

ଅନ୍ତଃରାଷ୍ଟ୍ରୀୟ ଫାଷ୍ଟଫୁଡ ବ୍ରାଣ୍ଡ କେଏଫସି ପ୍ରଥମ ଥର ପାଇଁ ନେସ୍‌ଲେ ସହଭାଗିତାରେ ଏକ ସ୍ୱତନ୍ତ୍ର ଡିସ୍ 'ପପ୍‌କର୍ଣ୍ଣ ମ୍ୟାଗି ବାଉଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ବିଶେଷକରି କେଏଫ୍‌ସି ଇଣ୍ଡିଆ ମ୍ୟାଗିରୁ ପ୍ରସ୍ତୁତ କେଏଫ୍‌ସି ପପ୍‌କର୍ଣ୍ଣ ବାଉଲ୍‌ର ସ୍ୱାଦ ଗ୍ରାହକଙ୍କୁ ଯୋଗାଇ ଦେବାକୁ ଯାଉଛି। ଏପରିକି ଏହି ୨ ଆଇକନିକ୍ ବ୍ରାଣ୍ଡ ଏକ ଉପଯୁକ୍ତ ବାଉଲ୍‌ରେ କେଏଫ୍‌ସିର ସିଗ୍ନେଚର ଚିକେନ୍ ପପ୍‌କର୍ଣ୍ଣ ଓ ମ୍ୟାଗି ନୁଡଲ୍ସର ଡିସ୍ ପ୍ରଦାନ କରିବେ। ଏ ସମ୍ପର୍କରେ କେଏଫ୍‌ସି ଇଣ୍ଡିଆର ଜିଏମ୍ ମୋକ୍ଷ ଚୋପ୍ରା କହିଛନ୍ତି, ଉଭୟ ମ୍ୟାଗି ଓ କେଏଫ୍‌ସି ଆଇକନିକ୍ ବ୍ରାଣ୍ଡ ହୋଇଥିବା ବେଳେ ଉପଭୋକ୍ତାମାନେ ମଧ୍ୟ ଏହାକୁ ବେଶ ପସନ୍ଦ ଓ ବାସ୍ତବରେ ଉପଭୋଗ ମଧ୍ୟ କରିଥାନ୍ତି। ଉଭୟ କମ୍ପାନୀର ସହଭାଗିତାରୁ ଏକ ସ୍ୱାଦିଷ୍ଟ ରେସିପି ମଧ୍ୟ ମିଳିପାରିଛି।

## 'ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ନେତୃତ୍ୱ ସମ୍ମାନ'



**ଭୁବନେଶ୍ୱର,୨୦।୧୧**

ରାଜ୍ୟର ପ୍ରମୁଖ ଘରୋଇ ବାଣିଜ୍ୟିକ ସଂସ୍ଥା ତଥା ରୁଚି ଫୁଡ୍‌ଲାଇନ୍‌ର ସହଯୋଗୀ ସଂସ୍ଥା (କମ୍ପାନୀ) ବିଶ୍ୱେଶ୍ୱର ଫୁଡ୍ସର ନିର୍ଦ୍ଦେଶିକା ରଶ୍ମି ସାହୁଙ୍କୁ ନିକଟରେ ଏକ ଆନ୍ତର୍ଜାତିକ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ସ୍ପେନର ରାଜଧାନୀ ମାଡ୍ରିଡ୍‌ଠାରେ ଆୟୋଜିତ 'ଆନ୍ତର୍ଜାତିକ ମହିଳା ଔଦ୍ୟୋଗିକ ଚ୍ୟାଲେଞ୍ଜ' (ଆଇଡବ୍ଲ୍ୟୁଇସି)ର ୧୫ତମ ବିଶ୍ୱ ସମ୍ମିଳନୀରେ ଓଡ଼ିଶାର ଏକମାତ୍ର ମହିଳା ଉଦ୍ୟୋଗୀ ଭାବେ ରଶ୍ମିଙ୍କୁ 'ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ନେତୃତ୍ୱ ସମ୍ମାନ' ପ୍ରଦାନ କରାଯାଇଛି। ସେହିଭଳି ଆଇଡବ୍ଲ୍ୟୁଇସିର ଅଧ୍ୟକ୍ଷା ଇବୁକୁନ ଆୱାସିକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାରୋହରେ ସ୍ପାନିସ୍ ଚାମ୍ବର ଅଫ୍ କମର୍ସର ନିର୍ଦ୍ଦେଶିକା ମାରିଆ ତୋସ୍କା, ବ୍ଲୁମବର୍ଗର ବ୍ୟୁରୋଚିଫ୍ ରୋଡ୍ରିଗୋ ଓରିହୁଏଲା, ମାଡ୍ରିଡ୍ ମେଟ୍ରୋପଲିଟାନ୍ ବ୍ୟାଙ୍କର ନିର୍ଦ୍ଦେଶିକା ମାର୍ ସାନ୍ତାନା ଓ ବାର୍ସିଲୋନା ଚାମ୍ବର ଅଫ କମର୍ସର ଉପାଧ୍ୟକ୍ଷା ରୋଜେର ସ୍କାଲାବାର୍ଡ଼ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ରଶ୍ମିଙ୍କୁ ପୁରସ୍କୃତ କରିଥିଲେ। ସେହିପରି ବିଗତ ୨୦ବର୍ଷମଧ୍ୟରେ ରଶ୍ମି ୧୫ରୁ ଉର୍ଦ୍ଧ୍ୱ ଦେଶରେ ଆୟୋଜିତ ଆନ୍ତର୍ଜାତିକ ସମ୍ମିଳନୀ ଓ ଫୁଡ୍ ଫେଷ୍ଟିଭାଲ୍‌ରେ ଅଂଶଗ୍ରହଣ କରି ଉଚ୍ଚ ପ୍ରଶଂସିତ ମଧ୍ୟ ହୋଇଛନ୍ତି।


# Classified Everyday
0674-2580101, 2549949




**SALE**

କଟକ - ଭୁବନେଶ୍ୱର Twincityର Middle pointରେ ନିର୍ମିତ Grandbazar NH-16ରୁ ଅଳ୍ପଦୂରତାରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। 8249422604. D-74150

Residential gharabari plot at Brahmanjharilo, Cuttack with boundarywall, electripole, inside Temple, on Bank Loan facilities near English Medium High School. 6 km. from Phulnakhara, 11km. from Bhubaneswar. 7809525452. D-74000

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

6000sqft. converted plot sale at Khandagiri backside of Amri Hospital, sqft.-3000/-, 9776866520. D-74156

ଭୁବନେଶ୍ୱର ବାଲିଅନ୍ତା Police Station ପାଖରେ ଘରବାରି ପ୍ଲଟ୍ 30' Road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 9337922588. D-74152

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ (sqft.-370/699)ରେ ମିଳୁଛି। 9658891108, 8114994259. D-1916

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




3BHK House for rent at IRC Village near Ekamra Kanan Park, Bhubaneswar. 7381035667. D-73896

A building consists of 6 rooms (3 toilets, 3 kitchens, store rooms) with 24x7 water supply (Motor facility) on prime location of Badadanda Sahi, Old Town (Side of Baiya Kora Khai Shop), Bhubaneswar for rent. Specially for Hostel, Guest House, Coaching Centre, Patholab, Office, Godown etc. Contact: 9090077774, 9777336666. D-73729




Newly open health benefits SPA Diwali Offer @ 999/- Jaidevbihar. 9439676695. D-73663

**Relax, Refresh your body, Mind at Saikrupa Spa with best therapies. 8984068077.** D-2048

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74601

Newly open SPA positively health benefits expert therapist, Jagamara. 7849011931. D-73664

**ନବମ ଜନ୍ମଦିନ ଶୁଭେଚ୍ଛା**



*ଆଜି ଶ୍ରୀ ଶିବାଶିଷ ନନ୍ଦ (ଗୁଡୁନ୍)( ୱଁମ୍)ର* ଶୁଭ ଜନ୍ମଦିନ ଉପଲକ୍ଷେ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ତାକୁ ଦୀର୍ଘାୟୁ କରନ୍ତୁ ଓ ତା'ର ଚଲାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ:** ମାମା: (ଅର୍ଚ୍ଚିତା ମିଶ୍ର), ମାଉସୀ: ଅନିତା ମିଶ୍ର, ଅଜା ଓ ଆଈ ତଥା ମିଶ୍ର ପରିବାର।
ସାରଦାଶ୍ରୀ, ୯୦୪-ଶାସ୍ତ୍ରୀନଗର, ଭୁବନେଶ୍ୱର
9861375760
ଧ-୨୦୫୦

**କୃତିତ୍ୱ**



ସତ୍ୟ ସାର୍ଥକ ପ୍ରଧାନ (ଲିକୁ) ପୋଟଳ ପ୍ରାଥମିକ ବିଦ୍ୟାଳୟ, ପିପିଲି, ପୁରୀ, ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ତୋର ସଫଳତା ନିମନ୍ତେ ବିଦ୍ୟାଳୟର ଶିକ୍ଷକମାନଙ୍କୁ କୃତଜ୍ଞତା ଜଣାଉଛୁ। ବାପା- କାଳନ୍ଦୀ ଚରଣ ପ୍ରଧାନ ଓ ବୋଉ- ମିଲି ପ୍ରଧାନ। ଧ-୬୭୬୫୧

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଧରିତ୍ରୀ DHARITRI Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ମାନ୍ୟବର ରାଜସ୍ୱ ଅଧିକାରୀ, କଟକ, କ୍ୟାମ୍ପ କୋର୍ଟ, ଭୁବନେଶ୍ୱର।
କେସ୍ ନଂ..-OSS No.- 294/2015
୧. ମନୋରମା ସିଂହ ....ବାଦୀ
ବନାମ
୨. ଗୌରି ସାହୁ ଏବଂ ଧର୍ମୁ ସାହୁ, ପି: ନନ୍ଦ ସାହୁ, ଲକ୍ଷ୍ମଣ ସାହୁ, ପି: ଗୋପି ସାହୁ, ଜା: ତେଲି, ଧଡ଼ି ବେହେରା, ଗଙ୍ଗା ବେହେରା, ପି: ମହନି ବେହେରା, ଜା: ଗୋପାଳ, ଭିକାରୀ ସାହୁ, ପି: ବୀର ସାହୁ, ଚାନ୍ଦ ସାହୁ, ସ୍ୱା: ଦିଜବର ସାହୁ, ହୃଦାନନ୍ଦ ସାହୁ, ପି: ଦିଗାମ୍ବର ସାହୁ, ଗଣେଶ୍ୱର ସାହୁ, ପି: ଅପର୍ତ୍ତି ସାହୁ, ଅରକ୍ଷିତ ସାହୁ, ପରକ୍ଷିତ ସାହୁ, ଯୋଗୀ ସାହୁ, ପି: କିଣେଇ ସାହୁ, ନିଳେଇ ସାହୁ, ଦିନେଇ ସାହୁ, ପି: ଆନନ୍ଦ ସାହୁ, ଜଗୁ ସାହୁ, ଫଗୁ ସାହୁ, ରଘୁ ସାହୁ, ପି: ଭ୍ରମର ସାହୁ, ଭାଗୁ ସାହୁ, ପି: କୁମର ସାହୁ, କୈଳାସ ସାହୁ, ପୀତବାସ ସାହୁ, କପିଳ ସାହୁ, ପି: ଈଶ୍ୱର ସାହୁ, ଲକ୍ଷ୍ମୀଧର ସାହୁ, ସୁରେନ୍ଦ୍ର କୁମାର ସାହୁ, ନରେନ୍ଦ୍ର କୁମାର ସାହୁ, ପି: ଜଗୁ ସାହୁ, ଜା: ଗୁଡ଼ିଆ, ଅଲେଖ ସାହୁ, ପି: ହାଡୁ ସାହୁ, ଜା: ତେଲି ବା: ନିଜଗାଁ ......ପ୍ରତିବାଦୀ
ନୋଟିସ୍ ଅର୍ଡର-୫ ରୁଲ୍-୨୦ ମୁତାବକ
ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସଂବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପର ଲିଖିତ କେସ୍ ନଂ.- OSS No.-294/2015 ଶୁଣାଣି ମାନ୍ୟବର ରାଜସ୍ୱ ଅଧିକାରୀ, କଟକ, କ୍ୟାମ୍ପ କୋର୍ଟ, ଭୁବନେଶ୍ୱର, କାର୍ଯ୍ୟାଳୟରେ ଆସନ୍ତା ତା ୦୮।୧୨।୨୦୨୨ରିଖ ଦିବା ଘ୧୧.୩୦ ମିନିଟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।
ଜମିର ବିବରଣୀ
ମୌଜା: ଗାଡ଼କଣ, ତହସିଲ- ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା

| | ଖାତା ନଂ | ପ୍ଲଟ ନଂ. | ରକବା | ସ୍ୱତ୍ୱ |
|---|---|---|---|---|
| ସାବକ | ୪୬୩ | ୨୭୬୯ | ଏ୦.୧୨୫ଡି.ରୁ ଏ୦.୦୪୫.୯୧ଡି | ସ୍ଥିତିବାନ |
| ହାଲ୍ | ୧୫୨୪ | ୪୮୨୪ | ଏ-୦.୧୨୫ଡି.ରୁ ଏ୦.୦୪୫.୯୧ଡି., | ସ୍ଥିତିବାନ |

ଏଣୁ ଉପରୋକ୍ତ ମାମଲା ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ୍ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।
ମାନ୍ୟବର ରାଜସ୍ୱ ଅଧିକାରୀ, କଟକ, କ୍ୟାମ୍ପ କୋର୍ଟ, ଭୁବନେଶ୍ୱର ଆଦେଶ ଅନୁଯାୟୀ।
ଧ-୭୧୫୪୭

# ସ୍ୱାସ୍ଥ୍ୟୋପକାରୀ କଲରା



କଲରାର ସ୍ୱାଦ ପିତା, ହେଲେ ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଜଣେ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ। ଏଥିରେ ପଲିପେପ୍‌ଟାଇଡ୍ ଏବଂ କେରାଟିନ୍ ନାମକ ତତ୍ତ୍ୱ ରହିଛି, ଯାହା ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। କଲରାରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି, ଯାହା ଆମ ଶରୀରକୁ କେତେକ ରୋଗରୁ ରକ୍ଷା କରିଥାଏ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହାର ଆଣ୍ଟି-ଅକ୍ସିଡାଣ୍ଟ୍ ଓ ଆଣ୍ଟି-ଇମ୍‌ଫ୍ଲାମେଟୋରୀ ଗୁଣ ପାଇଁ ବାହାର ଜୀବାଣୁକୁ ଏହା ଶରୀର ଭିତରକୁ ପ୍ରବେଶ କରିବାକୁ ଦେଇ ନ ଥାଏ। ପ୍ରତିଦିନ କଲରା ଖାଇବା ଆଖି ପାଇଁ ମହୌଷଧି ସଦୃଶ କାମ କରେ। ଇନ୍‌ସୁଲିନ୍ କ୍ଷରଣକୁ ସନ୍ତୁଳିତ ରଖି ରକ୍ତ ସଞ୍ଚାଳନକୁ ଶରୀରରେ ଠିକ୍ ଭାବେ କରାଇଥାଏ କଲରା। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଓଜନକୁ ସନ୍ତୁଳିତ ରଖିଥାଏ।

# ଆନେମିଆ ରୋଗୀ ଓ ଗୁଡ଼



ଗୁଡ଼ରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଶୀତଦିନେ ଗୁଡ଼ ଖାଇଲେ ତାହା ଶରୀରକୁ ଉଷ୍ମ ରଖିଥାଏ। ଆପଣ ଥଣ୍ଡା, କାଶ, କଫଜନିତ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ପ୍ରତିଦିନ କିଛି ପରିମାଣରେ ଗୁଡ଼ ଖାଇଲେ ତାହା ଏଥିରୁ କେତେକାଂଶରେ ଉପଶମ ଦେଇଥାଏ। ଗୁଡ଼ ଶରୀରରେ ଏକ ଗୁରୁତ୍ୱପୂର୍ଣ୍ଣ କାମ କରିଥାଏ। କେତେକ କାରଣରୁ ଆମ ଶରୀରରେ ଆଇରନ୍ ମାତ୍ରା କମିଯାଏ। ଯଦି ଆପଣ ନିୟମିତ ଗୁଡ଼ ଖାଉଛନ୍ତି ତେବେ ଏହାର ପରିମାଣ ଅନେକାଂଶରେ ପୂରଣ ହୋଇଥାଏ। ଆନେମିଆ ରୋଗୀଙ୍କ ପାଇଁ ଗୁଡ଼ ବେଶ୍ ଲାଭପ୍ରଦ। ଗୁଡ଼ରେ ଆଣ୍ଟି-ଆଲର୍ଜି ତତ୍ତ୍ୱ ରହିଛି। ଆଜ୍‌ମା ରୋଗୀ ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଯଦି ଜଣେ ବ୍ୟକ୍ତି ନିୟମିତ ଗୁଡ଼ ଖାଆନ୍ତି ତେବେ ତାଙ୍କ ଶରୀରରେ ମେଟାବୋଲିମ୍ ପରିମାଣ ସନ୍ତୁଳିତ ରହିଥାଏ। ଏହା ପାଚନକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ମାଇଗ୍ରେନ୍ ରୋଗୀଙ୍କ ପାଇଁ ଗୁଡ଼ ବେଶ୍ ଉପକାରୀ। ଏହା ମଧ୍ୟ ଭୋକଜନିତ ସମସ୍ୟାକୁ କେତେକାଂଶରେ ଦୂର କରିଥାଏ।

# ଗ୍ରହାଣୁ ସଂଘର୍ଷରୁ ପୃଥିବୀକୁ ସୁରକ୍ଷା



ଇଂ. ମାୟାଧର ସ୍ୱାଇଁ

"ଆଜକୁ ୬୫ ନିୟୁତ ବର୍ଷ ପୂର୍ବେ ୧୦-୧୫ କିମି ଚଉଡ଼ାର ଏକ ଗ୍ରହାଣୁ ପୃଥିବୀ ସହିତ ଧକ୍କା ହେବା ପରେ ପୃଥିବୀରୁ ଡାଏନୋସର ବଂଶ ଲୋପ ପାଇଗଲା ବୋଲି ଜଣାପଡ଼ିଛି। ଏହା ପରେ ଛୋଟ ଛୋଟ ଅନେକ ଗ୍ରହାଣୁ ସଂଘର୍ଷରୁ ପୃଥିବୀରେ ବିରାଟ ଗର୍ତ୍ତମାନ ସୃଷ୍ଟି ହୋଇଛି। ଦକ୍ଷିଣ ଆଫ୍ରିକାର ୧୬୦ କିମି ବ୍ୟାସ ବିଶିଷ୍ଟ ଭ୍ରେଡେଫୋର୍ଟ ଗର୍ତ୍ତ ହେଉଛି ବୃହତ୍ତମ। ଭାରତର ମହାରାଷ୍ଟ୍ରର ଲୋନାର ହ୍ରଦ ହେଉଛି ଏହାର ଅନ୍ୟ ଏକ ଉଦାହରଣ। ଏହାର ହାରାହାରି ବ୍ୟାସ ୧୨୦୦ ମିଟର ହୋଇଥିବା ବେଳେ ଗଭୀରତା ହେଉଛି ୧୩୭ ମିଟର।"





ସୌରଜଗତରେ ମଙ୍ଗଳ ଓ ବୃହସ୍ପତି ଗ୍ରହ କକ୍ଷ ମଝିରେ ଅନେକ କ୍ଷୁଦ୍ର ପିଣ୍ଡ ସୂର୍ଯ୍ୟଙ୍କୁ ପରିକ୍ରମା କରୁଛନ୍ତି। ପ୍ରତ୍ୟେକ ପିଣ୍ଡକୁ 'ଗ୍ରହାଣୁ' ବୋଲି କୁହାଯାଏ ଏବଂ ଏହି ଅଞ୍ଚଳକୁ ଗ୍ରହାଣୁ ବଳୟ କୁହାଯାଏ। ଇଟାଲୀର ଜ୍ୟୋତିର୍ବିଦ୍ ଗିଉସେପେ ପିଆଜି ୧୮୦୧ ମସିହା ଜାନୁୟାରୀ ୧ ତାରିଖରେ ପ୍ରଥମ ଗ୍ରହାଣୁ 'ସେରେସ୍'କୁ ଆବିଷ୍କାର କରିଥିଲେ। ଏହା ମଧ୍ୟ ହେଉଛି ବୃହତ୍ତମ ଗ୍ରହାଣୁ ଏବଂ ଏହାକୁ 'ବାମନ ଗ୍ରହ' ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ବଳୟରେ ଏକ ଲକ୍ଷରୁ ଅଧିକ ଗ୍ରହାଣୁ ଆବିଷ୍କୃତ ହେଲାଣି। ଏମାନଙ୍କ ମଧ୍ୟରୁ ୨୯,୦୦୦ରୁ ଅଧିକ ଗ୍ରହାଣୁ କକ୍ଷ ହେଉଛି ପୃଥିବୀର ନିକଟବର୍ତ୍ତୀ ଏବଂ ଏଥିରୁ କେତେକ ମଝିରେ ମଝିରେ ପୃଥିବୀ କକ୍ଷକୁ ଅତିକ୍ରମ କରିଥାଆନ୍ତି। ଏଗୁଡ଼ିକ ଭୂସମୀପବର୍ତ୍ତୀ ଗ୍ରହାଣୁ କୁହାଯାଏ। ଯଦି କୌଣସି ଗ୍ରହାଣୁ ପୃଥିବୀ ସହ ସଂଘର୍ଷ ହୁଏ, ତା'ହେଲେ ପୃଥିବୀର ଅମାପ କ୍ଷତି ହେବ। କ୍ଷୟକ୍ଷତି ଗ୍ରହାଣୁ ଆକାର ଓ ବେଗ ଉପରେ ନିର୍ଭର କରିବ। ଆଜକୁ ୬୫ ନିୟୁତ ବର୍ଷ ପୂର୍ବେ ୧୦-୧୫ କିମି ଚଉଡ଼ାର ଏକ ଗ୍ରହାଣୁ ପୃଥିବୀ ସହିତ ଧକ୍କା ହେବା ପରେ ପୃଥିବୀରୁ ଡାଏନୋସର ବଂଶ ଲୋପ ପାଇଗଲା ବୋଲି ଜଣାପଡ଼ିଛି। ଏହା ପରେ ଛୋଟ ଛୋଟ ଅନେକ ଗ୍ରହାଣୁ ସଂଘର୍ଷରୁ ପୃଥିବୀରେ ବିରାଟ ଗର୍ତ୍ତମାନ ସୃଷ୍ଟି ହୋଇଛି। ଦକ୍ଷିଣ ଆଫ୍ରିକାର ୧୬୦ କିମି ବ୍ୟାସ ବିଶିଷ୍ଟ ଭ୍ରେଡେଫୋର୍ଟ ଗର୍ତ୍ତ ହେଉଛି ବୃହତ୍ତମ। ଭାରତର ମହାରାଷ୍ଟ୍ରର ଲୋନାର ହ୍ରଦ ହେଉଛି ଏହାର ଅନ୍ୟ ଏକ ଉଦାହରଣ। ଏହାର ହାରାହାରି ବ୍ୟାସ ୧୨୦୦ ମିଟର ହୋଇଥିବା ବେଳେ ଗଭୀରତା ହେଉଛି ୧୩୭ ମିଟର। ୧୯୦୮ ମସିହା ଜୁନ୍ ୩୦ରେ ରୁଷିଆର ତୁଙ୍ଗୁସ୍କା ଅଞ୍ଚଳରେ ଗ୍ରହାଣୁ ସଂଘାତ ହୋଇ ପ୍ରାୟ ୨୦୦୦ ବର୍ଗ କିମି ଅଞ୍ଚଳ ହୋଇଥିଲା। ଏହା ଏକ ଜନବିରଳ ଅଞ୍ଚଳ ହୋଇଥିବାରୁ ଏଥିରେ ମାତ୍ର ତିନି ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାର ଧ୍ୱଂସକାରୀ କ୍ଷମତା ବାର ମେଗାଟନ୍ ଥିଲା ଏବଂ ଏହା ଯଦି କୌଣସି ସହରାଞ୍ଚଳରେ ପଡ଼ିଥାଆନ୍ତା, ତାହାହେଲେ ଅନେକ ଲୋକ ମୃତ୍ୟୁବରଣ କରିଥାଆନ୍ତେ। ଜାପାନର ହିରୋସୀମା ଏବଂ ନାଗାସାକିଠାରେ ପଡ଼ିଥିବା ପରମାଣୁ ବୋମାର ଶକ୍ତି ସହ ଏହା ପ୍ରାୟ ସମାନ ଥିଲା।

ପୃଥିବୀ ସହିତ ସମ୍ଭାବ୍ୟ ଗ୍ରହାଣୁର ସଂଘର୍ଷ ଏଡ଼ାଇବା ପାଇଁ ବୈଜ୍ଞାନିକମାନେ ଗବେଷଣା କରୁଛନ୍ତି। ଏହାର ଏକ ଉପାୟ ହେଉଛି ପୃଥିବୀ ଆଡ଼କୁ ଆସୁଥିବା ଗ୍ରହାଣୁର ଗତିପଥକୁ ବଦଳାଇ ଦେବା। ଏହାଫଳରେ ଏହା ପୃଥିବୀ ଆଡ଼କୁ ଆସିପାରିବ ନାହିଁ। ଏଥିପାଇଁ ଗ୍ରହାଣୁର ଗତିପଥକୁ ହିସାବ କରିବାକୁ ପଡ଼ିବ ଏବଂ ପୃଥିବୀ ନିକଟରେ ପହଞ୍ଚିବା ପୂର୍ବରୁ ପୃଥିବୀରୁ ଏକ ମହାକାଶଯାନ ପଠାଇ ତାହା ସହିତ ସଂଘର୍ଷ କରି ତାହାର କକ୍ଷକୁ ବଦଳାଇ ଦେବାକୁ ପଡ଼ିବ। ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଏଥିପାଇଁ ପ୍ରସ୍ତୁତି କରୁଛି ଏବଂ ପରୀକ୍ଷା ପାଇଁ ଗୋଟିଏ ଗ୍ରହାଣୁ ସହିତ ମହାକାଶଯାନର ସଂଘର୍ଷ କରାଇ ଏହାର ଗତିପଥକୁ ବଦଳାଇ ଦେବାରେ ପ୍ରଥମ ଚେଷ୍ଟାରେ ସଫଳ ହୋଇଛି।

'ନାସା'ର ଏହି କାର୍ଯ୍ୟକ୍ରମର ନାମ ହେଉଛି 'ଡାର୍ଟ ଅଭିଯାନ'। 'ଡାର୍ଟ' ହେଉଛି ଡବଲ ଆଷ୍ଟରଏଡ୍ ରିଡିରେକସନ ଟେଷ୍ଟ (Double Asteroid Redirection Test)ର ସଂକ୍ଷିପ୍ତ ନାମ। ଡାର୍ଟ ଯାନର ଓଜନ ହେଉଛି ୬୧୦ କିଗ୍ରା। ଏହାର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ଯଥାକ୍ରମେ ୧.୮ ମିଟର, ୧.୯ ମିଟର ଓ ୨.୬ ମିଟର। ନାସା ଏହାକୁ କାଲିଫର୍ନିଆର ଭାଣ୍ଡେନବର୍ଗ ମହାକାଶ ଘାଟିରୁ ୨୦୨୧ ମସିହା ନଭେମ୍ବର ୨୪ ତାରିଖରେ ଫାଲକନ୍ ରକେଟ୍ ସାହାଯ୍ୟରେ ମହାକାଶକୁ ଉତକ୍ଷେପଣ କରିଥିଲା।

ମହାକାଶଯାନର ଲକ୍ଷ୍ୟ ଥିଲା ଡିମୋରଫୋସ୍ ଗ୍ରହାଣୁ। ବାସ୍ତବରେ ଏହାକୁ ଗୋଟିଏ ଉପଗ୍ରହାଣୁ କୁହାଯାଇପାରେ। କାରଣ ଏହା ଅନ୍ୟ ଏକ ଗ୍ରହାଣୁ ଡିଡିମୋସ୍ ଚାରିପଟେ ପରିକ୍ରମଣ କରୁଛି। ଡିମୋରୋଫୋସ୍‌ର ବ୍ୟାସ ହେଉଛି ୧୭୦ ମିଟର ଏବଂ ଏହାକୁ ୨୦୦୩ ମସିହାରେ ଆବିଷ୍କାର କରାଯାଇଥିଲା। ଡିଡିମୋସର ବ୍ୟାସ ହେଉଛି ୭୮୦ ମିଟର ଏବଂ ଏହାକୁ ୧୯୯୬ରେ ଆବିଷ୍କାର କରାଯାଇଥିଲା। ଏହି ଦୁଇଟି ପୃଥିବୀଠାରୁ ପ୍ରାୟ ଏଗାର ନିୟୁତ କିମି ଦୂରରେ ଅଛି। ଡିଡିମୋସ୍ ସୂର୍ଯ୍ୟ ଚାରିପଟେ ଥରେ ପରିକ୍ରମା କରିବାକୁ ୭୭୦ ଦିନ ନେଇଥାଏ ଏବଂ ଡିମୋରୋଫୋସ୍‌ର ପରିକ୍ରମଣ ସମୟ ହେଉଛି ୧୧ ଘଣ୍ଟା ୫୫ ମିନିଟ୍, ଅର୍ଥାତ୍ ଏହା ଏହି ସମୟ ଭିତରେ ଡିଡିମୋସ୍ ଚାରିପଟେ ଥରେ ଘୂରି ଆସିଥାଏ।

ଡାର୍ଟ ମହାକାଶଯାନ ୨୦୨୨ ସେପ୍ଟେମ୍ବର ୨୬ ତାରିଖରେ ଘଣ୍ଟା ପ୍ରତି ୨୨,୫୦୦ କିମି ବେଗରେ ଗତି କରି ଡିମୋରୋଫୋସ୍ ସହିତ ସଂଘାତ କରିଥିଲା। ଡାର୍ଟଯାନ ସହିତ ଇଟାଲୀ ମହାକାଶ ସଂସ୍ଥା ଦ୍ୱାରା ନିର୍ମିତ ଗୋଟିଏ କ୍ଷୁଦ୍ର କୃତ୍ରିମ ଉପଗ୍ରହ (କ୍ୟୁବସାଟ୍) ଯାଇଥିଲା। ଏହାର ନାମ ହେଉଛି ଲିସିଆକ୍ୟୁବ୍। ଏହାର ଓଜନ ୧୪ କିଗ୍ରା। ଏଥିରେ ଦୁଇଟି କ୍ୟାମେରା ଖଞ୍ଜା ଯାଇଥିଲା। ଡିମୋରୋଫୋସ୍ ସହିତ ମୂଳଯାନର ସଂଘର୍ଷର ୧୫ଦିନ ପୂର୍ବରୁ ଏହା ସେଥିରୁ ବାହାରି ଯାଇଥିଲା। ସଂଘର୍ଷ ସମୟରେ ଚିତ୍ରଟିକୁ ପୃଥିବୀକୁ ପଠାଇଛି।

ଡିମୋରୋଫୋସ୍ ସହିତ ଡାର୍ଟ ଯାନର ସଂଘର୍ଷ ଯୋଗୁ ଏହାର କକ୍ଷ ପଥ ଛୋଟ ହୋଇ ପରିକ୍ରମଣ ସମୟ ୧୦ ମିନିଟ୍ ହ୍ରାସ ପାଇବ ବୋଲି ଗଣନା କରାଯାଇଛି। ୟୁରୋପୀୟ ମହାକାଶ ସଂସ୍ଥା ୨୦୨୪ ମସିହାରେ ଏହି ଗ୍ରହାଣୁ ନିକଟକୁ 'ହେରା' ନାମକ ଏକ ମହାକାଶ ଯାନ ପଠାଇ ସଂଘାତ ଗର୍ତ୍ତ ଓ ନୂତନ କକ୍ଷ ପଥର ଗଣନା କରିବା ପାଇଁ ଯୋଜନା କରିଛି।

ବାସ୍ତବରେ ଡିମୋରୋଫୋସ୍ ଓ ଡିଡିମୋସ୍ ଗ୍ରହାଣୁ ଦୁଇଟିରୁ ପୃଥିବୀ ପ୍ରତି କୌଣସି ବିପଦ ନାହିଁ। ମାତ୍ର ନାସା ପରୀକ୍ଷାମୂଳକ ଭାବେ ଏହି ଗ୍ରହାଣୁ ଦୁଇଟିକୁ ଲକ୍ଷ୍ୟସ୍ଥଳ ଭାବେ ନେଇଛି ଏବଂ ପ୍ରଥମ ଚେଷ୍ଟାରେ ସଫଳ ହୋଇଛି। ଏହି ଅଭିଜ୍ଞତାରୁ ଭବିଷ୍ୟତରେ ପ୍ରକୃତରେ ଯଦି କୌଣସି ଗ୍ରହାଣୁ ପୃଥିବୀ ସହିତ ସଂଘର୍ଷ କରିବାକୁ ଆସୁଥାଏ, ତାହାହେଲେ ନାସା ମହାକାଶଯାନ ପଠାଇ ତାହାର ଗତିପଥ ବଦଳାଇ ଦେବ।

-୭୦, ଲକ୍ଷ୍ମୀବିହାର,
ଫେଜ୍-୧, ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ଜାଣନ୍ତି କି



ଆମେ ଖାଦ୍ୟ ଖାଇବା ପରେ କେତେକ ଜିନିଷ ପ୍ରତି ନଜର ଦେବା ନିହାତି ଜରୁରୀ। ଖାଇବା ପରେ ପରେ ଆଦୌ ଫଳମୂଳ ଖାଆନ୍ତୁ ନାହିଁ। ଚା', କଫି, କୋଲଡ୍ରିଙ୍କ୍ସ, ଆଲ୍‌କୋହଲ୍‌ଠାରୁ ମଧ୍ୟ ଯଥାସମ୍ଭବ ଦୂରେଇ ରୁହନ୍ତୁ। ଏହା ଶରୀର ଉପରେ କୁପ୍ରଭାବ ପକାଇବା ସହ ପେଟରେ ଏସିଡିଟି ମାତ୍ରା ବଢ଼ାଇ ଦେଇଥାଏ। ଖାଇବା ପରେ ଗାଧୋଇବା ଅଭ୍ୟାସ ଥିଲେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଖାଇବା ପରେ ଗାଧୋଇଲେ ଶରୀରରେ ରକ୍ତର ପ୍ରବାହ ଆବଶ୍ୟକତାଠାରୁ ଅଧିକ ତୀବ୍ର ହୁଏ, ଯାହା ଶରୀର ପାଇଁ କ୍ଷତିକାରକ। ଖାଇବା ପରେ ଆପଣ କିଛି ସମୟ ପାଇଁ ବୁଲାବୁଲି କରନ୍ତୁ। ଏହା ରକ୍ତରେ ସୁଗାର୍ ଲେଭଲ୍‌କୁ ସନ୍ତୁଳିତ ରଖିବ ଏବଂ ମସ୍ତିଷ୍କକୁ ଆରାମ ମିଳିବ। ଖାଇବାର ଠିକ୍ ପୂର୍ବରୁ କିମ୍ୱା ପରେ ପାଣି ପିଅନ୍ତୁ ନାହିଁ। କାରଣ ଏହା ହଜମ କ୍ରିୟାକୁ ପ୍ରଭାବିତ କରିଥାଏ। ଖାଇବାର ଅଧଘଣ୍ଟାଏ ପରେ କିମ୍ୱା ପୂର୍ବରୁ ପାଣି ପିଅନ୍ତୁ। ଏହାଦ୍ୱାରା ପାଚନକ୍ରିୟା ଠିକ୍ ଭାବରେ କାମ କରିଥାଏ। ଖାଇବା ସାରି କିଛି ଲୋକ ସାଙ୍ଗେ ସାଙ୍ଗେ ଶୋଇପଡ଼ନ୍ତି। ହେଲେ, ସେମାନେ ବୁଝିବା ଦରକାର କି, ଖାଇବା ପରେ ଶୋଇବା ଓଜନ ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଛି।

# ପାଠପଢ଼ା ପ୍ରତି ଅଧିକ ଆଗ୍ରହ ଲାଗି...

ପାଠ ପଢ଼ି ଭବିଷ୍ୟତରେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ଛାତ୍ରୀଛାତ୍ର ଚେଷ୍ଟା କରିଥାଆନ୍ତି। ହେଲେ କେତେକେ ଏ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ଯୋଜନା ମୁତାବକ ପାଠ ନ ପଢ଼ିଲେ ସେଥିରୁ କିଛି ମୂଲ୍ୟ ମିଳି ନ ଥାଏ। ଏଥିଲାଗି କେତେକ ପିଲା ଅବସାଦଗ୍ରସ୍ତ ହେବାର ନଜୀର ରହିଛି। ତେବେ ପାଠପଢ଼ାକୁ ସକ୍ରିୟ କରିବା ଲାଗି ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ପିଲା ନିଜ ଦୈନନ୍ଦିନ ଜୀବନରେ ବ୍ୟାୟାମକୁ ସାମିଲ କରନ୍ତି ତେବେ ତାହାର ସୁପ୍ରଭାବ ପାଠପଢ଼ା ଉପରେ ପଡ଼ିଥାଏ। 'ପାଠପଢ଼ା ଏବଂ ବ୍ୟାୟାମ' ଶୀର୍ଷକ ବିଷୟକୁ ନେଇ ନିକଟରେ ୟୁନିଭର୍ସିଟି ଅଫ୍ ୱାଶିଂଟନ୍ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ପାଠପଢ଼ାରେ ଅସୁବିଧାର ସମ୍ମୁଖୀନ ହେଉଥିବା କେତେକ ପିଲାଙ୍କୁ ଏହାର ପରିସରଭୁକ୍ତ କରି ସେମାନଙ୍କୁ ନିୟମିତ ବ୍ୟାୟାମ କରିବାକୁ ପରାମର୍ଶ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ କିଛି ସପ୍ତାହ ପରେ ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ପିଲା ପାଠପଢ଼ା ପ୍ରତି ଅଧିକ ଆଗ୍ରହ ପ୍ରକାଶ କରୁଥିବାର ଦେଖିବାକୁ ମିଳିଥିଲା। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ପିଲାମାନେ ନିୟମିତ ବ୍ୟାୟାମ କରିବା ଦ୍ୱାରା ସେମାନଙ୍କର ମାନସିକତା ସକାରାତ୍ମକ ରହିଥାଏ ଏବଂ ପାଠପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ।



# ଓଜନ ବୃଦ୍ଧି ପାଇଁ ବ୍ୟାକ୍ଟେରିଆ ଦାୟୀ

ବର୍ତ୍ତମାନ ମେଦବହୁଳତା ବା ଓବେସିଟି ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ତେବେ ଏପରି ସ୍ୱାସ୍ଥ୍ୟଜନିତ ସମସ୍ୟା ଲାଗି ବ୍ୟାକ୍ଟେରିଆ ଦାୟୀ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ମେଦବହୁଳତା ପଛରେ ଆଉ କି କି କାରଣ ରହିଛି ତାହା ଜାଣିବା ପାଇଁ ୟୁନିଭର୍ସିଟି ଅଫ ସିଓଲ ପକ୍ଷରୁ ଏକ ଗବେଷଣା କରାଯାଇଥିଲା। ଶରୀର ଭିତରେ ଥିବା କେତେକ ବ୍ୟାକ୍ଟେରିଆଙ୍କୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହି ସମୟରେ ସେମାନେ ଏଭଳି କେତେକ ବ୍ୟାକ୍ଟେରିଆ ଠାବ କରିଥିଲେ ଯେଉଁମାନେ ମେଦବହୁଳତା ପରି ସମସ୍ୟା ସୃଷ୍ଟି କରିବାରେ ଅନେକାଂଶରେ ସାହାଯ୍ୟ କରିଥାଆନ୍ତି। ଉକ୍ତ ବ୍ୟାକ୍ଟେରିଆଟି ହେଲା ଫ୍ଲୋରା। ତେବେ ଏହି ବ୍ୟାକ୍ଟେରିଆର ଆଉ କ'ଣ ଖରାପ ଗୁଣ ରହିଛି ତାହାକୁ ତର୍ଜମା କରାଯାଉଛି।



## ସ୍ୱାସ୍ଥ୍ୟ ସୂଚନା

- ବେଳେବେଳେ ଅଧିକ ପଢ଼ାପଢ଼ି ଯୋଗୁ ଆମ ମସ୍ତିଷ୍କର କାର୍ଯ୍ୟଧାରା ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ପାଠ ପଢ଼ିବା ସମୟରେ କିଛି ସମୟ ମସ୍ତିଷ୍କକୁ ଆରାମ ଦେବା ଦରକାର।
- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କଲାବେଳେ ରୋଗର କାରଣ ସମ୍ପର୍କରେ ସବିଶେଷ ସୂଚନା ଦେବାକୁ ଭୁଲନ୍ତୁ ନାହିଁ।
- ରାତିରେ ସବୁବେଳେ ହାଲୁକା ତଥା ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।
- ବୟସ ବଢ଼ିବା ସହ ଧୀରେ ଧୀରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।
- ଯଦି ଅଧିକ ସମୟରେ କମ୍ପ୍ୟୁଟର, ଲାପଟପ ସାମ୍ନାରେ ବସି କାମ କରୁଛନ୍ତି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମୁହଁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଦୃଷ୍ଟି ଶକ୍ତି ପ୍ରଭାବିତ ହୋଇ ନ ଥାଏ।
- ଯଦି ଆପଣ ଚକ୍ଷୁ ସମସ୍ୟା ଲାଗି ଚଷମା ପିନ୍ଧୁଛନ୍ତି ତେବେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ। ଯଦି ଅନ୍ୟ କିଛି ଦୃଷ୍ଟି ଶକ୍ତିଜନିତ ସମସ୍ୟା ରହିଛି ତେବେ ଡାକ୍ତରଙ୍କୁ ଜଣାଇବାକୁ ଭୁଲନ୍ତୁ ନାହିଁ।



# ମଧୁମେହର ଆୟୁର୍ବେଦୀୟ ଉପଚାର



ଡା. ଆଶିଷ ବାନାର୍ଜୀ

ମଧୁମେହ ବା ଡାଇବେଟିସ୍! ଏହା ଏକ ଭୟଙ୍କର ରୋଗର ନାମ, ଯିଏ କି ନୀରବ ଘାତକ ସଦୃଶ ଅନ୍ୟାନ୍ୟ ରୋଗ ଯଥା ଉଚ୍ଚ ରକ୍ତଚାପ, ଚକ୍ଷୁ, କିଡ୍‌ନୀ, ଲିଭର, ହାର୍ଟଜନିତ ସମସ୍ୟାକୁ ଆମନ୍ତ୍ରଣ କରିଥାଏ। ବର୍ତ୍ତମାନ ଆମ ଦେଶକୁ 'ଡାଇବେଟିସ୍‌ର ରାଜଧାନୀ' ବୋଲି ସମ୍ବୋଧନ କରାଯାଉଛି। ଏହି ରୋଗ ଆବାଳ ବୃଦ୍ଧବନିତା ସମସ୍ତଙ୍କୁ ଗ୍ରାସ କରିବାରେ ଲାଗିଛି। ପୂର୍ବରୁ ସହରର ଚାକଚକ୍ୟ ପରିବେଶରେ ବାସ କରୁଥିବା ସ୍ୱଚ୍ଛଳ ପରିବାର ଏହାଦ୍ୱାରା ଆକ୍ରାନ୍ତ ହେଉଥିବା ବେଳେ ଏବେ ପରିଶ୍ରମୀ, ସ୍ୱଳ୍ପ ଆୟବ୍ୟକ୍ତି, ଗରିବ ଏପରି କି ଖାଇବାକୁ ପାଉ ନ ଥିବା ବ୍ୟକ୍ତିଙ୍କଠାରେ ଏହି ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଲାଣି। ଏହି ରୋଗ ଦ୍ୱାରା ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି।

ଆୟୁର୍ବେଦୀୟ ଶାସ୍ତ୍ରରେ ମାଧବ ନିଦାନରେ ବର୍ଣ୍ଣିତ ପ୍ରମେହ କୋଡିଏ ପ୍ରକାର କଫଜ, ଦଶ ପ୍ରମେହ ଔଷଧ ଚିକିତ୍ସା ଦ୍ୱାରା ସାଧ୍ୟ ଅଟେ। ସେଥିମଧ୍ୟରୁ ଉଦକମେହ (ଡାଇବେଟିସ୍ ଇନ୍‌ସିପିଡସ୍), ଯେଉଁଥିରେ କିଡ୍‌ନୀକୁ ଅଧିକ କ୍ରିୟାଶୀଳ କରୁଥିବା ଜଳ, ଚା ଓ ଆକସ୍ମିକ ମାନସିକ ଆଘାତ କାରଣରୁ ମୂତ୍ରକ ଦ୍ରବ୍ୟ ସେବନ ଦ୍ୱାରା କିଛି ସମୟ ପାଇଁ ଅସ୍ଥାୟୀ ରୂପରେ ହୋଇଥାଏ। ମାତ୍ର ସ୍ଥାୟୀ ରୂପରେ ଜୀର୍ଣ୍ଣ ବୃକକ୍ ଶୋଥ, ପୀୟୂଷ ଗ୍ରନ୍ଥି ବିକୃତି ଓ ଧମନୀର ଆଭ୍ୟନ୍ତର ରକ୍ତ ଭାର ବୃଦ୍ଧି ହେବା ଦେଖାଯାଏ। ଅନ୍ୟଟି ହେଲା ଇକ୍ଷୁମେହ ବା 'ଡାଇବେଟିସ୍ ମେଲିଟସ୍'। ଏଥିରେ ମୂତ୍ରର ବର୍ଣ୍ଣ ଆଖୁରସ ସଦୃଶ, ଯାହା ପ୍ରଚୁର ମାତ୍ରାରେ ନିର୍ଗମନ ହେବା ସହ ସେଥିରୁ ଶର୍କରା ମିଳେ। ମଧୁମେହରେ ରକ୍ତ ଶର୍କରା ମାତ୍ରା ଅଧିକ ଥାଏ। ଶର୍କରାଜନିତ ଦ୍ରବ୍ୟ ଅଧିକ ସେବନ ଦ୍ୱାରା ଏହା ଦେଖାଯାଇଥାଏ। ଶର୍କରାଯୁକ୍ତ ମେହରେ ରୋଗୀ ଭୋଜନରେ ମିଠାଜାତୀୟ ଦ୍ରବ୍ୟ ସେବନ ଦ୍ୱାରା ଓ ଧାତୁ କ୍ଷୟ ଅଧିକ ହେଲେ ତାହା ବାତକ ମଧୁମେହରେ ପରିଣତ ହୋଇ ଅସାଧରେ ରୂପାନ୍ତରିତ ହୋଇଥାଏ।

ଏଥିପାଇଁ ପ୍ରାକୃତିକ ଔଷଧର ବ୍ୟବହାର ବିଭିନ୍ନ ବୃକ୍ଷଲତା ଇତ୍ୟାଦି ବନୌଷଧି ଉପରେ ଉନ୍ନତ ମାନର ଗବେଷଣା କରି ଦୁରାରୋଗ୍ୟ ବ୍ୟାଧି ପାଇଁ ନୂତନ ଔଷଧର ଆବିଷ୍କାର କରିବା ଉଚିତ। ରୋଗ ଉତ୍ପତ୍ତିର କାରଣ ଖୋଜି ବାହାର କରିବା ଏବଂ ଅନ୍ତଃସ୍ରାବୀ ଗ୍ରନ୍ଥି ଓ ଅନ୍ୟାନ୍ୟ ଅଙ୍ଗର କାର୍ଯ୍ୟ କରୁଥିବା କୋଷକୁ ବଳଶାଳୀ କରିବା ଜରୁରୀ। ଯଦି ଏହି କୋଷଗୁଡ଼ିକ ରାସାୟନିକ ଅପମିଶ୍ରିତ ଖାଦ୍ୟ ପଦାର୍ଥ ଓ ଔଷଧ ଦ୍ୱାରା କାର୍ଯ୍ୟରେ ଅକ୍ଷମ ହୋଇପଡୁଥାଏ ତେବେ ତାହାର ପ୍ରଚଳନ ବନ୍ଦ କରି ଜନସାଧାରମାନଙ୍କୁ ସଚେତନ କରିବା ଉଚିତ।

ଜ 1 ବ ଜ ଗ ତ ବଞ୍ଚିବା ତଥା ସୁସ୍ଥ ନୀରୋଗ ରହିବା ପାଇଁ ଉନ୍ନତମାନର ଖାଦ୍ୟ ଓ ରୋଗ ନିରୋଧକ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ପ୍ରାକୃତିକ ଔଷଧ ବ୍ୟବସ୍ଥା କରାଯିବା ଦରକାର। ଜଣେ ବ୍ୟକ୍ତି ସୁସ୍ଥ ରହିବା ପାଇଁ ସ୍ୱସ୍ଥବୃତ୍ତ ନିୟମ ପାଳନ, ଯୋଗ, ଧ୍ୟାନ, ପ୍ରାତଃଭ୍ରମଣ (ମର୍ନିଂ ୱାକ୍), ଦୈନିକ ଶାରୀରିକ ପରିଶ୍ରମ, ପ୍ରାଣାୟାମ କରିବା ସହ ସୁଷମ ଖାଦ୍ୟ ଖାଇବା ଦରକାର। ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ନିୟମିତ ସମୟ ଅନ୍ତରାଳରେ ରକ୍ତରେ କେତେ ଶର୍କରା ପରିମାଣ ରହିଛି ତାହା ପରୀକ୍ଷା କରାଇ ଉପଯୁକ୍ତ ଚିକିତ୍ସା କରାନ୍ତୁ। ତା'ସହ ଖାଦ୍ୟପେୟ ଏବଂ ନିଜର ଦୈନନ୍ଦିନ ଜୀବନଶୈଳୀ ପ୍ରତି ସଚେତନ ରୁହନ୍ତୁ। ତେବେ ବିଶ୍ୱରେ ସୁସ୍ଥ ତଥା ନୀରୋଗ ସମାଜ ଗଠନ ହୋଇପାରିବ।

-ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫



# ନ୍ୟୁଜିଲାଣ୍ଡକୁ ହରାଇଲା ଭାରତ

## ସୂର୍ଯ୍ୟକୁମାରଙ୍କ ଶତକ



**ମାଉଣ୍ଟ ମଙ୍ଗାନୁଇ,୨୦।୧୧(ପି.ଟି)**

ସୂର୍ଯ୍ୟକୁମାର ଯାଦବଙ୍କ ଅପରାଜିତ ଶତକ ଓ ବୋଲରଙ୍କ ଘାତକ ବୋଲିଂ ବଳରେ ଦ୍ୱିତୀୟ ଟି୨୦ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୬୫ ରନରେ ପରାସ୍ତ କରିଛି ଭାରତ। ଭାରତ ପ୍ରଥମେ ବ୍ୟାଟିଂ କରି ସୂର୍ଯ୍ୟକୁମାରଙ୍କ ଅପରାଜିତ ୧୧୧ ରନ ବଳରେ ୬ ଉଇକେଟରେ ୧୯୧ ରନ୍ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ଭାରତୀୟ ବୋଲରଙ୍କ ଘାତକ ବୋଲିଂ ଫଳରେ ୧୮.୫ ଓଭରରେ ୧୨୬ ରନରେ ଅଲଆଉଟ ହୋଇଥିଲା। ବିରାଟ କୋହଲିଙ୍କ ସ୍ଥାନରେ ଶ୍ରେୟସ ଆୟରଙ୍କୁ ସାମିଲ କରାଯାଇଥିବା ବେଳେ ଇଶାନ କିଶନ ଓ ରିଷଭ ପନ୍ତ ଇନିଂସ ଓପନ କରିଥିଲେ। ଟସ୍ ହାରି ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ଇଶାନ କିଶନ ୩୧ ବଲରୁ ୩୬ ରନ୍ କରିଥିବା ବେଳେ ପନ୍ତ(୬) ବିଫଳ ହୋଇଥିଲେ। ଦୁଇ ଓପନର ପ୍ରଥମ ଉଇକେଟରେ ୩୬ ରନ୍ ଯୋଡିଥିଲେ। କୋହଲିଙ୍କ ସ୍ଥାନରେ ବ୍ୟାଟିଂ କରିଥିବା ସୂର୍ଯ୍ୟକୁମାର ନ୍ୟୁଜିଲାଣ୍ଡ ବୋଲରଙ୍କୁ ପଡିଆର ଚାରିଆଡକୁ ମାରିବା ସହିତ ନିଜ ଟି୨୦ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିଲେ। ୩୨ ବର୍ଷୀୟ ସୂର୍ଯ୍ୟକୁମାର ୫୧ ବଲ ଖେଳି ୧୧ ଚୌକା ଓ ୭ ଛକା ମାରିଥିଲେ। ୨୧୭.୬୪ର ଷ୍ଟ୍ରାଇକ୍‌ରେଟ୍ ସହିତ ସେ ରନ୍ ସଂଗ୍ରହ କରିଥିବା ବେଳେ ଅନ୍ତିମ ୧୮ ବଲରୁ ସେ ୬୪ ରନ ସଂଗ୍ରହ କରିଥିଲେ। ମିଷ୍ଟର ୩୬୦ ଡିଗ୍ରୀ ପଡିଆର ଚାରିକୋଣକୁ ଶଟ୍ ମାରିଥିବା ବେଳେ ନ୍ୟୁଜିଲାଣ୍ଡ ବୋଲର ଉପାୟଶୂନ୍ୟ ମନେହୋଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଟିମ୍ ସୌଦୀ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଅନ୍ତିମ ଓଭରର ତୃତୀୟ, ଚତୁର୍ଥ ଓ ପଞ୍ଚମ ବଲରେ ସେ ହାର୍ଦ୍ଦିକ୍ ପାଣ୍ଡ୍ୟା, ଦୀପକ ହୁଡା ଓ ୱାଶିଂଟନ୍ ସୁନ୍ଦରଙ୍କୁ ଆଉଟ୍ କରିଥିଲେ। ୧୯୨ ରନ୍ ଲକ୍ଷ୍ୟର ପିଛା କରୁଥିବା ନ୍ୟୁଜିଲାଣ୍ଡକୁ ଆରମ୍ଭରୁ ଚାପରେ ରଖିଥିଲେ ଭାରତୀୟ ବୋଲର। ଓପନର ଡେଭନ କନ୍‌ୱେ(୨୫) ଓ କେନ୍ ୱିଲିୟମ୍‌ସନ (୬୧)ଙ୍କ ମଧ୍ୟରେ ୫୬ ରନର ଭାଗୀଦାରି ହୋଇଥିଲେ ହେଁ ବିପର୍ଯ୍ୟୟରୁ ଉଦ୍ଧାର କରିବା ପାଇଁ ଏହା ଯଥେଷ୍ଟ ନ ଥିଲା। ଭାରତ ପକ୍ଷରୁ ଦୀପକ ହୁଡା ୪, ୟୁଜବେନ୍ଦ୍ର ଚହଲ ଓ ମହମ୍ମଦ ସିରାଜ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୮.୫ ଓଭରରେ ଘରୋଇ ଦଳ ୧୨୬ ରନରେ ଅଲଆଉଟ ହୋଇଥିଲା। ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚକୁ ଜିତିବା ସହିତ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ଶତକ ହାସଲକାରୀ ସୂର୍ଯ୍ୟକୁମାର ଯାଦବଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୯୧/୬(ସୂର୍ଯ୍ୟକୁମାର ଯାଦବ-୧୧୧*, ଇଶାନ କିଶନ-୩୬, ଶ୍ରେୟସ୍ ଆୟର-୧୩, ଟିମ୍ ସୌଦୀ- ୩/୩୪, ଲୋକି ଫର୍ଗୁସନ୍-୨/୪୯, ଇଶ୍ ସୋଧୀ-୧/୩୫)। ନ୍ୟୁଜିଲାଣ୍ଡ ୧୮.୫ ଓଭରରେ ୧୨୬/୧୦ ( କେନ୍ ୱିଲିୟମସନ୍-୬୨, ଡେଭନ୍ କନୱେ-୨୫, ଗ୍ଲେନ୍ ଫିଲିପ୍ସ-୧୨, ଦୀପକ ହୁଡା-୪/୧୦, ମହମ୍ମଦ ସିରାଜ-୨/୨୪, ୟୁଜବେନ୍ଦ୍ର ଚହଲ-୨/୨୬)।

## ଫିଫାର ଆୟ ରେକର୍ଡ ୭.୫ ବିଲିୟନ ଡଲାର

**ଦୋହା, ୨୦।୧୧ (ଏପି):** କାତାରରେ ହେଉଥିବା ବିଶ୍ୱକପ୍ ୨୦୨୨ ସହିତ ଜଡ଼ିତ ଚାରି ବର୍ଷର ବ୍ୟବସାୟିକ କାରବାରରେ ଫିଫା ରେକର୍ଡ ୭.୫ ବିଲିୟନ ଆମେରିକୀୟ ଡଲାର ଆୟ କରିଥିବା ଅନ୍ତର୍ଜାତୀୟ ଫୁଟ୍‌ବଲ ପରିଚାଳନା ମହାସଂଘ ରବିବାର ପ୍ରକାଶ କରିଛି। ରୁଷିଆରେ ଅନୁଷ୍ଠିତ ଗତ ୨୦୧୮ ବିଶ୍ୱକପ୍ ସହିତ ଜଡ଼ିତ କମର୍ସିଆଲ ଚକ୍ରରେ ଯେତିକି ଆୟ ହୋଇଥିଲା, ଏହା ତା'ଠାରୁ ୧ ବିଲିୟନ ଡଲାର ଅଧିକ। କୋଭିଡ୍ ମହାମାରୀ ସତ୍ତ୍ୱେ ଫିଫା ରାଜସ୍ୱ ୨.୫ ବିଲିୟନ ଡଲାର ବୃଦ୍ଧିପାଇବ। ମହିଳା ଫୁଟ୍‌ବଲ ପାଇଁ ନୂଆ ଅର୍ଥନୈତିକ ନୀତି ଏବଂ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋରେ ଆୟୋଜିତ ହେବାକୁଥିବା ବର୍ଦ୍ଧିତ ୨୦୨୬ ବିଶ୍ୱକପ୍ ଯୋଗୁ ଆସନ୍ତା ୪ ବର୍ଷରେ ଆୟର ପରିମାଣ ୧୦ବିଲିୟନ ଡଲାର ଛୁଇଁପାରେ।

**ଫିଫା ବିଶ୍ୱକପ**

(ଆଜିର ମ୍ୟାଚ)

**ଇଂଲଣ୍ଡ ବନାମ ଇରାନ**
ସ୍ଥାନ: ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ,
ସମୟ: ସନ୍ଧ୍ୟା ୬.୩୦

**ସେନେଗାଲ ବନାମ ନେଦରଲାଣ୍ଡ୍ସ**
ସ୍ଥାନ: ଅଲ ଥୁମାମା ଷ୍ଟାଡିୟମ,
ସମୟ: ରାତି ୯.୩୦

**ଆମେରିକା ବନାମ ୱେଲ୍ସ**
ସ୍ଥାନ: ଅଲ ରାୟାନ୍ ଷ୍ଟାଡିୟମ,
ସମୟ: ରାତି ୧୨.୩୦

# ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ଉଦ୍‌ଯାପିତ



କୃତୀ ପ୍ରତିଯୋଗୀଙ୍କୁ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୨୦।୧୧ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ରେ ୨ ଦିନିଆ ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ସିରିଜ ରାଉଣ୍ଡ-୨(ଜୋନ-୪) ରବିବାର ଶେଷ ହୋଇଛି। ଦ୍ୱିତୀୟ ଦିବସରେ ମୋଟ ୧୪ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଶ୍ରାବଣୀ ନନ୍ଦ, ସ୍କୁଲ ଏବଂ ଗଣଶିକ୍ଷା ବିଭାଗର କମିଶନର ଏବଂ ସଚିବ ଅଶ୍ୱଥି ଏସ୍. ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସନ୍ତରଣ ଇଭେଣ୍ଟର ଶ୍ରେଷ୍ଠ ୬ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ଆଦି ୫ଟି ରାଜ୍ୟର ୬୪ ମହିଳା ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ), ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଏବଂ ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅନ୍ତିମ ଦିବସରେ ଅନୁଷ୍ଠିତ ପ୍ରତିଯୋଗିତା ଗୁଡ଼ିକ ମଧ୍ୟରେ ୧୮ ବର୍ଷରୁ କମ୍ ୪୦୦ ମିଟର ବାଳିକା ବର୍ଗରେ ଓଡ଼ିଶାର ଭଦ୍ରା ଶତପଥୀ, ୨୦୦ ମିଟର ଫ୍ଲାଏ ଗର୍ଲ୍ସରେ ଅଲିଭା ସାମଲ, ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ବାଳିକାରେ ଆକାଂକ୍ଷା ନାୟକ, ୫୦ କିକ୍-୫୦ ପୁଲ୍ ବ୍ୟାକ୍ ବାଳିକା ଇଭେଣ୍ଟରେ ଭଦ୍ରା ଶତପଥୀ, ୧୫ ବର୍ଷରୁ କମ୍ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ପ୍ରମୁଖ ପ୍ରଥମସ୍ଥାନ ଅଧିକାର କରିଛନ୍ତି।

# କେଟି ଗ୍ଲୋବାଲରେ ହାଇପରଫର୍ମାନ୍ସ ଟେନିସ କୋଚିଂ





ହାଇପରଫର୍ମାନ୍ସ ଟେନିସ ଟ୍ରେନିଂ କ୍ୟାମ୍ପ ସମ୍ପର୍କରେ ଆୟୋଜକମାନେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୨୦।୧୧ (କ୍ରୀଡ଼ା ପ୍ରତିନିଧି)**

ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ(ଏମ୍‌ଓଏସ୍‌ଏଫ୍) ଓ ଇନ୍‌ଜେନ୍ୟୁଟି ଆଣ୍ଡ ଇନୋଭେଶନ୍ ଗ୍ଲୋବାଲ୍ ସ୍ପୋର୍ଟ୍ସ ଏକାଡେମୀ (ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ) ସହଯୋଗରେ କେଟି ଗ୍ଲୋବାଲ୍ ସ୍କୁଲ୍ ପରିସରରେ ୭ ଦିନିଆ ହାଇପରଫର୍ମାନ୍ସ ଟେନିସ ଟ୍ରେନିଂ କ୍ୟାମ୍ପ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଥାଇଲାଣ୍ଡ ଇମ୍ପାକ୍ଟ ଟେନିସ୍ ଏକାଡେମୀ ନିର୍ଦ୍ଦେଶକ ଷ୍ଟିଫେନ୍ ଶୋନ୍ ୟେ କୁନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ୟାମ୍ପ ପରିଚାଳିତ ହେବ ବୋଲି ରବିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଷ୍ଟିଫେନ୍ କୁନ୍ ଖେଳ ଦୁନିଆର ଜଣେ ପ୍ରତିଷ୍ଠିତ କୋଚ୍‌ଭାବେ ବିଶେଷ ପରିଚିତ। ସେ ଦକ୍ଷିଣ ଆଫ୍ରିକାର କେଭିନ ଆଣ୍ଡରସନ୍, ତାଇୱାନର ଲୁ ୟେନ-ହସୁନ୍ ଏବଂ ଚୁନ୍ ହସିନ୍ ସେଙ୍ଗ, କୋରିଆର ହେୟନ ଚୁଙ୍ଗ୍, ଜର୍ଜିଆର ନିକୋଲୋଜ ବାସିଲାଶଭିଲିଙ୍କ ଭଳି ବିଶ୍ୱର ୧୦୦ ର୍‍ୟାଙ୍କ୍ ମଧ୍ୟରେ ଥିବା ତାରକା ଖେଳାଳିଙ୍କ ସହ କାମ କରିଛନ୍ତି। ଭାରତର ୟୁକି ଭାମ୍ବ୍ରି (ବିଶ୍ୱର ପୂର୍ବତନ ଜୁନିୟର ନମ୍ବର-୧), ପ୍ରଞ୍ଜଳା ୟାଡଲାପଲୀ, ରିୟା ଭାଟିଆ, ଦେବ ଜାଭିଆ, ୟୁଭାନ୍ ନନ୍ଦଲ, ଶ୍ରୁତି ଅହଲୱତ ଆଦି ଅନେକ ଭାରତୀୟ ଖେଳାଳିଙ୍କୁ ମଧ୍ୟ କୋଚିଂ ଦେଇଛନ୍ତି। ଏହା ବ୍ୟତୀତ ୫୦ରୁ ଉର୍ଦ୍ଧ୍ୱ ଆଇଟିଏଫ୍ ଟପ୍-୧୦୦ ଜୁନିୟର ଖେଳାଳି ଏବଂ ୧୨ ଟପ୍ ୧୦୦ ଏଟିପି ଓ ଡବ୍ଲ୍ୟୁଟିଏ ପେସାଦାର ଖେଳାଳିଙ୍କୁ ସେ ପ୍ରଶିକ୍ଷଣ ଦେଇଛନ୍ତି। ପ୍ରଶିକ୍ଷଣ ଶିବିରରେ ମୁଖ୍ୟତଃ ପଡ଼ିଆ ମଧ୍ୟରେ ୪ଟି ବଡ଼ ଦିଗ ବୈଷୟିକ ତ୍ରୁଟିର ସଂଶୋଧନ, କାର୍ଯ୍ୟକ୍ଷମ ଟ୍ରେନିଂ, ଉନ୍ନତ ଫୁଟ୍‌ୱର୍କ ଏବଂ ଆଡ୍‌ଭାନ୍ସଡ୍ ଟେନିସ ସ୍ପେଶିଫିକ୍ ଡ୍ରିଲ୍ସ ଉପରେ ଫୋକସ ରହିବ। କ୍ୟାମ୍ପ ପାଇଁ ମୋଟ ୧୬ ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏହି ୧୬ ଜଣଙ୍କ ମଧ୍ୟରୁ ୬ ଜଣଙ୍କର ଓଡ଼ିଶା ମାଇନିଂ କର୍ପୋରେଶନ ପ୍ରାୟୋଜକ ରହିଛି। ଖବରଦାତା ସମ୍ମିଳନୀରେ କେଟି ଗ୍ଲୋବାଲ ସ୍କୁଲ ଚେୟାରମ୍ୟାନ ସୋମଦତ୍ତ ବେହୁରା, ନିର୍ଦ୍ଦେଶକ ପୂର୍ଣ୍ଣାଶିଷ ରଥ, ମେଣ୍ଟର ଏବଂ ପରାମର୍ଶଦାତା ଅରୁଣ କୁମାର ଦାସ, ଏମ୍‌ଓଏସ୍‌ଏଫ୍ ଟ୍ରଷ୍ଟି ସନ୍ତୋଷ କୁମାର ମଲିକ ଏବଂ ସିଇଓ ତଥା ପୂର୍ବତନ ଏଟିପି ପ୍ରଫେଶନାଲ ଚିନ୍ମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।





ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ କୋରାପୁଟ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଭର୍ଷ୍ଟାପେନ୍ ଜିତିଲେ ଆବୁଧାବି ଗ୍ରାଁ ପ୍ରି

**ଆବୁଧାବି, ୨୦।୧୧**

ମାକ୍ସ ଭର୍ଷ୍ଟାପେନ୍ ସିଜନର ଶେଷ ଆବୁଧାବି ଫର୍ମୁଲା ୱାନ ଗ୍ରାଁପ୍ରି ମୋଟର ରେସ୍ ଜିତିଛନ୍ତି। ରେଡ୍‌ବୁଲ ଡ୍ରାଇଭର ଆଗୁଆ ଚାମ୍ପିୟନଶିପ୍ ଟାଇଟଲ ଜିତିଛନ୍ତି। ତେବେ ସ୍ଥାନୀୟ ୟାସ ମାରିନା ସର୍କିଟରେ ସିଜନରେ ତାଙ୍କ ୧୫ତମ ବିଜୟ ହାସଲ କରି ରେକର୍ଡ ସଂଖ୍ୟା ବୃଦ୍ଧି କରିଛନ୍ତି। ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରବା ସହ ଚାର୍ଲ୍ସ ଲେକ୍‌ରେକ୍ ଚାମ୍ପିୟନଶିପ୍ ରନରଅପ୍ ହୋଇଛନ୍ତି। ଫେରାରିର ଏହି ଡ୍ରାଇଭରଙ୍କ ସହ ପ୍ରତିଦ୍ୱନ୍ଦ୍ୱୀ ରେଡ୍‌ବୁଲ୍‌ର ସର୍ଗିଓ ପେରେଜଙ୍କ ସହ କଡ଼ା ମୁକାବିଲା ହୋଇଥିଲା। ଫେରାରିର ଅନ୍ୟ ଡ୍ରାଇଭର କାର୍ଲୋସ ସେଞ୍ଜ୍ ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେଳେ ମର୍ସିଡିଜ୍‌ର ଜର୍ଜ ରସେଲ ୫ମ ହୋଇଥିଲେ। ଯଥାକ୍ରମେ ୬ଷ୍ଠ ରୁ ୧୦ମ ସ୍ଥାନ ଅଧିକାର କରିଥିଲେ ଲୁଇସ୍ ହାମିଲ୍‌ଟନ (ମର୍ସିଡିଜ୍), ଲାଣ୍ଡୋ ନୋରିସ (ମ୍ୟାକ୍‌ଲରେନ), ଏଷ୍ଟିବାନ୍ ଓକନ (ଅଲ୍‌ପାଇନ୍), ଫର୍ନାଣ୍ଡୋ ଆଲୋଁସୋ (ଅଲ୍‌ପାଇନ୍) ଓ ଭାଲ୍‌ଟେରି ବୋଟାସ (ଆଲ୍‌ଫା ରୋମିଓ)। ହାମିଲଟନ ପ୍ରଥମ ଥର ଏକ ସିଜନ ବିନା ବିଜୟରେ ଶେଷ କରିଛନ୍ତି।

# କୋରାପୁଟ ଚାମ୍ପିୟନ

**ଭୁବନେଶ୍ୱର,୨୦।୧୧ (କ୍ରୀଡ଼ା ପ୍ରତିନିଧି)**

**ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ**

ପୁରୁଣା ଭୁବନେଶ୍ୱରସ୍ଥିତ ମୁକ୍ତାପଡିଆରେ ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ସଂଘ (କାଭି) ଏବଂ ଦୟାଭାବ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ କୋରାପୁଟ ଚାମ୍ପିୟନ ହୋଇଛି। ଫାଇନାଲରେ କୋରାପୁଟ ପ୍ରତିପକ୍ଷ ମୟୂରଭଞ୍ଜକୁ ୧୦୧ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କୋରାପୁଟ ଦଳ ୨୦ ଓଭରରେ ୩ ଉଇକେଟ ହରାଇ ୨୯୫ ରନ୍ କରିଥଲା। ସୁଖରାମ ମାଝି ୧୨୫, ଧନପତି ଗୌଡ଼ ୭୬ ଓ ଅର୍ଜୁନ ଭତରା ୩୬ ରନ କରିଥିଲେ। ଜବାବରେ ମୟୂରଭଞ୍ଜ ୨୦ ଓଭରରେ ୪ ଉଇକେଟ ହରାଇ ୧୯୫ ରନ କରିବାକୁ ସକ୍ଷମ ହୋଇଥିଲା। ସୁଖରାମ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହା ବ୍ୟତୀତ ବି-୧ ବର୍ଗରେ ଦେବରାଜ ବେହେରା, ବି-୨ରେ ଅଞ୍ଜନ ସିଂ, ବି-୩ରେ ଧନପତି ଗୌଡ଼ଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସେହିପରି ବିଭିନ୍ନ ବର୍ଗରେ ହିକିମ ମୁର୍ମୁ, ଚନ୍ଦନ କାଲସା ଏବଂ ସୁଖରାମ ମାଝୀ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଏବଂ ଶିଶୁ ଓ ମହିଳା ଉନ୍ନୟନ ସୋସାଇଟିର ଅଧ୍ୟକ୍ଷା ମେଜର କଳ୍ପନା ଦାସ, ଭୁବନେଶ୍ୱର ଆଥେଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, ଭୁବନେଶ୍ୱର ଟାଉନ୍ କ୍ଲବର ସମ୍ପାଦକ ପୃଥ୍ୱୀକାନ୍ତ ମହାପାତ୍ର, ନିହାର କାନ୍ତ ପଟ୍ଟନାୟକ, ରାଧାନାଥ ମହାପାତ୍ର, ରଜନୀ କାନ୍ତ ମିଶ୍ର, ଚିଦାମ୍ବିକା ଖଟୁଆ ଏବଂ କାଭି ଓଡ଼ିଶାର ସମ୍ପାଦକ ସନ୍ନ୍ୟାସୀ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କୃତି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ କାଭି ଓଡ଼ିଶାର ସଭାପତି ମହମ୍ମଦ ଜାଫର ଇକବାଲ ସଂଯୋଜନା କରିଥିଲେ।





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ବାଲିଯାତ୍ରା ପଡ଼ିଆ ସଫା କଲେ ଯୁବଗୋଷ୍ଠୀ

କଟକ ଅଫିସ: ଐତିହାସିକ କଟକ ବାଲିଯାତ୍ରା ଶେଷ ହୋଇଛି। ହେଲେ ସେଠାରେ କୁଢ଼କୁଢ଼ ଆବର୍ଜନା ପଡି ରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଏକ ଯୁବଗୋଷ୍ଠୀ ବାଲିଯାତ୍ରା ପଡିଆ ସଫେଇ କରିବା ସହ କଟକର ଯୁବକମାନଙ୍କୁ ସଫେଇରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ରୋଟରାକ୍ଟ କ୍ଲବ୍ ଇତ୍ କଟକ ସେଣ୍ଟ୍ରାଲର ସଦସ୍ୟମାନେ ବାଲିଯାତ୍ରା ପଡିଆ ସଫା କରିବା ସହ ସଫେଇ କର୍ମଚାରୀଙ୍କୁ ସହଯୋଗ କରିଥିଲେ। ଏଥିରେ ବ୍ୟୋମକେଶ ପୃଷ୍ଟି, ଅରୋଭିକ୍ ମହାନ୍ତି, ଶୁଭଦର୍ଶିନି ପ୍ରଧାନ, ଦେବଶ୍ରୀ ଲେଙ୍କା, ବିଶ୍ୱଜିତ୍ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତଙ୍କ ପରମହଂସନାଥ ମନ୍ଦିର ପରିଦର୍ଶନ

କଟକ ସଦର,୨୦।୧୧(ଡି.ଏନ୍.ଏ.)- କଟକସ୍ଥିତ ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ ସଞ୍ଜୟ କୁମାର ଆଚାର୍ଯ୍ୟ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ମନ୍ଦିର ପରିଦର୍ଶନ କରିଥିଲେ। ଠାକୁରଙ୍କ ନୀତିକାନ୍ତି ଓ ଦୈନନ୍ଦିନ ପରିଚାଳନା ସମ୍ପର୍କରେ ସେବାୟତଙ୍କ ସହ ଆଲୋଚନା କରିଥିଲେ। ଏବେ ସ୍ଥାୟୀ ଟ୍ରଷ୍ଟ ବୋର୍ଡ ନ ଥିବାରୁ ମନ୍ଦିର ପରିଚାଳନା ଦାୟିତ୍ୱ ସିଧାସଳଖ ଆୟୁକ୍ତଙ୍କ ଉପରେ ନ୍ୟସ୍ତ ରହିଛି। ଏପରି କି ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀ ମଧ ଖାଲି ପଡ଼ିଛି। ତେଣୁ ନୀତିଗତ ନିଷ୍ପତ୍ତି ନେବାର କ୍ଷମତା କେବଳ ଆୟୁକ୍ତଙ୍କର ରହିଛି। ମନ୍ଦିର ପ୍ରଶାସନ ଆର୍ଥିକ ସଙ୍କଟ ମଧରେ ଗତି କରୁଥିବା ଖବର ଗତ ଅକ୍ଟୋବର ୩୧ରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ପ୍ରତିମାସରେ ନୀତିକାନ୍ତି ପାଇଁ ଅର୍ଥ, କର୍ମଚାରୀ ଦରମା ବାବଦକୁ ୧୦ହଜାର ଟଙ୍କା, ବିଦ୍ୟୁତ୍ ବିଲ୍ ଓ ଜଳକର ପଇଠରେ ଆବଶ୍ୟକତା ରହିଛି। ଦେବୋତ୍ତର ନିରୀକ୍ଷକ ରମେଶ କୁମାର ସିଂହ କହିଛନ୍ତି, ଖୁବ୍‌ଶୀଘ୍ର ମନ୍ଦିର ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରାଯିବ। ହେଲେ କଟକ ସହର ମଧରେ ଥିବା ଠାକୁରଙ୍କ ମୂଲ୍ୟବାନ ଜମିକୁ କିପରି ଜବର ଦଖଲ ମୁକ୍ତ କରାଯାଇପାରିବ ସେ ସମ୍ପର୍କରେ ସେ କିଛି କହି ନ ଥିଲେ।

### ପୁରାତନ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ

କଟକ ଅଫିସ,୨୦।୧୧: ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ୧୯୯୨-୯୩ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ କଟକ ଦୋଳମୁଣ୍ଡାଇସ୍ଥିତ ହୋଟେଲ ଆକବରୀ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। କଲେଜର ପୂର୍ବତନ ଅଧକ୍ଷ ଶକ୍ତିରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧାପକ ଅମ୍ବିକା ପ୍ରସାଦ ରାୟ, ତାରିଣୀ ପ୍ରସାଦ ଦାସ ଓ ମନମୋହନ ରାଉତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ପୁରାତନ ବିଦ୍ୟାର୍ଥୀ ଜ୍ଞାନରଞ୍ଜନ କର, ଗୀତାଞ୍ଜଳି ପାଢ଼ୀ, ତନୁଶ୍ରୀ ରାଉତ, ପ୍ରଣୟ ମହାନ୍ତି, ଦ୍ୱାରିକା ପାଢ଼ୀ, ଅରୁଣ ମହାନ୍ତି, ତିଲୋତମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଡ. ପ୍ରିୟତମା ଦେଓ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ

କଟକ ଅଫିସ,୨୦।୧୧: ବିଜ୍ଞାନ ପ୍ରଚାର ସମିତି ଆନୁକୂଲ୍ୟରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ରାମକୃଷ୍ଣ ମେମୋରିଆଲ ହଲ୍‌ରେ ଡ. ପ୍ରିୟତମା ଦେଓ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଲମ୍ବୋଦର ସିଂହ ଯୋଗଦେଇ କହିଥିଲେ, ବିଜ୍ଞାନର କ୍ରମ ବିକାଶ ଉଦ୍ଭାବନ ଗବେଷଣା ଦ୍ୱାରା ସମ୍ଭବ ହୋଇପାରିଛି। ସମିତିର ଉପସଭାପତି ଡ. ସୁବାସିନୀ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ଡ. ଭାରତୀ ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଡ. ପ୍ରିୟତମା ଦେଓଙ୍କୁ ଜଣେ ଉଚ୍ଚକୋଟୀର ପଦାର୍ଥ ବିଜ୍ଞାନୀ ଭାବେ ଅଭିହିତ କରିଥିଲେ। ସମ୍ପାଦକ ନିରଞ୍ଜନ ପାତ୍ର, କୋଷାଧକ୍ଷ ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ, ଡା. ଦୀପକ ରାଜ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଯୁଗ୍ମ ସମ୍ପାଦିକା କବିତା ପାଇଶାଣୀ ଧନ୍ୟବାଦ ଦେଇଥିଲେ।

# ସହରରେ ଚାଲୁଛି ନମ୍ବରବିହୀନ ଗାଡ଼ି

## ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ବ୍ୟବସ୍ଥାକୁ ଉପହାସ

କଟକ ଅଫିସ,୨୦।୧୧

ରାଜ୍ୟ ସରକାର ତଥା ପରିବହନ ବିଭାଗ ପ୍ରତ୍ୟେକ ଗାଡ଼ିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବାକୁ ବାଧ୍ୟତାମୂଳକ କରିଛନ୍ତି। ହେଲେ ବିନା ନମ୍ବର ପ୍ଲେଟ୍‌ରେ କଟକ ସହରରେ ବହୁସଂଖ୍ୟକ ଗାଡି ଚାଲୁଛି। ବିଶେଷକରି ସହରର ପ୍ରମୁଖ ରାସ୍ତାରେ ଅନାୟାସରେ ଏଭଳି ଗାଡ଼ିଗୁଡ଼ିକ ଚାଲୁଥିବାବେଳେ କାର୍ଯ୍ୟରତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଏହାକୁ ଜବତ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କଟକ ସହରରେ ରାଜ୍ୟ ପରିବହନ କାର୍ଯ୍ୟାଳୟ, ପୋଲିସ ମୁଖ୍ୟାଳୟ ସମେତ ଅନେକ କାର୍ଯ୍ୟାଳୟ ରହିଛି। ବିଭିନ୍ନ ସମୟରେ ଏଠାରେ ଅପରାଧୀମାନେ ଅପରାଧ ଘଟାଇ ସହଜରେ ଖସି ପଳାଉଛନ୍ତି। ଅପରାଧ ନିୟନ୍ତ୍ରଣ ପାଇଁ ସହରର ପ୍ରମୁଖ ଛକ ସମେତ ବିଭିନ୍ନ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଯାଇଛି। ଏହି କ୍ୟାମେରାଗୁଡ଼ିକ ସିଧାସଳଖ ଡିସିପିଙ୍କ କାର୍ଯ୍ୟାଳୟରୁ ନିୟନ୍ତ୍ରିତ ହେଉଛି। ସେଠାରେ ନିୟୋଜିତ ପୋଲିସ ଅଧିକାରୀ ଓ କର୍ମଚାରୀ ସହରର ବିଭିନ୍ନ ଅଞ୍ଚଳ ଉପରେ ନଜର ରଖିପାରୁଛନ୍ତି। ଏହାସତ୍ତ୍ୱେ ବିଭିନ୍ନ ସମୟରେ ଚୋରି, ଗୁଳି ମାଡ଼ ଭଳି ଅନେକ ଆପରାଧିକ ଘଟଣା ଘଟୁଛି। କିଛିଦିନ ତଳେ ମହାନଦୀ ବିହାର ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ଘରୁ ଲୁଟ୍ ହୋଇଥିଲା। ସେହିପରି ୨ ଦିନ ତଳେ ସିଏମ୍‌ସିର ଜଣେ କର୍ମଚାରୀଙ୍କ ଘର ଉପରକୁ ଗୁଳିମାଡ଼ ହୋଇଥିଲା। ଅନେକ ସମୟରେ ଅପରାଧୀମାନେ ବ୍ୟବହାର କରୁଥିବା ଗାଡ଼ିର ରେଜିଷ୍ଟ୍ରେଶନ ନମ୍ବରରୁ ସେମାନଙ୍କୁ ଠାବ କରିବା ପୋଲିସ ପକ୍ଷେ ସହଜ ହେଉଛି। ଯଦି ବିନା ନମ୍ବର ଥିବା ଗାଡ଼ି ବ୍ୟବହାର କରିବେ ତା'ହେଲେ ସେମାନଙ୍କୁ ଧରିବା କଷ୍ଟକର ହୋଇପଡିବ। ଏପରିସ୍ଥଳେ ବିନା ନମ୍ବରରେ ବହୁସଂଖ୍ୟକ ଗାଡ଼ି ସହରରେ ଚାଲୁଛି। ହେଲେ ପୋଲିସ ତାହାକୁ ଜବତ କରିପାରୁନାହିଁ। ଉଦାହରଣ ଭାବେ ଏଠାରେ ୩ଟି ଗାଡିକୁ ଉପସ୍ଥାପନ କରାଯାଇଛି। ବକ୍ସିବଜାର ଅଞ୍ଚଳରେ ଏହି ଗାଡ଼ିଗୁଡ଼ିକରେ ଏକାଧିକ ଲୋକ ବସି ଅନାୟାସରେ ଯାଉଛନ୍ତି। ଗୋଟିଏ ସ୍କୁଟିରେ ଆଦୌ ନମ୍ବର ପ୍ଲେଟ୍ ନ ଥିବାବେଳେ ଅନ୍ୟଟିର ନମ୍ବର ପ୍ଲେଟ୍ ଅଧା ନଷ୍ଟ ହୋଇଯାଇଛି। ସେହିପରି ଗୋଟିଏ ବାଇକ୍‌ର ନମ୍ବର ପ୍ଲେଟ୍ ଥିବାବେଳେ କୌଣସି ରେଜିଷ୍ଟ୍ରେସନ ନମ୍ବର ସେଥିରେ ଲେଖା ନାହିଁ। ଅନ୍ୟ ଏକ ଦିଗଟି ହେଲା ଏହି ନମ୍ବରବିହୀନ ବାଇକରେ ବସିଥିବା ଯୁବକମାନେ ହେଲ୍‌ମେଟ୍ ପିନ୍ଧି ନାହାନ୍ତି। ବାଇକ ଚାଳକ ବା ଆରୋହୀ ହେଲ୍‌ମେଟ୍ ପିନ୍ଧି ନଥିଲେ ପୋଲିସ କର୍ମଚାରୀ ଉକ୍ତ ଗାଡ଼ିର ଫଟୋ ଉଠାଇ ଇ-ଚାଲାଣ କାଟିବାର ଅନ୍‌ଲାଇନ ବ୍ୟବସ୍ଥା ରହିଛି। ହେଲେ ନମ୍ବର ପ୍ଲେଟ୍ ନଥିବା ଗାଡ଼ିରୁ ଜରିମାନା କିଭଳି ଆଦାୟ କରାଯିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା କେବଳ ନମୁନା ମାତ୍ର। ବାସ୍ତବ କ୍ଷେତ୍ରରେ ଏଭଳି ବିନା ନମ୍ବରରେ ବହୁସଂଖ୍ୟକ ଗାଡ଼ି ଚାଲୁଥିବାବେଳେ ସରକାରଙ୍କ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ବ୍ୟବସ୍ଥା ଏହା ଉପହାସ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତୁରନ୍ତ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର କହିଛନ୍ତି, ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଯାଞ୍ଚ କରାଯାଇ ବିନା ନମ୍ବର ପ୍ଲେଟ୍‌ରେ ଚାଲୁଥିବା ଗାଡିକୁ ଜବତ କରାଯାଉଛି। ଏଥିସହ ଚାଳକଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି। ତଥାପି ଲୋକେ ସଚେତନ ହେଉନାହାନ୍ତି।



# ଏସ୍‌ସିବି ମେଡିକାଲରୁ ଚୋରି, ୨ ଗିରଫ

କଟକ ଅଫିସ,୨୦।୧୧

ଏସ୍‌ସିବି ମେଡିକାଲରୁ ସ୍ତ୍ରୀ ଓ ପ୍ରସୂତି ବିଭାଗରୁ ଚୋରି କରିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ୨ ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ବାଖରାବାଦ କେଉଟସାହିରେ ରହୁଥିବା ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ରାମତୋଳାର ଲିଟୁ ଓଝା ଓରଫ ରାହୁଲ କୁମାର ମହାରଣା ଓ ବାଲିକୁଦା ଥାନା ସାମନ୍ତରାପୁରର ନୀହାର ରଞ୍ଜନ ସ୍ୱାଇଁ। ସେମାନେ ଚୋରି କରି ବିକ୍ରି କରିଥିବା ୩୨ ଖଣ୍ଡ ଆଲୁମିନିୟମକୁ ପୋଲିସ ଜବତ କରିଛି। ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରୁ ଆଲୁମିନିୟମ ତିଆରି ପାର୍ଟିସନ, କବାଟ ଓ ଝରକା ଚୋରି ହୋଇଥିଲା। ଏନେଇ ହସ୍ପିଟାଲ ମ୍ୟାନେଜର ଦେବାଶିଷ ପାତ୍ର ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୯୨/୨୨) ରୁଜୁ କରିଛି। ଅଭିଯୁକ୍ତମାନଙ୍କୁ ଗିରଫ କରି ପଚରାଉଚରା କରିବାରୁ ସେମାନେ ଚୋରି ସାମଗ୍ରୀକୁ ଝୋଲାସାହିର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଥିବା ଜାଣିବାକୁ ପାଇଥିଲା। ପରେ ପୋଲିସ ସେଠାରେ ଚଢ଼ାଉ କରି ଉକ୍ତ ସାମଗ୍ରୀ ଜବତ କରିଥିଲା।

# ମାସିକ ଗପ ପାଠୋତ୍ସବ

କଟକ ଅଫିସ,୨୦।୧୧

କଟକ ଶ୍ରୀରାମଚନ୍ଦ୍ର ଭବନରେ ଗପଘର ପକ୍ଷରୁ ମାସିକ ଗପ ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରବି ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଥାକାର ଡ. ଗିରିଶ ଚନ୍ଦ୍ର ସାହୁ ସ୍ୱରଚିତ ଗପ ଭାରତବର୍ଷ ପାଠ କରି ସାଂପ୍ରତିକ ସ୍ଥିତିରେ ଧର୍ମର ପ୍ରକୃତ ଚିତ୍ର ଉପସ୍ଥାପନ କରିଥିଲେ। ଏଥିରେ ଅନ୍ୟତମ ଅତିଥି କଥାକାର ସ୍ୱାଗତିକା ସ୍ୱାଇଁ, ଗାଳ୍ପିକ ନକୁଳ ଚନ୍ଦ୍ର ସାହୁ, ବରେଣ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଯୋଗଦେଇଥିଲେ। ଏହି ଅବସରରେ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଆଦିତ୍ୟ ପ୍ରତାପ ଧଳ, ମନୋଜ ପଟ୍ଟନାୟକ, ଶିବାଶିଷ କର, ବ୍ରହ୍ମାନନ୍ଦ ବିଶ୍ୱାଳ, ଶଶିକାନ୍ତ ରାଉତ ଓ ରାଧାଶ୍ୟାମ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆବାହକ ରବିନାରାୟଣ ଦାଶ ପ୍ରାରମ୍ଭିକ ସୂଚନା, ପ୍ରସନ୍ନ ସ୍ୱାଇଁ ସ୍ୱାଗତ ଭାଷଣ ଓ କମଳ କୁମାର ମାହୁନ୍ତ ଧନ୍ୟବାଦ ଦେଇଥିଲେ। ଜଗଦୀଶ ଶତପଥୀ, ଇଂ. ଦେବବ୍ରତ ଦାଶ, ମୈତ୍ରୀଭୂଷଣ ଖୁଣ୍ଟିଆ, ସୌମ୍ୟରଞ୍ଜନ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ସେବା ମନୁଷ୍ୟକୁ ଆତ୍ମସନ୍ତୋଷ ଦେଇଥାଏ'




ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କଟକ ଅଫିସ,୨୦।୧୧

ଜୟ ମା' ଭଗବତୀ ହେଲ୍ଥ ଫାଉଣ୍ଡେଶନ ଓ ନାରୀ ସଶକ୍ତିକରଣର ୩ୟ ପ୍ରତିଷ୍ଠା ଦିବସ କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ପାଳିତ ହୋଇଯାଇଛି। ଫାଉଣ୍ଡେଶନ ସଭାପତି ପାୟଲ ପ୍ରିୟଦର୍ଶନୀ ନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଥିଲେ, ଭଗବତ୍ ଗୀତାରେ ରହିଛି ସେବା ହିଁ ପ୍ରତ୍ୟେକ ମନୁଷ୍ୟକୁ ଆତ୍ମସନ୍ତୋଷ ଦେଇଥାଏ। ନିଃସ୍ୱାର୍ଥପର ଭାବରେ ସେବା କରିବା ଆମ ସମସ୍ତଙ୍କର ଧର୍ମ। ଏଥିରେ ସମ୍ମାନିତ ଅତିଥି ଭାବେ କାଳୀପଦ ତ୍ରିପାଠୀ, ଶିବେନ୍ଦୁ ହାତୀ, ଜିତେନ୍ଦ୍ର ମଲ୍ଲିକ, ପରୀକ୍ଷିତ ଦଳାଇ ଯୋଗ ଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଧାୟକ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସମାଜସେବା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୩୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଡ଼କ ଦୁର୍ଘଟଣାରେ ମୃତବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ଅଫିସ,୨୦।୧୧: ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କୁ ବିଶ୍ୱ ସ୍ମୃତି ଦିବସ ଅବସରରେ ରବିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କମନ୍ ଆକ୍ସନ ଫର ରୋଡ୍ ସେଫ୍ଟି ଓ କମିଶନରେଟ୍ ପୋଲିର ମିଳିତ ଆନୁକୂଲ୍ୟରେ ମଧୁପାଟଣା ଥାନା ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଟ୍ରାଫିକ ଏସିପି ଆଶୁତୋଷ ମିଶ୍ର, ଏସିପି ଅମରେନ୍ଦ୍ର ପଣ୍ଡା, ଟ୍ରାଫିକ ଆଇଆଇସି କିଶୋର ଚନ୍ଦ୍ର ପ୍ରଧାନ, ମଧୁପାଟଣା ଥାନା ଆଇଆଇସି ତୁଷାରକାନ୍ତ ସେଠୀ, ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ, ଉପଜିଲାପାଳ ଲଗ୍ନଜିତ ବେହେରା ଓ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ଏନ୍‌ସିସି ଗ୍ରୁପ କ୍ୟାପଟେନ ଅକ୍ଷୟ କୁମାର ଦାସ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କମନ ଆକ୍ସନ ଫର୍ ରୋଡ୍ ସେଫ୍ଟିର ଚେୟାରମ୍ୟାନ ସୁଜିତ୍ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍‌ମାନେ ଉପସ୍ଥିତ ଥିଲେ।

# 'ଅମିତାଭଙ୍କ ଆଦର୍ଶକୁ ଯୁବପିଢ଼ି ଅନୁସରଣ କରନ୍ତୁ'

## ସ୍ୱାଧୀନତା ସଂଗ୍ରାମୀ ଅମିତାଭ ମହାପାତ୍ରଙ୍କ ଜୟନ୍ତୀ

କଟକ ଅଫିସ, ୨୦।୧୧

ସ୍ୱାଧୀନତା ସଂଗ୍ରାମୀ ଏବଂ ଆଇନଜ୍ଞ ଅମିତାଭ ମହାପାତ୍ରଙ୍କ ୧୦୧ତମ ଜୟନ୍ତୀ କଟକ ସ୍ୱରାଜ ଆଶ୍ରମଠାରେ ପାଳିତ ହୋଇଯାଇଛି। ଏହାକୁ ଜଷ୍ଟିସ ମଦନ ମୋହନ ଦାସ ଉଦ୍‌ଘାଟନ କରି କହିଥିଲେ, ଅମିତାଭଙ୍କ ଭଳି ସ୍ପଷ୍ଟବାଦୀ ବ୍ୟକ୍ତିତ୍ୱମାନଙ୍କ ଆଦର୍ଶ ଯୁବପିଢ଼ି ଅନୁସରଣ କରିବା ଉଚିତ୍। ଆଇନଜୀବୀ ଧରଣୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଆଇନଜୀବୀ ମନୋରଞ୍ଜନ ମହାନ୍ତି ଯୋଗଦେଇ ମହାପାତ୍ର ସମାଜ ସେବା ପ୍ରତି ନିଜକୁ ସମର୍ପିତ କରିଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ବିଧାୟକ ସୁରେଶ କୁମାର ରାଉତରାୟ କହିଥିଲେ, ମହାପାତ୍ରଙ୍କ ପରିବାର ହେଉଛି ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ପରିବାର। ପରିବାରର ସମସ୍ତେ ଜନସେବାରେ ନିଜକୁ ଉତ୍ସର୍ଗ କରି ଆସିଛନ୍ତି। ଅନ୍ୟପକ୍ଷରେ ପୂଜ୍ୟପୂଜା ପ୍ରତି ଯେଉଁ ଅବହେଳା ହୋଇ ଆସୁଛି ସେଥିପାଇଁ ସେ ଦୁଃଖ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜୟନ୍ତ ମହାନ୍ତି ଯୋଗଦେଇଥିଲେ। ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ଏବଂ ଅଳକା ଆଶ୍ରମ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଲକ୍ଷ୍ମୀପ୍ରକାଶ ମହାପାତ୍ର ସମ୍ପାଦକୀୟ ବିବରଣୀ, ଆଇନଜୀବୀ ଶଶିଭୂଷଣ ଦାସ ଅତିଥି ପରିଚୟ ଓ ଆଇନଜୀବୀ ସୁସ୍ମିତା ପଟ୍ଟନାୟକ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଅଧାପକ କର୍ଣ୍ଣଦେବ ମୁଦୁଲି ଓ ବିନ୍ଦୁଶ୍ରୀ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମିତାଭ ଜୟନ୍ତୀ ସମାରୋହର ଟ୍ରଷ୍ଟି କବିତା ମହାପାତ୍ର, ଖବରଦାତା ଜ୍ଞାନରଞ୍ଜନ ସାମନ୍ତରାୟ, ଆଇନଜୀବୀ ସି. କସ୍ତୁରୀ, ଗୀତାଞ୍ଜଳି ବେଉରା ଓ ସାମାଜିକ କର୍ମୀ ମମତା ଚୌଧୁରୀ ଉପସ୍ଥିତ ଥିଲେ। ଆଇନଜୀବୀ ନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପେନ୍‌ସନ୍‌ଭୋଗୀଙ୍କୁ ବିଏସ୍‌କେୱାଇରେ ସାମିଲ କରାଯାଉ

## ଇପିଏଫ୍ ପେନ୍‌ସନର୍ସ ସଂଘର ରାଜ୍ୟ କମିଟି ବୈଠକ

କଟକ ଅଫିସ,୨୦।୧୧

ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନର ରାଜ୍ୟ କମିଟି ବୈଠକ ଖାନ୍‌ନଗରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସର୍ବନିମ୍ନ ପେନ୍‌ସନ୍ ୯୦୦୦ ଟଙ୍କା ଓ ମହଙ୍ଗା ଭତ୍ତା ପ୍ରଦାନ ପାଇଁ ଦାବିରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ସଂଘର ୩୦ଟି ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପଠାଯାଇଛି। ସେହିପରି ଓଡ଼ିଶାର ୨ ଲକ୍ଷ ସ୍ୱଳ୍ପ ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଯାଇଥିବା ଆଲୋଚନା ହୋଇଥିଲା। ସର୍ବନିମ୍ନ ପେନ୍‌ସନ୍ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଜୋର୍‌ଦାର କରିବାକୁ ଆସନ୍ତା ଡିସେମ୍ବର ୭, ୮ ତାରିଖରେ ଦିଲ୍ଲୀର ରାମଲୀଳା ମୈଦାନ, ଯନ୍ତରମନ୍ତରରେ ଧାରଣା ଦିଆଯିବ। ଏଥିରେ ଓଡ଼ିଶାରୁ ୪୦ ଜଣ ପ୍ରତିନିଧି ଯୋଗଦେବା ପାଇଁ ସ୍ଥିର କରାଗଲା। ବିଜୟ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା, ମୁକ୍ତିକାନ୍ତ ମହାପାତ୍ର, ପ୍ରଫୁଲ୍ଲ ଦାସ, ସଚ୍ଚିଦାନନ୍ଦ ସାମନ୍ତରାୟ, ରାଜକିଶୋର ସ୍ୱାଇଁ, ଗୀତାଞ୍ଜଳି ପାତ୍ରଙ୍କ ସମେତ କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ କେଉଁଝର ଜିଲାରୁ କର୍ମକର୍ତ୍ତା ଯୋଗଦେଇଥିଲେ। ଆସୋସିଏଶନର ଯୁଗ୍ମ ସମ୍ପାଦକ ତଥା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ମହାସଚିବ ସରୋଜକାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।




ବିଶ୍ୱ ସ୍ମୃତି ଦିବସ ଅବସରରେ ରବିବାର କଟକ ମଧୁପାଟଣା ପୋଲିସ ଷ୍ଟେଶନ ସମ୍ମିଳନୀ କକ୍ଷରେ ସିଏଆର୍‌ଏସ୍ ଓ କମିଶନରେଟ୍ ପୋଲିସ ପକ୍ଷରୁ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଓ ଆହତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସ୍ମୃତି ଦିବସ ପାଳନ କରାଯାଉଛି।




କଟକ ଗତିରାଉତପାଟଣା କେଶବଧାମସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ଶିକ୍ଷା ବିକାଶ ସମିତି ପକ୍ଷରୁ ରବିବାର ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

# ବ୍ୟବସାୟୀକରଣକୁ ତ୍ୱରାନ୍ୱିତ କରିବ ଶିକ୍ଷାନୀତି

କଟକ ଅଫିସ, ୨୦।୧୧

ସାରାଭାରତ ଶିକ୍ଷା ବଞ୍ଚାଅ କମିଟି କଟକ ଜିଲା ପକ୍ଷରୁ ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ଏକ ଆଲୋଚନାଚକ୍ର ସିଡିଏ ସେକ୍ଟର-୧୦ସ୍ଥିତ ପ୍ରୋଜେକ୍ଟ ସ୍ୱରାଜଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର କଟକ ଜିଲା ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କମିଟିର ରାଜ୍ୟ ସଭାପତି ଡ. ବୀରେନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଏହି ଶିକ୍ଷାନୀତିକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି। ଶିକ୍ଷାକୁ ଲାଭଦାୟକ ପଣ୍ୟରେ ପରିଣତ କରିବା ଉଦ୍ଦେଶ୍ୟରେ ଏହି ନୀତିରେ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଶିକ୍ଷାର ବ୍ୟବସାୟୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଶିକ୍ଷକ ବନମାଳୀ ବିଶୋଇ, କୈଳାସ ଚନ୍ଦ୍ର ପଣ୍ଡା, ପ୍ରଦ୍ୟୁମ୍ନ ବେହେରା, ମନୋରଞ୍ଜନ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଆଡଭୋକେଟ୍ ସୁକାନ୍ତ ନାୟକ, ଚିତ୍ତରଞ୍ଜନ ମହାନ୍ତି, ସମ୍ପାଦକ ବବି ବଳବନ୍ତରାୟ ଓ କୋଷାଧକ୍ଷ ବିନୋଦ ସେଠୀ ଉପସ୍ଥିତ ଥିଲେ ।

# 'ଦକ୍ଷ ସଙ୍ଗଠକ ଥିଲେ ସଂଗ୍ରାମ କେଶରୀ'

କଟକ ଅଫିସ,୨୦।୧୧

ବିଶିଷ୍ଟ ସାମାଜିକ କର୍ମୀ ତଥା ପୂର୍ବତନ ବିଧାୟକ ସଂଗ୍ରାମ କେଶରୀ ମହାପାତ୍ରଙ୍କ ୨୨ତମ ବାର୍ଷିକ ସ୍ମୃତିସଭା କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରି ସଂଗ୍ରାମ କେଶରୀ ଜଣେ ଦକ୍ଷ ସଙ୍ଗଠକ ଥିଲେ ବୋଲି କହିଥିଲେ। ଆଇନଜୀବୀ ଧରଣୀଧର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ସଂଗ୍ରାମ କେଶରୀଙ୍କୁ ସର୍ବଜନପ୍ରିୟ ସାମାଜିକ କର୍ମୀ ଭାବେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି କଟକ ମହାନଗର ପୂଜା କମିଟିର ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ କହିଥିଲେ, ରାମଲୀଳା ପ୍ରଚାର ସମିତି ଓ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସାମୁଖ୍ୟର ସଭାପତି ଭାବେ ସଂଗ୍ରାମ କେଶରୀଙ୍କ କାର୍ଯ୍ୟ ଉଲ୍ଲେଖନୀୟ। ଏହି ଅବସରରେ ସାମାଜିକ କର୍ମୀ ଡ. ରଞ୍ଜନ କୁମାର ବିଶ୍ୱାଳଙ୍କୁ ସଂଗ୍ରାମ କେଶରୀ ମହାପାତ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଚୌଧୁରୀ କାଶୀନାଥ ମଲ୍ଲିକ ଅତିଥି ପରିଚୟ ପ୍ରଦାନ ଓ ବିଭୁପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସଂଗ୍ରାମ କେଶରୀ ମହାପାତ୍ର ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ସକାଳେ ଗୌରୀଶଙ୍କର ପାର୍କସ୍ଥିତ ସଂଗ୍ରାମ କେଶରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଚୌଧୁରୀବଜାରସ୍ଥିତ ମାରୁତି ମଣ୍ଡପଠାରେ କଟକ ରାମଲୀଳା ପ୍ରଚାର ସମିତି ପକ୍ଷରୁ ସ୍ମୃତିଚାରଣ ଓ ସମୂହ ପ୍ରାର୍ଥନା ହୋଇଥିଲା।



କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଡ. ରଞ୍ଜନ କୁମାର ବିଶ୍ୱାଳଙ୍କୁ ସଂଗ୍ରାମ କେଶରୀ ମହାପାତ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ସରକାରୀ ବାସଗୃହ ନିର୍ମାଣକୁ ବିରୋଧ

ଭୁବନେଶ୍ୱର, ୨୦।୧୧(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ-୩୯ରେ ଥିବା ବହୁ ପୁରାତନ କଲ୍ୟାଣ ମଣ୍ଡପ ଭାଙ୍ଗିଯିବା ପରେ ଖାଲି ସ୍ଥାନର ଉପଯୋଗକୁ ନେଇ ବିଭିନ୍ନ ସମୟରେ ବିବାଦ ମୁଣ୍ଡ ଟେକୁଛି। ଉକ୍ତ ସ୍ଥାନ ଜଙ୍ଗଲ କିସମ ଜମି ହୋଇଥିବାରୁ ସେଠାରେ କୌଣସି ନିର୍ମାଣ କାର୍ଯ୍ୟକୁ ଅଞ୍ଚଳବାସୀ ବିରୋଧ କରିଆସୁଛନ୍ତି। ଅନ୍ୟପଟେ ସେଠାରେ ୧୩୨ଟି ସରକାରୀ ବାସଗୃହ ନିର୍ମାଣ ପାଇଁ କାମ ଆରମ୍ଭ ହୋଇଛି। ଏହି ନିର୍ମାଣକୁ ବିରୋଧ କରି ନୟାପଲ୍ଲୀ ସିଟିଜେନ୍ ୱେଲଫେୟାର୍ ଆସୋସିଏଶନ ଏବଂ ଏଲଏନ୍ ଲାଫ୍ଟର ଆଣ୍ଡ ଏକ୍ସରାଇଜ୍ କ୍ଲବ୍ ପକ୍ଷରୁ ପ୍ରତିବାଦ କରାଯାଇଛି। ଏହି କ୍ରମରେ ରବିବାର ଅପରାହ୍ନରେ ଏକ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ୧୯୬୮ରୁ ନୟାପଲ୍ଲୀ ମୌଜା ଭୁବନେଶ୍ୱର ଏନ୍ଏସିରେ ସାମିଲ ହୋଇଥିଲେ ମଧ ଏହି ମୌଜାର ୱାର୍ଡ ନଂ-୩୭, ୩୮ ଓ ୩୯ ଅନେକ ସମସ୍ୟା ଘେରରେ ଥିବା ସିଟିଜେନ୍ ୱେଲଫେୟାର କମିଟିର ସାଧାରଣ ସମ୍ପାଦକ ପୂର୍ଣ୍ଣେନ୍ଦୁ କୁମାର ଦାଶ କହିଛନ୍ତି। ସଂପୃକ୍ତ ଅଞ୍ଚଳରେ କୌଣସି ଖାଲି ସ୍ଥାନ ନଥିବାବେଳେ ଏଠାରେ ସର୍ବସାଧାରଣ ପାର୍କ ନିର୍ମାଣ କରାଯିବା ଉଚିତ ବୋଲି କ୍ଲବର ସଭାପତି ଜୟକୃଷ୍ଣ ରାଜହଂସ କହିଛନ୍ତି। ଏହି ଧାରଣାରେ ବରିଷ୍ଠ ନାଗରିକଙ୍କ ସମେତ ଅନ୍ୟମାନେ ଯୋଗଦେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଜୟଦୁର୍ଗା ଫୁଟବଲ ଟୁର୍ନାମେଣ୍ଟ: କେରଙ୍ଗ ଚାମ୍ପିୟନ

ବେଗୁନିଆ, ୨୦।୧୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାମଲିମ ଗ୍ରାମସ୍ଥିତ ଖେଳ ପଡିଆଠାରେ ଚାଲୁଥିବା ଜୟଦୁର୍ଗା ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଅନ୍ତିମ ଏହି ମ୍ୟାଚରେ କେରଙ୍ଗର ଅହମ୍ମଦିଆ ଟିମ ୫-୪ ଟାଇ ବ୍ରେକରରେ ତଳଖେତାର ଶବରପଲ୍ଲୀ ଫୁଟବଲ କ୍ଲବକୁ ପରାସ୍ତ କରିଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ କେରଙ୍ଗ ଦଳ ପ୍ରଥମେ ଗୋଟିଏ ଗୋଲ ସ୍କୋର ଦେଇଥିଲେ। ପରେ ଦ୍ୱିତୀୟାର୍ଦ୍ଧ ଖେଳ ଅନ୍ତିମ ବେଳକୁ ତଳଖେତା ଦଳ ଗୋଲ ସ୍କୋରଟିକୁ ଶୁଝାଇ ମ୍ୟାଚକୁ ସମାନ ସ୍ତରକୁ ଆଣିଥିଲେ। ପରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ମ୍ୟାଚ ଉପଦେଷ୍ଟା ଦୟାନ ଖାଁଙ୍କ ପରିଚାଳନାରେ ରେଫରି ପ୍ରଫୁଲ୍ଲ ବେହେରା ଖେଳକୁ ପରିଚାଳନା କରିଥିଲେ। ବିଦେଶୀ ନାଏକ, ମନୋରଞ୍ଜନ ଖୁଣ୍ଟିଆ ଲାଇନରେ ସହାୟତା କରିଥିବା ବେଳେ ଗିରିଶ ଚନ୍ଦ୍ର ଜାନି ସହଯୋଗୀ ରେଫରି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିବରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବେଗୁନିଆ ବ୍ଲକ ଶିକ୍ଷାଧିକାରୀ ଭାସ୍କର ଲେଙ୍କା, ସମ୍ମାନିତ ଅତିଥି ବାଘମାରି ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସିମୋରର ବର୍ତ୍ତମାନ ସରପଞ୍ଚ ହାଡ଼ିବନ୍ଧୁ ମହାପାତ୍ର ଓ ପୂର୍ବତନ ସରପଞ୍ଚ ସରୋଜିନୀ ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ନଗଦ ୫୦୦୦ ଟଙ୍କା ଓ ରନର୍ସ ଦଳକୁ ନଗଦ ୩୦୦୦ଟଙ୍କ ପୁରସ୍କାର ଦିଆଯାଇଥିଲା। ଆୟୋଜକ କ୍ଲବର ସଦସ୍ୟ ଓ ଗ୍ରାମବାସୀ ଟୁର୍ନାମେଣ୍ଟକୁ ସଫଳ ପରିଚାଳନା କରିଥିଲେ।

# ଏପ୍ରିଲରେ ଜଟଣୀ ପୁସ୍ତକ ମେଳା

ଜଟଣୀ,୨୦।୧୧(ଡି.ଏନ୍.ଏ.)



ଜଟଣୀ ପୁସ୍ତକ ମେଳା ନେଇ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିବା ଅତିଥି।

ଜଟଣୀସ୍ଥ ଏକ ଘରୋଇ ଶିକ୍ଷାନୁଷ୍ଠାନ ପରିସରରେ ୨୨ତମ ଜଟଣୀ ପୁସ୍ତକ ମେଳା ନିମନ୍ତେ ପ୍ରସ୍ତୁତି ଏବଂ ପୁସ୍ତକ ମେଳା ସମିତିର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁସ୍ତକ ମେଳା ସମିତିର କାର୍ଯ୍ୟକାରୀ ସଭାପତି କୁମର ମୋହନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୨୦୨୩ ଏପ୍ରିଲ ମାସରେ ଅନୁଷ୍ଠିତ ହେବାକୁ ଥିବା ଜଟଣୀ ପୁସ୍ତକ ମେଳାର ପୂର୍ବ ବର୍ଷ ପରି ସଫଳ ରୂପାୟନ ପାଇଁ ବିଭିନ୍ନ ଆଲୋଚନା ସହିତ କାର୍ଯ୍ୟକ୍ରମ ପାଇଁ କମିଟି ଗଠନ କରାଯାଇଛି। ଏଥିସହ ମେଳା ଏପ୍ରିଲର ପ୍ରଥମ ସପ୍ତାହରେ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକ ଅବସରରେ ସମିତି ସମ୍ପାଦକ ଅକ୍ଷୟ କୁମର ମହାନ୍ତି ସମସ୍ତ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ କ୍ଷୀରୋଦ ନନ୍ଦ ଆୟବ୍ୟୟର ହିସାବ ରଖିବା ସହିତ ଆଗାମୀ ପୁସ୍ତକ ମେଳା ପାଇଁ ବ୍ୟୟ ଅଟକଳ ଉପସ୍ଥାପିତ କରିଥିଲେ। ଆଗାମୀ ପୁସ୍ତକ ମେଳାକୁ ସ୍ମରଣୀୟ ଏବଂ ଲୋକାଭିମୁଖୀ କରିବା ସହିତ ବିଭିନ୍ନ ପ୍ରତିଭାର ବିକାଶ ପାଇଁ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧମିକ ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ସାଂସ୍କୃତିକ କାର୍ଯ୍ୟକ୍ରମ, ସାଧାରଣ ଜ୍ଞାନ, କବିତା ଆବୃତ୍ତି ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପୁସ୍ତକ ମେଳା ସ୍ମରଣିକା ପାଇଁ ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ବିଭିନ୍ନ ଲେଖା ଜାନୁୟରୀ ୨୦ ତାରିଖ ସୁଦ୍ଧା ସମିତି ନିକଟରେ ପହଞ୍ଚାଇବା ପାଇଁ ଆବାହକ ଜବାହାରଲାଲ ସୁବୁଦ୍ଧି ସୂଚନା ପ୍ରଦାନ କରିଛନ୍ତି।

■ ପ୍ରଥମ ସପ୍ତାହରୁ ଆରମ୍ଭ ହେବା ନେଇ ନିଷ୍ପତ୍ତି

■ ମେଳାରେ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପ୍ରସ୍ତାବ

ଦୀର୍ଘ ବର୍ଷ ଧରି କୌଣସି ସରକାରୀ କିମ୍ବା ରାଜନୈତିକ ସାହାଯ୍ୟ ସହଯୋଗ ବିନା ସମିତିର ସଦସ୍ୟ ଏବଂ ସାଧାରଣ ଜନତା ଏବଂ କଳା ସାହିତ୍ୟକୁ ଭଲ ପାଉଥିବା ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ସହଯୋଗରେ ପୁସ୍ତକ ମେଳା ଅନୁଷ୍ଠିତ ହୋଇ ଆସୁଛି। ଜଟଣୀ ପୁସ୍ତକ ମେଳା ସମିତିର ଏକ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଉକ୍ତ ବୈଠକ ଅବସରରେ ବିଜୟ କୁମାର ଛୋଟରାୟ, ସୁଶାନ୍ତ ରାଉତ, ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ ଏବଂ ତ୍ରିନାଥ ସାମନ୍ତରାୟଙ୍କୁ ନେଇ ଏକ ଉପ ସମିତି ଗଠନ କରାଯାଇ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜଟଣୀ ନଗରପାଳ ଏବଂ ପୌର ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରି କାର୍ଯ୍ୟକୁ ତ୍ୱରିତ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତି ନିଆଯାଇଛି। ପୁସ୍ତକ ମେଳା ସମୟରେ ପ୍ରତିଦିନ ସନ୍ଧ୍ୟାରେ ସଭା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, କବିତା ଆସର, ପୁସ୍ତକ ଉନ୍ମୋଚନ ଏବଂ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୈଠକରେ ଉପସଭାପତି ବିପିନ ବିହାରୀ ମହାନ୍ତି, ଯୁଗ୍ମ ସମ୍ପାଦକ ଡ. ଶଶୀ ରଥ, ସ୍ନିଗ୍ଧା ସ୍ୱାଇଁ, ସୁରେନ୍ଦ୍ର ମିଶ୍ର, ପଦ୍ମନାଭ ପାଣିଗ୍ରାହୀ, ତ୍ରିନାଥ ସାମନ୍ତରାୟ, ଆଦିନାରାୟଣ ଖଣ୍ଡୁଆଳ, ଦେବରାଜ ପ୍ରଧାନ, ଭବାନୀଶଙ୍କର ମହାପାତ୍ର, ବିଜୟ ପଣ୍ଡା, ରବୀନ୍ଦ୍ରନାଥ ମହାକୁଡ଼, ରବି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସୁଶାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

## ନାଇଜରରେ ସ୍ପିଣ୍ଟ୍ରୋନିକ୍ସର ୧୦୦ତମ ୱେବିନାର

ଖୋର୍ଦ୍ଧା ଅଫିସ,୨୦।୧୧



ନାଇଜର ଭୁବନେଶ୍ୱର ଆନୁକୂଲ୍ୟରେ ୱେବିନାର ସିରିଜ୍ ଅନ୍ ସ୍ପିଣ୍ଟ୍ରୋନିକ୍ସର ୧୦୦ତମ ୱେବିନାର ଆୟୋଜନ କରାଯାଇଛି। ସମାବେଶକୁ ସ୍ପିଣ୍ଟ୍ରୋନିକ୍ସର ସଂଯୋଜକ ପ୍ରଫେସର ଶୁଭଙ୍କର ବେଦାନ୍ତ ଉଦ୍‌ବୋଧନ କରିଥିଲେ। ଏହାପରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା, ପ୍ରଫେସର ବେଦାଙ୍ଗଦାସ ମହାନ୍ତି ସ୍ପିଣ୍ଟ୍ରୋନିକ୍ସ କ୍ଷେତ୍ରରେ ଅନୁସନ୍ଧାନ ଏବଂ ସାମାଜିକ ଉପକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଯେତେବେଳେ ସମଗ୍ର ବିଶ୍ୱ କୋଭିଡ୍ ଯୋଗୁ ଲକଡାଉନର ସମ୍ମୁଖୀନ ହୋଇଥିଲା, ସେହି ସମୟରେ ବିଶ୍ୱରେ ବୈଜ୍ଞାନିକ ସମ୍ପ୍ରଦାୟ ମଧ୍ୟରେ ବିଜ୍ଞାନ ପ୍ରତି ଇଚ୍ଛା ଓ ଉତ୍ସୁକତାକୁ ଜୀବିତ ରଖିବା ନିମନ୍ତେ ପ୍ରଫେସର ବେଦାନ୍ତଙ୍କ ଦ୍ୱାରା ୪ ଜୁନ ୨୦୨୦ରୁ ଏହି ୱେବିନାର ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ଏହି ୱେବିନାରର ୧୦୦ଟି ଅଧିବେଶନର ବ୍ୟବଧାନରେ ବିଶ୍ୱର ୨୫ ଦେଶରୁ ୭୦୦ ଅଂଶଗ୍ରହଣକାରୀଙ୍କୁ ଅନ୍ତର୍ଭୁକ୍ତ କରିଥିଲା। ଏହି ୱେବିନାରର ୫୦ତମ ଅଧିବେଶନରେ ନୋବେଲ ବିଜେତା ପ୍ରଫେସର ଆଲବର୍ଟ ଫର୍ଟ ଜୁନ ୨୦୨୧ରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ୧୦୦ତମ ଅଧିବେଶନରେ ଜଣାଶୁଣା ବୈଜ୍ଞାନିକ ପ୍ରଫେସର ଷ୍ଟୁଆର୍ଟ ପାର୍କିନ, ନିର୍ଦ୍ଦେଶକ, ମାକ୍ସ ପ୍ଲାଙ୍କ ଇନଷ୍ଟିଚ୍ୟୁଟ ଅଫ୍ ମାକ୍ରୋଷ୍ଟ୍ରକଚର ଫିଜିକ୍ସ, ନିଜ ପ୍ରସଙ୍ଗ ବିଷୟରେ ଏକ ଦୂରଦୃଷ୍ଟି ସମ୍ପନ୍ନ ବକ୍ତବ୍ୟ ପ୍ରଦାନକରିଥିଲେ।ଶେଷରେଏକପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା।

## ବ୍ଲକ ଉନ୍ନୟନ କାର୍ଯ୍ୟର ଖର୍ଚ୍ଚ ନେଇ ଆଲୋଚନା




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଓ ଅନ୍ୟମାନେ।

ଗମ୍ଭାରୀମୁଣ୍ଡା,୨୦।୧୧(ଡି.ଏନ୍.ଏ.)

ବାଣପୁର ବ୍ଲକରେ ସରକାରଙ୍କ ଦ୍ୱାରା ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବିଷୟରେ ଓ ଖର୍ଚ୍ଚ ନେଇ ରବିବାର ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ବାଣପୁର ବିଜୁ ଭବନରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଜଣାଇଛନ୍ତି। ବ୍ଲକରେ ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟ ଭିତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଭାଟପଡ଼ାଠାରୁ ସାନ ହନ୍ତୁଆଡ ପର୍ଯ୍ୟନ୍ତ ରାସ୍ତା ଓ ପୋଲ ନିର୍ମାଣ ପାଇଁ ୫ କୋଟି ୫୧ ଲକ୍ଷ ଟଙ୍କାର କାର୍ଯ୍ୟ ହେଉଛି। ଜଳସେଚନ ବିଭାଗ ତରଫରୁ ଏକ କେନାଲର ଉନ୍ନତିକରଣ ପାଇଁ ୮୪.୨୫ ଲକ୍ଷ ଟଙ୍କାର ଟେଣ୍ଡର କାର୍ଯ୍ୟ ସମ୍ପନ୍ନ ହୋଇଛି। ସେହିଭଳି ପୂର୍ତ୍ତ ବିଭାଗ ତରଫରୁ ମା' ଭଗବତୀ ମନ୍ଦିର ଉନ୍ନତି ପାଇଁ ୧ କୋଟି ୭୨ଲକ୍ଷ ଟଙ୍କା, ବାଣପୁର ତହସିଲର ନୂତନ ଗୃହ ନିର୍ମାଣ ନିମନ୍ତେ ୧.୧୭କୋଟି, ଟ୍ରାଫିକ ସମସ୍ୟା ଦୂର ପାଇଁ ୩୧୭.୪୮କୋଟି ଟଙ୍କାର ଟେଣ୍ଡର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ପାଇଁ ଆକୁଲାପଦରରେ ୬ କୋଟି ୭୫ଲକ୍ଷ, ଗୋଦାବରୀଶ ବିଦ୍ୟାଳୟ ଓ ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ପ୍ରତ୍ୟେକ ସ୍କୁଲକୁ ୮୦ ଲକ୍ଷ, ବାଳିକା ସ୍କୁଲର ଗୃହ ନିର୍ମାଣ ପାଇଁ ୨୫ଲକ୍ଷ, ଆୟତପୁରଠାରୁ ପଲଟନ ପଡିଆ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୧୨କୋଟି, ଗାଲୁଆ ଛକଠାରୁ କୋସରଡା ରାସ୍ତା ନିର୍ମାଣ ପାଇଁ ୪ କୋଟି, ଧୂଆଁଳଠାରୁ ଭୀମପୁର ଓ ପଲଟନ ପଡିଆଠାରୁ ସାନସିରାଇପୂର ରାସ୍ତା ନିର୍ମାଣ ପାଇଁ ୨୨ କୋଟି, ୧୫ଟି ସ୍କୁଲକୁ ୫ଟି ଅନ୍ତର୍ଭୁକ୍ତ କରାଯାଇ ପ୍ରତେକ ସ୍କୁଲକୁ ପ୍ରାୟ ୮୦ ଲକ୍ଷ ଟଙ୍କା ଲେଖାଁଏ ଅନୁଦାନ ରାଶି ଯୋଗାଯିବା ସହ କେତେକ କାର୍ଯ୍ୟ ଚାଲୁ ରହିଥିବାବେଳେ କିଛି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଭଟିନାଥ ଦେବ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗରେ ଅନ୍ତର୍ଭୁକ୍ତ କରାଯାଇ ଆସନ୍ତା ଶିକ୍ଷାବର୍ଷରୁ +୨ କଳାରେ ଛାତ୍ରୀଛାତ୍ର ପଢ଼ିବାର ସୁଯୋଗ ପାଇବେ ବୋଲି ଜଣାଇଥିଲେ। ଆଗାମୀ ଦିନରେ ଚିଲିକା ନିର୍ବାଚନମଣ୍ଡଳୀର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ଧ୍ୟାନ ଦେବା ସହ ଏମ୍‌ପି ପିନାକୀ ମିଶ୍ର, ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଓ ବିଧାୟକ ପ୍ରଶାନ୍ତ ଜଗଦେବଙ୍କର ପ୍ରଚେଷ୍ଟା ଜାରି ରହିବ ବୋଲି ଉପାଧ୍ୟକ୍ଷ ମହାରଣା ପ୍ରତିଶ୍ରୁତି ଦେଇଥିଲେ। ଜିଲା ଏମପି ପ୍ରତିନିଧି ମାନସ ରଞ୍ଜନ ପ୍ରଧାନ, ନିର୍ବାଚନ ମଣ୍ଡଳୀ ଏମ୍‌ପି ପ୍ରତିନିଧି ଯଦୁମଣି ପ୍ରଧାନ, ବିଧାୟକ ପ୍ରତିନିଧି ମନୋଜ ପ୍ରଧାନ, ଡୁମୁରାପୁଟ ସରପଞ୍ଚ ଅକ୍ଷୟ ସେଠିଙ୍କ ଉପସ୍ଥିତିରେ ଉନ୍ନୟନ କାର୍ଯ୍ୟଗୁଡିକର ବ୍ୟାଖ୍ୟା କରିଥିଲେ।

# 'ଲୁହରେ ଲେଖିଛି ନୂଆ କାହାଣୀ' ମଞ୍ଚସ୍ଥ



ଜଟଣୀ ବ୍ଲକ ଅଙ୍ଗାରପଡ଼ା ପଞ୍ଚାୟତ ଅନ୍ତର୍ଗତ ଉଇଲିଙ୍ଗସନ ନଗର ସାହେବ ନୂଆଗାଁରେ ଆୟୋଜିତ ନାଟକକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଖୋର୍ଦ୍ଧା ଅଫିସ/ଜଟଣୀ, ୨୦।୧୧ (ଡି.ଏନ୍.ଏ.)

ଜଟଣୀ ବ୍ଲକ ଅଧୀନ ଅଙ୍ଗାରପଡ଼ା ପଞ୍ଚାୟତ ଅନ୍ତର୍ଗତ ଉଇଲିଙ୍ଗସନ ନଗର ସାହେବ ନୂଆଗାଁରେ ଦିବଂଗତ କଳାକାର ସୁଦର୍ଶନ ବଳିଆରସିଂହ, ପ୍ରଫୁଲ୍ଲ ବିଶ୍ୱାଳ, ଦୀନବନ୍ଧୁ ବିଶ୍ୱାଳ ଓ ଜିତେନ୍ଦ୍ର ମହାରଣାଙ୍କ ସ୍ମୃତିରେ ଓଁ ମା' ଅଳେଇ ଯୁବ ନାଟ୍ୟକଳା ସଂସଦ ପକ୍ଷରୁ ସାମାଜିକ ନାଟକ 'ଲୁହରେ ଲେଖିଛି ନୂଆ କାହାଣୀ' ମଞ୍ଚସ୍ଥ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେଡି ନେତା ସନ୍ତୋଷ ଜେନା, ବିଶିଷ୍ଟ କବି, ଲେଖକ ରମେଶ ମଙ୍ଗରାଜ ଏବଂ ପ୍ରମୋଦ ହରିଚନ୍ଦନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନିକ ରୂପେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟତଃ କିଭଳି ଭୁଲ ବୁଝାମଣା, ପରକଥାରେ ସୁନାର ସଂସାର ଉଜୁଡିଯାଉଛି। ତାହାର ଏକ ବାସ୍ତବ ଚିତ୍ର ଏହି ନାଟକରେ ପ୍ରତିଫଳିତ ହୋଇଛି। ଗ୍ରାମର ସନାତନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ନାଟ୍ୟକାର ମୁରଲୀଧର ପାଢୀଙ୍କ ରଚିତ ଏବଂ ଦିଲୀପ କୁମାର ବଳିୟାରସିଂଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ସାମାଜିକ ନାଟକରେ ଅଭିନୟ କରିଥିବା କଳାକାରଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ରାତି ତମାମ ବାନ୍ଧି ରଖିପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ସାମନ୍ତରାୟ, ସଞ୍ଜୟ ପାଇକରାୟ, ମିତ୍ରଭାନୁ ନରେନ୍ଦ୍ରସିଂ, ଉମେଶ ପ୍ରଧାନ, ଅର୍ଜୁନ ପରିଡା, ଆକାଶ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କଳାକାରଙ୍କ ଅଭିନୟର ପ୍ରଶଂସା କରିବା ସହିତ ବର୍ତ୍ତମାନ ସମୟରେ ସମାଜରେ ଘଟୁଥିବା ବାସ୍ତବ ଘଟଣାବଳୀକୁ ନାଟକ ମାଧ୍ୟମରେ ଉପସ୍ଥାପିତ କରି ଜନସଚେତନତା ସୃଷ୍ଟି ପ୍ରୟାସ ପାଇଁ ନାଟ୍ୟ କଳା ସଂସଦ ଏବଂ ଗ୍ରାମବାସୀଙ୍କୁ ସାଧୁବାଦ ଜଣାଇଥିଲେ।

## ଚକ ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ ନେବା ପ୍ରସଙ୍ଗ: ତେଜିଲା ଆନ୍ଦୋଳନ

ପୁରୁଣା ଭୁବନେଶ୍ୱର,୨୦।୧୧(ଡି.ଏନ୍.ଏ.)

ଉତ୍ତରା ଫାଣ୍ଡି ଅଧୀନ ଲକ୍ଷ୍ମୀନାରାୟଣପୁର ବିଲ୍ଲିପଡ଼ା ମୌଜାରେ ଜଣେ ବିଲ୍ଡର ଚକରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ ନେବାକୁ ନେଇ ଶନିବାର ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରାୟ ୨୦୦ ଏକରରୁ ଉର୍ଦ୍ଧ୍ୱ ଚାଷଜମିରେ ଓଡ଼ିଶା ରିୟଲ ଇଷ୍ଟେଟ୍ ରେଗୁଲେଟୋରି ଆକ୍ଟ (ଓରେରା)ର ବିନା ରେଜିଷ୍ଟ୍ରେଶନରେ ବିଲ୍‌ଡର ଜଣଙ୍କ ବେଆଇନ ଭାବେ ପ୍ଲଟିଂ କରୁଛନ୍ତି। ଫଳରେ ଏହି ପ୍ଲଟକୁ ଲାଗିଥିବା ଜମିର ଚାଷୀ ଧାନ ବେଉଷଣଠାରୁ ଫସଲ ଅମଳ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି। ଏହି ପରିପ୍ରେକ୍ଷୀରେ ଚାଷଜମିକୁ ଥିବା ଏକ ଚକରାସ୍ତା ଉପରେ ବିଲ୍ଡର ୧୧କେଭି ବିଦ୍ୟୁତ୍ ନେବାରୁ ଚାଷୀମାନେ ଏକମାସ ହେବ ବିରୋଧ କରିଆସୁଛନ୍ତି। ଶନିବାର ୧୫ରୁ ୨୦ଜଣ ବିଦ୍ୟୁତ୍ କର୍ମଚାରୀଙ୍କ ସହ ଜମି ଦଲାଲ ପହଞ୍ଚି ବିଦ୍ୟୁତ ତାର ଟାଣିବାକୁ ଉଦ୍ୟମ କରୁଥିଲେ। ଖବରପାଇ ଗ୍ରାମର କେତେଜଣ ଚାଷୀ ପହଞ୍ଚି ହୋହଲ୍ଲା କରିଥିଲେ। ଫଳରେ ବିଦ୍ୟୁତ୍ କର୍ମଚାରୀମାନେ ଓହ୍ଲାଇ ପଳାଇଥିଲେ। ପରବର୍ତ୍ତୀ ସମୟରେ ଏନେଇ କେତେଜଣ ଚାଷୀ ବଡ଼ଗଡ଼ସ୍ଥିତ ବିଦ୍ୟୁତ୍‌ବିଭାଗ ଏସ୍‌ଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

# କ୍ରଶର ବନ୍ଦ: ଶ୍ରମିକଙ୍କ ଦୁର୍ଦ୍ଦଶା ବଢ଼ାଇଛି

ଖୋର୍ଦ୍ଧା ଅଫିସ,୨୦।୧୧

କରୋନା ଯୋଗୁ ଗତ ଦୁଇ ବର୍ଷ କ୍ରଶର ଶିଳ୍ପ ବନ୍ଦ ରହିଲା। କଟକଣା ହଟିଥିବା ବେଳେ ଜିଲା ପ୍ରଶାସନ କ୍ରଶର ଶିଳ୍ପକୁ ଅନୁମତି ଦେଉ ନାହିଁ। ସମସ୍ତ କ୍ରଶର ୟୁନିଟ ଗତ ଜୁଲାଇ ଠାରୁ ବନ୍ଦ ହୋଇପଡ଼ିଛି। ସିଟିଂ କ୍ରାଇଟେରିଆ, ପରିବେଶ ମଞ୍ଜୁରୀ ଏବଂ ରାଜ୍ୟ ପ୍ରଦୂଷଣ ବୋର୍ଡର ଗାଇଡ୍‌ଲାଇନରେ ଆସୁ ନ ଥିବା କ୍ରଶର ୟୁନିଟକୁ ପ୍ରଶାସନ ପକ୍ଷରୁ ସିଲ୍ କରି ଦିଆଯାଇଛି। ଫଳରେ କ୍ରଶର ୟୁନିଟ୍ ବନ୍ଦ ଯୋଗୁ ସେଥିରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ଉପରେ ପ୍ରଭାବ ପଡ଼ିଛି। ବର୍ଷସାରା କ୍ରଶର ୟୁନିଟରେ କାମ କରି ପରିବାର ପୋଷଣ କରୁଥିବା ଶ୍ରମିକମାନେ କାମ ହରାଇ ବସିଛନ୍ତି। ଏପଟେ ଭୋକ, ସେପେଟ ହାତରେ କାମଧନ୍ଦା ନ ପାଇ ଅଧିକାଂଶ ଶ୍ରମିକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି। ଏଭଳି ଅବସ୍ଥା ଖୋର୍ଦ୍ଧା ଅଞ୍ଚଳରେ ଦେଖିବାକୁ ମିଳିଛି। ଖୋର୍ଦ୍ଧାରେ ଥିବା ବିଭିନ୍ନ କ୍ରଶର ୟୁନିଟରେ ୩୦ରୁ ୪୦ହଜାର ଶ୍ରମିକ କାମ କରୁଛନ୍ତି। ବିଶେଷତଃ ଗଞ୍ଜାମ, କନ୍ଧମାଳ, ଗଜପତି, କୋରାପୁଟ, କଳାହାଣ୍ଡି,ଆନ୍ଧ୍ର, ପଶ୍ଚିମବଙ୍ଗ ପ୍ରଭୃତି ଅଞ୍ଚଳର ଶ୍ରମିକମାନେ କାମ କରୁଛନ୍ତି। କିନ୍ତୁ କ୍ରଶର ବନ୍ଦ ଯୋଗୁ ଏବେ ଶ୍ରମିକମାନେ କାମ ହରାଇଛନ୍ତି। ଆଗକୁ କ୍ରଶର ନଚାଲିଲେ, ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ ହେବେ ବୋଲି କହିଛନ୍ତି। ବର୍ଷସାରା କ୍ରଶର ପଥର ବାଡିଆ କାମ କରି ବହୁ ଶ୍ରମିକ ପରିବାର ପୋଷୁଛନ୍ତି। ଏପରି ଚାଲିଲେ, ଅଧିକାଂଶ ଶ୍ରମିକଙ୍କ ପରିବାର ଚଳିବା କଷ୍ଟକର ହୋଇପଡିବ ବୋଲି କହିଛନ୍ତି। ଅନେକ ଶ୍ରମିକ ପରିବାର କ୍ରଶର କାର୍ଯ୍ୟ ଛାଡି ଚାଲିଯାଇଥିବା ବେଳେ ଅନ୍ୟ କେତେଜଣ ରହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ୬ଟି ପଥର ଖଣିରୁ ବ୍ଲାଷ୍ଟିଂ ଅନୁମତି ଦିଆଯାଇଥିବା ବେଳେ ୪୦ରୁ ଉର୍ଦ୍ଧ୍ୱ କ୍ରଶର ଶିଳ୍ପକୁ ଅନୁମତି ଦିଆଯାଇଛି। ତେବେ କ୍ରଶର ଶିଳ୍ପ ଚାଲିଲେ ଶ୍ରମିକ ସମସ୍ୟା ଦୂର ହେବ କ୍ରଶର ସଂଘ ପକ୍ଷରୁ କୁହାଯାଇଛି। ପର୍ଯ୍ୟାୟ କ୍ରମେ ଗାଇଡ୍‌ଲାଇନ ଅଧୀନରେ ଆସୁଥିବା କ୍ରଶର ୟୁନିଟକୁ ଅନୁମତି ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ମଝିହରା ସେବା ସମବାୟ ସମିତି ଜିଲାରେ ଦ୍ୱିତୀୟ

ବାଲିପାଟଣା,୨୦।୧୧(ଡି.ଏନ୍.ଏ.)

୬୯ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନର ରବିବାର ଉଦ୍‌ଯାପନୀ ଉତ୍ସବ ଖୋର୍ଦ୍ଧାରେ ପାଳନ ହୋଇଯାଇଛି। ଏହି ଅବସରରେ ଜିଲା ସ୍ତରରେ ସଫଳ କାର୍ଯ୍ୟ ଦକ୍ଷତା ହାସଲ ପାଇଁ ପ୍ରଥମ ସ୍ଥାନରେ ବେଗୁନିଆ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ଶିଶୁପଳଗଡ ଓ ମଝିହରା ସେବା ସମବାୟ ସମିତିଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ସମିତିର ସଭାପତି ଅଭିଷେକ ସିଂହ ସାମନ୍ତ ଓ ସମ୍ପାଦକ ଅନନ୍ତ କୁମାର ସାମଲ, ମଝିହରା ସେବା ସମବାୟ ସମିତିର ସଭାପତି ଦୀପ୍ତିମାନ ପୃଷ୍ଟିଙ୍କୁ ଓ ସମ୍ପାଦକ ପ୍ରଶାନ୍ତ କୁମାର ଜେନାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତା ପାଇଁ ସମିତିର ସଭାପତି ମଝିହରା ସେବା ସମବାୟ ସମତିର ସମସ୍ତ ସଭ୍ୟାସଭ୍ୟଙ୍କୁ ସଭାପତି ଧନ୍ୟବାଦ ଜଣାଇଥିଲେ।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଚେସ୍ ପ୍ରତିଯୋଗିତା

ଗମ୍ଭାରୀମୁଣ୍ଡା/ ବାଣପୁର, ୨୦।୧୧ (ଡି.ଏନ୍.ଏ.)



ଚେସ୍ ପ୍ରତିଯୋଗିତାକୁ ଅତିଥିମାନେ ଦେଖୁଛନ୍ତି।

ଖୋର୍ଦ୍ଧା ଜିଲା ବାଣପୁର ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ପ୍ରଥମଥର ପାଇଁ ଆନ୍ତଃ ସ୍କୁଲ ଚେସ ପ୍ରତିଯୋଗତା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ପ୍ରତିଯୋଗିତାକୁ ଆନ୍ତଃରାଷ୍ଟ୍ରୀୟ ଜ୍ୟୋତିର୍ବିଦ ଶ୍ରୀପତି ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଚେସ୍ ପ୍ରତିଯୋଗିତା ପାଇଁ ମୋଟ ୭ଟି ସ୍କୁଲ ଭାଗ ନେଇଥିଲେ। ସେଥିମଧ୍ୟରୁ ଟାଙ୍ଗୀ ମାଉଣ୍ଟଲିଟରା ସ୍କୁଲର ୨ଜଣ ଛାତ୍ର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବାଣପୁର ସରସତୀ ଶିଶୁ ମନ୍ଦିରର ଛାତ୍ର ତୃତୀୟ ଓ ବାଣପୁର ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ର ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋଦାବରୀଶ ମହାବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବୈରାଗୀ ଚରଣ ବଳ ଯୋଗଦେଇ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରମାନଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରିଥିଲେ। ଏହି ଚେସ ପ୍ରତିଯୋଗିତାକୁ ସ୍କୁଲର ନିର୍ଦ୍ଦେଶକ ଡ. ଶକ୍ତି ପ୍ରସାଦ ମହାନ୍ତି, ବିଦ୍ୟାଳୟର ପ୍ରିନ୍ସିପାଲ ରବି ନାରାୟଣ ହୋତା ପରିଚଳାନା କରିଥିବା ବେଳେ ପ୍ରବୋଧ କୁମାର ମିଶ୍ର ପ୍ରତିଯୋଗିତାର ମୁଖ୍ୟ ଆରବିଟର ଭାବେ ଯୋଗଦେଇଥିଲେ। ଶେଷରେ ପିଲାମାନଙ୍କୁ ଚେସ ଖେଳ ଉପରେ କିଛି ଶିକ୍ଷା ଦେଇ ଭବିଷ୍ୟତ ପାଇଁ ସେ ପ୍ରଶିକ୍ଷଣର ବ୍ୟବସ୍ଥା କରିବେ ବୋଲି କହିଥିଲେ।

# ଅଚ୍ୟୁତପୁର କ୍ରିକେଟ ଟୁର୍ନାମେଣ୍ଟ: ଡମଣଭୂମି ଚାମ୍ପିୟନ

ନିରାକାରପୁର,୨୦।୧୧(ଡି.ଏନ୍.ଏ.)



ଅଚ୍ୟୁତପୁର କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଉପସ୍ଥିତ ଅତିଥିଙ୍କ ସହ ଦୁଇ ଦଳର ଖେଳାଳିମାନେ।

ଖୋର୍ଦ୍ଧା ଜିଲା ଅଚ୍ୟୁତପୁତ ଖେଳପଡ଼ିଆରେ ମହାବୀର କ୍ରିକେଟ୍ ଆସୋସିଏଶନ୍ ଅଚ୍ୟୁତପୁର ଆନୁକୂଲ୍ୟରେ ୮ଦିନ ଧରି ଚାଲିଥିବା ୧୩ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ ଡମଣଭୂମି କ୍ରିକେଟ ଅସୋସିଏଶନ୍ ସହିତ ମହାବୀର କ୍ରିକେଟ କ୍ଲବ୍ ଅଚ୍ୟୁତପୁର ମଧ୍ୟରେ ହୋଇଥିଲା। ଅଚ୍ୟୁତପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ବିନିମୟରେ ୮୨ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଡମଣଭୂମି ୯ ଓଭର ୫ ଓଇକେଟ ବିନିମୟରେ ୮୩ ରନ୍ ସଂଗ୍ରହ କରି ୧୩ତମ କପ୍ ହାତେଇ ଚାମ୍ପିୟନ ହୋଇଥିଲା। ଏହି ଖେଳକୁ ସଦାଶିବ ପ୍ରଧାନ ଓ କାମଦେବ ପ୍ରଧାନ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତି ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ରନର୍ସ ଅପ୍ ଟିମ୍‌କୁ ନଗଦ ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ମହାଦେବ ମହାପାତ୍ର, ମାନସ, ପପୁ, ରବି, ମୁନା, ଚିନୁ, ଆଲୋକଜଗା, ବୁଲୁ ଓ ପିଣ୍ଟୁ ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଢିଲା ସୁରକ୍ଷା ବ୍ୟବସ୍ଥା ପାଇଁ ଘଟଣାର ପୁନରାବୃତ୍ତି

**ପୁରୀ ଅଫିସ, ୨୦।୧୦**

ସମ୍ପ୍ରତି ସୋସିଆଲ ମିଡିଆରେ ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ ଘଟଣାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଚିନ୍ତାରେ ପଡ଼ିଛି। ଏହି ଘଟଣା ପୁଣି ଥରେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିବାବେଳେ ପ୍ରଶାସନର ଦାୟିତ୍ୱହୀନତା ମନୋଭାବକୁ ପଦାରେ ପକାଇଛି।

ତେବେ ଏଭଳି ଘଟଣା ପୂର୍ବରୁ ଅନେକ ଥର ଦେଖିବାକୁ ମିଳିଛି। ଗତ ଜୁଲାଇ ୮ରେ ଜଣେ ଭକ୍ତ ଗୁଣ୍ଡିଚା ମନ୍ଦିର ଭିତରବେଢ଼ା ଫଟୋ ଭାଇରାଲ କରିଥିଲେ। ଏପରି କି, ଚଳିତବର୍ଷର ରଥଯାତ୍ରା ପୂର୍ବରୁ ଜଣେ ବ୍ୟକ୍ତି ଶ୍ରୀମନ୍ଦିର ରୋଷଘରେ ପଶି ୪୦ରୁ ଉର୍ଦ୍ଧ୍ୱ ଚୁଲା ଭାଙ୍ଗିଦେଇଥିଲେ। ଏହାର କିଛିଦିନ ପରେ ରଥଯାତ୍ରା ଦିନ ଶ୍ରୀଗୁଣ୍ଡିଚା ମନ୍ଦିର ରୋଷଶାଳାରେ ୨୦ରୁ ଅଧିକ ଚୁଲିକୁ ଦୁର୍ବୃତ୍ତ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଥିଲା। ପରେ ମାଙ୍କଡ଼ ରୋଷଶାଳାରେ ପଶି ଚୁଲି ଭାଙ୍ଗିଥିବା କହି ପ୍ରଶାସନ ନିଜ ମୁଣ୍ଡରୁ ଦୋଷ ଖସାଇଥିଲା। ଶ୍ରୀମନ୍ଦିର ଭିତରବେଢ଼ା ମେଘନାଦ ପାଚେରୀରେ ପ୍ରାୟ ୪-୫ ଜଣ ବ୍ୟକ୍ତି ପରିସ୍ରା କରୁଥିବାର ଭିଡିଓ ୨୦୨୨ ଫେବୃୟାରୀ ୯ରେ ଭାଇରାଲ ହୋଇଥିଲା। ପ୍ରଶାନ୍ତ କୁମାର ନାୟକ ନାମକ ବ୍ୟକ୍ତି ତାଙ୍କ ଟୁଇଟର ଆକାଉଣ୍ଟରେ ଏଭଳି ପୋଷ୍ଟ କରିଥିଲେ। ଏ ନେଇ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସେତେବେଳେ ଦାବି କରାଯାଇଥିଲା। ମାତ୍ର ପୋଲିସ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିଲା।

ସେହିପରି ୨୦୨୧ ରଥଯାତ୍ରା ବେଳେ କଟକଣା ସତ୍ତ୍ୱେ ରଥ ଉପରେ ବସି ଦୁଇଜଣ ଯୁବକ ଫଟୋ ଉଠାଇ ଶେୟାର କରିଥିଲେ, ଯାହା ଚର୍ଚ୍ଚାର ବିଷୟ ପାଲଟିଥିଲା। ସେହିବର୍ଷ ଦୁଇଜଣ ଯୁବକ ନିଜକୁ ମୁକ୍ତିମଣ୍ଡପର ବ୍ରାହ୍ମଣ ଦର୍ଶାଇ ବିମଳା ମନ୍ଦିରରେ ଭିଡିଓ କଲ୍ କରୁଥିବା ଘଟଣା ସାମ୍ନାକୁ ଆସିଥିଲା। ଏ ନେଇ ବିମଳା ମନ୍ଦିର ପୂଜକ ଥାନାରେ ଏତଲା ଦେଇଥିଲେ। ୨୦୧୯ରେ ଜଣେ ଅଭିନେତ୍ରୀ ଆନନ୍ଦବଜାରରେ ମହାପ୍ରସାଦ ସେବନ କରିବା ଫଟୋ ଫେସବୁକ୍‌ରେ ଭାଇରାଲ ହୋଇଥିଲା। ସେହିପରି ଖୋର୍ଦ୍ଧା ନିରାକାରପୁର ଅଞ୍ଚଳର ଜଣେ ଯୁବତୀ ଟିକ୍‌ଟକ୍ ଆକାଉଣ୍ଟରେ ଭିତରବେଢ଼ା ଫଟୋ ଭାଇରାଲ କରିଥିଲେ। ମାତ୍ର ପୋଲିସ କିମ୍ବା ଶ୍ରୀମନ୍ଦିର ପ୍ରଶାସନ ଏ ସମସ୍ତ ଘଟଣାରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଫଳରେ ଅନେକ ସମୟରେ ଏପରି ଘଟଣା ଦେଖିବାକୁ ମିଳୁଛି। ମହାପ୍ରଭୁଙ୍କୁ ଶ୍ରୀମନ୍ଦିରରେ ଦର୍ଶନ କରିବା ନିମନ୍ତେ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଭକ୍ତ ଆସିଥାନ୍ତି। ସେମାନଙ୍କୁ ତଲାସି କରାଯାଇ ମନ୍ଦିରକୁ ପ୍ରବେଶ ଅନୁମତି ଦିଆଯାଇଥାଏ। ସେହିପରି ମନ୍ଦିର ପରିସରରେ ସେବାୟତ ଓ ଜେଟିପି ରହିଥାନ୍ତି। ଏହାସତ୍ତ୍ୱେ କିଭଳି ଏବଂ କିଏ ମୋବାଇଲ ଫୋନ ନେଇ ମନ୍ଦିରକୁ ପ୍ରବେଶ କରୁଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏଥିରୁ ସୁରକ୍ଷା ବ୍ୟବସ୍ଥା ଢିଲା ବୋଲି ପ୍ରମାଣ ମିଳୁଛି। ଏପରି ଘଟଣା ବାରମ୍ବାର ଘଟୁଥିବା ବେଳେ ପୋଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନର ନୀରବତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ପ୍ରଶାସନ ପକ୍ଷରୁ ଅଧିକ ସିସିଟିଭି କ୍ୟାମେରା ଲଗାଯିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ଜଗନ୍ନାଥପ୍ରେମୀ ମତ ଦେଉଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୧୧।୨୦୨୨

| | |
|---|---|
| ୫,୯୬,୦୮୧ ଟଙ୍କା | |
| ସୁନା | ୧.୦୩୦ ଗ୍ରାମ |
| ରୁପା | ୨୭.୬୦୦ ଗ୍ରାମ |

## ସଂକ୍ଷେପରେ

### କଲେଜ ପରିସରରୁ ବାଇକ୍ ଚୋରି

**ଗୋପ,୨୦।୧୧(ଡି.ଏନ୍.ଏ.):** ଗୋପ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ବାଇକ୍ କଲେଜ ପରିସରରୁ ଚୋରି ହୋଇଥିବା ନେଇ ଶନିବାର ଗୋପ ଥାନାରେ ଅଭିଯୋଗ ହୋଇଛି। ତେବେ ୨ ଜଣ ଦୁର୍ବୃତ୍ତ ମାସ୍କ ପିନ୍ଧି ଚୋରି କରୁଥିବା ଦୃଶ୍ୟ ସିସି ଟିଭିରେ କଏଦ ହୋଇଛି। ପୋଲିସ୍ ସିସି ଟିଭି ଫୁଟେଜ୍ ଆଧାରରେ ତଦନ୍ତ ଜାରି ରଖିଛି। ଦୈନନ୍ଦିନ ଗୋପ କଲେଜକୁ ହଜାର ହଜାର ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଆସୁଥିବାବେଳେ ଗାଡ଼ି ଚୋରି ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଭିନ୍ନ ସମୟରେ କଲେଜ ପରିସରକୁ ଅବାଧ ପ୍ରବେଶ, ଗେଟ୍ ଜଗୁଆଳ କାର୍ଯ୍ୟରେ ନିୟୋଜିତ ନ ହେବା ଯୋଗୁ ବିଭିନ୍ନ ସମୟରେ ଏଭଳି ଛୋଟବଡ଼ ଘଟଣା ଘଟୁଥିବା ଦେଖିବାକୁ ମିଳୁଛି।

### ଜିଲାପାଳଙ୍କ ମଙ୍ଗଳା ମନ୍ଦିର ପରିଦର୍ଶନ

**କାକଟପୁର,୨୦।୧୧(ଡି.ଏନ୍.ଏ.):** ପୁରୀ ଜିଲାପାଳ ସମର୍ଥ ବର୍ମା ଶନିବାର ହଠାତ ମଧ୍ୟାହ୍ନ ୧୨ଟା ୩ରେ ମଙ୍ଗଳା ମନ୍ଦିର ପରିଦର୍ଶନରେ ପହଞ୍ଚିଥିଲେ। ମନ୍ଦିର ସେବାୟତଙ୍କ ସମେତ ସେବକ ସମିତିର ସଭାପତି ମନୋରଞ୍ଜନ ପଣ୍ଡାଙ୍କ ସହ ମନ୍ଦିର ଓ ପୀଠର ସୌନ୍ଦର୍ଯ୍ୟକରଣ ବିଷୟରେ ଆଲୋଚନା କରିବା ପରେ ମା'ଙ୍କୁ ଦର୍ଶନ କରିଥିଲେ। ପରେ ଧର୍ମଶାଳା, ପାର୍କିଂ ପଡ଼ିଆ ଦେଖି ପୁରୀ ଫେରିଯାଇଥିଲେ। ଜିଲାପାଳଙ୍କ ଅଚାନକ ପରିଦର୍ଶନକୁ ନେଇ ସ୍ଥାନୀୟରେ ନାନା ଆଲୋଚନା ହେଉଥିବା ଦେଖାଯାଇଛି। ଆଗକୁ ୫-ଟି ସଚିବ କାକଟପୁର ପରିଦର୍ଶନରେ ଆସିବେ ବୋଲି ଆଲୋଚନାରୁ ଜଣାପଡ଼ିଥିଲା। ଓଡ଼ିଶାର ବିଭିନ୍ନ ଦେବଦେବୀ ପୀଠର ସୌନ୍ଦର୍ଯ୍ୟକରଣ ନେଇ ସରକାର ଉଦ୍ୟମ କରୁଥିବାବେଳେ କାକଟପୁର ମା' ମଙ୍ଗଳାଙ୍କ ପୀଠର ଉନ୍ନତି କରାଯିବ। ୫-ଟି ସଚିବ ଆସିଲେ ପ୍ରକୃତ ସତ୍ୟ ଜଣାପଡିବ ବୋଲି ସ୍ଥାନୀୟରେ ମତପ୍ରକାଶ ପାଇଛି। ଗସ୍ତ ସମୟରେ ଜିଲାପାଳଙ୍କ ସହିତ ବିଡିଓ ତୁଷାର ଜ୍ୟୋତିରଞ୍ଜନ, କାକଟପୁର ରାଜସ୍ୱ ନିରୀକ୍ଷକ, ଓଡ଼ିଶା ସେତୁ ନିଗମ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଯନ୍ତ୍ରୀ ଉପସ୍ଥିତ ଥିବା ସହିତ ଡ୍ରୋନ୍ କ୍ୟାମେରା ଯୋଗେ ମନ୍ଦିର ଓ ମନ୍ଦିରକୁ ଲାଗି ଥିବା ଅଞ୍ଚଳର ଫଟୋ ମଧ ଉତ୍ତୋଳନ କରାଯାଇଥିଲା।



ସମରେନ୍ଦ୍ର ନାଥ ମହାପାତ୍ରଙ୍କ 'ବିଷର୍ଣ୍ଣ ନଦୀର ତୀରେ' ଏବଂ ଜାନକୀ ବଲ୍ଲଭ ଦାସଙ୍କ ପୁସ୍ତକ 'ଚିତ୍ରିତ କାନ୍‌ଭାସ୍'କୁ ଅତିଥି ଉନ୍ମୋଚନ କରୁଛନ୍ତି।

# ପୁସ୍ତକ ବିଷର୍ଣ୍ଣ ନଦୀର ତୀରେ, କାନ୍‌ଭାସ ଉନ୍ମୋଚିତ

**ପୁରୀ ଅଫିସ,୨୦।୧୧**

ପ୍ରାବନ୍ଧିକ ସମରେନ୍ଦ୍ର ନାଥ ମହାପାତ୍ରଙ୍କ ଜନ୍ମଦିନ ଅବସରରେ ନରେନ୍ଦ୍ରକୋଣସ୍ଥିତ ସବିତା ସ୍ମୃତି ସଜନରେ ତାଙ୍କର ରଚିତ କବିତା ପୁସ୍ତକ ବଙ୍ଗଳା ଅନୁବାଦ 'ବିଷର୍ଣ୍ଣ ନଦୀର ତୀରେ'ର ଶୁଭ ଉନ୍ମୋଚନ ଶନିବାର ଅନୁଷ୍ଠିତ ହୋଇଛି। ଏଥିସହିତ କବି ଜାନକୀ ବଲ୍ଲଭ ଦାସଙ୍କ ନୂତନ କବିତା ପୁସ୍ତକ ଚିତ୍ରିତ କାନଭାସ ମଧ ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମରେ ବରିଷ୍ଠ କବି ଓ ଗୀତିକାର ନିର୍ମଳ ମିଶ୍ର, ଔପନ୍ୟାସିକ ଓ ପ୍ରାବନ୍ଧିକ ଦେବୀ ପ୍ରସନ୍ନ ନନ୍ଦ ଟିକିତାରାର ସମ୍ପାଦକ ବିପିନି ବିହାରୀ ଦଳାଇ, କବି ଚିନ୍ମୟ ବିବେକ, ସଂଗଠକ ଶ୍ୟାମ ପ୍ରକାଶ ସେନାପତିଙ୍କ ଉପସ୍ଥିତିରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ଓ କବି କଳ୍ପନା ମିଶ୍ର ସଭାକୁ ସଂଯୋଜିତ କରିଥିବା ବେଳେ ସମରେନ୍ଦ୍ର ମହାପାତ୍ର ତାଙ୍କ କାବ୍ୟ ଭୂମି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିଳ୍ପୀ ଚନ୍ଦ୍ର ଶେଖର ମହାରଣା, କବି ବିଚିତ୍ରା ଦାଶ, ଗାଳ୍ପିକ ସୁଚିତ୍ରା ରଥ, କବି ମହେନ୍ଦ୍ର ଦାଶ, ବିଜୟ ଛାଟୋଇ, ମନୋରମା ଛାଟୋଇ, କବି ଅଜୟ ପ୍ରଧାନ ଏବଂ କବି ସନ୍ନ୍ୟାସୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କବି ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ।

# ଶିକ୍ଷାନୁଷ୍ଠାନ ତମାଖୁମୁକ୍ତ ହେବା ଆବଶ୍ୟକ

**ପୁରୀ ଅଫିସ ୨୦।୧୧**

ଏକ ଶୃଙ୍ଖଳିତ ସମାଜ ପାଇଁ ଶିକ୍ଷାନୁଷ୍ଠାନଗୁଡିକ ପ୍ରଥମେ ତମାଖୁମୁକ୍ତ ହେବା ଆବଶ୍ୟକ ବୋଲି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ରବୀନ୍ଦ୍ର କୁମାର ପଣ୍ଡା କହିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜିଲା ସ୍ୱାସ୍ଥ୍ୟ ସମିତି ଓ ଜିଲା ତମାଖୁ ନିୟନ୍ତ୍ରଣ ବିଭାଗର ମିଳିତ ସହଯୋଗରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାର ୪୧ଜଣ ଜାତୀୟ ସେବା ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀଙ୍କୁ ନେଇ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ତମାଖୁମୁକ୍ତ ଶିକ୍ଷାଞ୍ଚଳ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କୁଳପତି ପଣ୍ଡା ତମାଖୁର ଭୟାବହତା ଓ କ୍ୟାନସର ରୋଗୀ ଉପରେ ବକ୍ତବ୍ୟ ରଖିଥିଲେ। ଏଥିରେ ଡା. ବିରଜା ଶଙ୍କର ରଥ, ଡା. ଲଳିତ କୁମାର ଦାସ, ଡିଏସପି ମନୋବ୍ରତା ଶତପଥୀ, କମିଟି ସଭ୍ୟ ବଦ୍ରି ମିଶ୍ର, ରାଷ୍ଟ୍ରୀୟ ବାଲ୍ୟ ସ୍ୱାସ୍ଥ୍ୟ ସମିତିର ପ୍ରଶାନ୍ତ ପରିଜା, ପିଜି କାଉନସିଲ ଅଧ୍ୟକ୍ଷ ଶତ୍ରୁଘ୍ନ ପାଣିଗ୍ରାହୀ, ଜିଲା ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡ. ଜଗବନ୍ଧୁ ମିଶ୍ର ଓ ସଭ୍ୟ ମଧୁସୂଦନ ମିଶ୍ର ଅତିଥି ଭାବେ ଯୋଗଦେଇ ତମାଖୁ ବିକ୍ରି, ଶିକ୍ଷାନୁଷ୍ଠାନ ଓ ସବୁ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ତମାଖୁମୁକ୍ତ, କୋଟପା ଆଇନର କାର୍ଯ୍ୟକାରିତା, ବିଜ୍ଞାନରେ ସତର୍କ ସୂଚନା ଉପରେ ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ତମାଖୁ ନିୟନ୍ତ୍ରଣ ଜନିତ ପରିସଂଖ୍ୟାନ ଓ ତଥ୍ୟ ଉପରେ ଭିଜୁଆଲ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା ତମାଖୁ ନିୟନ୍ତ୍ରଣ ପରାମର୍ଶଦାତା ଡ. ସୁଶାନ୍ତ ବିଶ୍ୱାଳ ପରିଚାଳନା କରିବା ସହ ଜିଲାର ୪୧ଟି ମହାବିଦ୍ୟାଳୟ ଓ ୨୭ଟି ବିଦ୍ୟାଳୟରେ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ସହ ଏଦିଗରେ ସଫଳ ଶିକ୍ଷାନୁଷ୍ଠାନଙ୍କୁ ପୁରସ୍କାର ପ୍ରଦାନ ସମ୍ପର୍କରେ କହିଥିଲେ। ଅଧ୍ୟାପକ ପବିତ୍ର ମୋହନ ଦାଶ, ଡା. ସ୍ନେହମୟୀ ମିଶ୍ର, ପ୍ରାଧ୍ୟାପକ ବସନ୍ତ ମିଶ୍ର, ବିଶ୍ୱରଞ୍ଜନ ପତି, ଲକ୍ଷ୍ମୀଧର ପଣ୍ଡା, ଶଂକର୍ଷଣ ପ୍ରଧାନ, ଅକ୍ଷୟ ରାଉଳ, କଲ୍ୟାଣୀ ନନ୍ଦୀ ଓ ଅମିତ ପାତ୍ର ନିଜ ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମନୋଜ କୁମାର ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ବିଜ୍ଞାନମେଳାରେ ଭାଗନେଲେ ୧୭୦ ପିଲା



ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ନିମାପଡ଼ା,୨୦।୧୧(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ରେଞ୍ଚ ଶାସନସ୍ଥିତ ଉଦୟନାଥ ପବ୍ଲିକ ସ୍କୁଲଠାରେ ଏକ ବିଜ୍ଞାନମେଳା ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ଅବସରପ୍ରାପ୍ତ ଏୟାରଫୋର୍ସ ଅଫିସର ରମେଶ ଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଚେୟାରମ୍ୟାନ ବିଭୂତିଭୂଷଣ ଦାସ, ସଭାପତି ପ୍ରତିମା ପତି, ଅଧ୍ୟକ୍ଷା ତପସ୍ୱିନୀ ଦାସ, ବିଚାରକ ତଥା ସହକାରୀ ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିଶୁଙ୍କ ମଧ୍ୟରେ ବୌଦ୍ଧିକ ଶିକ୍ଷା, ବିଜ୍ଞାନ ପାଠର ଉପାଦେୟତା, ବିଜ୍ଞାନ ଶିକ୍ଷାର ବିକାଶ, ଶିଶୁ ଛାତ୍ରୀଛାତ୍ରଙ୍କ ମନରେ ବିଜ୍ଞାନ ଚେତନା ଜାଗ୍ରତ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ମେଳାରେ ୧୭୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ମିଶନଶକ୍ତି, ସୌର ଶକ୍ତିର ବ୍ୟବହାର, ପରିବେଶ ସୁରକ୍ଷା, ବାୟୁ ପ୍ରଦୂଷଣ, ନାରୀ ସଶକ୍ତୀକରଣ ଉପରେ ସ୍ଥାନୀୟ ପ୍ରକଳ୍ପଗୁଡିକ ଆଧାରିତ ଥିଲା। ଏହି ଅବସରରେ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ ମେଳାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଶିଶୁ ବିଜ୍ଞାନୀ, ଛାତ୍ରୀଛାତ୍ର, ବହୁ ଶିକ୍ଷାବିତ୍‌ଙ୍କ ସମେତ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ମା' ଶୁଦ୍ଧିକ୍ରିୟା ପାଇଁ ପୁଅର ଆକୁଳ ନିବେଦନ

## ସହାୟତାର ହାତ ବଢ଼ାଇଲା ସାମ୍ବାଦିକ ସଂଘ

**ପିପିଲି,୨୦।୧୧(ସ୍ୱ.ପ୍ର)**

ମା'ର ଶୁଦ୍ଧିକ୍ରିୟାରେ ବାଧକ ସାଜିଛି ଅର୍ଥାଭାବ। କୁଟୁମ୍ବକୁ ନୂଆ ବସ୍ତ୍ର ଏବଂ ଖାଇବାକୁ ଦେବାକୁ ପୁଅ ଅସମର୍ଥ। ସେଥିପାଇଁ ସେ ମା'ର ଶୁଦ୍ଧିକ୍ରିୟା ପାଇଁ ସୋସିଆଲ ମିଡିଆ ଜରିଆରେ ଆକୁଳ ନିବେଦନ କରିଥିଲେ। ତେବେ ତାଙ୍କ ନିବେଦନ ଶୁଣି ସହାୟତାର ହାତ ବଢ଼ାଇଛି ପିପିଲି ପେସାଦାର ସାମ୍ବାଦିକ ସଂଘ ଓ ଜାତୀୟ ସଫ୍ଟ ଟେନିସ୍ ଦଳର କୋଚ ବିକାଶ ଚନ୍ଦ୍ର ପଟ୍ଟନାୟକ।

ସୂଚନା ମୁତାବକ, ପୁରୀ ଜିଲା ପିପିଲି ବ୍ଲକ ପୂବାଶାସନ ପଞ୍ଚାୟତ ୮ନଂ. ୱାର୍ଡ ଶବର ସାହିର ଚମ୍ପା ଶବର(୮୦)ଙ୍କ ଗତ ୧୧ ତାରିଖରେ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ଘଟିଥିଲା। ମା' ଶୁଦ୍ଧିକ୍ରିୟା ପାଇଁ ଅର୍ଥାଭାବ ଯୋଗୁ ସେ ସୋସିଆଲ ମିଡିଆରେ ସହାୟତା ପାଇଁ ନିବେଦନ କରିଥିଲେ। ରବିବାର ଭାର୍ଗବୀ ନଦୀକୂଳରେ ପରିବାର ସଦସ୍ୟ ଶ୍ରାଦ୍ଧକାର୍ଯ୍ୟ ପରେ ମୁଣ୍ଡନ ସାରି ନୂଆ ବସ୍ତ୍ର ବଦଳରେ ପୁରୁଣା ବସ୍ତ୍ର ପିନ୍ଧିଥିଲେ। ଏହି ସମୟରେ ସାମ୍ବାଦିକ ସଂଘ ପକ୍ଷରୁ ରାଜ କିଶୋର ସ୍ୱାଇଁ, ମନୋରଞ୍ଜନ ମହାପାତ୍ର, ଅରୁଣ ରାଉତ, ପ୍ରତାପ ବାରିକ ପ୍ରମୁଖ ଏବଂ ଜାତୀୟ ସଫ୍ଟ ଟେନିସ ଦଳର କୋଚ୍ ପଟ୍ଟନାୟକ ତାଙ୍କ ଝିଅଙ୍କ ସହ ଉକ୍ତ ନଦୀକୂଳରେ ପହଞ୍ଚିଥିଲେ। ସେମାନେ କୁନି ଶିଶୁଙ୍କୁ ଡ୍ରେସ୍, ମହିଳା ଓ ପୁରୁଷଙ୍କୁ ନୂଆ ବସ୍ତ୍ର ଏବଂ ଅନ୍ୟାନ୍ୟ ସହାୟତା ପ୍ରଦାନ କରିଥିଲେ। ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଚାଷର ଉନ୍ନତି ପାଇଁ ୧୧ ପଞ୍ଚାୟତବାସୀ ଏକାଠି

## ଆଞ୍ଚଳିକ କମିଟି ବୈଠକ

**କଣାସ, ୨୦।୧୧(ସ୍ୱ.ପ୍ର.)**

କଣାସ ବ୍ଲକ ବଡାଲ ପଞ୍ଚାୟତ ଅଧୀନ ଖୁଣ୍ଟିଆବାଣପୁର ଗ୍ରାମର ବାବା ବିଶ୍ୱନାଥ ଦେବଙ୍କ ମନ୍ଦିର ପରିସରରେ ରବିବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକର ୩ଟି ଏବଂ ପୁରୀ ଜିଲା କଣାସ ବ୍ଲକର ୮ଟି ପଞ୍ଚାୟତକୁ ନେଇ ଆଞ୍ଚଳିକ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟିଆ ବାଣପୁର ଗ୍ରାମବାସୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ବଡାଲ ସରପଞ୍ଚ ଧନେଶ୍ୱର ଲେଙ୍କା ଅଧ୍ୟକ୍ଷତା କରିଥିଲେ। ଅଡାଲଠାରୁ ଭାଟପଡ଼ା ପର୍ଯ୍ୟନ୍ତ ନଦୀବନ୍ଧର ସୁରକ୍ଷା ପାଇଁ ଏକ କମିଟି ଗଠନ କରାଯାଇଥିଲା। ପ୍ରତିବର୍ଷ ଶାରଦ ଧାନ ଫସଲ କ୍ଷତିଗ୍ରସ୍ତ ହେଉଥିବାରୁ ଚାଷୀମାନେ ରବି ଫସଲ ଉପରେ ନିର୍ଭର କରୁଛନ୍ତି। ତେବେ ଆଖପାଖ ଗ୍ରାମବାସୀ ଗୋରୁ, ଛେଳି ମେଣ୍ଢା ଛାଡ଼ି ଦେଉଥିବାରୁ ଚାଷୀମାନେ ଆଶାଜନକ ରବି ଫସଲ ପାଇପାରୁନହାନ୍ତି। ତେଣୁ ଆସନ୍ତା ଏପ୍ରିଲ ମାସ ପର୍ଯ୍ୟନ୍ତ କୌଣସି ଗ୍ରାମବାସୀ ଗୃହପାଳିତ ପଶୁ ନ ଛାଡିବା ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଛି। କାଦୁଆ ପଞ୍ଚାୟତ ବିଟଘର ଶଙ୍ଖଠାରେ ସୁଇଜ ଗେଟ ନିର୍ମାଣ ପାଇଁ ଆଲୋଚନା କରାଯାଇଥିଲା। ମଲାଗୁଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧର ସୁରକ୍ଷା ଲାଗି ୪ଟି ପ୍ରସ୍ତାବ ଆଗତ ହୋଇ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ୧୧ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ରହିବା ପାଇଁ ସ୍ଥିର ହୋଇଥିଲା। ବୈଠକରେ କଣାସ ବ୍ଲକର ୮ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦ ସଭ୍ୟ ଏବଂ ୱାର୍ଡ ସଭ୍ୟାସଭ୍ୟଙ୍କ ସମେତ ଟାଙ୍ଗୀ ବ୍ଲକର ୩ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟ ଓ ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ।

# ଲକ୍ଷାଧିକ ଟଙ୍କାର ନକଲି ପାନମସଲା ଜବତ: ୪ ଅଟକ

**କଣାସ, ୨୦।୧୧(ସ୍ୱ.ପ୍ର)**

କଣାସ ଅଞ୍ଚଳରେ ନକଲି ପାନମସଲା କାରବାର ବଢ଼ିଚାଲିଛି। ରବିବାର ତିନୋଟି ରାଶନ ଦୋକାନରେ ଖାଉଟି ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ନକଲି ପାନମସଲା ଜବତ କରାଯାଇଛି। ଏଥିସହ ୪ଜଣଙ୍କୁ ପୋଲିସ ଅଟକ ରଖି ତନାଘନା ଚଳାଇଛି। ସୂଚନା ଅନୁଯାୟୀ, ମନ୍ଦାରବସ୍ତ ବଜାରର ଏକ ରାଶନ ଦୋକାନ ଉପରେ ଖାଉଟି ବିଭାଗ ଓ ପୋଲିସ ଚଢ଼ାଉ କରି ନକଲି ଜର୍ଦ୍ଦା ଜବତ କରିବା ସହିତ ସମ୍ପୃକ୍ତ ଦୋକାନୀକୁ ଅଟକ ରଖି ପଚରାଉଚରା କରୁଛି। ସେହିପରି କଣାସ ବଜାରର ଦୁଇଟି ଦୋକାନରେ ଚଢ଼ାଉ କରାଯାଇ ବ୍ୟାପକ ପରିମାଣର ନକଲି ପାନମସଲା ଜବତ କରାଯିବା ସହିତ ୩ ଜଣକୁ ଅଟକ ରଖି ଘଟଣାର ଖୋଳତାଡ଼ କରୁଛି।

# ଖବରଦାତାଙ୍କ ନାମରେ ନକଲି ଆକାଉଣ୍ଟ ଖୋଲି ଟଙ୍କା ଆଦାୟ

## ଅଭିଯୋଗ ପରେ ତଦନ୍ତ ଆରମ୍ଭ

**ଗୋପ,୨୦।୧୧(ଡି.ଏନ୍.ଏ.)**

ଗଣମାଧ୍ୟମ ପ୍ରତିନିଧି ସୁବାସ ରଞ୍ଜନ ସେନାପତିଙ୍କ ନାମରେ କେହି ଜଣେ ନକଲି ଆକାଉଣ୍ଟ ଖୋଲି ଅର୍ଥ ଆଦାୟ କରୁଥିବା ଅନୁମାନ କରି ସେ ଶନିବାର ରାତିରେ ଗୋପ ଥାନାରେ ଏକ ଅଭିଯୋଗ କରିଛନ୍ତି। ଥାନାଧିକାରୀ ସୁନିଲ ପ୍ରଧାନ ଏ ସମ୍ପର୍କରେ ସାଇବର ଥାନାକୁ ଅବଗତ କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

ସୂଚନା ମୁତାବକ, କିଛି ଦିନ ହେବ କେହି ଜଣେ ସୁବାସଙ୍କ ଫୋନ ପେ ନମ୍ବରରେ ବିଭିନ୍ନ ସମୟରେ ଅର୍ଥ ଆଦାୟ କରୁଥିବା ଜାଣିବାକୁ ପାଇଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ କେତେକ ସାଙ୍ଗ ଏ ସମ୍ପର୍କରେ ଅବଗତ ହୋଇ ତାଙ୍କୁ ଜଣାଇଥିଲେ। ପୂର୍ବରୁ ମଧ ଏପରି ନକଲି ଆଇଡି ମାଧ୍ୟମରେ ଟଙ୍କା ଲୁଟୁଥିବା ଘଟଣା ପଦାକୁ ଆସିଛି। ତୁରନ୍ତ ଏହି ଠକ ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ତୁରନ୍ତ ଗିରଫ କରିବାକୁ ଗଣମାଧ୍ୟମ ପ୍ରତିନିଧି ସୁବାସ ଦାବି କରିଛନ୍ତି। ଥାନାଧିକାରୀ ପ୍ରଧାନଙ୍କୁ ପଚାରିବାରେ, କୌଣସି ବ୍ୟକ୍ତି ଯଦି ଗଣମାଧ୍ୟମ ପ୍ରତିନିଧିଙ୍କ ଭଳି ଶିକାର ହେଉଛନ୍ତି, ତୁରନ୍ତ ଅଭିଯୋଗ କରିବାକୁ ସୂଚନା ଦେଇଥିବାବେଳେ ଏହି ଅଭିଯୋଗକୁ ନେଇ ତଦନ୍ତ ଆରମ୍ଭ ହୋଇଛି ବୋଲି କହିଛନ୍ତି।

# ବିଶ୍ୱ ହିନ୍ଦୁ ପରିଷଦର ହିତଚିନ୍ତକ ଅଭିଯାନ ଉଦ୍‌ଯାପିତ

**ନିମାପଡ଼ା,୨୦।୧୧(ଡି.ଏନ୍.ଏ.)**

ନିମାପଡ଼ା ପ୍ରଖଣ୍ଡ ପକ୍ଷରୁ ଗତ ୬ ତାରିଖରୁ ନିମାପଡ଼ା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ଆରମ୍ଭ ହୋଇଥିବା ହିତଚିନ୍ତକ ଅଭିଯାନ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ନିମାପଡ଼ା ଦୁର୍ଗା ମଣ୍ଡପଠାରେ କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଏକ ମିଟ୍ ଦି ପ୍ରେସ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ (ପୂର୍ବ) ରାଜ୍ୟ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ନିମାପଡ଼ା ପ୍ରଖଣ୍ଡ ସମ୍ପାଦକ ସଞ୍ଜୟ ବାରିକ୍, ଜିଲା ଉପସଭାପତି ଶରତଚନ୍ଦ୍ର ସେନାପତି, ଡ. ଅମୂଲ୍ୟ ପ୍ରସାଦ ଦାଶ, ନିମାପଡ଼ା ପ୍ରଖଣ୍ଡ ସଭାପତି ରାଧାମୋହନ ଦାସ, ଜିଲା କାର୍ଯ୍ୟକର୍ତ୍ତା ରଞ୍ଜନ ନାୟକ, ବିକ୍ରମ ନାୟକ, ପ୍ରିୟବ୍ରତ ବାଘ, ଅନିଲ ବେହେରା ପ୍ରମୁଖ ଯୋଗଦେଇ ଏହି ଅଭିଯାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ସେବା କାର୍ଯ୍ୟ, ଗୋବଂଶ ରକ୍ଷା, ସାମାଜିକ ସମର ସତା, ନାରୀ ସଶକ୍ତୀକରଣ, କୁଟୁମ୍ବ ପ୍ରବୋଧନ, ପରିବେଶ ସଂରକ୍ଷଣ, ମଠ ମନ୍ଦିର ସୁବ୍ୟବସ୍ଥା ସହ ସମାଜକୁ ସଂଗଠିତ କରି ତା'ର ସୁରକ୍ଷାର ସଂକଳ୍ପ ଭାବେ ଜାଗ୍ରତ କରାଇବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ବୋଲି ମିଟ୍‌ଦିପ୍ରେସ୍ କାର୍ଯ୍ୟକ୍ରମ ମତପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ନିମାପଡ଼ା ବ୍ଲକର ୩୨ଟି ପଞ୍ଚାୟତ ଓ ଏନ୍‌ଏସିର ୧୧ଟି ୱାର୍ଡରେ ୨୨୦ଟି ଗ୍ରାମରେ ଏହି ଅଭିଯାନ ମାଧ୍ୟମରେ ସମ୍ପର୍କ ସ୍ଥାପନ କରାଯାଇଥିବାବେଳେ ୪,୧୦୦ ନୂତନ ସଭ୍ୟ ସଂଗ୍ରହ କରାଯାଇଥିବା କାର୍ଯ୍ୟକର୍ତ୍ତା ସୂଚନା ଦେଇଛନ୍ତି। ନିମାପଡ଼ା ଅଞ୍ଚଳରେ ବିଶ୍ୱ ହିନ୍ଦୁ ପରିଷଦର ୩୦୦ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ।

# ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ପୁରୀ ଅଫିସ, ୨୦।୧୧**

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂସଦ ଦ୍ୱାରା ପରିଚାଳିତ ଆନ୍ତଃମହାବିଦ୍ୟାଳୟ କବାଡ଼ି ପୁରୁଷ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଏବଂ ପଟିଆ ଆର୍‌ଏମ୍‌ଡି ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆର୍‌ଏମ୍‌ଡି ମହାବିଦ୍ୟାଳୟ ଚାମ୍ପିୟନ ଓ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ରନର୍ସ ଅପ୍ ହୋଇଥିଲା। ରନର୍ସ ଅପ୍ ଦଳ ପୁରୀରେ ପହଞ୍ଚିବା ପରେ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷା ଡ. ସୁଜାତା ମିଶ୍ର, କ୍ରୀଡ଼ା ସଂସଦର ଉପସଭାପତି ଗୌତମ ସେଠୀ, ପ୍ରଶାସନିକ ଅଧିକାରୀ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ, ପ୍ରଫେସର ମିହିର ପ୍ରସାଦ ମିଶ୍ର, କ୍ରୀଡ଼ା ଶିକ୍ଷକ ରଞ୍ଜିତ ମିଶ୍ରଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଏବଂ ଗଙ୍ଗାଧର ମହାପାତ୍ର ଆଇନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରାଜ କିଶୋର ମହାନ୍ତି ଯୋଗଦେଇ କୃତୀ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# 'ଗରୁଡ଼ସ୍ତମ୍ଭ ଉପରେ ଗବେଷଣା ହେବା ଉଚିତ'

**ପୁରୀ ଅଫିସ, ୨୦।୧୧**

ଶ୍ରୀମନ୍ଦିର ନାଟମଣ୍ଡପ ପରିସରସ୍ଥ ଗରୁଡ଼ସ୍ତମ୍ଭ ଦୁର୍ବଳ ହେଉଥିବା ଦର୍ଶାଇ ଏହାକୁ ସୁରକ୍ଷିତ ରଖିବା ପାଇଁ ଏହାର ଚାରିପାଖକୁ ରୁପାଛାଉଣି କରିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପରିଚାଳନା କମିଟିକୁ ଚିଠି ଲେଖାଯାଇଛି। ଏ ନେଇ ଏବେ ବିଭିନ୍ନ ମହଲରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ଗରୁଡ଼ସ୍ତମ୍ଭ ରୁପା ଛାଉଣି ହେଲେ ପ୍ରତ୍ୟକ୍ଷ ସ୍ପର୍ଶରୁ ଭକ୍ତ ବଞ୍ଚିତ ହେବେ ବୋଲି ବୁଦ୍ଧିଜୀବୀ ମତ ଦେଉଛନ୍ତି। ପୁଣି ଭକ୍ତଙ୍କ ଭାବାବେଗ ସହିତ ଖେଳ ଖେଳିବାକୁ ଯୋଜନା କରାଯାଉଥିବା ସାଧାରଣରେ ଆଲୋଚନା ହେଉଛି। ଏହି ଗରୁଡ଼ ସ୍ତମ୍ଭକୁ କେହି କେହି ଜୀବାତ୍ମ କହୁଥିବାବେଳେ ପ୍ରକୃତରେ ଏହା କ'ଣ ତାହା ଗବେଷଣା ସାପେକ୍ଷ ବୋଲି ଅନେକ ମତ ଦେଉଛନ୍ତି। ଏ ପ୍ରସଙ୍ଗକୁ ନେଇ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ କହିବା ଅନୁଯାୟୀ, ଓଡ଼ିଶାରେ ଜାଣିବା ଶୁଣିବା ଲୋକେ ମହାପ୍ରଭୁଙ୍କ ପୋଖରିଆକୁ ଯାଆନ୍ତି ନାହିଁ। ସିଦ୍ଧ, ସାଧକ, ବାବାଜି ଓ ସାଧୁସନ୍ଥ ମଧ୍ୟ ଗୁରୁ-ଶିଷ୍ୟ ପରମ୍ପରା ଅନୁଯାୟୀ ଯାଆନ୍ତି ନାହିଁ। ଗରୁଡ଼ଙ୍କ ପଛରେ ରହି ମହାପ୍ରଭୁଙ୍କର ଗୋଟିଏ ଏବଂ ବଡ଼ ଠାକୁରଙ୍କ ଗୋଟିଏ ଚକ୍ଷୁ, ଏପରି ଦୁଇ ଠାକୁରଙ୍କ ଦୁଇଚକ୍ଷୁକୁ ଦର୍ଶନ କରନ୍ତି। ଗରୁଡ଼ ସ୍ତମ୍ଭକୁ ଛୁଇଁ ଗରୁଡଙ୍କୁ ସମର୍ପିତ ହୁଅନ୍ତି।



ଏହି ସ୍ପର୍ଶରେ ମାନସିକ ଓ ଶାରୀରିକ ବିକାର ନଷ୍ଟ ହୋଇଯାଏ। ଜଗତ ଜଞ୍ଜାଳ ମନରୁ ଉଭେଇ ଯାଏ। ମନ ଜଗନ୍ନାଥମୟ ହୋଇଯାଏ। ତାନ୍ତ୍ରିକମାନେ ଆଦୌ ପ୍ରଭୁଙ୍କୁ ଚାହାଁନ୍ତି ନାହିଁ। କେବଳ ଗରୁଡ଼ଙ୍କ ଶରଣାଗତ ହୋଇ ଫେରିଆସନ୍ତି। ପ୍ରଭୁଙ୍କର ବର୍ତ୍ତମାନ ମନ୍ଦିର ଅଷ୍ଟମ ମନ୍ଦିର। ବିନା ଗରୁଡ଼ଖମ୍ବରେ ଆଗରୁ ପ୍ରଭୁ ବସିବା ଶାସ୍ତ୍ରୀୟ ପରମ୍ପରା ନୁହେଁ। ମନ୍ଦିର ବାସ୍ତୁ ସମର୍ଥନ କରେ ନାହିଁ। ଶିଳ୍ପଶାସ୍ତ୍ରରେ ପ୍ରଭୁଙ୍କ ପ୍ରତିଷ୍ଠା ପୂର୍ବରୁ ବାହନ ପ୍ରତିଷ୍ଠା ବିଧି ଅଛି। କିଏ କେବେ କେଉଁଥିରେ ନିର୍ମାଣ କରି ଏହି ସ୍ତମ୍ଭ କେଉଁଠୁ ଆଣି ସ୍ଥାପନ କରିଥିଲେ, ସେ ସମ୍ପର୍କରେ ଇତିହାସ ବା ଶାସ୍ତ୍ର ନୀରବ। ରତ୍ନସିଂହାସନ ମୂଳରୁ ନିର୍ଦ୍ଦିଷ୍ଟ ସ୍ଥାନରେ ରହିଛି। ସେହିପରି ଗରୁଡ ଖମ୍ବ ଅଧ୍ୟାତ୍ମ ବିଜ୍ଞାନ ଭିତ୍ତିରେ ନିର୍ଦ୍ଦିଷ୍ଟ ସ୍ଥାନରେ ଅଛି। ଶ୍ରୀଗରୁଡ଼ଙ୍କ ଶରଣାଗତ ହେଲେ ପ୍ରଭୁକୃପା ମିଳେ, ଯେମିତି ଶିବ ମନ୍ଦିରରେ ବୃଷଭ। ଗରୁଡ଼ ସ୍ତମ୍ଭର ଗାଧୁଆ ପାଣି ଅନେକ ସମସ୍ୟା ପାଇଁ ମହୌଷଧି ସଦୃଶ ବୋଲି କୁହାଯାଏ। ଗରୁଡ଼ ସ୍ତମ୍ଭର ରୁପା ଛାଉଣି ହେଲେ ସେହି ପାଣି ମହୌଷଧି ହେବ କି ବୋଲି ଡ. ମିଶ୍ର ପ୍ରଶ୍ନ କରିଛନ୍ତି।

## ସଂକ୍ଷେପରେ

### ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

**ଗମ୍ଭାରିମୁଣ୍ଡା,୨୦।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଥିବାର ଅଭିଯୋଗ ହୋଇଛି। ମୃତା ହେଲେ ଏହି ଥାନା ଅନ୍ତର୍ଗତ ନାରଣଦେଇପୁର ଗ୍ରାମର ବର୍ଷାରାଣୀ ପ୍ରଧାନ। ଅଭିଯୋଗ ମୁତାବକ, ନାରଣଦେଇପୁରର ବର୍ଷାରାଣୀ ବାଲୁଗାଁ ଥାନା କିମ୍ବିରୀପଡା ଗ୍ରାମର ଜିତୁ ପ୍ରଧାନଙ୍କୁ ଚଳିତ ବର୍ଷ ଜୁନ ୧୯ରେ ବିବାହ କରିଥିଲେ। ତେବେ ଶାଶୁ ଘରେ କଳହ ଲାଗି ରହିବାରୁ ବର୍ଷା କିଛି ମାସ ହେଲା ନିଜ ବାପଘରୁ ଚାଲି ଆସି ରହୁଥିଲେ। ହେଲେ ରବିବାର ସେ ଏକ ଘରେ ଥିବାବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ବାହାରି ନ ଥିଲେ। ପରିବାର ଲୋକ ସନ୍ଦେହରେ କବାଟ ଖୋଲିବାରୁ ପାଟିରୁ କିଛି ବିଷାକ୍ତ ବାହାରୁ ଥିବାବେଳେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବାଣପୁର ମେଡିକାଲ ଆଣିଥିଲେ। ହେଲେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ବେଳେ ବିଷ ପିଇଥିବାରୁ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ଡାକ୍ତର ଏ ନେଇ ବାଣପୁର ପୋଲିସକୁ ଖବର ଦେଇଥିବା ବେଳେ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ପରେ ଝିଅର ବାପା ଥାନାରେ ଅଭିଯୋଗ କରିଥିଲେ।

### ବେପରୁଆ ବାଇକ୍ ଚାଳକ ସାବାଡ଼୍, ୯ ଗାଡ଼ି ଜବତ

**ଗମ୍ଭାରିମୁଣ୍ଡା,୨୦।୧୧(ଡି.ଏନ୍.ଏ.):** ବାଣପୁର ବଜାରରେ ଭିଡ଼ ସମୟରେ କେତେଜଣ ବାଇକ ଚାଳକ ବେପରୁଆ ହୋଇ ଗାଡ଼ି ଚଳାଉଛନ୍ତି। ଫଳରେ ରାସ୍ତାରେ ଯାତାୟାତ କରିବା ଅସୁବିଧା ହେଉଛି। ବଜାର ଉପରେ ମା' ଭଗବତୀ ମନ୍ଦିର ଥିବାବେଳେ ଦର୍ଶନ ପାଇଁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଜନସାଧାରଣ ଏହି ଗାଡ଼ି ଚାଳକଙ୍କ ଯୋଗୁ ରାସ୍ତାପାର ପାଇଁ ଭୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବାଣପୁର ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ରବିବାର ଦିନତମାମ ଯାଞ୍ଚ କରି ଅମାନିଆ ବାଇକ ଚାଳକଙ୍କ ଉପରେ ନଜର ରଖିବା ସହ ସନ୍ଧ୍ୟା ସୁଦ୍ଧା ୯ଟି ବାଇକ୍ ଜବତ କରିଛନ୍ତି। ତତ୍‌ସହିତ ବାଇକ୍ ଚାଳକଙ୍କ ବିରୋଧରେ ୯ଟି ମାମଲା ରୁଜୁ କରାଯାଇଥିବାର ଆଇଆଇସି ପରିଡ଼ା କହିଛନ୍ତି। ତେବେ ପୋଲିସର ଏପରି ପଦକ୍ଷେପକୁ ଅଞ୍ଚଳରେ ପ୍ରଶଂସା କରିଛନ୍ତି।

### ଗୋ'ଚାଲାଣ ଧରିଲା ଏସ୍‌ଟିଏଫ୍
### ୧୫୫ ଗୋରୁ, ସାଢେ ୩୪ ହଜାର ଟଙ୍କା ଜବତ:୨ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,(ବ୍ୟୁରୋ)/ପାଣିକୋଇଲି(ଡି.ଏନ୍.ଏ.)୨୦।୧୧:** ରାଜ୍ୟରେ ଦିନକୁ ଦିନ ବେଆଇନ ଗୋ ଚାଲାଣ ବଢ଼ିବାରେ ଲାଗିଛି। ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ବେଳେ ଏକ ଗୋରୁ ବୋଝେଇ ଟ୍ରକକୁ ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ ସାହାପୁରୁ ହାଟ ନିକଟରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ) ଓ ପାଣିକୋଇଲି ପୋଲିସ ମିଳିତ ଭାବେ ଜବତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ କେତେଜଣ ଫେରାର ହୋଇଯାଇଛନ୍ତି। ଚଢ଼ାଉ ସମୟରେ ଉକ୍ତ ଟ୍ରକରୁ ୧୫୫ଟି ଗୋରୁ ଉଦ୍ଧାର କରାଯାଇଥିବା ବେଳେ ଅଭିଯୁକ୍ତ ଦ୍ୱୟଙ୍କଠାରୁ ନଗଦ ସାଢେ ୩୪ ହଜାର ଟଙ୍କା ଜବତ କରାଯାଇଛି । ସେମାନେ ହେଲେ ଭଦ୍ରକ ଜିଲାର କମର ସିୟାଜୁଦିନ ଖାନ୍ ଓ ମହମ୍ମଦ କରିମ। ଆହତ ଗୋରୁଙ୍କୁ ଯାଜପୁର ରୋଡ଼ରେ ଥିବା ଗୋଶାଳାକୁ ନିଆଯାଇ ଚିକିତ୍ସା କରାଯାଉଛି। ୩୭ଟି ଗୋରୁଙ୍କୁ ବ୍ୟାସନଗର ଗୋଶାଳାରେ ଛଡ଼ାଯାଇଥିଲା ବେଳେ ଅବଶିଷ୍ଟ ଗୋରୁଙ୍କୁ ଅନ୍ୟ ଏକ ଗୋଶାଳାରେ ଛଡ଼ାଯିବାର ଯୋଜନା କରାଯାଇଛି। ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ, ପାଣିକୋଇଲି ଥାନା ଅଧିକାରୀ ଚିନ୍ମୟୀ ବେହେରା ଓ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ପ୍ରମୁଖ ସାହାପୁର ହାଟରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏ ନେଇ ପାଣିକୋଇଲି ଥାନାରେ ମାମଲା ନଂ. ୨୭୬/୨୨ ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ପାଣିକୋଇଲି ଥାନା ଅନ୍ତର୍ଗତ ବ୍ରଜନଗର ନିକଟରେ ଏକ ବେଆଇନ ଗୋରୁ ବୋଝେଇ ଟ୍ରକ ଓଲଟି ୧୫ଟି ଗୋରୁଙ୍କ ମୃତ୍ୟୁ ହୋଇଥିଲା।



ବରୁଣେଇ ଓ ଖୋର୍ଦ୍ଧାଗଡ଼ ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଶୋଭାଯାତ୍ରା ପଞ୍ଚପାଇକ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଛନ୍ତି।


ପାଇକମାନଙ୍କ ଦ୍ୱାରା ସମର କଳା ପ୍ରଦର୍ଶନ କରାଯାଉଛି।

# ବରୁଣେଇ, ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଦାବି

**ଖୋର୍ଦ୍ଧାରୁ ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପିବ ସ୍ୱର**
- ଗଡ଼ଠାରୁ ବାହାରିଲା ବିକାଶ ପରିଷଦର ଶୋଭାଯାତ୍ରା
- ପଞ୍ଚପାଇକଙ୍କ ପ୍ରତିମୂର୍ତ୍ତି ନିକଟରେ ଗର୍ଜିଲେ ପାଇକ

**ଖୋର୍ଦ୍ଧା ଅଫିସ,୨୦।୧୧**

ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦାବି ଥମି ନ ଥିବା ବେଳେ ଭାରତ ବର୍ଷର ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଏବଂ ବରୁଣେଇର ବିକାଶ ପାଇଁ ବରୁଣେଇ ଓ ଖୋର୍ଦ୍ଧାଗଡ଼ ବିକାଶ ପରିଷଦ ଦାବି କରିଛି। ପରିଷଦର ସଦସ୍ୟମାନେ ରବିବାର ଗଡ଼ଠାରୁ ଏକ ଶୋଭାଯାତ୍ରାରେ ବାହାରି ପଞ୍ଚପାଇକଙ୍କ ପ୍ରତିମୂର୍ତ୍ତି ତଳେ ପହଞ୍ଚି ପ୍ରତିବାଦ କରିଛନ୍ତି। ପାଇକ ବିଦ୍ରୋହର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ବରୁଣେଇ ପାଦଦେଶରେ ପୁଣି ପାଇକମାନେ ଗର୍ଜିଛନ୍ତି। ପାଇକ ଆଖଡ଼ା ଦଳ ପାଇକ ରଣ କୌଶଳ, ସମରକଳା ପରିବେଷଣ କରି ପାଇକ ବୀରଙ୍କ ବୀରତ୍ୱର ଗାଥାକୁ ଉଜ୍ଜୀବିତ କରିଥିଲେ। ସ୍ୱାଧୀନତା ଆନ୍ଦୋଳନର ବୀଜ ଏଠାରୁ ଅଙ୍କୁରିତ ହୋଇଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସାରା ଦେଶରେ ବ୍ୟାପିଥିଲା। ଖୋର୍ଦ୍ଧାଗଡ଼ରେ ବହୁ ଐତିହାସିକ କୀର୍ତ୍ତିରାଜି ବିଲୁପ୍ତ ଅବସ୍ଥାରେ ରହିଛି। ଏହାର ପୁନରୁଦ୍ଧାର କରାଗଲେ ଗୌରବ ବୃଦ୍ଧି ପାଇବ। ଏହା କେବଳ ଖୋର୍ଦ୍ଧାର ନୁହଁ ବରଂ ଓଡ଼ିଶାର ଅସ୍ମିତା। ବରୁଣେଇ ପାହାଡ଼ରେ ଖୋର୍ଦ୍ଧା ରାଜାଙ୍କ ଇଷ୍ଟଦେବୀ ମା' ବରୁଣେଇ ଓ କରୁଣେଇ ବିଜେ କରିଛନ୍ତି। ମା'ଙ୍କ ନିକଟରେ ପାଇକ ବୀରମାନେ ଅସ୍ତ୍ରଶସ୍ତ୍ର ପୂଜା, ଆରାଧନା ସହ ଇଂରେଜମାନଙ୍କ ବିରୋଧରେ ଲଢେଇ ପାଇଁ ରଣକୌଶଳ ପ୍ରସ୍ତୁତ କରୁଥିଲେ। ଏକ ପ୍ରାକୃତିକ ନୈସର୍ଗିକ ସବୁଜିମା ପରିବେଶ ମଧ୍ୟରେ ବରୁଣେଇ ପାହାଡ଼ର ଅବସ୍ଥିତି। ପାହାଡ଼ ଉପରେ ବୌଦ୍ଧ କୀର୍ତ୍ତିରାଜି ସହ ଐତିହ୍ୟ ସୀତାଗୁମ୍ଫା ବିଦ୍ୟମାନ ରହିଛି। କୁହାଯାଏ, ପାହାଡ଼ ଉପରୁ ଶ୍ରୀମନ୍ଦିର ନୀଳଚକ୍ର ଦୃଶ୍ୟମାନ ହୋଇଥାଏ। ବରୁଣେଇ ପୀଠର ପୁନରୁଦ୍ଧାର କରାଗଲେ ପର୍ଯ୍ୟଟନ ମାନଚିତ୍ରରେ ଏହାର ଗୌରବ ବୃଦ୍ଧି ପାଇବ। ଏଥିସହିତ ବରୁଣେଇ ପାଦ ଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ପରିଷଦ ଦାବି କରିଛି। ବରୁଣେଇ ଓ ଖୋର୍ଦ୍ଧାଗଡ଼ ବିକାଶ ପରିଷଦର ସଭାପତି ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ କହିଲେ ଯେ, ରାଜ୍ୟ ସରକାର ୫-ଟି ଯୋଜନାରେ ଓଡ଼ିଶାର ଅନେକ ପର୍ଯ୍ୟଟନସ୍ଥଳୀ, ମନ୍ଦିର ଆଦିର ବିକାଶ କରୁଥିବା ବେଳେ ଏହି ପୁଣ୍ୟ କ୍ଷେତ୍ର ପ୍ରତି ଅବହେଳା କରାଯାଉଛି। ଆଗାମୀ ଦିନରେ ଏହାର ଉନ୍ନତି କରା ନ ଗଲେ ଖୋର୍ଦ୍ଧାମାଟିରୁ ଆରମ୍ଭ ହୋଇଥିବା ଏହି ସ୍ୱର ଦିଲ୍ଲୀ ପର୍ଯ୍ୟନ୍ତ ଜାରି ରହିବ ବୋଲି କହି ସେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିକାଶ ମଞ୍ଚ ସଭାପତି ନରେନ୍ଦ୍ର ପୃଷ୍ଟି, ଖୋର୍ଦ୍ଧା ଜିଲା ଓକିଲ ସଂଘର ସଭାପତି ବିଜୟ ସାମନ୍ତସିଂହାର, ଉପସଭାପତି ପ୍ରଭାତ ବେହେରା, ବିକ୍ରମ ଚମ୍ପତି, ସାମାଜିକ କର୍ମୀ ବାଲାଜୀ ପାତ୍ର, ଶତ୍ରୁଘ୍ନ ପ୍ରଧାନ, ପ୍ରକାଶ ପରିଡ଼ା, ଗିରିଜା ଦାସ, ବିକାଶ ମଞ୍ଚର ସଂଯୋଜିକା ଶର୍ମିଷ୍ଠା ପଟ୍ଟନାୟକ, ଗାୟତ୍ରୀ ବୋଷ, ମାମିନା ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ଆଜି ଭଗବତୀ ପୀଠକୁ ଆସିବେ ୫-ଟି ସଚିବ

**ଗମ୍ଭାରୀମୁଣ୍ଡା/ବାଣପୁର,୨୦।୧୧(ଡି.ଏନ୍.ଏ.)**

୫-ଟି ସଚିବ ଭି. କେ. ପାଣ୍ଡିଆନ ସୋମବାର ବାଣପୁର ଆସୁଛନ୍ତି। ସେ ରବିବାର ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ ଖୋର୍ଦ୍ଧା ଜିଲା ବାଣପୁରସ୍ଥିତ ମା' ଭଗବତୀ ପୀଠ ପରିଦର୍ଶନ କରି ଏଥିପାଇଁ ମେଗା ଯୋଜନା ଘୋଷଣା କରିବେ। ତତ୍‌ସହିତ ବାଣପୁର ସହରର ଉନ୍ନତି ପାଇଁ ଏକ ମାଷ୍ଟର ପ୍ଲାନକୁ ମଧ୍ୟ ଅନୁମୋଦନ କରିବେ ୫-ଟି ସଚିବ ପାଣ୍ଡିଆନ। ତେବେ ଏଥି ନିମନ୍ତେ ଜିଲା ପ୍ରଶାସନର ସମସ୍ତ ପୂର୍ବପ୍ରସ୍ତୁତି ଶେଷ ହୋଇଛି। ଏ ନେଇ ରବିବାର ଅପରାହ୍ନରେ ଖୋର୍ଦ୍ଧା ଜିଲାପାଳ, ଅତିରିକ୍ତ ଜିଲାପାଳ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ବାଣପୁର ତହସିଲଦାର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ, ବାଲୁଗାଁ ଏସ୍‌ଡିପିଓ, ବାଣପୁର ଆଇଆଇସି,ଏନ୍‌ଏସି ଅଧ୍ୟକ୍ଷ ଆଦି ମା' ଭଗବତୀ ମନ୍ଦିରରେ ଏକ ବୈଠକ କରିଥିଲେ। ଏଥିସହ ମନ୍ଦିରର ଚତୁଃପାର୍ଶ୍ୱ ଅନୁଧ୍ୟାନ କରିବା ସହ ବାଣପୁରରେ ବସଷ୍ଟାଣ୍ଡ, ଓସାର ରାସ୍ତା, ଡ୍ରେନେଜ ଆଦି ପ୍ରକଳ୍ପ ନିର୍ମାଣ ପାଇଁ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ତେବେ ୫-ଟି ସଚିବ ମା' ଭଗବତୀ ମନ୍ଦିର ଦର୍ଶନ କରି ଏଥିନିମନ୍ତେ ମେଗା ପ୍ୟାକେଜ ଘୋଷଣା କରନ୍ତୁ ବୋଲି ବାଣପୁରବାସୀଙ୍କ ଦୀର୍ଘଦିନର ଦାବି ଥିବାବେଳେ ଏବେ ତାହା ପୂରଣ ହେବାକୁ ଯାଉଛି। ଏଥିରେ ବାଣପୁରବାସୀ ୫-ଟି ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

## ୨ ଜିଲାର ୧୧ ପଞ୍ଚାୟତକୁ ନେଇ ମିଳିତ ବୈଠକ


ଖୋର୍ଦ୍ଧା ଓ ପୁରୀ ଜିଲାର ୧୧ ପଞ୍ଚାୟତର ସମସ୍ୟାର ସମାଧାନ ଲାଗି ଖୁଣ୍ଟିଆବାଣପୁରର ବିଶ୍ୱନାଥ ମନ୍ଦିରରେ ଆଲୋଚନା ହେଉଛି।

**ନିରାକାରପୁର,୨୦।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଓ ପୁରୀ ଜିଲାର ୧୧ଟି ପଞ୍ଚାୟତର ନାନା ସମସ୍ୟା ମଧ୍ୟରେ ଥିବା ୪ଟି ମୁଖ୍ୟ ସମସ୍ୟାର ସମାଧାନ ନିମନ୍ତେ ନିରାକାରପୁର ନିକଟସ୍ଥ ବଡାଲ ପଞ୍ଚାୟତ ଖୁଣ୍ଟିଆବାଣପୁର ଗ୍ରାମରେ ଥିବା ବାବା ବିଶ୍ୱନାଥ ଦେବଙ୍କ ମନ୍ଦିର ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବଡ଼ାଲ ସରପଞ୍ଚ ଧନେଶ୍ୱର ଲେଙ୍କାଙ୍କ ପୌରୋହିତ୍ୟରେ ଉକ୍ତ ପଞ୍ଚାୟତଗୁଡ଼ିକର ମୁରବୀ, ନିର୍ବାଚିତ ଲୋକ ପ୍ରତିନିଧି ଏବଂ ବୈଜ୍ୟୋଷ୍ଠ ବ୍ୟକ୍ତି ବିଶେଷଙ୍କୁ ନେଇ ଏହି ବୈଠକ ହୋଇ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଆଲୋଚନା ହୋଇଥିଲା। ତେବେ ଦୀର୍ଘ ବର୍ଷ ହେଲା ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକର ଡିଆ, ଲେଣ୍ଡୋ, ନିରାକାରପୁର ଓ ପୁରୀ ଜିଲା କଣାସ ବ୍ଲକ୍‌ର ବଡାଲ, ଦୋଛିଆଁ, ଦେଇପୁର, ଗଡଖାରଦ, ସାହୁପଡା, ବକ୍ସୁ, ଦିବ୍ୟସିଂହପୁର, କାଦୁଆ ପଞ୍ଚାୟତର ଅନେକ ସମସ୍ୟା ଲାଗି ରହିଛି। ହେଲେ ମୁଖ୍ୟତଃ ମଲାଗୁଣୀ ଦକ୍ଷିଣ ପାର୍ଶ୍ୱ ବନ୍ଧର ପୂର୍ଣ୍ଣ ସୁରକ୍ଷା, ଅଡାଲଠାରୁ ଭାଟପଡା ପର୍ଯ୍ୟନ୍ତ ନଦୀ ବନ୍ଧର ସ୍ଥାୟୀ ପ୍ରତିକାର, ଅଞ୍ଚଳରେ ଚାଷୀଙ୍କ ଫସଲ ସୁରକ୍ଷା ନିମନ୍ତେ ଗୋରୁଙ୍କୁ ବାହରକୁ ଛାଡିବା ବନ୍ଦ କରିବା, କାଦୁଆ ପଞ୍ଚାୟତ ବିଟ୍ ଘର ଶଙ୍ଖରେ ସୁଇଜ୍ ଗେଟ୍ ନିର୍ମାଣ ନ ହେବାରୁ ୮୦ହଜାରରୁ ଊର୍ଦ୍ଧ୍ୱ ଲୋକ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହିସବୁର ସମାଧାନ ପାଇଁ ଅନେକଥର ଏହାର ଦାୟିତ୍ୱରେ ଥିବା ଉଚ୍ଚ ଅଧରକାରୀଙ୍କୁ ଅବଗତ କରାଗଲେ ମଧ୍ୟ ଏହାର କିଛି ସୁଫଳ ହେଉ ନ ଥିବାରୁ ରବିବାର ଏହି ବୈଠକ କରାଯାଇଥିଲା। ଯଦି ଉକ୍ତ ସମସ୍ୟାର ସମାଧନ ନ ହୁଏ, ତେବେ ୧୧ ପଞ୍ଚାୟତ ପ୍ରଭାବିତ ହେବେ। ଅନ୍ୟପଟେ ଗୋରୁ ଛାଡିବା ଯୋଗୁ ଜମିରେ ଧାନଫସଲ ନଷ୍ଟ ହେବା ସହ ଚାଷୀ କ୍ଷତି ସହୁଛି। ଏଥିପାଇଁ ଗାଁରେ ସମସ୍ତଙ୍କୁ ସଚେତନତା କରାଯିବ। ଏହାପରେ ବି କେହି ଗୋରୁଙ୍କୁ ନ ବାନ୍ଧି ଛାଡିବ ସେଥିପାଇଁ ଦୃଢ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରସ୍ତାବ ରହିଛି। ଏହି ବୈଠକରେ ଖୋର୍ଦ୍ଧା ୧୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ପୁରୀ ୩ ନମ୍ବର ଜୋନର ଜିଲା ପରିଷଦ, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ନାଥଶର୍ମା ସମେତ ପଞ୍ଚାୟତ ନିର୍ବାଚିତ ଲୋକ ପ୍ରତିନିଧି, ମୁରବୀମାନେ ଉପସ୍ଥିତ ରହିଥିବା ବେଳେ ଚତୁର୍ଭୁଜ ରଣସିଂହ, ନିର୍ମଳ ରଣସିଂହ, ନୃସିଂହ ମଙ୍ଗରାଜ, ଦଇତାରି ସାମନ୍ତରାୟ, ଅଶୋକ ସାମନ୍ତସିଂହାର, ସନ୍ତୁଜେନା ପ୍ରମୁଖ ସହଯୋଗ କରିଥିଲେ।

## ଆଜି କେସିସିବି ଉପାଧ୍ୟକ୍ଷା ପଦବୀ ଲାଗି ନାମାଙ୍କନ ଦାଖଲ

**ଖୋର୍ଦ୍ଧା ଅଫିସ,୨୦।୧୧**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ପରିଚାଳନା ପରିଷଦ ଉପାଧ୍ୟକ୍ଷ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ପଦବୀ ପାଇଁ ସୋମବାର ନାମାଙ୍କନ ଦାଖଲ ରହିଛି। ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ, ଅପରାହ୍ନ ୧ଟା ଠାରୁ ୨ଟା ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଶୁଣାଣି କରାଯିବ। ୨୩ ତାରିଖରେ ପୂର୍ବାହ୍ନ ୧୧ଟା ଠାରୁ ଅପରାହ୍ନ ୧ଟା ମଧ୍ୟରେ ନାମାଙ୍କନ ପ୍ରତ୍ୟାହାର ଏବଂ ୨୮ତାରିଖରେ ବୋର୍ଡ ନିର୍ଦ୍ଦେଶକଙ୍କୁ ନେଇ ମତଦାନ କରାଯିବ ବୋଲି ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ ସୂଚନା ଦେଇଛନ୍ତି। ୧୫ ବୋର୍ଡ ନିର୍ଦ୍ଦେଶକଙ୍କ ମଧ୍ୟରୁ ୧୨ଜଣ ଶାସକ ଦଳ ସମର୍ଥିତ ରହିଛନ୍ତି। ପୂର୍ବରୁ ପରିଚାଳନ ପରିଷଦ ସଭାପତି ଭାବେ ୧୪ନଂ. ବୋର୍ଡ ନିର୍ଦ୍ଦେଶକ ଅଭିଷେକ ସିଂ ସାମନ୍ତ ଶାସକ ଦଳ ସମର୍ଥନରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ପୂର୍ବରୁ ଅଧ୍ୟକ୍ଷ ପଦବୀକୁ ନେଇ ଦଳରେ ଛକାପଞ୍ଝା ଲାଗି ରହିଥିଲା। ଶେଷରେ ବିଧାୟକଙ୍କ ନିଷ୍ପତ୍ତି କ୍ରମେ ଜିଲା ପର୍ଯ୍ୟବେକ୍ଷିକା ତଥା ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଅଭିଷେକଙ୍କ ନାମ ଘୋଷଣା କରିଥିଲେ। ଏବେ ପଦ୍ମପୁର ନିର୍ବାଚନ ଲାଗି ଜିଲା ସଭାପତି ବିଭୂତି ବଳବନ୍ତରାୟ, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଅନୁପସ୍ଥିତ ରହିଛନ୍ତି। ତେବେ ଦଳ କାହାକୁ ଉପାଧ୍ୟକ୍ଷା ଭାବେ ନାମ ଘୋଷଣା କରିବ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

## ଜାଭିୟର ସ୍କୁଲରେ ବିଜ୍ଞାନ ମେଳା

**ଯାଁଳା,୨୦।୧୧(ଡି.ଏନ୍.ଏ.)**

ଭୁବନେଶ୍ୱର ବ୍ଲକ ମହୁରାସ୍ଥିତ ଜାଭିୟର ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜ୍ଞାନ ମେଳା ଓ ହସ୍ତ କର୍ମ ମେଳା ଅନୁଷ୍ଠିତ ହୋଇଯାଇଛି।ଏହି ମେଳାରେ ୧୧୩ଟି ବିଜ୍ଞାନ ପ୍ରକଳ୍ପ ଓ ୩୮ଟି ହସ୍ତ କଳା ପ୍ରଦର୍ଶନ ହୋଇଥିଲା। ଏହି ବିଜ୍ଞାନ ମେଳାରେ ମୋଟ ୧୫୧ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉକ୍ତ ମେଳାକୁ ନଁପୁଟ ସରପଞ୍ଚ ସୁଚିତ୍ରା ପାତ୍ର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିଦ୍ୟାଧର ସାହୁଙ୍କ ସଭାପତିତ୍ୱରେ ଉକ୍ତ ବିଜ୍ଞାନ ମେଳାର ପୁରସ୍କାର ବିତରଣ ଉତ୍ସବରେ ପୁରୀ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନ୍ନପୂର୍ଣ୍ଣା ଜେନା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ଚେୟାରମ୍ୟାନ ରମାବଲ୍ଲଭ ପରିଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ୧୦ଟି ଉଚ୍ଚ ମାନର ପ୍ରକଳ୍ପଧାରୀଙ୍କୁ ମୁଖ୍ୟ ଅତିଥି ପରିଡା ଟ୍ରଫି ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ତପସ୍ୱିନୀ ପଟ୍ଟନାୟକ ଓ ସୁଶ୍ରୀ ସଙ୍ଗୀତା ବାରିକଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।


ସ୍କୁଲ କର୍ତ୍ତୃପକ୍ଷ ଓ ଅତିଥିମାନେ ଜଣେ ଛାତ୍ରଙ୍କ ପ୍ରକଳ୍ପକୁ ଦେଖୁଛନ୍ତି।

## ଖଲି, ଦନା କାରଖାନାରେ ଅଗ୍ନିକାଣ୍ଡ

**ବେଗୁନିଆ,୨୦।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅନ୍ତର୍ଗତ ରାଉତପଡା ଗାଁର ଏକ ଖଲି, ଦନା ପ୍ରସ୍ତୁତ କାରଖାନାରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ କାରଖାନା ମାଲିକ ଆଝାର ମହମ୍ମଦଙ୍କ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜଳି ପୋଡି ନଷ୍ଟ ହୋଇଯାଇଥିଲା। ପ୍ରକାଶଥାଉକି, ଆଝାରଙ୍କ ପରିବାର ଲୋକେ ସାଳ ପତ୍ର ଓ ପଲିଥିନରେ ଦୈନିକ ଖଲି ଓ ଦନା ପ୍ରସ୍ତୁତ କରି ଜୀବିକା ନିର୍ବାହ କରୁଥିଲେ। ଦନା ପ୍ରସ୍ତୁତ କରାଯାଇ ପ୍ରାୟ ୧୦୦ ବସ୍ତା ଖଲି ଓ ଦନା କାରଖାନା ପରିସରରେ ରଖାଯାଇଥିଲା। ମାତ୍ର ରବିବାର ଅପରାହ୍ନରେ ଅକସ୍ମାତ ଅଗ୍ନିକାଣ୍ଡ ଘଟିଥିଲା। ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଚାଷୀଙ୍କ ଆର୍ଥିକ ବିକାଶ ସୁଦୃଢ଼ କରିଛି ସମବାୟ ବ୍ୟାଙ୍କ

**ଖୋର୍ଦ୍ଧା ଅଫିସ,୨୦।୧୧**



ଖୋର୍ଦ୍ଧାରେ ସମବାୟ ସପ୍ତାହ ପାଳନ ଉତ୍ସବ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**୬୯ତମ ସମବାୟ ସପ୍ତାହ ପାଳନ ଉତ୍ସବ**
- ବାଲୁଗାଁ, ବୋଲଗଡ଼, କୃଷ୍ଣପ୍ରସାଦ ଶ୍ରେଷ୍ଠ ଶାଖା
- ବଡ଼କୁମାରୀ, ଶିଶୁପାଳଗଡ଼, ମାଝିହର, ନନ୍ଦପୁର, ବଡକୁଳ ଶ୍ରେଷ୍ଠ ପ୍ୟାକ୍ସ
- ବୈକୁଣ୍ଠ, ଓମ୍‌ସାଇ ମହିଳା ଶ୍ରେଷ୍ଠ ଚାଷୀ ଏବଂ ଏସ୍‌ଏଚ୍‌ଜି
- ଟୁନି ପାତ୍ର ଶ୍ରେଷ୍ଠ ହିତାଧିକାରୀ କୃଷି ଋଣ ଦଳ
- ମିଳିତ ଗୋଷ୍ଠୀ ଭାବେ ମା' ପାର୍ବତୀ ଜେଏଲ୍‌ଜି ସମ୍ମାନିତ

ସ୍ଥାନୀୟ ଜୟୀ ରାଜଗୁରୁ ଭବନ (ଟାଉନ ହଲ) ପରିସରରେ ରବିବାର ଖୋର୍ଦ୍ଧା କେନ୍ଦ୍ର ସମବ୍ୟାଙ୍କ ଲିଃ ଆନୁକୂଲ୍ୟରେ ୬୯ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେସିସିବି ପରିଚାଳନା ପରିଷଦ ସଭାପତି ଅଭିଷେକ ସିଂ ସାମନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ଗୁମାନସିଂ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଏଆର୍‌ସିଏସ୍ ଅନନ୍ତ ଚରଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଚଳିତ ବର୍ଷର ବିଷୟ ବସ୍ତୁ ରହିଛି 'ସମବାୟ ବିକାଶ ଏବଂ ଆଗାମୀ ଭବିଷ୍ୟତ'।

ପରିଚାଳନା ପରିଷଦ ସମ୍ପାଦକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅନନ୍ତ କୁମାର ସାମଲ ସ୍ୱାଗତ ଭାଷଣରେ ସମବାୟର ଇତିହାସ ଓ ଭିତ୍ତିଭୂମି ସମ୍ପର୍କରେ ଆଲୋକପାତ କରି କହିଲେ ଯେ, ଗ୍ରାମୀଣ ଅଞ୍ଚଳରେ ଚାଷୀଙ୍କ ଆର୍ଥିକ ମାନଦଣ୍ଡର ଉନ୍ନତି ତଥା ରାଜ୍ୟର ଅର୍ଥନୀତିର ମୁଖ୍ୟସ୍ରୋତରେ ସମବାୟ ଏକ ମାଇଲଖୁଣ୍ଟ ଭାବେ କାର୍ଯ୍ୟ କରୁଛି। ସାମାଜିକ ଅର୍ଥନୀତି ଅଭିବୃଦ୍ଧି ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ସମବାୟ ସଂସ୍ଥା ଆଜି ସ୍ୱାଧୀନତାର ୭୫ ବର୍ଷରେ ଏକ ବଡ଼ କଳ୍ପବୃକ୍ଷରେ ପରିଣତ ହୋଇଛି। କୃଷି ପରିବାର ସଦସ୍ୟଙ୍କୁ ପ୍ରାଥମିକ କୃଷିଋଣ ସମବାୟ ସମିତିଗୁଡ଼ିକରେ ସଭ୍ୟଭୁକ୍ତ କରାଯାଇ ସେମାନଙ୍କୁ ସମବାୟ ମାଧ୍ୟମରେ କୃଷି ଓ ଚାଷ ନିମନ୍ତେ ବିଭିନ୍ନ ସେବା ଯୋଗାଇ ଦିଆଯାଉଛି। ବିଭିନ୍ନ କ୍ଷେତ୍ରରେ ସମବାୟର ସାମାଜିକ ଓ ଅର୍ଥନୈତିକ ଅବଦାନ ଦେଶର ଅଭିବୃଦ୍ଧିରେ ସହାୟକ ହୋଇଛି। ଗ୍ରାମୀଣ ସ୍ତରରେ ସାଧାରଣ ଲୋକଙ୍କ ଆର୍ଥିକ ବିକାଶ କ୍ଷେତ୍ରରେ ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ)ଗୁଡ଼ିକର ପ୍ରମୁଖ ଭୂମିକା ରହିଛି। ପ୍ୟାକ୍ସରେ ଅଧିକରୁ ଅଧିକ ଲୋକଙ୍କୁ ଯୋଡ଼ି ସେମାନଙ୍କ ଅର୍ଥନୈତିକ ବିକାଶରେ ମାଧ୍ୟମ ହୋଇପାରିଲେ, ଲୋକଙ୍କ ହୃଦୟ ଜିଣିପାରିବ। ସମବାୟର ମୂଳ ଲକ୍ଷ୍ୟ ହେଉଛି ଲୋକଙ୍କ ସାମାଜିକ, ଅର୍ଥନୈତିକ ବିକାଶ। ଏଣୁ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରିପାରିଲେ, ଦେଶର ସମୃଦ୍ଧିରେ ସହାୟକ ହୋଇପାରିବ ବୋଲି ସାମଲ କହିଥିଲେ। ୧୯୧୦ରେ ବାଙ୍କିରେ ପ୍ରଥମେ ସମବାୟ ବ୍ୟାଙ୍କ ଆରମ୍ଭ ହୋଇଥିଲା। ୧୯୧୨ରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସୃଷ୍ଟି। ଏଥିରେ ପୁରୀ ଓ ନୟାଗଡ଼ ଜିଲାର କିଛି ଅଂଶ ଏବଂ ଖୋର୍ଦ୍ଧା ଜିଲା ଅର୍ନ୍ତଭୁକ୍ତ। ୧୩ଟି କୃଷି ବ୍ୟାଙ୍କ, ୩ଟି ଅତିରିକ୍ତ କେନ୍ଦ୍ର ଏବଂ ୪ଟି ଅଣକୃଷି ବ୍ୟାଙ୍କ ଶାଖା, ୧୫୭ ସୋସାଇଟିକୁ ନେଇ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ପରିସୀମା ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ସର୍ବୋତ୍ତମ ବ୍ୟାଙ୍କ ଭାବେ ବାଲୁଗାଁ, ବୋଲଗଡ଼ ଏବଂ କୃଷ୍ଣପ୍ରସାଦ ଶାଖା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛି। ଉତ୍ତମ ସେବା ପ୍ରଦାନ ଲାଗି ବଡ଼କୁମାରୀ ଏସ୍‌ସିଏସ୍, ଶିଶୁପାଳଗଡ଼ ଏସ୍‌ସିଏସ୍ ଓ ମାଝିହର ଏସ୍‌ସିଏସ୍ ଦ୍ୱିତୀୟ ଏବଂ ନନ୍ଦପୁର ଓ ବଡ଼କୁଳ ତୃତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ସଫଳ କୃଷକ ଭାବେ ସଦର ଶାଖା କାନପୁର ଏସ୍‌ସିଏସ୍‌ର ବୈକୁଣ୍ଠନାଥ ପାତାଲାସିଂ ସମ୍ମାନିତ ହୋଇଛନ୍ତି। ସର୍ବୋତ୍ତମ ହିତାଧିକାରୀ କୃଷିଦଳ ଋଣ ଭାବେ ରଣପୁର ଶାଖାର ମୟୂରଝଲିଆ ଏସ୍‌ସିଏସ୍‌ର ଟୁନି ପାତ୍ର, ସର୍ବୋତ୍ତମ ମିଳିତ ଦାୟିତ୍ୱ ଗୋଷ୍ଠୀ ଭାବେ ଜଟଣୀ ଶାଖା ଗୋବିନ୍ଦପୁର ଏସ୍‌ସିଏସ୍‌ର ମା' ପାର୍ବତୀ ଜେଏଲ୍‌ଜି ଏବଂ ଶ୍ରେଷ୍ଠ ସ୍ୱୟଂ ସହାୟିକା ଗୋଷ୍ଠୀ ଭାବେ ବେଗୁନିଆ ଏସ୍‌ସିଏସ୍‌ର ଓମ୍‌ସାଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଛି। କେସିସିବିର ଡିଜିଏମ୍ ସାରଦା ପ୍ରସାଦ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କେସିସିବି ଅଧିକାରୀ, କର୍ମଚାରୀ ଏବଂ ଶାଖା ମ୍ୟାନେଜରମାନେ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବନିର୍ବାଚିତ ପରିଚାଳନା ପରିଷଦର ସମସ୍ତ ବୋର୍ଡ ନିର୍ଦ୍ଦେଶକ ଏବଂ ୧୫୭ ସୋସାଇଟିର ସଭାପତି, ସମ୍ପାଦକ ଏବଂ ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳାମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନିଷିଦ୍ଧାଞ୍ଚଳରେ ଫିଶିଂ ବେଳେ ଟ୍ରଲର ଜବତ




ଅସ୍ତରଙ୍ଗ,୨୦।୧୧(ଡି.ଏନ୍.ଏ.)- ଦେବୀ ନଦୀର ନିଷିଦ୍ଧାଞ୍ଚଳରେ ମାଛ ଧରୁଥିବାବେଳେ ବନ ବିଭାଗ ରବିବାର ଏକ ଟ୍ରଲରକୁ ଜବତ କରିଛି। ସୂଚନା ମୁତାବକ, ଏବେ ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରଜନନ ଋତୁ ଚାଲିଛି। ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ନଭେମ୍ବର ୧ରୁ ମେ ୩୧ ତାରିଖ ପର୍ଯ୍ୟନ୍ତ ଗଭୀର ସମୁଦ୍ରର ୨୦ କି.ମି. ମଧକୁ କେହି ମାଛ ଧରିବାକୁ ଯାଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କଡା ନିର୍ଦ୍ଦେଶ ଦେଇଛନ୍ତି। ଖବର ନେବାରେ ଜଣାପଡିଛି, ଟ୍ରଲର (IND. AP V ୫MM.୩୧୪)ଟି ଆନ୍ଧ୍ରରୁ ପଶ୍ଚିମବଙ୍ଗ ଯାଉଥିବାବେଳେ ଅସ୍ତରଙ୍ଗର ଦେବୀନଦୀର ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାବେଳେ ବନ ବିଭାଗ ହାବୁଡ଼ରେ ପଡିଥିଲା। ପୁରୀ ଏସିଏଫ୍ ଉତ୍ତମ ଗଡ଼ନାୟକଙ୍କ ନେତୃତ୍ୱରେ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଓ ଏପିଆର୍ ଟିମ୍ ଟ୍ରଲରକୁ ଜବତ କରି ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିଛି।

### ଚୋରି କରି ଜଣେ ଗିରଫ

ପୁରୀ ଅଫିସ,୨୦।୧୧- ଭକ୍ତଙ୍କଠାରୁ ମନିପର୍ସ ଚୋରି କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବଡ଼ଶଙ୍ଖ ଅଣ୍ଡାଗଳିର ଅକ୍ଷୟ ପରିଡ଼ା। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଚୋରି ପର୍ସ ଜବତ କରିଛି ଏ ନେଇ ପୋଲିସ କେସ ନମ୍ବର ୧୩୮/୨୨ରେ ଏକ ମାମଲା ରୁଜୁ କରିଛି । ପୋଲିସ ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ତାଳଚେର ରେଳବାଇ କଲୋନୀରେ ରହୁଥିବା ରବିନ୍ଦ୍ର ବେହେରା ଥାନାକୁ ଆସି ଅଭିଯୋଗ କରିଥିଲେ। ସେ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଉଥିବା ସମୟରେ ଶ୍ରୀମନ୍ଦିର ସାତ ପାହଚ ନିକଟରେ ଜଣେ ବ୍ୟକ୍ତି ତାକୁ ଧକ୍କା ଦେଇ ତାଙ୍କ ପ୍ୟାଣ୍ଟ ପକେଟରୁ ପର୍ସ ଚୋରି କରି ନେଇଥିଲେ। ଏ ନେଇ ସିଂହଦ୍ୱାର ଥାନା ଦ୍ୱାରସ୍ଥ ହେବା ପରେ ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଯୋଗ ଦେଲେ ନୂତନ ସିଡିପିଓ
### ତଥାପି ସୁଧୁରୁନି ସମସ୍ୟା

ଗୋପ,୨୦।୧୧(ଡି.ଏନ୍.ଏ.): ଗୋପ ଶିଶୁ ବିକାଶ କାର୍ଯ୍ୟାଳୟରେ ନୂତନ ସିଡିପିଓ ଭାବରେ ତନୁପ୍ରଭା ବେଉରା ଶୁକ୍ରବାର ଯୋଗ ଦେଇଛନ୍ତି। ଏ ପର୍ଯ୍ୟନ୍ତ ଗୋପ ବ୍ଲକର ୨୮୭ ଅଙ୍ଗନୱାଡ଼ି କେନ୍ଦ୍ରକୁ ଚାଉଳ ଯାଇପାରି ନାହିଁ ଫଳରେ ପୂର୍ବ ଭଳି ଶିଶୁମାନେ ଭୋକ ଉପାସରେ କେନ୍ଦ୍ରରୁ ଫେରୁଥିବାବେଳେ କେତେକ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ସୂଚନା ମୁତାବକ, ସିଡିପିଓ ମମତା ମିଶ୍ରଙ୍କ ୭/୮ ମାସ ତଳେ ଦେହାନ୍ତ ହେବାରୁ ଏହି ପଦବୀ ଖାଲି ପଡିଥିଲା। ସେହି ସମୟରେ ତୁରନ୍ତ ସମ୍ପୃକ୍ତା ଅଧିକାରିଣୀଙ୍କୁ ପୋଷ୍ଟିଂ ଦିଆଯାଇଥିଲା। କିନ୍ତୁ ସେ ସମୟରେ ସିଡିପିଓ ଯୋଗଦେଇ ନ ଥିଲେ। ଗତ ଶୁକ୍ରବାର ସେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତନୁପ୍ରଭାଙ୍କ ଅନୁପସ୍ଥିତିରେ କାର୍ଯ୍ୟରତ ୧୨ ଜଣ ସୁପରଭାଇଜର କୌଣସି କେନ୍ଦ୍ରକୁ ନ ଯିବାରୁ ଗତ ୧୧ ତାରିଖରେ ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ, କାର୍ଯ୍ୟରତ ସୁପରଭାଇଜରଙ୍କୁ ତୁରନ୍ତ ବଦଳି କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି ଅଭିଯୋଗ ସମ୍ପର୍କରେ ନୂତନ ସିଡିପିଓ ବେଉରାଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର ଚାଉଳ କେନ୍ଦ୍ରକୁ ପଠାଯିବ, କେଉଁ କେନ୍ଦ୍ରରେ କେଉଁ ଅସୁବିଧା ରହିଛି ସେ ସମ୍ପର୍କରେ ଦେଖି ସମସ୍ତ କେନ୍ଦ୍ରକୁ ସଠିକ୍ ସମୟରେ ମନିଟରିଂ କରାଯିବ। କିପରି ଶିଶୁଙ୍କୁ ରୋଷେଇ ଦିଆଯିବ ସେ ସମ୍ପର୍କରେ ଦାୟିତ୍ୱ ଦେବେ ବୋଲି କହିଛନ୍ତି।

# ବିଷ ପିଆଇ ବଧୂ ହତ୍ୟା ଅଭିଯୋଗ

ପିପିଲି,୨୦।୧୧(ସ୍ୱ.ପ୍ର)

ପିପିଲି ଥାନା ଅନ୍ତର୍ଗତ ମଙ୍ଗଳପୁର ନିକଟ ବରଜୁପାଟଣା ଗ୍ରାମର ଜୟକୃଷ୍ଣ ପ୍ରଧାନ (୪୦)ଙ୍କ ସ୍ତ୍ରୀ ମୀନାକ୍ଷୀଙ୍କ ମୃତ୍ୟୁ ନେଇ ମହିଳାଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଝିଅକୁ ମାଡ଼ ମାରି ବିଷ ପିଆଇ ମାରିଥିବା ମହିଳାଙ୍କ ମା' ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପୋଲିସ ମୃତାଙ୍କ ସ୍ୱାମୀ ଏବଂ ସାବତ ଶାଶୁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପରେ ଶାଶୁଙ୍କୁ ଛାଡି ଦେଇଥିବା ଅଭିଯୋଗ ହୋଇଛି। ତେବେ ରବିବାର ପରିବାର ଲୋକ ଝିଅର ମୃତଦେହକୁ ପିପିଲି ଥାନା ଆଗରେ ରଖି


ମୀନାକ୍ଷୀ

ନ୍ୟାୟ ଦାବି ପାଇଁ ଅଡି ବସିଛନ୍ତି। ସୂଚନା ଅନୁଯାୟୀ, ଦୁହେଁ ୧୫ ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କର ୨ଟି ପୁତ୍ର ସନ୍ତାନ ପରେ ବାରମ୍ବାର ଦୁହିଁଙ୍କ ମଧ୍ୟରେ କଳହ ଲାଗୁଥିବା ଝିଅର ମା' ଅଭିଯୋଗ କରିଛନ୍ତି। ତେବେ ଶନିବାର ସକାଳ ୭ଟାରେ ଝିଅ ବିଷ

**ଥାନା ଆଗରେ ମୃତଦେହ ରଖି ନ୍ୟାୟ ମାଗିଲେ ବାପଘର ଲୋକେ**

ପିଇ ମେଡିକାଲରେ ଚିକିତ୍ସା ହେଉଥିବା ଶାଶୁଘର ଲୋକେ ଫୋନ ଯୋଗେ ଝିଅର ବାପଘରକୁ ଜଣାଇଥିଲେ। ଡାକ୍ତରଖାନାରେ ବାପଘର ଲୋକେ ପହଞ୍ଚି ଝିଅ ସହ କଥା ହୋଇ ଘଟଣା ପଚାରି ବୁଝିଥିଲେ। ଶୁକ୍ରବାର ତାଙ୍କୁ ଶାଶୁଘର ଲୋକେ ମାର୍‌ପିଟ କରିଥିବା ନେଇ ସେ ମା'ଙ୍କୁ କହିଥିଲେ। ତେବେ ଶନିବାର ଅପରାହ୍ନ ୪ଟା ସମୟରେ ମୀନାକ୍ଷୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଶାଶୁଘର ଲୋକେ ମାଡ ମାରି ବିଷ ପିଆଇ ମାରିଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଶାଶୁଘର ଲୋକେ ମେଡିକାଲରେ ତାଙ୍କ ବୋହୂଙ୍କ ମୃତଦେହକୁ ଛାଡି ପଳାଇଥିବା ଅଭିଯୋଗ ଆଣିଛନ୍ତି। ତେବେ ଶାଶୁଙ୍କୁ ପୋଲିସ ଧରି ଛାଡି ଦେଇଥିବାରୁ ରବିବାର ସନ୍ଧ୍ୟାରେ ବାପଘର ଲୋକେ ତାଙ୍କ ମୃତଦେହକୁ ରଖି ନ୍ୟାୟ ଦାବି କରିଛନ୍ତି। ଏନେଇ ପିପିଲି ଅଧିକାରୀ ଅଭିମନ୍ୟୁ ନାୟକଙ୍କୁ ପଚାରିବାରେ, ପୋଲିସ ବିରୋଧରେ ହୋଇଥିବା ଅଭିଯୋଗକୁ ଖଣ୍ଡନ କରିଥିଲେ। ବିଷ ପିଇବାରୁ ତାଙ୍କର ମୃତ୍ୟୁ ହୋଇଛି। ହେଲେ ଏନେଇ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି। ମୃତଦେହ ସତ୍କାର ପାଇଁ ଶାଶୁଘର ଲୋକେ ନେଇଯାଇଥିବା ଥାନା ଅଧିକରୀ କହିଛନ୍ତି।

# ଶିଶୁ ଅଧିକାର, ପ୍ରତିଭା ବିକାଶ ଉପରେ ଗୁରୁତ୍ୱ


ସୁଖଲତା ବାଳିକା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିଶୁ ପ୍ରତିଭାମାନେ।

ପୁରୀ ଅଫିସ, ୨୦।୧୧

ସୁଖଲତା ବାଳିକା ବିଦ୍ୟାଳୟ ପରିସରରେ ରବିବାର 'ଶିଶୁ ସମାଚାର' ପକ୍ଷରୁ ବିଶ୍ୱ ଶିଶୁ ଅଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ଶରତ କୁମାର ରାୟଗୁରୁ ସଭାପତିତ୍ୱ କରିଥିଲେ। ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ ଶିଶୁଙ୍କ ଅଧିକାର ଓ ଅନ୍ତର୍ନିହିତ ପ୍ରତିଭା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଶିଶୁ ଅଧିକାରର ସମସ୍ତ ଦିଗ ଓ ଆଇନ ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର କର ଏବଂ ଶିଶୁ ପ୍ରତିଭା ଆସ୍ଥା ରଥ ଯୋଗଦେଇ ଅଧିକାର ସହ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଜାଭିୟର ସ୍କୁଲର ଆସ୍ଥା ରଥ ପ୍ରଥମ, ଆଦର୍ଶ ବିଦ୍ୟାଳୟ ସତ୍ୟବାଦୀର ସିମରଣ ମହାପାତ୍ର ଦ୍ୱିତୀୟ, କାଳିକା ବିଦ୍ୟାପୀଠର ଶୁଭଶ୍ରୀ ମଲିକ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ସ୍ମାରକୀ ପ୍ରଦାନ କରି ସମ୍ମାନିତ କରିଥିଲେ। ସେହିପରି ରାଜ୍ୟସ୍ତରୀୟ ଶିଶୁ ସୁରଭିରେ ଭାଗ ନେଇ ଛାୟା ବିଧାନସଭାରେ ବିରୋଧୀ ଦଳ ନେତା ଭାବେ ଅଭିନୟ କରିଥିବା ରୋଜାଲିନ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟା ରଶ୍ମିରେଖା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ହାପିନେସ ଫାଉଣ୍ଡେଶନ ସଦସ୍ୟାସଦସ୍ୟଙ୍କ ସମେତ ସ୍ୱାଧୀନ ପଣ୍ଡା, ଉମେଶ ଦାସ, ଦୀପ୍ତି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶିବିରରେ ଚିକିତ୍ସିତ ହେଲେ ୧୮୫ ରୋଗୀ

ଡେଲାଙ୍ଗ,୨୦।୧୧(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ଘୋରଡିଆଠାରେ ମହରୁନ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ଓ ଭୁବନେଶ୍ୱର ହାଇଟେକ୍ ମେଡିକାଲ ପକ୍ଷରୁ ରବିବାର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮୫ ଜଣଙ୍କ ନାମ ପଞ୍ଜୀକରଣ କରାଯାଇ ଚକ୍ଷୁ ପରୀକ୍ଷା କରାଯିବା ସହ ଆବଶ୍ୟକ ଔଷଧ ବିତରଣ କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ଉଜିର ମହମଦ, ଉପଦେଷ୍ଟା କମୁର ମହମଦ୍, ଅବଦୁଲା ହାମାମ୍ ଖାଁ ପ୍ରମୁଖ କର୍ମକର୍ତ୍ତାମାନେ ଜାତୀୟ ସଂହତି ଓ ସାମ୍ପ୍ରଦାୟିକ ସଦ୍ଭାବ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ହାଇଟେକ୍ ମେଡିକାଲ ଅଧ୍ୟକ୍ଷ ମନୋଜ ଦାଶ, ମୁଖ୍ୟ ପ୍ରଶାସିକା ମଲ୍‌କିନ ବେହେରାଙ୍କ ତତ୍ତ୍ୱାବଧାନରେ ଚକ୍ଷୁରୋଗ ବିଶେଷଜ୍ଞ ଡା. ସ୍ମୃତି ପ୍ରିୟଦର୍ଶିନୀ କର, ଅସ୍ଥିଶଲ୍ୟ ଡା. ଅଭିଷେକ ଦ୍ୱିବେଦୀ, ଭିଷେଜ ଡା. ରାମକୃଷ୍ଣ ମିଶ୍ର, ଶିଶୁରୋଗ ଡା. ସୁଲେତା ନାୟକ, ସ୍ତ୍ରୀରୋଗ ଡା. ସ୍ୱପ୍ନା ନାୟକ ପ୍ରମୁଖ ବିଶେଷଜ୍ଞ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ଗୁରୁପୂଜନ

ସାକ୍ଷୀଗୋପାଳ,୨୦।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ୧୯୯୩ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ରବିବାର ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଯୋଗେଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତତ୍କାଳୀନ ପ୍ରଧାନଶିକ୍ଷକ ନବକିଶୋର ନନ୍ଦ, ସମ୍ମାନିତ ଅତିଥି ଭାବେ ତତ୍କାଳୀନ ଶିକ୍ଷକ ବିଜୟ ଚନ୍ଦ୍ର ମିଶ୍ର, ଶରତ ସାମନ୍ତରାୟ, ବାଉରୀବନ୍ଧୁ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ରଞ୍ଜିତା ପାଢ଼ୀ, ପିଇଟି ବିଜୟ ମହାପାତ୍ର, ଲକ୍ଷ୍ମୀଧର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଦୀର୍ଘ ୨୯ ବର୍ଷ ପରେ ଛାତ୍ରୀଛାତ୍ର ଏକାଠି ହୋଇ ପରସ୍ପର ମଧ୍ୟରେ ଭାବ ଆଦାନପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ରାଜେଶ ମିଶ୍ର ସଭା ପରିଚାଳନା କରିଥିଲେ। ଦିଲୀପ ମିଶ୍ର, କାହ୍ନୁଚରଣ ଜେନା, ଶିବ ମିଶ୍ର, ବିଭୁଦତ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୨୬ରେ ଅନ୍ତର୍ଜାତୀୟ ଡ୍ୟାନ୍ସ ପ୍ରତିଯୋଗିତା

ପୁରୀ ଅଫିସ,୨୦।୧୧

- ହିପ୍‌ହପ ବ୍ୟାଟେଲ୍ ଫେଷ୍ଟିଭାଲ
- ବାହାର ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ

ନୀଳାଦ୍ରି ବେଳାଭୂମି ପାର୍କରେ ଅନୁଷ୍ଠିତ ହେବାକୁ ଯାଉଛି ଡ୍ୟାନ୍ସ ହିପ୍‌ହପ ବ୍ୟାଟେଲ୍ ଫେଷ୍ଟିଭାଲ। ଚଳିତମାସ ୨୬ ଏବଂ ୨୭ ତାରିଖରେ ଏହି କାର୍ଯ୍ୟକ୍ରମକୁ ଗ୍ରୋଭାର୍ଡ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଆୟୋଜନ କରାଯାଉଛି। ଏ ନେଇ ଶନିବାର ବସ୍‌ଷ୍ଟାଣ୍ଡ ଆଉଟ ଗେଟ୍‌ସ୍ଥିତ ଗ୍ରୋଭାର୍ଡ ଡ୍ୟାନ୍ସ ଷ୍ଟୁଡିଓ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ସମ୍ମିଳନୀରେ ଗ୍ରୁପର ସଦସ୍ୟ ଆଦର୍ଶ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ କହିଛନ୍ତି ଯେ, ଏହି ପ୍ରତିଯୋଗିତା ଭାରତରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି। ଏହା ଏକ ଆନ୍ତର୍ଜାତିକ ସ୍ତରର ପ୍ରତିଯୋଗିତା। ଉକ୍ତ ବ୍ୟାଟେଲ ଡ୍ୟାନ୍ସ ପ୍ରତିଯୋଗିତାରେ ଭାରତର ବିଭିନ୍ନ ରାଜ୍ୟର ପ୍ରତିଯୋଗୀମାନେ ଯୋଗଦେବେ। କେବଳ ଭାରତ ନୁହେଁ ମାଲେସିଆ, ନେପାଳ, କାଜିକିସ୍ତାନ, ହଂକଂ ସହ ଅନ୍ୟାନ୍ୟ ଦେଶରୁ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଉକ୍ତ ପ୍ରତିଯୋଗିତାରେ ପ୍ରାୟ ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତାର ବିଚାରକ ଭାବେ ନେଦରଲ୍ୟାଣ୍ଡରୁ ଜଜ୍ ରହିବେ। ଏପରି କାର୍ଯ୍ୟକ୍ରମ ପୁରୀ ତଥା ଦେଶରେ ପ୍ରଥମଥର ହେବାକୁ ଯାଉଥିବା ବେଳେ ଆୟୋଜକମାନେ ବେଶ୍ ଉତ୍ସାହିତ ଅଛନ୍ତି। ଏହି ଡ୍ୟାନ୍ସ ପ୍ରତିଯୋଗିତାରେ ବିଜେତାଙ୍କୁ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ତେବେ ପ୍ରତିଯୋଗିତା ୯ଟି ବିଭାଗରେ ଅନୁଷ୍ଠିତ ହେବ। ଯୁବପିଢ଼ିଙ୍କ ମଧ୍ୟରେ ଡ୍ୟାନ୍ସ ପ୍ରତି ଆଗ୍ରହ ସୃଷ୍ଟି କରିବା ନେଇ ଏହା ଏକ ଛୋଟ ପ୍ରୟାସ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ୩୭ ହଜାର ଟଙ୍କା ମୂଲ୍ୟର ୩୭ ଷ୍ଟ୍ରିଟ୍ ଲାଇଟ୍ ଚୋରି

ନିମାପଡ଼ା,୨୦।୧୧(ଡି.ଏନ୍.ଏ.)

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ନିମାପଡ଼ା–ବଳଙ୍ଗା ମୁଖ୍ୟରାସ୍ତା, ଜୟଶ୍ରୀ ଛକରୁ ଗାୟତ୍ରୀ ନଗର, ନୁଆରକିରିଠାରୁ ଆକଣ୍ଡା ଗ୍ରାମ ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ଷ୍ଟ୍ରିଟ୍ ଲାଇଟ୍ ଚୋରି ହେଉଥିବା ନେଇ ନିମାପଡ଼ା ଥାନାରେ ରବିବାର ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା (ନଂ. ୩୭୭/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗତ କିଛି ଦିନ ମଧ୍ୟରେ ଉପରୋକ୍ତ ସ୍ଥାନରେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ୩୭ଟି ଷ୍ଟ୍ରିଟ୍ ଲାଇଟ୍ ଚୋରି ହୋଇଛି। ଚୋରି ହୋଇଥିବା ଲାଇଟ୍‌ଗୁଡିକର ମୂଲ୍ୟ ୩୭ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଷ୍ଟ୍ରିଟ ଲାଇଟ୍ ଦାୟିତ୍ୱରେ ଥିବା ଲାଇନମ୍ୟାନ ହରି ଦାସ ଥାନାରେ ଅଭିଯୋଗ କରିବା ସହ ଏନ୍‌ଏସି କାର୍ଯ୍ୟନିର୍ବାହୀ ସରୋଜ ଆଚାର୍ଯ୍ୟଙ୍କୁ ଅବଗତ କରିଛନ୍ତି। ଏନ୍‌ଏସିର ବିଭିନ୍ନ ୱାର୍ଡରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡିକରୁ ବିଭିନ୍ନ ସମୟରେ ବହୁ ପରିମାଣର ଷ୍ଟ୍ରିଟ୍ ଲାଇଟ୍ ଚୋରି ହେବାରୁ ୱାର୍ଡର ମୁଖ୍ୟ ରାସ୍ତା ଅନ୍ଧକାର ହୋଇଯାଉଛି। ଫଳରେ ଏହାର ସୁଯୋଗ ନେଇ ବହୁ ଚୋରି ବୃଦ୍ଧି ପାଉଥିବାବେଳେ ପୌରବାସୀଙ୍କ ଯାତାୟାତରେ ଘୋର ଅସୁବିଧା ହେଉଛି। ସମ୍ପୃକ୍ତ ଚୋରଙ୍କୁ ଧରିବା ଦିଗରେ ପୋଲିସ ପଦକ୍ଷେପ ନେବାକୁ ପୌରବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

# ଡିସେମ୍ବର ୨୫ରୁ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ

କାକଟପୁର,୨୦।୧୧(ଡି.ଏନ୍.ଏ.)

ଡିସେମ୍ବର ୨୫ରୁ କାକଟପୁର ମିନି ଷ୍ଟାଡିୟମ ଗ୍ରାଉଣ୍ଡରେ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। କାକଟପୁର ମୁଖ୍ୟ ବଜାରସ୍ଥ ଖୁଣ୍ଟିଆ କନଭେନସନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ଏହି ସୂଚନା ଦିଆଯାଇଛି। କ୍ଲବର ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତଙ୍କ ସଭାପତିତ୍ୱରେ ୭ ଦିନ ଧରି ଆରମ୍ଭ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିବେ। ଅଂଶଗ୍ରହଣକାରୀ କ୍ଲବ ଧଳା ଡ୍ରେସ ପରିଧାନ କରିବା ସହିତ ଏସ୍.ଜି. କ୍ଲବ ବଲରେ ଟୁର୍ନାମେଣ୍ଟ ଖେଳିବେ। ପ୍ରତ୍ୟେକ ମ୍ୟାଚ ୩୦ ଓଭର ବିଶିଷ୍ଟ ହେବା ସହିତ ପ୍ରତ୍ୟେକ ଦିନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯିବ। ପ୍ରତ୍ୟେକ ମ୍ୟାଚରେ ଉଭୟ ଦଳକୁ ପରିବହନ ଖର୍ଚ୍ଚ ସହିତ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କ୍ଲବ ପକ୍ଷରୁ କରାଯିବ। ଚଳିତ ଟୁର୍ନାମେଣ୍ଟର ଚାମ୍ପିୟନ ଟିମକୁ ଟ୍ରଫି ସହ ୩୦ହଜାର ଏବଂ ରନର୍ସ ଟିମକୁ ଟ୍ରଫି ସହ ୨୦ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କ୍ଲବ ପକ୍ଷରୁ ପ୍ରକାଶ କରାଯାଇଛି। ୩୩ତମ ରାଜ୍ୟସ୍ତରୀୟ ଏହି ମେଗା ଟୁର୍ନାମେଣ୍ଟକୁ ଆହୁରି ଆକର୍ଷଣୀୟ କରାଯିବ ବୋଲି ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ଦୀକ୍ଷିତ ପ୍ରକାଶ କରିଥିଲେ। ସମ୍ମିଳନୀରେ ଉପସଭାପତି ପ୍ରଦୀପ ପଣ୍ଡା, ଉପଦେଷ୍ଟା ଇଞ୍ଜିନିୟର ସୂର୍ଯ୍ୟକାନ୍ତ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ମ୍ୟାନେଜର ଭାଗବତ ସ୍ୱାଇଁ ସମେତ କ୍ଲବର ସମସ୍ତ ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ। ଏହି ଟୁର୍ନାମେଣ୍ଟରେ ଭାଗ ନେବାକୁ ଆଗ୍ରହୀ କ୍ଲବମାନେ ସଭାପତି ଓ ସମ୍ପାଦକଙ୍କୁ ନଂ.୭୩୭୭୫୪୭୬୦୨ ଓ ୯୪୩୮୭୩୨୫୦୯ରେ ଯୋଗାଯୋଗ କରି ଟୁର୍ନାମେଣ୍ଟ ବିଷୟରେ ବୁଝିପାରିବେ ବୋଲି କ୍ଲବ ତରଫରୁ ପ୍ରକାଶ କରାଯାଇଛି।

# ସିପିଆଇ (ଏମ୍‌ଏଲ୍)ର ଡେଲାଙ୍ଗ ବ୍ଲକ ସମ୍ମିଳନୀ


ସିପିଆଇ(ଏମ୍‌ଏଲ୍)ର ୬ଷ୍ଠ ବ୍ଲକ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ଏବଂ ଅନ୍ୟମାନେ।

ଡେଲାଙ୍ଗ,୨୦।୧୧(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ରାମଚନ୍ଦ୍ରପୁରସ୍ଥିତ ବିଜୟା କଲ୍ୟାଣ ମଣ୍ଡପ ପରିସରରେ ସିପିଆଇ(ଏମ୍‌ଏଲ)ର ୬ଷ୍ଠ ଡେଲାଙ୍ଗ ବ୍ଲକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। କିଷାନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀକୁ ପୁରୀ ଜିଲା ସମ୍ପାଦକ ଅଶୋକ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏଥିରେ ବରିଷ୍ଠ କର୍ମକର୍ତ୍ତା ମୃତ୍ୟୁଞ୍ଜୟ ବଡ଼ଜେନା, ସତ୍ୟମନୁ ପ୍ରଧାନ, ସର୍ବେଶ୍ୱର ଭାରତୀ, ନବକିଶୋର ପରିଡ଼ା, ତ୍ରିଲୋଚନ ବେହେରା, ସବିତା ପ୍ରଧାନ, ପ୍ରତିମା କାଣ୍ଡି, ଅମିତା ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟଧାରାର ତୀବ୍ର ସମାଲୋଚନା କରିଥିଲେ। ଦେଶ ସ୍ୱାଧୀନତାର ଅନେକ ଦିନ ବିତି ଯାଇଥିଲେ ମଧ୍ୟ କେନ୍ଦ୍ରରେ କଂଗ୍ରେସ ଓ ଭାଜପା ଦଳର ସରକାର ଜନସାଧାରଣଙ୍କୁ ପ୍ରତାରଣା କରିଛନ୍ତି। କ୍ଷମତା ପାଇଁ ଏହି ରାଜନୈତିକ ଦଳଗୁଡ଼ିକ ଯାହା ଦରକାର ତାହା କରିବାକୁ ପଛାଉ ନାହାନ୍ତି ବୋଲି ପ୍ରଧାନ କହିଥିଲେ। ଏଥିସହ ବେକାରି, ଦୁର୍ନୀତି, କୃଷକଙ୍କ ସମସ୍ୟାକୁ ନେଇ ଜନସାଧାରଣଙ୍କୁ ସଂଗ୍ରାମ କରିବା ପାଇଁ ଆହ୍ୱାନ ଦେଇଥିଲେ। କଣ୍ଟି ଓ ମାଧିପୁର କାଜ ବନ୍ଦ କରିବା, କେନାଲ ପାଣି ଯୋଗାଇ ଦେବା, ମଣ୍ଡି ମାଧ୍ୟମରେ ସମସ୍ତ ପଞ୍ଚାୟତର ଚାଷୀଙ୍କଠାରୁ ଧାନ କିଣିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକସ୍ତରୀୟ ୧୭ ଜଣିଆ କମିଟି ଗଠନ କରାଯାଇଥିଲା।

# ଜାତୀୟ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ରେ ଡେଲାଙ୍ଗର ୨ ଝିଅ




ଡେଲାଙ୍ଗ,୨୦।୧୧(ଡି.ଏନ୍.ଏ.)

ଆନ୍ଧ୍ରପ୍ରଦେଶର ନନ୍ଦୀୟଲରେ ଆସନ୍ତା ୨୬ରୁ ୩୧ ତାରିଖ ମଧ୍ୟରେ ହେବାକୁ ଥିବା ଜାତୀୟ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ରେ ଡେଲାଙ୍ଗର ୨ ଝିଅ ଅଂଶଗ୍ରହଣ କରିବେ। ସେ ହେଲେ ସ୍ୱର୍ଣ୍ଣଲତା ବୀରେନ୍ଦ୍ର ଓ ସୋନମ ସ୍ୱାଇଁ। ଓଡ଼ିଶା ଦଳ ପକ୍ଷରୁ ଏହି କ୍ରୀଡ଼ାରେ ୨ ଜଣ ଭାଗନେବେ ବୋଲି ଜିଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ଗୋପୀନାଥ ସାହୁ ସୂଚନା ଦେଇଛନ୍ତି। ଏଥିନେଇ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଡେଲାଙ୍ଗ ବିଡିଓ ଦିଲୀପ ଷଡ଼ଙ୍ଗୀ, ଜିଲାପରିଷଦ ସଭ୍ୟ ପ୍ରସନ୍ନ ସାହୁ, ହ୍ୟାଣ୍ଡବଲ ସଂଘର ଉପସଭାପତି ରାଜକିଶୋର ମହାନ୍ତି ପ୍ରମୁଖ ଖେଳାଳିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ କୋଚ ତଥା ଶାରୀରିକ ଶିକ୍ଷକ ନଟବର ସେଠୀଙ୍କୁ ପ୍ରଶଂସା କରିଛନ୍ତି।

# ଜଗା ୟୁନାଇଟେଡ୍‌କୁ ହରାଇ ଗଣ୍ଡରପୁର ଚାମ୍ପିୟନ

**ରାଜ୍ୟସ୍ତରୀୟ ୮ମ ପଦ୍ମଚରଣ ସ୍ମାରକୀ ଫୁଟବଲ୍ ଉଦ୍‌ଯାପିତ**

ନିମାପଡ଼ା,୨୦।୧୧(ଡି.ଏନ୍.ଏ.)

ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ (ଏନ୍‌ଏଏ) ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ୮ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଜଗା ୟୁନାଇଟେଡ୍ ଏଫ୍‌ସି(ଭୁବନେଶ୍ୱର)କୁ ୩–୦ ଗୋଲରେ ପରାସ୍ତ କରି ୟୁଏଫ୍‌ସି ଗଣ୍ଡରପୁର(ଭୁବନେଶ୍ୱର) ବିଜୟ ହାସଲ କରି ଚଳିତ ବର୍ଷର ଚାମ୍ପିୟନ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ବିଜୟୀ ଗଣ୍ଡରପୁର ଦଳର ଖେଳାଳି ସାଗର ରାଉତ, ଭାବଗ୍ରାହୀ ପଡ଼ିଆରୀ, ରାଜେଶ ନାୟକ ଗୋଟିଏ ଲେଖାଁଏ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର



ଚାମ୍ପିୟନ ଗଣ୍ଡରପୁର ଦଳର ଖେଳାଳିଙ୍କୁ ଅତିଥି ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

ଦ୍ୱିତୀୟାର୍ଦ୍ଧରେ ଜଗା ୟୁନାଇଟେଡ୍ ଦଳର ଖେଳାଳି ସୋମନାଥ ମହାନ୍ତି ଗୋଟିଏ ଗୋଲ ସ୍କୋର କରିଥିଲେ। ଓଡ଼ିଶାର ସ୍ୱୀକୃତିପ୍ରାପ୍ତ ରେଫରି ରାଜୁ ମହାନ୍ତି, ପ୍ରିୟବ୍ରତ ବାହିନୀପତି, ରାଜେନ୍ଦ୍ର ବାରିକ୍, ପଦ୍ମଚରଣ ପାଣିଗ୍ରାହୀ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍‌ରେ ବିଜୟୀ ଗଣ୍ଡରପୁର ଦଳର ଖେଳାଳି ରାଜେଶ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, କାଉନ୍‌ସିଲର ଅନସୂୟା ପାଣି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଡା. ନେତ୍ରାନନ୍ଦ ଭୋଇ, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ଶିକ୍ଷାବିତ୍ ଅମରେଶନନ୍ଦନ ସାହୁ, ଏନ୍‌ଏଏ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ କୃତୀ ଚାମ୍ପିୟନ ଦଳ ଗଣ୍ଡରପୁରକୁ ନଗଦ ୩୫ ହଜାର ଟଙ୍କା ଓ ଚାମ୍ପିୟନ ଟ୍ରଫି, ରନର୍ସ ଅପ୍ ଜଗା ୟୁନାଇଟେଡ୍ ଦଳକୁ ନଗଦ ୨୫ ହଜାର ଟଙ୍କା ଓ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ସମାରୋହରେ ୪ଜଣ ରେଫରୀଙ୍କୁ ସମ୍ବର୍ଦ୍ଧନା ଏବଂ କୃତୀ ଖେଳାଳିମାନଙ୍କୁ ଟ୍ରଫି ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ରଣଜିତ୍ କେଶରୀ ନାୟକ, ଯୁବ କ୍ରୀଡ଼ାବିତ୍ ଜିତେଶ କାନୁନ୍‌ଗୋ, ପ୍ରକାଶ ବରାଳ, ବୀରେନ ବରାଳ, ପ୍ରକାଶ ସ୍ୱାଇଁ, ମହେଶ୍ୱର ମଲ୍ଲିକ, ଅକ୍ଷୟ ପାତ୍ର ପ୍ରମୁଖ ଟୁର୍ନାମେଣ୍ଟରେ ସଂଯୋଜନା, ସହାୟତା କରିଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବିଜ୍ଞାନ ମେଳା

**କଟକ ଅଫିସ:** ଯୋବ୍ରା କଲେଜ ଛକସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବିଜ୍ଞାନ, ଗଣିତ ଓ ସାମାଜିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କର୍ପୋରେଟ ହେଡ୍ ସମ୍ୟକ୍ ମହାନ୍ତି ଯୋଗ ଦେଇଥିଲେ। ହାଇସ୍କୁଲ ଅଧକ୍ଷ ଡ. ନିକୋଲା ହ୍ୟାରୀ ଏବଂ ପରିଚାଳିକା ଡ. ଶମାମା ତାଜ୍‌ଦାରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଶିକ୍ଷାର୍ଥୀଙ୍କୁ ନେଇ ବିଭିନ୍ନ ମଡେଲ ଓ ମିନା ବଜାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ହଣ୍ଟେଡ୍ ହାଉସ। ଡ. ସଞ୍ଜୀବ ଦାସ, ଡ. ଲକ୍ଷ୍ମଣ ପ୍ରସାଦ ଏବଂ ପ୍ରଫେସର ସୁଶାନ୍ତ କୁମାର ରାଉତ ବିଚାରପତି ଭାବେ ଯୋଗଦେଇଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଛାତ୍ରୀଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୨୦।୧୧(ସ୍ୱ.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମରେ ରବିବାର ସକାଳେ ବିଦ୍ୟୁତ୍ ଆଘାତରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ପଡ଼ୋଶୀ ଘରକୁ ଯାଇଥିଲା ବେଳେ ୱାଟର ହିଟର ସଂସ୍ପର୍ଶରେ ଆସିଯିବାରୁ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଛାତ୍ରୀଜଣଙ୍କ ହେଲେ ମନୋଜ କୁମାର ବେହେରାଙ୍କ ଝିଅ ଗାୟତ୍ରୀ (୧୦)। ଏହି ଘଟଣାକୁ ନେଇ ଶୋକର ଛାୟା ଖେଳିଯାଇଛି।

### ଟ୍ରାକ୍ଟର ଧକ୍କାରେ ମେଡିସିନ୍ ରିପ୍ରେଜେଣ୍ଟେଟିଭ୍ ଗୁରୁତର

**ମଙ୍ଗୁଳି/ଜଗତପୁର,୨୦।୧୧(ଡି.ଏନ୍.ଏ):** ଟାଙ୍ଗୀ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥ ପଶୁପତିଗଡ଼ା ନିକଟରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ମେଡିସିନ ରିପ୍ରେଜେଣ୍ଟେଟିଭ୍ ଗୁରୁତର ଆହତ ହେଇଛି। ସେ ହେଲେ କଟକ ମାହାଙ୍ଗା ଗୁଣ୍ଡୁପୁରର ରଜତ କୁମାର ସାହୁ (୩୨)। ରଜତ ନିଜ ବାଇକରେ କଟକ ପଟୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ସମୟରେ ପଶୁପତିଗଡା ନିକଟସ୍ଥ ଜୟ ମା' ଦୁର୍ଗା ପେଟ୍ରୋଲ ଟାଙ୍କିରୁ ଏକ ଟ୍ରାକ୍ଟର ତେଲ ପକାଇ ହଠାତ ବାହାରି ଆସିବାରୁ ବାଇକଟି ଭାରସାମ୍ୟ ହରାଇ ଟ୍ରାକ୍ଟରରେ ପିଟି ହୋଇଥିଲା। ରାସ୍ତା ପାର୍ଶ୍ୱରେ ଥିବା ଡିଭାଇଡ଼ରରେ ରଜତ ପିଟିହୋଇ ଗୁରୁତର ହୋଇଥିଲେ। ପାଟ୍ରୋଲିଂ ପୋଲିସ ରଜତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି ।

### ଓଡ଼ିଶା ଅବକାରୀ ସିପାହି ସଂଘ ବୈଠକ

**କଟକ ଅଫିସ,୨୦।୧୧:** ଓଡ଼ିଶା ଅବକାରୀ ସିପାହୀ ସଂଘର ଏକ ବୈଠକ ସ୍ଥାନୀୟ ରେଡ୍‌କ୍ରସ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ତପନ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଅବକାରୀ ସିପାହିଙ୍କ ଚାକିରିକୁ ରାଜ୍ୟ କ୍ୟାଡ୍ର କରିବା ଯୋଜନାକୁ ସ୍ଥଗିତ ରଖିଥିବାରୁ ସଚିବ ଆଶିଷ କୁମାର ସିଂଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସାଙ୍ଗଠନିକ ଶକ୍ତି ବୃଦ୍ଧି ନିମନ୍ତେ ପ୍ରତି ଜିଲାରେ ଶାଖାର ସଭା, ସମିତି କରାଯିବା, ଖାଲିଥିବା ସିପାହି, ଏଏସ୍ଆଇ ପଦବୀ ପୂରଣ, ଅବକାରୀ ସିପାହୀଙ୍କ ବେତନ ବୃଦ୍ଧି, ରହିବାକୁ କ୍ୱାର୍ଟର, ତାଲିମ, ଭତ୍ତା ଆଦି ପ୍ରଦାନ ଉପରେ ସରକାରଙ୍କ ଦୃଷ୍ଟିଆକର୍ଷଣ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା।

### ବନ୍ଧୁମିଳନ କାର୍ଯ୍ୟକ୍ରମ

**ଚୌଦ୍ୱାର,୨୦।୧୧(ଡି.ଏନ୍.ଏ.):** ଚୌଦ୍ୱାର କଲେଜ ୧୯୯୩ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ପୋଟଳେଇ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ପୁରାତନ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାର ସଦସ୍ୟ ଯୋଗଦେଇ ଅତୀତର ସ୍ମୃତିକୁ ମନେ ପକାଇବା ସହିତ ଭାବର ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ମନୋରଞ୍ଜନ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ହରିହର ପରିଡା, ନିର୍ମଳ ସିଂ, ଅଞ୍ଜୁଳତା ସାହୁ, ଲୋପାମୁଦ୍ରା ବରାଳ, ସସ୍ମିତା ଦାସ, ନାରାୟଣ ସାହୁ, ବାସୁଦେବ ସାହୁ, ରୀତା ମହାନ୍ତିଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାଲିଯାତ୍ରାରେ ପୁରାତନ ସଂସ୍କୃତିକୁ ଅଣଦେଖା

**କଟକ ଅଫିସ, ୨୦।୧୧:** ଚଳିତବର୍ଷ ବାଲିଯାତ୍ରାରେ ପୁରାତନ ସଂସ୍କୃତିକୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ବିଗତ ବର୍ଷଗୁଡିକରେ ଜିଲା ପ୍ରଶାସନ ପକ୍ଷରୁ ବାଲିଯାତ୍ରା ମଞ୍ଚରେ ଓଡ଼ିଶୀ ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ କରାଯାଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହେଲେ ଚଳିତବର୍ଷ ତାହା କରାଗଲାନାହିଁ। ଏହା ଅତ୍ୟନ୍ତ ଦୁଃଖର ବିଷୟ। ଏହାକୁ ନେଇ କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର ସର୍ବମହନ୍ତ ଭିକାରୀ ଦାସ, ସର୍ବାଧିକାରୀ ଜଗଜ୍ଜୀବନ ପ୍ରସାଦ ଓ ସର୍ବକଟୁଆଳ କୃଷ୍ଣଚନ୍ଦ୍ର ସାହୁ କ୍ଷୋଭ ପ୍ରକାଶ କରିଛନ୍ତି। ସଂକୀର୍ତ୍ତନ ମାଧମରେ ସହରଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ଆଧାତ୍ମିକ ପରିବେଶ ସୃଷ୍ଟି କରାଯାଏ। ଏହାକୁ ଅଣଦେଖା କରାଯାଇଥିବାରୁ ସଂକୀର୍ତ୍ତନ ପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଗାମୀ ବର୍ଷରେ ବାଲିଯାତ୍ରା ମଞ୍ଚରେ ଜିଲା ପ୍ରଶାସନ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇ ପୁରାତନ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବାକୁ ମହାମଣ୍ଡଳର ସର୍ବମହନ୍ତ ଦାସ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ଶ୍ମଶାନ ଜମିରୁ ମାଟି ଚାଲାଣକୁ ବିରୋଧ

**ନିଶ୍ଚିନ୍ତକୋଇଲି,୨୦।୧୧(ସ୍ୱ.ପ୍ର)**


ରାସ୍ତାରୋକୋ କରିଥିବା ଲୋକଙ୍କ ସହ ପୋଲିସ ଅଧିକାରୀ ଆଲୋଚନା କରୁଛନ୍ତି।

ନିଶ୍ଚିନ୍ତକୋଇଲି ତହସିଲ ଅନ୍ତର୍ଗତ ଶୂକରପଡ଼ା ଗ୍ରାମ୍ୟ ଶ୍ମଶାନରୁ ଅବାଧରେ ମାଟି ଚାଲାଣକୁ ବିରୋଧ କରି ଲୋକେ କଟକ-ଚାନ୍ଦବାଲି ରାସ୍ତାକୁ ଦୀର୍ଘ ସମୟ ଧରି ଅବରୋଧ କରିଛନ୍ତି। ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶଯୋଗ୍ୟ, ଶୂକରପଡା ଦେପୋଖରୀଠାରେ ଥିବା ଶ୍ମଶାନରୁ ରବିବାର ସ୍ଥାନୀୟ ଅଞ୍ଚଳର କେତେକ ପ୍ରଭାବଶାଳୀ ବ୍ୟକ୍ତି ଅବାଧରେ ମାଟି ଖନନ କରି ଚାଲାଣ କରୁଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଏହି ଘଟଣାକୁ କେନ୍ଦ୍ରକରି ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ସେମାନଙ୍କୁ ବିରୋଧ କରିବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୂତ୍ରପାତ ହୋଇଥିଲା। ପ୍ରତିବାଦରେ ଶତାଧିକ ଲୋକେ ଶୂକରପଡା ଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଚିନ୍ମୟୀ ସାହୁ ପୋଲିସ ଫୋର୍ସ ସହ

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ**

ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ନିଶ୍ଚିନ୍ତକୋଇଲି ତହସିଲଦାର ଦିଲୀପ ନାୟକ ପହଞ୍ଚି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଦୀର୍ଘ ଦିନ ହେଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ଅବାଧରେ ମାଟି ଚାଲାଣ କରୁଛନ୍ତି। ସେମାନଙ୍କ ବିରୋଧରେ ପୋଲିସ ପ୍ରଶାସନ କି ତହସିଲ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ତହସିଲ କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକମାନେ ସେମାନଙ୍କ ଠାରୁ ଉତ୍କୋଚ ନେଇ ସୁରକ୍ଷା ଦେଇ ଆସୁଥିବା ଅଭିଯୋଗ ହେଉଛି। ବିଭିନ୍ନ ଗୋଚର, ଶ୍ମଶାନ, ନଦୀପଠା ସର୍ବୋପରି ସରକାରୀ ଜମିରୁ ଅବାଧରେ ମାଟି ଖନନ କରି ସେଥିରେ ଇଟା ପ୍ରସ୍ତୁତ କରିବା ସହ ମାଟିକୁ ମଧ ବିଭିନ୍ନ ସ୍ଥାନକୁ ପଠାଉଛନ୍ତି। ଯାହାଦ୍ୱାରା ସ୍ଥାନୀୟ ଲୋକେ ଶବଦାହ, ଗୋରୁ ଚାରଣ ନିମନ୍ତେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଗୋ'ଚାଲାଣ ଧରିଲା ଏସ୍‌ଟିଏଫ୍

**ଭୁବନେଶ୍ୱର,(ବ୍ୟୁରୋ)/ ପାଣିକୋଇଲି(ଡି.ଏନ୍.ଏ.)୨୦।୧୧**

- ପଶ୍ଚିମବଙ୍ଗ ଚୋରାଚାଲାଣ ହେଉଥିଲା
- ୧୫୫ ଗୋରୁ, ସାଢେ ୩୪ ହଜାର ଟଙ୍କା ଜବତ
- ୨ ଅଭିଯୁକ୍ତ ଗିରଫ

ରାଜ୍ୟରେ ଦିନକୁ ଦିନ ବେଆଇନ ଗୋ ଚାଲାଣ ବଢ଼ିବାରେ ଲାଗିଛି। ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ବେଳେ ଏକ ଗୋରୁ ବୋଝେଇ ଟ୍ରକକୁ ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ ସାହାପୁରୁ ହାଟ ନିକଟରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ) ଓ ପାଣିକୋଇଲି ପୋଲିସ ମିଳିତ ଭାବେ ଜବତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ କେତେଜଣ ଫେରାର ହୋଇଯାଇଛନ୍ତି। ଚଢ଼ାଉ ସମୟରେ ଉକ୍ତ ଟ୍ରକରୁ ୧୫୫ଟି ଗୋରୁ ଉଦ୍ଧାର କରାଯାଇଥିବା ବେଳେ ଅଭିଯୁକ୍ତ ଦ୍ୱୟଙ୍କଠାରୁ ନଗଦ ସାଢେ ୩୪ ହଜାର ଟଙ୍କା ଜବତ କରାଯାଇଛି। ସେମାନେ ହେଲେ ଭଦ୍ରକ ଜିଲାର କମର ସିୟାଜୁଦିନ ଖାନ୍ ଓ ମହମ୍ମଦ କରିମ। ଆହତ ଗୋରୁଙ୍କୁ ଯାଜପୁର ରୋଡ଼ରେ ଥିବା ଗୋଶାଳାକୁ ନିଆଯାଇ ଚିକିତ୍ସା କରାଯାଉଛି। ୩୭ଟି ଗୋରୁଙ୍କୁ ବ୍ୟାସନଗର ଗୋଶାଳାରେ ଛଡ଼ାଯାଇଥିଲା ବେଳେ ଅବଶିଷ୍ଟ ଗୋରୁଙ୍କୁ ଅନ୍ୟ ଏକ ଗୋଶାଳାରେ ଛଡ଼ାଯିବାର ଯୋଜନା କରାଯାଇଛି। ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ, ପାଣିକୋଇଲି ଥାନା ଅଧିକାରୀ ଚିନ୍ମୟୀ ବେହେରା ଓ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ପ୍ରମୁଖ ସାହାପୁର ହାଟରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏ ନେଇ ପାଣିକୋଇଲି ଥାନାରେ ମାମଲା ନଂ. ୨୭୬/୨୨ ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ପାଣିକୋଇଲି ଥାନା ଅନ୍ତର୍ଗତ ବ୍ରଜନଗର ନିକଟରେ ଏକ ବେଆଇନ ଗୋରୁ ବୋଝେଇ ଟ୍ରକ ଓଲଟି ୧୫ଟି ଗୋରୁଙ୍କ ମୃତ୍ୟୁ ହୋଇଥିଲା।

# ହିତାଧିକାରୀ ଚୟନର ମାନଦଣ୍ଡ ବଦଳୁ

**ନିଶ୍ଚିନ୍ତକୋଇଲି,୨୦।୧୧(ସ୍ୱ.ପ୍ର)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ମୁଖ୍ୟଙ୍କ ମୃତ୍ୟୁ ହେଲେ ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ୨୦ ହଜାର ଟଙ୍କା ସହାୟତା ଦେବାର ବ୍ୟବସ୍ଥା ରହିଛି। ଖାଦ୍ୟ ସୁରକ୍ଷା ଯୋଜନା ଲାଗୁହେବା ପରେ ବିପିଏଲ କାର୍ଡକୁ ଏକପ୍ରକାର ଅଚଳ କରିଦିଆଯାଇଛି। ସମ୍ପୃକ୍ତ ବିଭାଗ ପାଖରେ ବିପିଏଲ ହିତାଧିକାରୀଙ୍କ ସଂଖ୍ୟା ନଥିବା ଜଣାଯାଇଛି। କିନ୍ତୁ ଏହି ଯୋଜନାରେ ସାମିଲ ହେବା ପାଇଁ ବିପିଏଲ କାର୍ଡର ଆବଶ୍ୟକତା ରହିଛି। ବହୁ ଗରିବ ଲୋକଙ୍କ ମୃତ୍ୟୁ ହେଉଥିଲେ ମଧ ଏହି ଯୋଜନାରୁ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ବ୍ଲକରେ ଚଳିତ ଆର୍ଥିକ ବର୍ଷରେ ମାତ୍ର ୨୫ଜଣଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। କିନ୍ତୁ ନେମାଳ ପଞ୍ଚାୟତ କଣ୍ଟାପାରି ଗ୍ରାମର କୈଳାସ ପାତ୍ର(୫୨), ମାଳିଗାଁର ରାମଚନ୍ଦ୍ର ଦାସ(୪୦), ପ୍ରସନ୍ନ କୁମାର ମହାନ୍ତି(୫୬)ଙ୍କ ମୃତ୍ୟୁ ହୋଇଥିଲେ ମଧ ଯୋଜନାର ସହାୟତା ପାଇପାରିନାହାନ୍ତି।

**ସାମାଜିକ ସୁରକ୍ଷା ଯୋଜନା ସହାୟତାରୁ ଶତାଧିକ ବଞ୍ଚିତ**

ସେହିପରି ନତକାଇ ପଞ୍ଚାୟତ ଏକରୁଖି ଗ୍ରାମର ନଟବର ସାହୁ(୫୫) ଦାରିଦ୍ର ସୀମାରେଖା ତଳେ ଥାଇ ବିପିଏଲ କାର୍ଡ ନଥିବାରୁ ଏହି ଯୋଜନାରୁ ବାଦ ପଡ଼ିଛନ୍ତି। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିୟମ ଯୋଗୁ ବହୁ ଗରିବ ଶ୍ରେଣୀର ଲୋକେ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ସମୀକ୍ଷା କରାଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି। ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୬୦ବର୍ଷରୁ କମ ଥିବା ଏବଂ ୧୯୯୭ ମସିହା ବିପିଏଲ ତାଲିକାରେ ନାମଥିବା ମୃତ ବ୍ୟକ୍ତି ବିଶେଷଙ୍କ ପରିବାରକୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯିବା ନିମନ୍ତେ ନିୟମ ରହିଛି। ସମ୍ପ୍ରତି ବହୁ ଗରିବ ଅସହାୟ ବ୍ୟକ୍ତିଙ୍କ ନାମ ବିପିଏଲ ତାଲିକାରେ ନଥିବା କାରଣରୁ ଏହି ପରିବାର ଲୋକେ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ମାତ୍ର ୧୯୯୭ ମସିହା ବିପିଏଲରେ ବହୁ ଗରିବ ଭୂମିହୀନ ପରିବାର ବର୍ଗଙ୍କୁ ଚଞ୍ଚକତା କରାଯାଇ ହୀନ ରାଜନୈତିକ ଉଦ୍ଦେଶ୍ୟରେ ବାଦ ଦିଆଯାଇଛି। ୧୯୯୭ ମସିହା ବିପିଏଲ ମାନଦଣ୍ଡ ଅନୁଯାୟୀ ବହୁ ଅସହାୟ ଲୋକ କମ୍ ବୟସରେ ମୃତ୍ୟୁମୁଖରେ ପଡୁଥିଲେ ମଧ ଏହି ସହାୟତା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାର ବିପିଏଲ ମାନଦଣ୍ଡ ଉଠାଇ ସଠିକ୍ ଆୟ ପ୍ରମାଣପତ୍ର ଏବଂ ନୂତନ ଖାଦ୍ୟ ସୁରକ୍ଷା ଯୋଜନାର କାର୍ଡଧାରୀଙ୍କ ମୃତ୍ୟୁ ହେଲେ ସେମାନଙ୍କ ପରିବାରକୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବାକୁ ଦାବି ହୋଇଛି। ସାମାଜିକ କର୍ମୀ ରମେଶ ଚନ୍ଦ୍ର ସ୍ୱାଇଁ କୁହନ୍ତି ସରକାରଙ୍କ ନିୟମ ପରିବର୍ତ୍ତନ କରିବା ସହ ସମ୍ପୃକ୍ତ ଯୋଜନାର ମାନଦଣ୍ଡ ପରିବର୍ତ୍ତନ କରିବା ନିତ୍ୟାନ୍ତ ଆବଶ୍ୟକ। ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ କୁହନ୍ତି ସରକାରଙ୍କ ଗାଇଡଲାଇନ ଅନୁଯାୟୀ ସହାୟତା ରାଶି ପ୍ରଦାନ କରାଯାଉଛି। ସରକାର ମାନଦଣ୍ଡ ପରିବର୍ତ୍ତନ କଲେ ତଦନୁଯାୟୀ ଚୟନ ପ୍ରକ୍ରିୟା କରାଯିବ।

# ବିଶ୍ୱ ସ୍ମୃତି ଦିବସ

**କଟକ ଅଫିସ, ୨୦।୧୧**

ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ୱାର୍ଲ୍ଡ ରିମେମ୍ବର୍ସ ଡେ ଫର୍ ରୋଡ୍ ଟ୍ରାଫିକ ଭିକ୍ଟିମସ ସଂସ୍ଥାନର ସମ୍ମିଳନୀ କକ୍ଷରେ ରବିବାର ବିଶ୍ୱ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଭାରତ ସରକାରଙ୍କ ଦକ୍ଷତା ବିକାଶ ଅନୁଷ୍ଠାନ ଜନଶିକ୍ଷଣ ସଂସ୍ଥାନ ଏବଂ ଓମେନ୍ ଆଣ୍ଡ୍ ଚାଇଲ୍ଡ ୱେଲଫେୟାର ସୋସାଇଟି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋସାଇଟି ସାଧାରଣ ସମ୍ପାଦକ ମିନତୀ ବିଦ୍ଧାଣୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ପ୍ରଫେସର ଡ. ଆଶୁତୋଷ ଦେବତା, ମୁଖ୍ୟବକ୍ତା ମର୍କତନଗର ଆଇଆଇସି ବିଝୁଟି ମହାନ୍ତି, ସମ୍ମାନିତ ଅତିଥିଭାବେ ବିକାଶ ମହାପାତ୍ର ଓ ଅନିମା ଦାଶ ଯୋଗଦେଇଥିଲେ।

# 'ଇନ୍ଦିରା ଗାନ୍ଧୀ ଶାନ୍ତିର ନେତ୍ରୀ ଥିଲେ'


ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥି ବୃନ୍ଦ।

**ମାହାଙ୍ଗା,୨୦।୧୧(ସ୍ୱ.ପ୍ର.)**

ସେକ୍ ମତଲୁବ ଅଲି ସ୍ମୃତି ସଂସଦ ମାହାଙ୍ଗା ଆନୁକୂଲ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୬ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସଂସଦର ଉପଦେଷ୍ଟା ସେକ୍ ମସୁଦ ଅଲିଙ୍କ ସଭାପତିତ୍ୱରେ ଖନ୍ଦୋଳସ୍ଥିତ ବାପୁଜୀଭବନ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ତଥା ସାହିତ୍ୟିକ ଡ. କାର୍ତ୍ତିକ ଚନ୍ଦ୍ର ବରାଳ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଦୀନବନ୍ଧୁ ପାତ୍ର, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ, ପଣ୍ଡିତ ପ୍ରଭାତ କର ପ୍ରମୁଖ ଯୋଗଦେଇ ଇନ୍ଦିରାଗାନ୍ଧୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରି ସେ ଶାନ୍ତିର ନେତ୍ରୀ ଥିଲେ ବୋଲି କହିଥିଲେ। ସଂସଦର ସମ୍ପାଦକ ଦୀପକ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ବାରିକ, ପୂର୍ବତନ ବରିଷ୍ଠ ପ୍ରଶାସକ ସଦାନନ୍ଦ ବେହେରା, ଯୁବନେତା ସୌକତ ଅଲି, ଏକାଦଶୀ ସେଠୀ, ସଂଗ୍ରାମ ସାମଲ, ଶ୍ୟାମସୁନ୍ଦର ସ୍ୱାଇଁ ଓ ସୁକାନ୍ତ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ମନ୍ମଥନାଥ ଖଟୁଆ ଧନ୍ୟବାଦ ଦେଇଥିଲେ।

# 'ପ୍ରଥମ ଓଡ଼ିଆ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ପୁସ୍ତକ ଉନ୍ମୋଚିତ


ପୁସ୍ତକ ଉନ୍ମୋଚନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟମାନେ।

**ସାଲେପୁର,୨୦।୧୧(ଡି.ଏନ୍.ଏ.)**

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ରାଜଭବନରେ 'ପ୍ରଥମ ଓଡ଼ିଆ ମହିଳା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ସାଲେପୁର ଅଞ୍ଚଳ ଚନ୍ଦ୍ରମଣି ଭୂୟାଁଙ୍କ ଦ୍ୱାରା ଏହି ପୁସ୍ତକ ଲେଖାଯାଇଛି। ଏହି ଅବସରରେ ଖବରଦାତା ପ୍ରଫୁଲ୍ଲ କୁମାର ମିଶ୍ର, ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ କବି ରକ୍ଷକ ନାୟକ ଓ ସୌମ୍ୟରଞ୍ଜନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଭେଷଜ ବିଜ୍ଞାନ ସପ୍ତାହ ପାଳିତ

**କଟକ ଅଫିସ, ୨୦।୧୧**

କଟକ ମହାନଦୀ ବିହାରସ୍ଥିତ ସାରଦା ଦେବୀ ଭେଷଜ ବିଜ୍ଞାନ ମହାବିଦ୍ୟାଳୟରେ ୬୧ତମ ଜାତୀୟ ଭେଷଜ ବିଜ୍ଞାନ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ସୁଜାତା ସିଂ ଯୋଗଦେଇ ଭେଷଜ ବିଜ୍ଞାନର ଉପକାରିତା ସମ୍ପର୍କରେ କହିଥିଲେ। ଅଧ୍ୟକ୍ଷ ପ୍ରମୋଦ କୁମାର ରଥ କୋଭିଡ୍-୧୯ରେ ଭେଷଜ ବିଜ୍ଞାନର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ମହାବିଦ୍ୟାଳୟର ଟ୍ରଷ୍ଟି ବାଉରୀବନ୍ଧୁ ବାରିକ ଭେଷଜ ବିଜ୍ଞାନର ଇତିହାସ ବିଷୟରେ କହିଥିଲେ। ସହକାରୀ ପ୍ରଫେସର ଦେବାଶିଷ ଦାସ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରଭାତଫେରି ଆୟୋଜନ କରିଥିଲେ। ଡ. ସୁଲିପ୍ତ ମହାନ୍ତି କାର୍ଯ୍ୟକମ ପରିଚାଳନା ଓ ସହକାରୀ ପ୍ରଫେସର ସ୍ୱସ୍ତି ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଆର୍‌ଏସ୍‌ପି କାର୍ଯ୍ୟାଳୟ ଉଦ୍‌ଘାଟିତ


କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଆରଏସ୍‌ପିର ସଦସ୍ୟମାନେ।

**ନିଶ୍ଚିନ୍ତକୋଇଲି,୨୦।୧୧(ସ୍ୱ.ପ୍ର)**

ରାଷ୍ଟ୍ରୀୟ ସମାଜସେବୀ ପରିଷଦ (ଆର୍‌ଏସ୍‌ପି) ଓଡ଼ିଶା କାର୍ଯ୍ୟାଳୟ ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ତହସିଲ ଛକ ନିକଟରେ ଉଦ୍‌ଘାଟିତ ହୋଇଛି। ପରିଷଦ ରାଷ୍ଟ୍ରୀୟ ସଭାପତି ଡ. ନିରୋଜ କୁମାର ଯାଦବ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, କୁଞ୍ଜବିହାରୀ ବେହେରା, ସୁକାନ୍ତ କୁମାର ବେହେରା, ଅଶୋକ କୁମାର ସାହୁ, ରାଜକିଶୋର ଦାସ, ପଦ୍ମାବତୀ ଦେହୁରୀ, ପ୍ରିୟମ୍ବଦା ନାୟକ, ଅନ୍ନପୂର୍ଣ୍ଣା ନନ୍ଦୀ, ଆଶିଷ କୁମାର ପତି, ଦୀପାଞ୍ଜଳି ନାୟକ, କଳ୍ପନା ଭୂୟାଁ, ପ୍ରିୟତମା ରାଉଳ, ଇନ୍ଦୁରେଖା ସାହାଣୀ ଓ ସେକ ରଜାକ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

# ଗୋପୀନାଥଜୀଉଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ମାହାଙ୍ଗା,୨୦।୧୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଧୁପୁର ଗ୍ରାମରେ ଶ୍ରୀଶ୍ରୀ ଗୋପୀନାଥଜୀଉ ନବନିର୍ମିତ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସଯାତ୍ରା, ସୂର୍ଯ୍ୟ ପୂଜା, ସିଂହାସନ ଆରୋହଣ, ଅଗ୍ନି ସଂଯୋଗ, ହୋମଯଜ୍ଞ ଆଳତି ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଯଥାରୀତି ଅନୁଯାୟୀ କରାଯାଇଛି। ନିରଞ୍ଜନ ଦାସ, ଦମୟନ୍ତୀ ଦାସ, ଭକ୍ତବନ୍ଧୁ ମହାନ୍ତି, ଦେବସ୍ମିତା ମହାନ୍ତି ପ୍ରମୁଖ ପୂଜାରେ ବସିଥିବାବେଳେ ବରିଷ୍ଠ ପଣ୍ଡିତ ପ୍ରଭାତ କୁମାର ଷଡ଼ଙ୍ଗୀ, ଦୀପ୍ତିରଞ୍ଜନ ଦୀକ୍ଷିତ, ବିଶ୍ୱନାଥ କର, ଗୁରୁପ୍ରସାଦ ମହାପାତ୍ର ଓ ରମେଶ ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟ ସମ୍ପାଦନ କରିଥିଲେ। ଶରତ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଅବସରର ୩୦ବର୍ଷ ପରେ ବି ମିଳୁନି ପେନ୍‌ସନ

**ସାଲେପୁର,୨୦।୧୧(ଡି.ଏନ୍.ଏ.)**

ଜଣେ ଶିକ୍ଷା କର୍ମଚାରୀ ଚାକିରିରୁ ଅବସର ନେବାର ୩୦ବର୍ଷ ବିତିଯାଇଥିଲେ ମଧ ଅଦ୍ୟାବଧି ସମ୍ପୃକ୍ତ କର୍ମଚାରୀଙ୍କୁ ଅବସରକାଳୀନ ବକେୟା ଅର୍ଥ, ପେନ୍‌ସନ୍ ମିଳିପାରି ନାହିଁ। ଏ ନେଇ ସମ୍ପୃକ୍ତ କର୍ମଚାରୀ ଜଣକ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନିରାଶ ହେବା ପରେ କୋର୍ଟର ଆଶ୍ରୟ ନେଇଥିଲେ। କୋର୍ଟ ଘଟଣାର ବିଚାର କରି ଶିକ୍ଷାକର୍ମୀଙ୍କୁ ଅବସରକାଳୀନ ବକେୟା ଅର୍ଥ ଓ ପେନ୍‌ସନ୍ ପ୍ରଦାନ କରିବାକୁ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ମଧ ଗଣଶିକ୍ଷା ବିଭାଗ କୋର୍ଟର ଆଦେଶକୁ ଅବମାନନା କରି ଅଦ୍ୟାବଧି ସମ୍ପୃକ୍ତ ଶିକ୍ଷାକର୍ମୀଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରି ନ ଥିବା ଅଭିଯୋଗ ହୋଇଛି।

**ଅଦାଲତ ଆଦେଶକୁ ଅବମାନନା**


ରାଜାରାମ ସିଂହ।

ଅଭିଯୋଗରୁ ପ୍ରକାଶ ଯେ, ସାଲେପୁର ବ୍ଲକ ଅନ୍ତର୍ଗତ ସପନପୁର ଗ୍ରାମର ରାଜାରାମ ସିଂହ କଟକ ଇମର୍ତ୍ତିଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ୧୯୯୦ରେ ଅବସର ଗ୍ରହଣ କରିଥିଲେ। ଅବସରକାଳୀନ ବକେୟା ଅର୍ଥ ଏବଂ ପେନ୍‌ସନ୍ ପାଇବା ପାଇଁ ସିଂହ ବାରମ୍ବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହେବାପରେ ୨୦୨୦ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଡବ୍ଲ୍ୟୁପିସି ୩୬୧୪୫/୨୦୨୦ର ବିଚାର କରି ୨୦୨୧ ଜାନୁୟାରୀ ୨୫ରେ ସିଂହଙ୍କୁ ୩ମାସ ମଧ୍ୟରେ ତାଙ୍କର ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୩ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯିବା ପରେ ମଧ ଗଣଶିକ୍ଷା ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ପୁନର୍ବାର ସେ କୋର୍ଟର ଦ୍ୱାରସ୍ଥ ହେବାରୁ ସଂପୃକ୍ତ କର୍ମଚାରୀଙ୍କୁ ୧ମାସ ମଧ୍ୟରେ ତାଙ୍କର ପ୍ରାପ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ ଗଣଶିକ୍ଷା ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ତେଣୁ କୋର୍ଟ ଆଦେଶକୁ ଗଣଶିକ୍ଷା ବିଭାଗ ଅବମାନନା କରିଥିବା ନେଇ ସିଂହ ପୁନଶ୍ଚ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି। ଅପରପକ୍ଷରେ ଅର୍ଥ ଅଭାବରୁ ଠିକ୍ ଭାବେ ଚିକିତ୍ସା ହୋଇ ନ ପାରି ତାଙ୍କ ସ୍ତ୍ରୀ ଏବଂ ପୁଅ ୨୦୨୧ ଜୁନ୍ ମାସରେ ମୃତ୍ୟୁବରଣ କରିଛନ୍ତି। ସଂପୃକ୍ତ କର୍ମଚାରୀ ଏବେ ବାର୍ଦ୍ଧକ୍ୟ ଅବସ୍ଥାରେ ବହୁ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ଗଣଶିକ୍ଷା ମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେଇ ତାଙ୍କର ଅବସରକାଳୀନ ବକେୟା ଅର୍ଥ ଓ ପେନ୍‌ସନ୍ ତୁରନ୍ତ ପ୍ରଦାନ କରିବାକୁ ସିଂହ ଆକୁଳ ନିବେଦନ କରିଛନ୍ତି।